
Sept- 77

# ଉତ୍କଳ ପ୍ରସଙ୍ଗ

୧୯୭୭ ସେପ୍ଟେମ୍ବର : ଭାଦ୍ର
୧୮୯୯ ଶକାବ୍ଦ
୩୪ ଖଣ୍ଡ : ଦ୍ୱିତୀୟ ସଂଖ୍ୟା

ଶ୍ରୀ ଅଯୋଧ୍ୟା ନାରାୟଣ ତିୱାରୀ
ଆଇ. ଏ. ଏସ୍.
ମୁଖ୍ୟ ସମ୍ପାଦକ

ମହାପାତ୍ର ନୀଳମଣି ସାହୁ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀରାମଚନ୍ଦ୍ର ରାଉତ
ପ୍ରଚ୍ଛଦପଟ

...ଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦·୦୦
ପ୍ରତିଖଣ୍ଡ—ଟ ୧·୦୦

* * *

...ଶା ସରକାରଙ୍କ ବିଭିନ୍ନ 'କାର୍ଯ୍ୟ, ସରକାରୀ ...ଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ...ଶ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ...ଚ୍ଚାତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ...ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଉଳି ...ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ...ଣା ହେବ ନାହିଁ ।

...କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ...(ଜନସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ...ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ...ସବୁବେଳେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ...ନାହିଁ ।

## ସୂଚୀପତ୍ର

**ପ୍ରସଙ୍ଗକ୍ରମେ :**

ହରିଜନ ସମସ୍ୟା ୧

**ସମାଜ ପାଇଁ ଜୀବନ ପାଇଁ :**

ଗଣତାନ୍ତ୍ରିକ ପ୍ରକ୍ରିୟା—ଅର୍ଥନୀତିରେ ୫
ପଞ୍ଚାୟତିରାଜ—୧୯୭୬ ମାର୍ଚ୍ଚ ଯାଏ ଅଗ୍ରଗତିର ଏକ ସମୀକ୍ଷା ୯
ବିପ୍ଲବର ଭିନ୍ନ ନାମ ୧୧

**ମହିଳା ମହଲ :**

ନିଜର ହୋଇ ଜଣେ..କିଏ ସେ ? ୧୭

**ଯୁବ ଜଗତ :**

ସେମାନେ କ'ଣ କହନ୍ତି ? ୨୩

**ଶିଷ୍ଟ ଓ ବିଶିଷ୍ଟ :**

କଳାକାର ଶ୍ରୀ ରଘୁନାଥ ପଣ୍ଡା ୨୭

**ସାହିତ୍ୟ ଓ ସଂସ୍କୃତି :**

ବିରଜାକ୍ଷେତ୍ର ମହାତୀର୍ଥମ୍ ୩୫
ନିରକ୍ଷରତା ଦୂରୀକରଣରେ ପାଠାଗାରର ଭୂମିକା ୩୯
ଶ୍ରଦ୍ଧାର ଶରଦଟେ ଲେଢ଼ା (କବିତା) ୪୩
ବାଣୀଚିତ୍ର ତରଫରୁ ଶିଳ୍ପୀ ସମାରୋହ ଓ ନାଟକଉତ୍ସବ ୪୫

**ଆଜିର ଓଡ଼ିଶା :**

ସଫଳତା ଦିଗରେ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ ୪୯
ଶିକ୍ଷାର ବିକାଶ ଦିଗରେ ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ୫୫
ଆତ୍ମ ନିଯୁକ୍ତି ପାଇଁ ବ୍ୟାଙ୍କ୍ ଋଣ ମାଧ୍ୟମରେ ପଶୁପାଳନ ୫୭
ଉଚ୍ଚକୋଟୀର ସେବା କାର୍ଯ୍ୟ ପାଇଁ ପୁଲିସ ପଦକ ପ୍ରଦାନ ୬୨
ଜାତିର ସେବାରେ ଭାରତ ଇଲେକ୍‌ଟ୍ରୋନିକ୍‌ସ ଲିମିଟେଡ ୬୪

# ପ୍ରସଙ୍ଗ କ୍ରମେ

## ହରିଜନ ସମସ୍ୟା

ପ୍ରାୟ ସ୍ତରିଶିବର୍ଷ ତଳେ, କବିଗୁରୁ ରବୀନ୍ଦ୍ରନାଥ ଘୋର ବ୍ୟଥିତ ଚିତ୍ତରେ ଭାରତବାସୀଙ୍କ ଉଦ୍ଦେଶ୍ୟରେ ଭବିଷ୍ୟତ ବାଣୀ ଶୁଣାଇଥିଲେ—

ହେ ମୋର ଦୁର୍ଭାଗାଦେଶ
ଯାଦେର କରେଛ ଅପମାନ
ଅପମାନେ ହତେ ହବେ, ତାହାଦେର ସବାର ସମାନ !

କବିତାଟିର ଉଦ୍ଦେଶ୍ୟ ଥିଲା—ଯେଉଁ କୋଟି କୋଟି ହରିଜନ ଓ ଆଦିବାସୀଙ୍କୁ ଯୁଗଯୁଗ ଧରି ଅବହେଳିତ, ଲାଞ୍ଛିତ, ଓ ଲୁଣ୍ଠିତ କରି ସମାଜର ଅତ୍ୟନ୍ତ ନିମ୍ନ ସୋପାନରେ ସେମାନଙ୍କୁ ଅସ୍ପୃଶ୍ୟ କରି ରଖା ଯାଇଥିଲା ସେମାନଙ୍କ ସଂପର୍କରେ ସମାଜର ଅନ୍ୟଶ୍ରେଣୀ ମନରେ ନୂତନ ଜାଗରଣ ଓ ମନୋଭାବ ସୃଷ୍ଟି କରିବା । ସମାଜର ଗୋଟିଏ ଶ୍ରେଣୀକୁ ଚିରଦିନ ନିର୍ଦ୍ଧନ ଓ ଅପାଠୁଆ କରି ରଖି, ସେମାନଙ୍କୁ ଅର୍ଦ୍ଧପଶୁରେ ପରିଣତ କରି ନିର୍ଦ୍ଦ୍ୱନ୍ଦରେ ଅପରଗୋଷ୍ଠୀ ସେମାନଙ୍କ ସେବା ଲୁଣ୍ଠନ କରି ଗ୍ଲଲିଥିଲେ । ଏଇ ଭୟଙ୍କର ନାରକୀୟ ସାମାଜିକ ଅପରାଧ ବା ପାପ ଭିତରୁ ସମାଜକୁ ରକ୍ଷା କରିବାଲାଗି ଜାତିର ପିତା ମହାତ୍ମାଗାନ୍ଧୀ ଆନ୍ଦୋଳନ ଆରମ୍ଭ କରିଥିଲେ । କବିଗୁରୁ ସେଇ ଆନ୍ଦୋଳନର ବୈତାଳିକ ହୋଇ ଏହି କବିତାଟି ଲେଖିଥିଲେ ।

ବହୁପୂର୍ବରୁ, ମାନେ ଷୋଡଶ ଶତାବ୍ଦୀରୁ କିନ୍ତୁ ପ୍ରେମଭକ୍ତିର ଅବତାର ପୁରୁଷ ଶ୍ରୀଚୈତନ୍ୟ ବୈଷ୍ଣବ ଧର୍ମର ପ୍ରସ୍ତର କରୁ କରୁ ଏହି ଭୟଙ୍କର ସଂକୀର୍ଣ୍ଣ ଜାତିଭେଦବାଦ ଉପରେ ପ୍ରତିଷ୍ଠିତ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେ ସ୍ପଷ୍ଟଭାବେ ଘୋଷଣା କଲେ—ଯେଉଁ ବ୍ୟକ୍ତି ଭଗବତ ପରାୟଣ ହୁଏ ବା ଶୁଦ୍ଧସତ୍ୟଜୀବନ ଯାପନ କରେ ସେ ତଥାକଥିତ ନୀଚ କୁଳରେ ଜନ୍ମଲାଭ କଲେ ବି ବ୍ରାହ୍ମଣଠାରୁ ଉଚ୍ଚତର ପର୍ଯ୍ୟାୟଭୁକ୍ତ ଅଟେ । ଏବଂ ବିପରୀତରେ ଉଚ୍ଚକୁଳରେ ଜନ୍ମଲାଭ କରିଥିବା ବ୍ୟକ୍ତି ଶଠ, ମିଥ୍ୟାଚାରୀ ଓ ନାସ୍ତିକ ହେଲେ ସେ ଚଣ୍ଡାଳଠାରୁ ମଧ୍ୟ ହୀନ ହୁଏ । ଏହି ପ୍ରେମଭକ୍ତିର ପବିତ୍ର ପ୍ଲାବନରେ ସମାଜରେ ଜାତିଭେଦ ବ୍ରାହ୍ମଣ ଚଣ୍ଡାଳ ଭେଦ ଲୋପ ପାଇଥିଲା । ଶ୍ରୀଚୈତନ୍ୟ କହିଲେ—ସମସ୍ତେ ସମାଜରୂପୀ ଭଗବାନଙ୍କର ସେବାକର ଓ ତାହାରି ମାଧ୍ୟମରେ ଈଶ୍ୱରଙ୍କୁ ଉପଲବ୍ଧି କର । ସେଥିଲାଗି ବୈଷ୍ଣବ ଧର୍ମରେ ଦୀକ୍ଷିତ ହେଲା ମାତ୍ରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରକୁଳରେ ଜନ୍ମିଥିଲେ ବି ସମସ୍ତେ ନିଜର ମୌଳିକ ସାଙ୍ଗିଆ ବା ଉପାଧି ତ୍ୟାଗ କରି ନାମ ପଛରେ "ଦାସ" ଉପାଧି ବ୍ୟବହାରେ କରୁଥିଲେ । ସେଇ ଧାରାରେ ବ୍ରାହ୍ମଣ କୁଳଜାତ ଭକ୍ତଶିରୋମଣି ଭାଗବତର କବି ଜଗନ୍ନାଥ ଯେପରି ଜଗନ୍ନାଥ ଦାସ ନାମରେ ପରିଚିତ, ସେହିପରି ଶୂଦ୍ରକୁଳଜାତ ମହାଭକ୍ତ ରାମାୟଣ ପ୍ରଣେତା ବଳରାମ ମଧ୍ୟ ବଳରାମ ଦାସ ନାମରେ

ସମ୍ମାନିତ । ପରିଚିତ ଓ ଜାତି ଚିଭରେ ସମାନଭାବେ ଶ୍ରୀଚୈତନ୍ୟ ସେତେବେଳେ ବହୁ ହରିଜନଙ୍କୁ ମଧ୍ୟ ବୈଷ୍ଣବ ମନ୍ତ୍ରରେ ଦୀକ୍ଷିତ କରି ଦାସ ଉପାଧି ପ୍ରଦାନ କରିଥିଲେ । ତା' ପରେ ଉନବିଂଶ ଶତାବ୍ଦୀଠାରୁ ରାଜା ରାମମୋହନଙ୍କ ଠାରୁ ଆରମ୍ଭ କରି ପରମପୁରୁଷ ରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଜାତିଭେଦର କୁତ୍ସିତ ନିଗଡକୁ ଭାଙ୍ଗି ଏବଂ ଅସ୍ପୃଶ୍ୟତା ଭାବକୁ ସମୂଳେ ଲୋପକରି ଏକ ନୂତନ ସମାଜ ଗଢିବାର ଆହ୍ୱାନ ଦେଇଥିଲେ । ଗାନ୍ଧିଜୀ ତ ଏହାକୁ ଏକ ଆନ୍ଦୋଳନରେ ପରିଣତ କରିଦେଲେ ।

ମାତ୍ର ଆମ ଶାସ୍ତ୍ର, ଅବତାର ଓ ଜାତି ନିର୍ମାତାବୃନ୍ଦ ଏହା ଉପରେ ଯେତେ ଜୋର ଦେଲେ ବି ଆମର ଅବାଧ୍ୟ ଅନମନୀୟ ସମାଜ ଏପର୍ଯ୍ୟନ୍ତ ଏହି ମହାନ୍ ମାନନୀୟ ସଦ୍‌ଗୁଣକୁ ଆଗ୍ରହ କରି ପାରୁନାହିଁ–ଏହାଠାରୁ ବଳି ଶୋଚନୀୟ କଥା ଆଉ କଣ ଅଛି ? ଗାନ୍ଧିଜୀ ସମାଜର ମନରୁ ଏହି ଅସ୍ପୃଶ୍ୟତା ବ୍ୟାଧି ଦୂର କରିବା ଲାଗି କି ସାଧ୍ୟସାଧନା କରି ନାହାନ୍ତି ? ମାତ୍ର ତଥାପି, ଆଜିମଧ୍ୟ ଭାରତର ସବୁ ଦେବମନ୍ଦିର ହରିଜନମାନଙ୍କ ପାଇଁ ଖୋଲି ଯାଇ ପାରିଲା ନାହିଁ । ଆଜି ମଧ୍ୟ ପ୍ରତିଦିନର ଖବରକାଗଜରେ ହରିଜନମାନଙ୍କ ଉପରେ ସବର୍ଣ୍ଣହିନ୍ଦୁଙ୍କ ନୃଶଂସ ଅତ୍ୟାଚାରର କରୁଣ କାହାଣୀ ପଢି ମନ ଘୋର କ୍ଷୋଭ ଓ ହତାଶାରେ ଭାଙ୍ଗିପଡେ । ଆଜିମଧ୍ୟ ହରିଜନ ଓ ଆଦିବାସୀମାନଙ୍କୁ ବହୁସ୍ତରରେ ଅତି ହେୟ ରୂପେ ଦେଖିବାର ଓ ବିଚାରିବାର ହୀନତମ ମନୋବୃତ୍ତି ପ୍ରବଳ ପଗାଢ ହୋଇ ରହିଛି ।

## ରାଜନୈତିକ ଦୃଷ୍ଟିରୁ ନୁହଁ

ମହାତ୍ମାଗାନ୍ଧୀ ଏହି ହରିଜନ ଆଦିବାସୀ ସମସ୍ୟାକୁ କେବଳ ରାଜନୈତିକ ଦୃଷ୍ଟିରୁ ବିଚାର କରୁ ନ ଥିଲେ । ସେ ଏହି ସମସ୍ୟାକୁ ଅର୍ଥନୈତିକ ଓ ସାମାଜିକ ଦୃଷ୍ଟି-କୋଣରୁ ବିଶ୍ଳେଷଣ କରୁ ଥିଲେ ଏବଂ ଏହାର ସମାଧାନ ଧାର୍ମିକ ବା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବାହାର କରୁଥିଲେ । ସେଥିଲାଗି ହରିଜନମାନଙ୍କର ମନ୍ଦିର ପ୍ରବେଶ ଉପରେ ସେ ଏତେ ଜୋର ଦେଇଥିଲେ । "ହରିଜନ". ଶବ୍ଦଟିର ମୂଳରେ ମଧ୍ୟ ଗାନ୍ଧିଜୀଙ୍କର ଏହି ଆଧ୍ୟାତ୍ମିକ ଭାବ ଧାରା ରହିଛି । ସମାଜର ଯେଉଁ ଶ୍ରେଣୀଟି ନାନାଦି କାରଣରୁ ହଜାରବର୍ଷ ଧରି ସବୁଦିଗରୁ ଅବନତ ହୋଇ ରହିଛି–ତାକୁ ସବୁ ଦିଗରୁ ଉପରକୁ ଉଠାଇ ଆମର ସମାସଦ କରିବାକୁ ହେବ । ତା' ହେଲେ ଯାଇ ସେଇ ଶ୍ରେଣୀଟି ସଙ୍ଗେ ଆମର ଆତ୍ମିକ ସଂପର୍କ ସ୍ଥାପନ ସମ୍ଭବ ହୋଇପାରିବ । ସବର୍ଣ୍ଣ ଓ ହରିଜନଙ୍କ ଭିତରେ ଭ୍ରାତୃତ୍ୱ ବନ୍ଧନ ନିବିଡ ମଧୁର ଓ ହାର୍ଦ୍ଦିକ ହୋଇ ପାରିବ । ଏଥି ଲାଗି, ସେମାନଙ୍କୁ କିଛିବର୍ଷ ଲାଗି କ୍ଷେତ୍ରେ ସ୍ୱତନ୍ତ୍ର ସୁବିଧା ଦେବାଲାଗି ଗାନ୍ଧିଜୀ ଓ ଅନ୍ୟାନ୍ୟ ନେତୃବର୍ଗ ପ୍ରସ୍ତାବ ଦେଇଥିଲେ ଓ ତଦନୁଯାୟୀ ସରକାରମାନେ ସେଦିଗରେ ଯଥା ଯୋଜନା ଓ ବ୍ୟବସ୍ଥା କରି ଆସୁଛନ୍ତି । ଯାହା ଆଶା କରିବା କଥା– ତା' ହେଉଛି ଏହି ବିଗତ ତିରିଶିବର୍ଷ ଭିତରେ ସବର୍ଣ୍ଣ ଓ ହରିଜନ ଭିତରେ ଥିବା ବିଭେଦର ପରିଖାଟି ଉକ୍ତ ପର୍ଯ୍ୟନ୍ତ ପୋତି ହୋଇ ଯାଇଥାନ୍ତା ।

## ବିଚ୍ଛେଦ ବଢୁଛି

କିନ୍ତୁ ଦେଖା ଯାଉଛି–ଯେତିକି ପରିମାଣରେ ହରିଜନ-ମାନଙ୍କର ଆର୍ଥିକ, ଓ ସାମାଜିକ ଉନ୍ନତି କରାଯାଉଛି– ସେତିକି ପରିମାଣରେ ସବର୍ଣ୍ଣ ହିନ୍ଦୁଙ୍କ ସହ ସେମାନଙ୍କର ସାମାଜିକ ବିଭେଦର ଖାତି ଆହୁରି ଗଭୀର ହୋଇ ହୋଇ ଚାଲିଛି । ଆଜି ଗ୍ରାମେ ଗ୍ରାମେ ସବର୍ଣ୍ଣ ଓ ହରିଜନଙ୍କ ଭିତରେ ହିଂସାତ୍ମକ ମନୋଭାବ ବୃଦ୍ଧି ପାଉଛି । ପରସ୍ପରକୁ ଘୋର ଈର୍ଷା ଓ ଜିଘାଂସା କରୁଛନ୍ତି । ପରସ୍ପର ଭିତରେ ଶତ୍ରୁତା ବୃଦ୍ଧି ପାଉଛି । ଏହାର କାରଣ କଣ ଓ ତାର ନିରାକରଣର ମଧ୍ୟ ବାଟ କଣ ସେ ସମ୍ବନ୍ଧେ ଆମର ସାମାଜିକ ନେତୃବୃନ୍ଦ (ଯଥା ଶିକ୍ଷକ, ଅଧ୍ୟାପକ, ଧର୍ମପ୍ରଚାରକ, କବି, ଲେଖକ ପ୍ରଭୃତି) ଏବଂ ରାଜନୈତିକ ନେତୃବୃନ୍ଦ (ଯଥା ମନ୍ତ୍ରୀ, ଏମ୍. ଏଲ୍. ଏ., ଚେୟାରମାନ, ସରପଞ୍ଚ ଓ ବିଭିନ୍ନ ଦଳର ସଭ୍ୟବୃନ୍ଦ)–ମୁଣ୍ଡ ଖେଳାଇବା ଉଚିତ ଏବଂ ସେଦିଗରେ ସମାଜକୁ ପରିଚାଳିତ କରିବା ଉଚିତ ।

## ସମସ୍ୟାର ମୂଳ କୋଉଠି

ହରିଜନ ଆଦିବାସୀ ସମସ୍ୟା ବର୍ତ୍ତମାନ କେବଳ ଅର୍ଥନୈତିକ ସ୍ତରରେ ରହିନାହିଁ । ଏହାର ମୂଳ ରହିଛି ସମାଜର ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ସ୍ତରରେ । ଗାନ୍ଧିଜୀ ସେହି ସ୍ତରରୁ ଏ ସମାସ୍ୟାର ସମାଧାନ କରିବାକୁ ଚାହିଁ ଥିଲେ । କିନ୍ତୁ ଯାହା ଦେଖାଯାଉଛି–ବର୍ତ୍ତମାନ ଏହାକୁ କେବଳ ରାଜନୈତିକ ସ୍ତରରେ ପକାଇ ଏଥିରୁ ରାଜନୈତିକ ମୁନାଫା ଉଠାଇବାକୁ ସମସ୍ତେ ବ୍ୟଗ୍ର ହୋଇ ପଡିଛନ୍ତି । ଫଳରେ ଏ ସମସ୍ୟା ଅଧିକ ଜଟିଳ ହୋଇ ଯାଉଛି ଦିନୁ ଦିନ । ରାଜନୈତିକ ନେତାମାନେ ସେମାନେ ଯେଉଁ ଦଳର ହୁଅନ୍ତୁ ନା କାହିଁକି–ସେମାନେ ସବର୍ଣ୍ଣ ହୁଅନ୍ତୁ ବା ହରିଜନ ଆଦିବାସୀ ହୁଅନ୍ତୁ–ସେମାନେ ଯଦି ଏହି ସମସ୍ୟାକୁ ସେମାନଙ୍କର କ୍ଷମତାଲାଭର ଶସ୍ତ୍ର ରୂପେ ବ୍ୟବହାର କରନ୍ତି ବା ଅନ୍ୟକୁ କ୍ଷମତାଚ୍ୟୁତ କରିବାର ଅସ୍ତ୍ର ରୂପେ ବ୍ୟବହାର କରନ୍ତି, ତେବେ ଏ ସମସ୍ୟା ଦିନକୁ ଦିନ ଆହୁରି ଉଗ୍ରତର ହୋଇ ପଡିବ ଏବଂ ଆଫ୍ରିକା ଆମେରିକାର ବର୍ଣ୍ଣ ବିଦ୍ୱେଷଠାରୁ ଏହାର ପରିଣତି ଆହୁରି କଦର୍ଯ୍ୟ ଅମାନବୀୟ ସ୍ତରକୁ ଚାଲିଯିବ । ବର୍ତ୍ତମାନ ଏ ସମସ୍ୟା ସେଇ ଆଡକୁ ଦ୍ରୁତଗତିରେ ମୁହାଁଇ ଯାଉଛି ବୋଲି ବହୁ ଚିନ୍ତାଶୀଳ ବ୍ୟକ୍ତି ଆଶଙ୍କା ପ୍ରକାଶ କଲେଣି । ଯେକୌଣସି ସାମାଜିକ ସମସ୍ୟାକୁ କେବଳ ରାଜନୈତିକ ଦୃଷ୍ଟିରୁ ବା ଉଦ୍ଦେଶ୍ୟରେ ଗ୍ରହଣ କରି ବ୍ୟବହାର କଲେ ଏହି ଫଳ ଅବଶ୍ୟମ୍ଭାବୀ ।

## ଅତୀତର ଅଭିଜ୍ଞତା

ଯେପରି ହିନ୍ଦୁ ମୁସଲମାନ ସମସ୍ୟାଟିର ଦଶା ହୋଇଥିଲା ମୁସଲମାନମାନେ ବୈଦେଶିକ ଆକ୍ରମଣକାରୀ ଭୂମିକାରୁ ଓହ୍ଲାଇ ଆସି ଯେତେବେଳେ ଏ ଦେଶରେ ସ୍ଥାୟୀ ବାସିନ୍ଦା ହେଲେ, ସେତେବେଳେ ସମାଜ ପଡ଼ୋଶୀ ଭାବେ ସେମାନଙ୍କୁ ଗ୍ରହଣ କରିନେଲା । ଏବଂ ଏ ଦେଶର ସାମାଜିକ ପରଂପରାରେ ମୁସଲମାନ ଓ ହିନ୍ଦୁ ପରସ୍ପର ମଧ୍ୟରେ ଏକ ଆଦାନ ପ୍ରଦାନ ବ୍ୟବସ୍ଥାରେ ଓ ସଂପର୍କ ସ୍ଥାପନରେ ଯଥା ସୀମା ରଖି ଚଳିବାରେ ଗୋଟିଏ ମୂଳୁଦୁଆ ପଡ଼ି ଯାଇଥିଲା । ମାତ୍ର ଇଂରେଜମାନେ ପୁଣି ଯେତେବେଳେ ଏହି ସମସ୍ୟାକୁ ଏକ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କଲେ, ସେତେବେଳେ ଏହା ଏକ ନିଦାରୁଣ ଚରମ ପରିଣତି ଆଡ଼କୁ ମୁହାଁଇଯାଇ ଭାରତବର୍ଷକୁ ଫଟାଇ ଦେଲା । ଆମେ ସେହି ଅଭିଜ୍ଞତାରୁ ଯଥା ଶିକ୍ଷା ଲାଭକରି ବର୍ତ୍ତମାନ ଆମ ଆଗରେ ପ୍ରଚଣ୍ଡହୋଇ ଠିଆହୋଇଥିବା ଏହି ହରିଜନ ଆଦିବାସୀ ସମସ୍ୟାଟିର ସମାଧାନ ଦିଗରେ ଅଗ୍ରସର ହେବା ଉଚିତ ।

## ଅର୍ଥନୈତିକ ଦୃଷ୍ଟିକୋଣରୁ

ପ୍ରଥମ କଥା—ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ବିଚାର କଲାବେଳେ ଆମକୁ ପ୍ରଥମେ ଦେଖିବାକୁ ହେବ—ଦାରିଦ୍ର୍ୟ ସୀମାରେଖା ତଳେଥିବା ଲୋକଙ୍କୁ ପ୍ରଥମେ କେମିତି ସୁସ୍ଥ ସ୍ୱାଧୀନ ଓ ଭଦ୍ରଭାବେ ଜୀବନଯାପନ କରିବାର ସୁଯୋଗ ଓ ଅଧିକାର ଯୋଗାଇ ଦିଆଯିବ । ଏହି ବ୍ୟବସ୍ଥାରେ ଭୂମିହୀନଙ୍କୁ କିଛି ଭୂମିଦାନ, କର୍ମ କରି ରୋଜଗାର କରିବାକୁ ଚାହୁଁଥିବା ଲୋକଙ୍କୁ କର୍ମ ଓ ଶ୍ରମ ଉପଯୋଗୀ ଯଥା ମଜୁରୀ ପ୍ରଦାନର ବ୍ୟବସ୍ଥା—ବାସ ହୀନଙ୍କୁ ବାସଗୃହ ବା ବାସ ଡିହ ଯୋଗାଣ ଆଦି ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା । ମାତ୍ର ଏହାକୁ କାର୍ଯ୍ୟକାରୀ କଲାବେଳେ, କର୍ତ୍ତୃପକ୍ଷ ଏପରି ମନୋଭାବ ପୋଷଣ କରିବା ଉଚିତ ଓ ଏପରି ବାୟୁମଣ୍ଡଳ ସୃଷ୍ଟିକରିବା ଉଚିତ—ଯେଉଁଥିରୁ ସାଧାରଣ ଲୋକେ ଜାଣିବେ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଲାଗି ଏ ବ୍ୟବସ୍ଥା ହେଉନାହିଁ—ଅତି ନିଦାରୁଣ ଦାରିଦ୍ର୍ୟ ଭୋଗୁଥିବା ଲୋକଙ୍କ ପାଇଁ ଏ ବ୍ୟବସ୍ଥା ହେଉଛି । ଏବଂ ଏ ବ୍ୟବସ୍ଥାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଆଦିବାସୀ ପ୍ରଭୃତି ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଅର୍ଥନୈତିକ ଦୃଷ୍ଟିରୁ ହିଁ ବିଶେଷ ସୁଯୋଗ ଦିଆଯାଉଛି । ତାହା ନ ହେଲେ ସବର୍ଣ୍ଣ ଲୋକଙ୍କ ମନରେ ଏକ ବୃଥା ଧାରଣା ସୃଷ୍ଟି ହୋଇଯିବ ଯେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ତୋଷଣ କରିବା ହିଁ ସରକାରଙ୍କ ଉଦ୍ଦେଶ୍ୟ ହୋଇଛି । ଅତୀତରେ ଏ ସମ୍ବନ୍ଧେ ସଚେତନ ନହେବା ଫଳରେହିଁ ଏ ପ୍ରକାର ଅବାଞ୍ଛିତ ମନସ୍ତାତ୍ତ୍ୱିକ ବାୟୁମଣ୍ଡଳ ଦେଶରେ ଖେଳିଯାଇଛି । ତେଣୁ ଏହା ଦୂର କରିବା ଦିଗରେ ସରକାରୀ ଓ ବିରୋଧୀ ଦଳର କର୍ମୀମାନେ ଲୋକଙ୍କ ସଙ୍ଗେ ଘନିଷ୍ଠଭାବେ ମିଶି ଏକ ଯଥାର୍ଥ ବାୟୁମଣ୍ଡଳ ସୃଷ୍ଟିକରିବା ଦିଗରେ ଯତ୍ନବାନ ହେବା ଉଚିତ । ଏ ବିଷୟରେ ଖବରକାଗଜ ଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି । ଖବର କାଗଜରେ ଦରିଦ୍ର ଓ ହରିଜନମାନଙ୍କ ଉନ୍ନତି କଳ୍ପେ ଅପେକ୍ଷାକୃତ ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ ଜୀବନଯାପନ କରୁଥିବା ଶ୍ରେଣୀର ଲୋକେ କିଛିଦିନ ପାଇଁ ସ୍ୱାର୍ଥତ୍ୟାଗ କରନ୍ତୁ—ଏହି ମର୍ମରେ ପ୍ରତିଦିନ ବିଭିନ୍ନ ରୀତିରେ କିଛି ଲେଖା ପ୍ରକାଶ ପାଇବା ଉଚିତ । ଆମର କବି ଓ ଲେଖକମାନେ ମଧ୍ୟ ଏ ଦିଗରେ ମୁଣ୍ଡଖେଳାଇ ଏହି ଭାବକୁ ପୋଷଣ କରି ଗଳ୍ପ ଓ କବିତାଦି ଲେଖିପାରନ୍ତି । ବିଭିନ୍ନ ସାଂସ୍କୃତିକ ଉତ୍ସବରେ ମଧ୍ୟ ଏହି ଭାବକୁ ଆନ୍ତରିକତା ସହିତ ବିଭିନ୍ନ କଳା ଆଙ୍ଗିକରେ ପ୍ରକାଶ କରି ଲୋକମାନଙ୍କ ଭିତରେ ଅନୁକୂଳ ମନୋଭାବ ସୃଷ୍ଟିକରିବା ଉଚିତ । ଥିଏଟର ସିନେମା ପ୍ରଭୃତିରେ ମଧ୍ୟ ଏଇ ଭାବ ଅବଲମ୍ବନରେ ନାଟକ ଓ ଛବି ପ୍ରଦର୍ଶିତ ହେବା ଉଚିତ ।

## ଦୁଇପଟରୁ ସମାନ ବିଚାର

କିନ୍ତୁ ଏସବୁ କଲାବେଳେ ମଧ୍ୟ ଆମକୁ ସର୍ବଦା ମନେରଖିବାକୁ ହେବ—ଯେପରି ଆମେ ହରିଜନ ଓ ଆଦିବାସୀଙ୍କ ପ୍ରତି ସମଗ୍ର ସମାଜର ମନୋଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁ କରୁ, ଆମର ଅସାବଧାନତା ହେତୁ, ବା ଅବହେଳା ହେତୁ ବା ସମାଜର ସାମଗ୍ରିକ ରୂପ ବା ସଂହତି ପ୍ରତି ଅମନଯୋଗୀତା ହେତୁ, ବା ଏକପାଖିଆ ମନୋଭାବ ପ୍ରବଣତା ହେତୁ—ଏବଂ ଶେଷରେ ଏକ ଶୁଭ ପ୍ରେରଣା ସଂଜାତ ଆନ୍ତରିକତାର ଅଭାବ ହେତୁ—ଆମେ ଯେପରି ସମାଜର ଅନ୍ୟ ଗୋଷ୍ଠୀର ମନରେ ଅଯଥା ସନ୍ଦେହ, ବିଭେଦ ଅପମାନବୋଧ ଓ ବିଦ୍ୱେଷର ନିଆଁ ଲଗାଇ ନ ଦେଉ ! ହରିଜନଙ୍କ ବିଶେଷତ୍ୱ ବା ପ୍ରତିଷ୍ଠା ରକ୍ଷା କରିବାକୁ ଯାଇ ଆମେ ଅଯଥାରେ ଯେପରି ସବର୍ଣ୍ଣ ଗୋଷ୍ଠୀର ଯଥାର୍ଥ ମହିମାଗୁଡ଼ିକୁ ମ୍ଳାନ କରି ନ ଦେଉ । ଭାରତୀୟ ଚେତନାରେ ଜଣକୁ ପ୍ରତିଷ୍ଠିତ କରିବାକୁ ଯାଇ ଅନ୍ୟକୁ ଭୂଲୁଣ୍ଠିତ କରିଦେବାର ଆଦର୍ଶ ନାହିଁ । ମହାତ୍ମାଗାନ୍ଧୀ ଏହି ମର୍ମଟିକୁ ଭଲଭାବେ ବୁଝି ବୁଝାଇ ଯାଇଛନ୍ତି । ଆମେ ଯଦି ତାଙ୍କରି ଆଦର୍ଶ ଅନୁଯାୟୀ ଯଥାର୍ଥରେ ଏ ଦିଗରେ କାର୍ଯ୍ୟ କରିବା ତେବେ ଆମେ ନିଶ୍ଚିତଭାବେ ଏହି ବିପର୍ଯ୍ୟୟରୁ ରକ୍ଷା ପାଇପାରିବା ।

## ଉଦାହରଣ ସ୍ୱରୂପ

ଉପରଲିଖିତ କଥାଗୁଡ଼ିକର ଯଥାର୍ଥ ପ୍ରତିପାଦନ ପାଇଁ ନିମ୍ନ ଉଦାହରଣଟି ଦିଆଗଲା । ସୁଧୀ ପାଠକ ବୃନ୍ଦ ଏ ଦିଗରେ ଚିନ୍ତା କରିବେ ବୋଲି ଆଶା କରୁ । ଖବର କାଗଜରେ "ହରିଜନବାଳିକା ଉପରେ ଅତ୍ୟାଚାର" ଶୀର୍ଷକ ସମ୍ବାଦଟି ପଢି ବହୁ ଲୋକ କହିବାର ଆମେ ଶୁଣିଛୁ—ଯେ ଆଜି ପର୍ଯ୍ୟନ୍ତ ଏହିଭଳି ଖବର ଏହି ରୀତିରେ ପ୍ରକାଶ ପାଉବାର କାରଣ କଣ ? ଜଣେ ଅସହାୟା ବାଳିକା

ଉପରେ ଦୁର୍ବୃତ୍ତମାନଙ୍କ ଅତ୍ୟାଚାର" ଏହି ମର୍ମରେ ଖବରଟି
ବାହାରିଲେ ସାମାଜିକ ମନସ୍ତତ୍ତ୍ୱକୁ ଠିକଣାବାଟେ ପରିଚାଳିତ
କରିବାରେ ଏହା ଅଧିକ ସାହାଯ୍ୟ କରନ୍ତା ନାହିଁକି ?
ଯେତେ ବାଳିକାଙ୍କ ଉପରେ ଦୁର୍ବୃତ୍ତମାନେ ଅତ୍ୟାଚାର
କରୁଛନ୍ତି—ସେ ବାଳିକାମାନଙ୍କର ଜାତି ଗୋତ୍ର ପ୍ରକାଶ
କରିବା କଣ ନିତାନ୍ତ ଉଚିତ ? ସେହିଭଳି କୌଣସି
ଗ୍ରାମରେ ଭାଗଚାଷୀ ମଜୁରିଆ ବା ନୂତନଭାବେ ଜମି ଦଖଲ
କରି ଚାଷ କରୁଥିବା ଅସହାୟ ଲୋକଙ୍କ ଉପରେ ଥିଲାବାଲ-
ମାନେ ଯଦି ଅତ୍ୟାଚାର କରୁଥାନ୍ତି—ଏବଂ ସେ ଅତ୍ୟାଚାରିତ
ବ୍ୟକ୍ତିମାନେ ଯଦି ଦୁର୍ଭାଗ୍ୟକ୍ରମେ ହରିଜନ ଶ୍ରେଣୀର ହୋଇ-
ଥାନ୍ତି—ତେବେ ଏହି ଘଟଣାଟିକୁ ଲୋକଲୋଚନକୁ ଆଣିବା-
ବେଳେ ଆମେ "ହରିଜନ" ଶବ୍ଦଟି ବ୍ୟବହାର ନ କରି
"ଅସହାୟ" ବା "ଦରିଦ୍ର" ପ୍ରଭୃତି ଶବ୍ଦ ବ୍ୟବହାର କଲେ
ସବୁଦିଗରୁ କଲ୍ୟାଣକର ହୁଅନ୍ତା ନାହିଁକି ? କଥାରେ
ଅଛି—ଯଥାର୍ଥ ପତିପରାୟଣା ପତ୍ନୀଟି ଉଠୁଣୁ ଯାଉଣୁ ତା'
ପତିର ନାମ ଯଥେଚ୍ଛ ଉଚ୍ଚାରଣ କରେନାହିଁ । ସେହିଭଳି
ଯଥାର୍ଥ ଗୁରୁ ଆଦର୍ଶ ପରାୟଣ ଗୁରୁଭକ୍ତ ଶିଷ୍ୟଟି ଯେତେ-
ବେଳେ ସେତେବେଳେ ତାର ଗୁରୁର ନାମ ଧରେନାହିଁ ।
ବାସ୍ତବ ଆନ୍ତରିକତାର ଏହି ରୀତି ସିନା ! ମାତ୍ର ଆମେ
ଯେତେ ମାତ୍ରାରେ "ହରିଜନ" ଶବ୍ଦଟି କଥାକଥାକେ
ବ୍ୟବହାର କରୁଛୁ—ସନ୍ଦେହ ହେବା ସ୍ୱାଭାବିକ ଯେ—
ଆମର ସେତିକି ଆନ୍ତରିକତା ହୁଏତ ସତକୁସତ ସେମାନଙ୍କ
ପ୍ରତି ନାହିଁ । ଗୋଟିଏ ମାଙ୍ଗଳିକ ସତ୍ୟ, ଯଦି କେବଳ
ହଟ ଗୋଳୀୟ ମୌଖିକ "ବୋଲୀ"ରେ ପରିଣତ
ହୋଇଯାଏ, ତେବେ ତାହା ଭୟଙ୍କର କୁଫଳ ପ୍ରସବ
କରିଥାଏ । ବର୍ତ୍ତମାନ ବେଳ ଆସିଛି—ଆମେ ଏ ସମ୍ବନ୍ଧେ
ଅଧିକ ଚିନ୍ତାଶୀଳ, ସାବଧାନ ଓ କ୍ରିୟାଶୀଳ ହେବା ।

ଅନ୍ୟ ପକ୍ଷରେ କବି ଗୁରୁ ରବୀନ୍ଦ୍ରନାଥଙ୍କର ସେହି ମହନୀୟ ଚେତାବନୀ ବାରମ୍ବାର ଆମର କର୍ଣ୍ଣଗୋଚର ହୋଇ ଆମର ମର୍ମଭେଦ କରୁ—

ଯାରେ ତୁମି ନିଚେ ଫେଲ
ସେ ତୋମାରେ ବାନ୍ଧିବେ ଯେ ନିଚେ
ପଶ୍ଚାତେ ରେଖେଛ ଯାରେ
ସେ ତୋମାରେ ପଶ୍ଚାତେ ଟାନିଛେ ।


ସେଥିପାଇଁ ଆମ୍ଭମାନଙ୍କ ପ୍ରତି ବିଶ୍ୱପିତା ବିଧାତା ପୁରୁଷଙ୍କର କଠୋର ଆଦେଶ ହେଉଛି—

....ବିଧାତାର ରୁଦ୍ରରୋଷେ,—ଦୁର୍ଭିକ୍ଷେର ଦ୍ୱାରେ ବସେ
ଭାଗ କରେ ଖେତେ ହବେ, ସକଲେର ସାଥେ ଅନ୍ନପାନ
ଅପମାନେ ହତେ ହବେ, ତାହାଦେର ସବାର ସମାନ ।

## ତ୍ରୁଟି ସ୍ୱୀକାର

ଗତ ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ "ଉତ୍ତାହାର" କବିତାଟିର ଲେଖକ ହେଉଛନ୍ତି ଶ୍ରୀ ଚିନ୍ତାମଣି ବର୍ଡ଼ଆର ସିଂହ । ଭୁଲକ୍ରମେ ତାଙ୍କର ନାମଟି ପ୍ରକାଶ ନ ପାଉଥିବାରୁ ଆମେ ଦୁଃଖିତ ।

ମହାପାତ୍ର ନୀଳମଣି ସାହୁ.






# ଗଣତାନ୍ତ୍ରିକ ପ୍ରକ୍ରିୟା - ଅର୍ଥନୀତିରେ

ଡି. ଏମ୍. ଦାଣ୍ଡେକର

---

ଅନେକ ସମୟରେ ଏକ ଧାରଣା ସୃଷ୍ଟି ହୋଇଥାଏ ଯେ ଅର୍ଥନୈତିକ କ୍ଷେତ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅର୍ଥ ହେଉଛି ଘରୋଇ ସଂପତ୍ତି ଲାଗି ଅବାଧ ଅଧିକାର ଏବଂ ରାଷ୍ଟ୍ରୀୟ ନିୟନ୍ତ୍ରଣରୁ ମୁକ୍ତ ଉତ୍ପାଦ୍ୟର ଅପ୍ରତିହିତ ପ୍ରୟୋଗ, ମାତ୍ର ପ୍ରକୃତରେ ଏହା ଠିକ୍ ନୁହେ ।

ବସ୍ତୁତଃ ଦେଖିବାକୁ ଗଲେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଅଳ୍ପ କେତେକ ଲୋକଙ୍କ ହାତରେ ଅର୍ଥନୈତିକ ଶକ୍ତିର କେନ୍ଦ୍ରୀକରଣ ପ୍ରତି ନିସ୍ପୃହ ନୁହେ । ସେହିଭଳି ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଦରିଦ୍ରଦେଶର ସଂଖ୍ୟାଧିକ ଦରିଦ୍ର ଲୋକଙ୍କ ଭାଗ୍ୟପ୍ରତି ଉଦାସୀନ ମନୋଭାବ ପୋଷଣ ଅସମ୍ଭବ । ମାତ୍ର ଅନେକ ସମୟରେ ଅର୍ଥନୈତିକ କ୍ଷମତା କେନ୍ଦ୍ରୀକରଣର ପ୍ରତିରୋଧ ଲାଗି ଏବଂ ଗରିବ ଲୋକଙ୍କ ପାଇଁ କିଛି କରିବା ଲାଗି ଗଣତନ୍ତ୍ର ଅଳ୍ପ କେତେକ ସ୍ୱାର୍ଥାନ୍ୱେଷୀ ଖଳ ରାଜନୀତିଜ୍ଞଙ୍କୁ ଅଖଣ୍ଡ ଅର୍ଥନୈତିକ ଓ ରାଜନୈତିକ ଶକ୍ତିର ଅଧିକାରୀ ହେବାର ସୁଯୋଗ ଦେଇଥାଏ । ଫଳରେ ଅମଲାତନ୍ତ୍ରର ପ୍ରସାର ହୋଇଥାଏ ଓ ଅର୍ଥନୀତି ଉପରେ ଏହା ମନଇଚ୍ଛା କ୍ଷମତା ଜାହିର କରିଥାଏ । ଏଭଳି ଅବସ୍ଥାରେ ଗଣତାନ୍ତ୍ରିକ ପ୍ରକ୍ରିୟା ନ୍ୟୂନ ହୋଇଯାଏ ।

ପ୍ରକୃତରେ ସିଦ୍ଧାନ୍ତ ଗ୍ରହଣକାରୀ ଢାଞ୍ଚାରେ ବିକେନ୍ଦ୍ରୀକରଣ ଦ୍ୱାରାହିଁ ଅର୍ଥନୈତିକ ପରିସରରେ ଗଣତାନ୍ତ୍ରିକ ପ୍ରକ୍ରିୟା ବିକଶିତ ଓ ଶକ୍ତିଶାଳୀ ହୋଇଥାଏ । ଏଭଳି ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ଦେଶର ଅଗଣିତ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମବାୟ ସଂଗଠନ, କର୍ପୋରେସନ ସଂସ୍ଥା ଓ ବିଧିବଦ୍ଧ ଭାବରେ କ୍ଷମତାପ୍ରାପ୍ତ ଗଣତାନ୍ତ୍ରିକ କର୍ତ୍ତୃପକ୍ଷ ଅଂଶ ଗ୍ରହଣ କରି ପାରିବେ ।

ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଧ୍ୟ ପୁଞ୍ଜିପତି ବା ସଂଗଠିତ ଶ୍ରମିକମାନଙ୍କର ଏକଚ୍ଛତ୍ରିଆ ଶକ୍ତିର ଅଭ୍ୟୁଦୟରୁ ପ୍ରତିରୋଧ କରିବାକୁ ପଡ଼ିବ । ଆବଶ୍ୟକ ନଥିବା ସ୍ଥଳେ ଅମଲାତନ୍ତ୍ରର କ୍ଷମତା ବିସ୍ତାର ଏଡ଼ାଇବାକୁ ହେବ । ତା' ଛଡ଼ା ରାଜନୈତିକ ଲୋକମାନେ ଯେଭଳି ଏକଚ୍ଛତ୍ରିଆ ବ୍ୟବସାୟୀ ଓ ଅମଲାତନ୍ତ୍ର ସହିତ ସଂଯୋଗ ରକ୍ଷାକରି ଅର୍ଥନୈତିକ ତଥା ରାଜନୈତିକ କ୍ଷମତାକୁ ଅକ୍ତିଆର ନ କରନ୍ତି କି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରି ନ ଦଅନ୍ତି ସେଥିଲାଗି ସେମାନଙ୍କ କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିବ ।

ଏ କ୍ଷେତ୍ରରେ ଏକ ଉଦାହରଣ ଦଆଯାଇପାରେ । ଧରନ୍ତୁ ଜମି ମାଲିକାନାର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କଥା । ଏହା ଆଜି ସରକାରୀ ନୀତିର ଏଭଳି ଏକ ବିଶେଷ ଅଂଶ ହୋଇଛି ଯେ ଯା ଫଳରେ କି ଉତ୍ପାଦନ ମାଧ୍ୟମର ଗୋଟିଏ ପର୍ଯ୍ୟାୟ ଗ୍ରାମ ଜମି ପ୍ରତି ଏହାଦ୍ବାରା ସ୍ବତନ୍ତ୍ର ଓ ମନଇଚ୍ଛା ବ୍ୟବସ୍ଥା କରାଯାଇଛି ବୋଲି କେହି ଉପଲବ୍ଧି କରିପାରୁ ନାହାନ୍ତି । ଏହାଛଡ଼ା ଜମି ମାଲିକାନା ପାଇଁ ଯେଉଁ ସର୍ବୋଚ୍ଚ ସୀମାର ବ୍ୟବସ୍ଥା ଲଦି ଦଆଯାଇଛି ତା ମୂଳତଃ ଏକ ଜବରଦସ୍ତ ବ୍ୟବସ୍ଥା ।

ସେଇଭଳି ମନଇଚ୍ଛା ବଳକା ଜମିଗୁଡ଼ିକ ବଣ୍ଟା ଯାଇଛି, ଫଳରେ ଅନେକ କ୍ଷେତ୍ରରେ ଯେଉଁମାନଙ୍କର ଚାଷକରିବା ଲାଗି ଅବଲମ୍ବନ ବା ସାମର୍ଥ୍ୟ ନାହିଁ ସେମାନଙ୍କୁ ଜମି ଦିଆଯାଇଛି । ତେଣୁ ମୋଟା ମୋଟି ଭାବରେ ଏ ସମସ୍ତ ବ୍ୟବସ୍ଥା ଅମଲାତାନ୍ତ୍ରିକ ଦୁର୍ନୀତି ଓ ରାଜନୈତିକ ଶଠତାର ଶରବ୍ୟ ହୋଇଛି । ଏହାର ବିପରିତ ବ୍ୟବସ୍ଥା ଭାବରେ ଜମିମାଲିକାନା ଉପରେ ଟିକସ ବ୍ୟବସ୍ଥାର ବିଚାର କରାଯାଇପାରେ । ଏହାଦ୍ବାରା ଜମି ମାଲିକାନା ଉପରେ ମନଇଚ୍ଛା ସର୍ବୋଚ୍ଚସୀମା କଟକଣା ଜାରୀର ପ୍ରଶ୍ନ ନାହିଁ । ମାତ୍ର ବାଂଛିତ ମାର୍ଗରେ ଜମିର ପୁନର୍ବଣ୍ଟନ ଲାଗି ଏହା ଚାପ ସୃଷ୍ଟି କରିପାରିବ ।

କ୍ରମାନ୍ବୟରେ ଅଧିକରୁ ଅଧିକ ଟିକସ ଧାର୍ଯ୍ୟ ଫଳରେ ଛୋଟ ଜମି ମାଲିକମାନେ ତାଙ୍କ ଜମିର ପରିମାଣ ଗୋଟିଏ ହେକ୍ଟର ବଢ଼ାଇବା ଲାଗି ଯେତେ ଲାଭଜନକ ମନେ କରିବେ, ବଡ଼ ଜମି ମାଲିକମାନେ ଅଧିକ ଗୋଟିଏ ହେକ୍ଟର ଜମି ସଂଗ୍ରହକୁ ସେଭଳି ଲାଭଜନକ ଭାବିବେ ନାହିଁ । ମାତ୍ର ଏ କ୍ଷେତ୍ରରେ ଯେଉଁମାନେ ଚାଷକାର୍ଯ୍ୟ ଓ ଟିକସ ବ୍ୟବସ୍ଥାରେ ଅଭିଜ୍ଞ କେବଳ ସେଇମାନଙ୍କ ମଧ୍ୟରେ ଜମି ବିକା–କିଣା ହେବ । ଏ କ୍ଷେତ୍ରରେ ମଧ୍ୟ ଅମଲାତନ୍ତ୍ର ଓ ରାଜନୈତିକ ଲୋକଙ୍କର ଭୂମିକା ନଗଣ୍ୟ ହୋଇ ରହିବ । ସେଇଭଳି କୃଷି କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ଆଇନ୍ କଥା ମଧ୍ୟ ବିଚାର କରାଯାଇ ପାରେ । ବସ୍ତୁତଃ ଦେଖିବାକୁ ଗଲେ ଏ ବ୍ୟବସ୍ଥା ନିରର୍ଥକ ଓ ପ୍ରଶାସନିକ ଦୃଷ୍ଟିରୁ ଏକ ଅପବ୍ୟୟ ସାପେକ୍ଷ କସରତ୍‌ରେ ପରିଣତ ହୋଇଛି । କାରଣ ନିଯୁକ୍ତି ଦେବା ଲାଗି ବାଧ୍ୟବାଧକତା ବ୍ୟତୀତ ସର୍ବନିମ୍ନ ମଜୁରୀ ଆଇନକୁ କାର୍ଯ୍ୟକାରୀ କରିବା ଅସମ୍ଭବ ।

ଅନ୍ୟ ପକ୍ଷରେ ଏଭ ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ଲାଗି ନିଯୁକ୍ତି ପ୍ରତିଶ୍ରୁତିର କାର୍ଯ୍ୟକ୍ରମ ବିଚାର୍ଯ୍ୟ । ଆପେ ଏହାଦ୍ବାରା ସର୍ବନିମ୍ନ ମଜୁରୀ ପ୍ରତିଶ୍ରୁତ ହୋଇଥାଏ । ତା' ଛଡ଼ା ସର୍ବନିମ୍ନ ମଜୁରୀ ସ୍ଥିର ହୋଇଯିବାଦ୍ବାରା ଚାଷରୁ ଲାଭ ପାଉନଥିବା ବହୁଛୋଟ ଚାଷୀ କ୍ରମେ କ୍ରମେ କୃଷିରୁ ଅପସରି ଯାଇ ମଜୁରୀ ଭିତ୍ତିକ ଶ୍ରମରେ ନିଜକୁ ନିୟୋଜିତ କରିବେ ଏବଂ ତା' ଫଳରେ ଗଣ୍ଡ କ୍ଷେତ୍ରରେ ଛୋଟ ପଟାଳୀଗୁଡ଼ିକ ଲୋପ ପାଇବ । ଏହା ଉଭୟ ସେମାନଙ୍କ ଲାଗି ଓ କୃଷି ପାଇଁ ମଙ୍ଗଳକର । ଅନ୍ୟ ପକ୍ଷରେ କିନ୍ତୁ ପ୍ରତ୍ୟେକଙ୍କୁ ଲାଭ ମିଳୁନଥିବା ଖଣ୍ଡେ ଖଣ୍ଡେ ଛୋଟ ଜମି ପଟାଳୀ ଧରାଇ ଦେଇ ସେଥିରେ ସେମାନଙ୍କୁ ବସବାସ କରାଇବାର ଉଦ୍ୟମ ଏକ ନିଷ୍ଫଳ ଉଦ୍ୟମ ଛଡ଼ା ଅନ୍ୟକିଛି ନୁହେଁ ।

## ପ୍ରତିଶ୍ରୁତି ସର୍ବନିମ୍ନ ଆୟ

ବହୁ ଗ୍ରାମଶିଳ୍ପ, କାରିଗରୀ ବୃତ୍ତି ଏବଂ ଏପରି ରାସ୍ତାକଡ଼ର ଚା' ଦୋକାନ ଭଳି କ୍ଷୁଦ୍ର ଉଦ୍ୟୋଗରେ ଆତ୍ମନିଯୁକ୍ତି ଲାଗି ଲୋକଙ୍କ ମଧ୍ୟରେ ବିଶ୍ବାସ ସୃଷ୍ଟିର ଉଦାହରଣ ମଧ୍ୟ ଏଇଧରଣର । ଏଭଳି ଆତ୍ମନିଯୁକ୍ତ ଲୋକଙ୍କ ମଧ୍ୟରୁ ଅନେକ ସର୍ବନିମ୍ନ ଆୟ କରିବାକୁ ଅସମର୍ଥ । ଯଦି ସର୍ବନିମ୍ନ ମଜୁରୀ ମିଳିବା ଲାଗି ନିଶ୍ଚିତ ଅବସ୍ଥା ସୃଷ୍ଟି ହୁଏ, ତାହେଲେ ସେମାନେ ହୁଏତ ମଜୁରୀ ଦ୍ବାରା ଜୀବିକା ନିର୍ବାହକୁ ଅଧିକ ପସନ୍ଦ କରିବେ । ଏଥିରେ ଦୁଃଶ୍ଚିନ୍ତିତ ହେବାର କିଛି ନାହିଁ ।

ଆତ୍ମନିଯୁକ୍ତି ସୃଷ୍ଟି ଲାଗି ଅତୀତରେ ଯେଉଁସବୁ ନୀତି ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ତାଦ୍ବାରା କେବଳ ଅମଲା-ତନ୍ତ୍ର ସଂପ୍ରସାରିତ ହୋଇଛି । ରାଜନୈତିକ ନ୍ୟସ୍ତ ସ୍ବାର୍ଥ ସୃଷ୍ଟି ହୋଇଛି ଏବଂ ଲୋକଙ୍କର କ୍ଷୁଦ୍ର ଅମଲାତନ୍ତ୍ର ଓ କ୍ଷୁଦ୍ରତର ରାଜନୈତିକ ବ୍ୟକ୍ତିଙ୍କ ଉପରେ ଅସହାୟ ଭାବରେ ନିର୍ଭର କରିବା ଅପେକ୍ଷା ଅନ୍ୟ କିଛି ଲାଭ ହୋଇନାହିଁ ।

ସେଇଭଳି ଆଉ ଏକ ଉଦାହରଣ ହେଉଛି ଖାଦ୍ୟଶସ୍ୟ ଭଳି ଗଣବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ବଣ୍ଟନ । ଏହା ଯେ ପୂରାପୂରି ଘରୋଇବ୍ୟବସାୟୀଙ୍କ ହାତରେ ଛାଡ଼ି ଦିଆଯାଇପାରିବନାହିଁ, ଏହା ନିସନ୍ଦେହରେ କୁହାଯାଇ ପାରେ । ମାତ୍ର ତା ବୋଲି ବିକଳ୍ପ ବ୍ୟବସ୍ଥା ଭାବରେ ଏହି ବଣ୍ଟନ କାର୍ଯ୍ୟକୁ ସଂପୂର୍ଣ୍ଣଭାବେ ଅମଲାତନ୍ତ୍ର ଓ ରାଜନୈତିକ ପରିଚାଳନାଧୀନ କରିବା ଯଥାର୍ଥ ନୁହେଁ । କିନ୍ତୁ ଅତୀତର ନୀତି ଓ କାର୍ଯ୍ୟକ୍ରମ ଏହି ଦିଗରେ ହିଁ କାର୍ଯ୍ୟକାରୀ ହେଉଥିଲା । ଏ ଧରଣର ପରିଚାଳନା ବ୍ୟୟସାପେକ୍ଷ ଓ ଦକ୍ଷତାଶୂନ୍ୟ ବୋଲି ପ୍ରମାଣିତ ହୋଇଛି । ଖାଉଟିମାନଙ୍କ ଲାଗି ସେବା ଓ ଉତ୍ପାଦନକାରୀମାନଙ୍କ ସ୍ବାର୍ଥ ଲାଗି ଏକାନ୍ତ ଆବଶ୍ୟକ ମାନନିର୍ଦ୍ଧାରଣ ଓ ଗୁଣ ଅନୁଯାୟୀ ଦ୍ରବ୍ୟର ଶ୍ରେଣୀ ବିଭାଗକୁ ଏଭଳି ପରିଚାଳନାରେ ନିରୁତ୍ସାହିତ କରାଯାଇଛି ।

ତା ଛଡ଼ା ଦେଶରେ ଅତ୍ୟାବଶ୍ୟକ ଦ୍ରବ୍ୟର ପରିବହନ ଓ ମୂଲ୍ୟ ନିର୍ଦ୍ଧାରଣ ଯେଭଳି ଭାବରେ ରାଜନୈତିକ ବିକା କିଣାର ପରିସରାଧୀନ ହୋଇଛି ତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

## ବିକେନ୍ଦ୍ରୀକରଣ ବଣ୍ଟନ ବ୍ୟବସ୍ଥା

ଏହାର ବିକଳ୍ପ ବ୍ୟବସ୍ଥା ଭାବରେ ଏଭଳି ଏକ ସରକାରୀ ସ୍ୱତନ୍ତ୍ର ସଙ୍ଗଠନ କଥା ଚିନ୍ତା କରାଯାଇପାରେ । ଯେଉଁଥିରେ, ଗଣତାନ୍ତ୍ରିକ ନିୟନ୍ତ୍ରଣ ଓ ରାଜନୈତିକ ହସ୍ତକ୍ଷେପ ନ୍ୟୂନ ହୋଇଯିବ ଏବଂ ମୂଳତଃ ବଜାର ନୀତି ମାନି ଚାଲୁଥିବା ସ୍ୱୟଂକ୍ରିୟ ସରକାରୀ ବ୍ୟୟ ସଙ୍ଗଠନଗୁଡ଼ିକ ନୀତି ନିର୍ଦ୍ଧାରଣ କରିବେ । ଏହା ସମ୍ଭବ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏଭଳି ଏକ ସମାଧାନ ଆବଶ୍ୟକ ।

ଶିଳ୍ପ ଓ ବ୍ୟବସାୟରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଦୁଇ-ଧରଣର ଲକ୍ଷ୍ୟ ରହିବା ଦରକାର । ତା ହେଉଛି ପ୍ରଥମତଃ ଏକଚାଟିଆ ଅବସ୍ଥାର ପ୍ରତିରୋଧ ଏବଂ ଦ୍ୱିତୀୟରେ ଶିଳ୍ପ ଓ ବ୍ୟବସାୟ ପରିଚାଳନା ବିକେନ୍ଦ୍ରୀକରଣ । ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ବୈଷୟିକ ଜ୍ଞାନ ଓ ବିପୁଳ ପୁଞ୍ଜି ଲଗାଣ ଦୃଷ୍ଟିରୁ କେତେକ କ୍ଷେତ୍ରରେ ଏକଚାଟିଆ ଅବସ୍ଥା ଅପରିହାର୍ଯ୍ୟ ହୋଇପଡ଼େ । ସେ ଅବସ୍ଥାରେ ଏହି ଶିଳ୍ପକୁ ନିୟନ୍ତ୍ରିତ କରିବା ଅପେକ୍ଷା ସରକାର ଏହାକୁ ହାତକୁ ନେଇ ସର୍ବସାଧାରଣଙ୍କ ଉପକାର ହେଲଭଳି ବାଟରେ ପରିଚାଳନା କରିବା ବରଂ ଶ୍ରେୟସ୍କର । ଯେଉଁଠାରେ ଏକଚାଟିଆ ବ୍ୟବସ୍ଥାକୁ ଏଡ଼ାଇ ହେବନାହିଁ, ସେଠାରେ ଏହା ଜନ-ସାଧାରଣଙ୍କ ଏକଚାଟିଆ କାରବାରରେ ପରିଣତ ହେବା ଦରକାର ।

## ଜନତାର ସର୍ବନିମ୍ନ ଆବଶ୍ୟକତା

ଏହି କାରଣରୁ ମଧ୍ୟ ରେଳ, ସଡ଼କ, ବିମାନ ଓ ସାମୁଦ୍ରିକ ପରିବହନ ବ୍ୟାଙ୍କ ଓ ବୀମା, ଡ଼ାକ, ତାର ଓ ବେତାର ଯୋଗାଯୋଗ ଏବଂ ବିଦ୍ୟୁତ ଓ ଜଳସେଚନ ପରି ସେବା ଶିଳ୍ପଗୁଡ଼ିକରେ କେନ୍ଦ୍ରୀକରଣ ପରିଚାଳନା ଯଥାର୍ଥ । ଏ ସବୁର ପରିଚାଳନାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁଯାୟୀ ପ୍ରଥମେ ରାଜନୈତିକ ହସ୍ତକ୍ଷେପ ସବୁଠୁ କମ୍‌ହେବା ଦରକାର ଏବଂ ଶିଳ୍ପଗୁଡ଼ିକର ଦକ୍ଷତା ବୃଦ୍ଧିଲାଗି ଉଦ୍ୟମ ହେବା ଉଚିତ । ଦ୍ୱିତୀୟରେ ଜନସାଧାରଣଙ୍କ ଲାଗି ଓ ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କ ଲାଗି ପାନୀୟ ଜଳ-ଯୋଗାଣ ଓ ସ୍ୱାସ୍ଥ୍ୟରକ୍ଷା ପ୍ରଭୃତି କାର୍ଯ୍ୟକ୍ରମ ସରକାରଙ୍କର ଏଭଳି ଉଦ୍ୟମର ଅନ୍ତର୍ଭୁକ୍ତ ହେବା ଦରକାର । ସାଧାରଣ ଲୋକଙ୍କର କେତେକ ଅତ୍ୟାବଶ୍ୟକ ସର୍ବନିମ୍ନ ଆବଶ୍ୟକତା ରହିଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ସେଗୁଡ଼ିକୁ ସର୍ବାଧିକ ଅଗ୍ରାଧିକାର ଦିଆଯିବା ଦରକାର ।

ଶିଳ୍ପ ଓ ବ୍ୟବସାୟର ପରିଚାଳନାକୁ ଗଣତାନ୍ତ୍ରିକ ରୀତିରେ ପର୍ଯ୍ୟବେସିତ କରିବା ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟାର ଦ୍ୱିତୀୟ ଲକ୍ଷ୍ୟ । ସେହି ଦୃଷ୍ଟିରୁ ପ୍ରଥମେ ଯଥାଯଥ ଭାବରେ ଖାଉଟି ଉତ୍ପାଦକ ଓ ଶ୍ରମିକମାନଙ୍କର ସମବାୟ ସଂସ୍ଥା ଗଠନକରି ସେଗୁଡ଼ିକୁ ଶକ୍ତିଶାଳୀ କରିବାକୁ ପଡ଼ିବ । ଦ୍ୱିତୀୟତଃ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣକୁ ଉତ୍ସାହିତ କରିବାକୁ ହେବ । ଏପର୍ଯ୍ୟନ୍ତ ଏ ଦିଗରେ ଯାହା ହୋଇଛି ତା ପ୍ରାୟ କିଛି ନୁହେଁ । ଖାଲି ଯାହା ସାମୂହିକ ବିନିମୟଲାଗି କ୍ଷେତ୍ର ପ୍ରସ୍ତୁତ ହୋଇପାରିଛି ।

ସରକାରୀ ଶିଳ୍ପଗୁଡ଼ିକରେ ମଧ୍ୟ ପରିସ୍ଥିତି କୌଣସି ଦୃଷ୍ଟିରୁ ଭିନ୍ନ ନୁହେଁ । ସେ ପରିସ୍ଥିତି ସ୍ପଷ୍ଟ କରିଦେଉଛି ଯେ କେବଳ ଜାତୀୟକରଣ ଆଇନ ବା ପୁଞ୍ଜି ମାଲିକାନାକୁ ସମାଜର ନିୟନ୍ତ୍ରଣାଧିନ କରିବା ଦ୍ୱାରା ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ମଧ୍ୟରେ ସଂପର୍କ ବଦଳି ପାରିନାହିଁ ।

## ସାର୍ଥକ ଅଂଶ ଗ୍ରହଣ

ପରିଚାଳନାରେ ଶ୍ରମିକମାନଙ୍କର ସାର୍ଥକ ଅଂଶ ଗ୍ରହଣ ନିମନ୍ତେ ଶ୍ରମିକମାନଙ୍କୁ କାରଖାନା ଇକ୍ୟୁଟି ପୁଞ୍ଜିରେ ଅଂଶୀଦାର ହେବାକୁ ପଡ଼ିବ ଏବଂ ଏଥିଲାଗି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ହେବ ।

ଡ଼ିରେକ୍ଟର, ଗୋଖଲେ ଅର୍ଥନୈତିକ
ଓ ରାଜନୈତିକ ପ୍ରତିଷ୍ଠାନ, ପୁନା

## ଢେଙ୍କାନାଳ ଜିଲ୍ଲାପାଳଙ୍କର ରକ୍ତ ଦାନ

ଢେଙ୍କାନାଳ ସଦର ବ୍ଲକର ସଂପ୍ରସାରଣ ଅଫିସର ଶ୍ରୀ ଦିବାକର ପ୍ରଧାନ ନିର୍ବାଚନ କାର୍ଯ୍ୟରେ ଜିପ୍‌ରେ ଯାଉଥିବାବେଳେ ଗୋଟିଏ ବଳଦଗାଡ଼ିର ପଛଭାଗ ଦଣ୍ଡା ବଳଦ ଛୁଟିଯିବା କାରଣ ଯୋଗୁଁ ଶ୍ରୀ ପ୍ରଧାନଙ୍କ ପେଟରେ ଶକ୍ତ ଭାବରେ ଆଘାତ କଲା । ଶ୍ରୀ ପ୍ରଧାନ ଭୟଙ୍କର ଭାବରେ ରକ୍ତ ପ୍ଳୁତ ହୋଇ ସେଠାରେ ଗୁରୁତର ଆହତ ହୋଇପଡ଼ିଲେ ଓ ସେଠାରେ ଜ୍ଞାନ ହରାଇ ବସିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଆଶୁ ଚିକିତ୍ସା ପାଇଁ ଢେଙ୍କାନାଳ ଡାକ୍ତରଖାନାରେ ଭର୍ତ୍ତି କରାଗଲା ଓ ଢେଙ୍କାନାଳ ଡ଼ାକ୍ତରଖାନାରେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନେ ତୁରନ୍ତ ଚିକିତ୍ସା କାର୍ଯ୍ୟରେ ଲାଗି ପଡ଼ିଲେ । ଖବର ପାଇ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀମତୀ ସରୀତା ଜୟନ୍ତ ଦାସ ଡ଼ାକ୍ତରଖାନାରେ ନିଜେ ଶ୍ରୀ ପ୍ରଧାନଙ୍କୁ ଦେଖିବାକୁ ଯାଇଥିଲେ ଓ ତାଙ୍କର ସମସ୍ତ ଚିକିତ୍ସାର ସୁ-ବ୍ୟବସ୍ଥା କରିଥିଲେ । ରକ୍ତ ଦେବା ଆବଶ୍ୟକ ହେବାରୁ ଜିଲ୍ଲାପାଳ ଶ୍ରୀମତୀ ଦାସ ସେଠାରେ ୨୫୦ ସି. ସି. ରକ୍ତଦାନ କରିଥିଲେ ।

# THE ORISSA FOREST CORPORATION LIMITED

( A GOVERNMENT OF ORISSA UNDERTAKING )

## REGISTERED OFFICE : LEWIS ROAD

BHUBANESWAR-2

Phone : 51086

Gram : FOREST CORP

**FOR YOUR REQUIREMENT OF TIMBER, SAL SEEDS AND KENDU LEAVES (Used in Bidi Wrappers)**

1. Durable & Quality Timbers of all varieties including Sal, Teak, Piasal, Gambhari, Sisoo, Bandhan and Kurum both in round form and sawn sizes and charcoal.
2. Wooden figurettes, decorative pieces for Museums, office, library and home.
3. All kinds of wooden products for furnishing your house
4. Sal seeds
5. Processed Kendu leaves of export quality

**PLEASE CONTACT**

DIVISIONAL MANAGERS (KENDU LEAF)

Angul

Bhawanipatna

Balangir

Boudh

Jharsuguda

Sambalpur

Regional Marketing Executive, 24/25, Rupchand Roy Street, Calcutta-7.

Regional Marketing Executive, Madras Sales Centre, 4, Cementry Road, Madras-21.

and

Regional Marketing Executive, Hyderabad Sales Centre, Hyderabad.

DIVISIONAL MANAGERS (TIMBER)

Baripada

Cuttack

Dhenkanal

Jajpur Road

Jharsuguda

Jeypore

Nowrangpur

Sambalpur

Rourkela

Baliguda

Bhanjanagar

Berhampur

Poteru (Koraput)

# ପଞ୍ଚାୟତ ରାଜ ୧୯୭୭ ମାର୍ଚ୍ଚ ଯାଏ ଅଗ୍ରଗତିର ଏକ ସମୀକ୍ଷା

ପଞ୍ଚାୟତି ରାଜ ବ୍ୟବସ୍ଥାରେ ସାଧାରଣତଃ ୩ଟି ପର୍ଯ୍ୟାୟର ସଂଗଠନ ଅନ୍ତର୍ଭୁକ୍ତ । ପ୍ରଥମ ପର୍ଯ୍ୟାୟଟି ଗ୍ରାମ ସ୍ତରୀୟ, ୨ୟ ଟି ବ୍ଲକ, ଓ ୩ୟଟି ଜିଲ୍ଲା ସ୍ତରୀୟ ।

ଏହି ୩ ପର୍ଯ୍ୟାୟ ବିଶିଷ୍ଟ ପଞ୍ଚାୟତ ରାଜ ସଂଗଠନ ଯେଉଁ ସବୁ ରାଜ୍ୟରେ ପ୍ରଚଳିତ ସେଗୁଡ଼ିକ ହେଲେ ଅନ୍ଧ୍ର ପ୍ରଦେଶ, ବିହାର (୫୧ ଜିଲ୍ଲା ମଧ୍ୟରୁ କେବଳ ୮ ଟି ଜିଲ୍ଲାରେ ) ଗୁଜୁରାଟ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡି ଗଡ଼ । କର୍ଣ୍ଣାଟକ ଓ ତାମିଲନାଡୁରେ ଗ୍ରାମ୍ୟ ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ପଞ୍ଚାୟତ ସଂଗଠନ ଅନ୍ୟ ରାଜ୍ୟ ସହିତ ସମାନ । କିନ୍ତୁ ଜିଲ୍ଲା ସ୍ତରରେ ଜିଲ୍ଲା ଉନ୍ନୟନ ପରିଷଦକୁ କୌଣସି ପ୍ରଶାସନିକ କ୍ଷମତା ଦିଆ ଯାଇ ନାହିଁ । ଏହା କେବଳ ଏକ ପରାମର୍ଶଦାତା ସଂସ୍ଥା ରୂପେ ପରିଗଣିତ ।

ପଶ୍ଚିମବଙ୍ଗରେ ପଞ୍ଚାୟତି ରାଜ ୪ ପର୍ଯ୍ୟାୟ ବିଶିଷ୍ଟ । ଏହି ପର୍ଯ୍ୟାୟଗୁଡ଼ିକ ହେଲେ ଗ୍ରାମ ପଞ୍ଚାୟତ, ଅଞ୍ଚଳ ପଞ୍ଚାୟତ ଆଞ୍ଚଳିକ ପଞ୍ଚାୟତ ଓ ଜିଲ୍ଲା ପଞ୍ଚାୟତ । କିନ୍ତୁ ରାଜ୍ୟରେ ପଞ୍ଚାୟତ ସଂଗଠନକୁ ତିନି ପର୍ଯ୍ୟାୟ ବିଶିଷ୍ଟ କରିବା ଲାଗି ପଶ୍ଚିମବଙ୍ଗ ସରକାର ୧୯୭୫ ମସିହାରେ ଏକ ନୂଆ ଆଇନ କରିଛନ୍ତି । ଏହି ନୂଆ ଆଇନ ଅନୁଯାୟୀ ପଞ୍ଚାୟତି ରାଜ ନିର୍ବାଚନ କରିବା ଲାଗି ଆବଶ୍ୟକ ପ୍ରାକ୍ ପ୍ରସ୍ତୁତି ସଂପୂର୍ଣ୍ଣ ହୋଇ ସାରିଲାଣି । ନିର୍ବାଚନ ଲାଗି ନିସ୍ପତ୍ତି ନିଆଯିବା ପରେ ନିର୍ବାଚନ କରାଯିବ ।

ହିମାଚଳ ପ୍ରଦେଶରେ ୧୨ ଟି ଜିଲ୍ଲା ମଧ୍ୟରୁ କେବଳ ୨ ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଗଠନର ବ୍ୟବସ୍ଥା ରହିଛି । ଆସାମ, ହରିଆନା, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ ଓ ଓଡ଼ିଶାରେ ଗ୍ରାମ ପଞ୍ଚାୟତି ଓ ପଞ୍ଚାୟତ ସମିତି ଭଳି ୨ ଟି ପର୍ଯ୍ୟାୟରେ ପଞ୍ଚାୟତ ରାଜ କାର୍ଯ୍ୟକାରୀ ହେଉଛି । ଓଡ଼ିଶା ଓ ହରିଆନାରେ ଜିଲ୍ଲା ପରିଷଦ ସଂଗଠନକୁ ଉଠାଇ ନିଆଯାଇଛି । ମଧ୍ୟ ପ୍ରଦେଶରେ ଏ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଗଠନ କରା ଯାଇ ନାହିଁ । କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରୁ ଦାଦ୍ରା, ନଗରହାବେଲୀ ଓ ପଣ୍ଡିଚେରୀରେ ପଞ୍ଚାୟତ ସଂଗଠନର ୨ୟ ପର୍ଯ୍ୟାୟ ରହିଛି । ପଣ୍ଡିଚେରୀର ପଞ୍ଚାୟତି ବ୍ୟବସ୍ଥାର ପ୍ରଥମ ପର୍ଯ୍ୟାୟ ଅର୍ଥାତ ଗ୍ରାମ ପଞ୍ଚାୟତ ସଂଗଠନ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ । ନଗରହାବେଲୀରେ ଦ୍ୱିତୀୟ ପର୍ଯ୍ୟାୟର ସଂଗଠନ କେବଳ ଉପଦେଷ୍ଟା ସଂସ୍ଥା ଭାବରେ କାର୍ଯ୍ୟ କରୁଛି । ଜାମ୍ମୁ କାଶ୍ମୀର, କେରଳ, ମଣିପୁର, ସିକିମ୍, ତ୍ରିପୁରା, ଆଣ୍ଡାମାନ ଓ ନିକୋବର ଦ୍ୱୀପ ପୁଞ୍ଜ, ଦିଲ୍ଲୀ ଏବଂ ଗୋଆ, ଦାମନ ଡ଼ିଉରେ କେବଳ ଗ୍ରାମ ପଞ୍ଚାୟତ ସଂସ୍ଥା କାର୍ଯ୍ୟକାରୀ ହେଉଛି ।

## ଗ୍ରାମ ପଞ୍ଚାୟତ

ପଞ୍ଚାୟତି ରାଜର ପ୍ରଥମ ପର୍ଯ୍ୟାୟ ଗ୍ରାମ ପଞ୍ଚାୟତ ମିଜୋରାମ ଓ ପଣ୍ଡିଚେରୀକୁ ବାଦ ଦେଇ ଅନ୍ୟ ସବୁ ରାଜ୍ୟ ପଣ୍ଡିଚେରୀରେ ୧୯୭୪ ମସୀହା ଜାନୁଆରୀ ୨୬ ତାରିଖରେ ଗ୍ରାମ ପଞ୍ଚାୟତ ସଂସ୍ଥା ଗଠିତ ହୋଇନାହିଁ ।

ବ୍ୟବସ୍ଥା କେବଳ ମେଘାଳୟ ନାଗାଲାଣ୍ଡ, ଲକ୍ଷାଦ୍ୱୀପ, ଓ କେନ୍ଦ୍ର ଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ପଞ୍ଚାୟତି ରାଜ ବ୍ୟବସ୍ଥା ଲାଗୁ ହେଲେବି ଏ ପର୍ଯ୍ୟନ୍ତ

ଏକ ଅନୁଧ୍ୟାନରୁ ଜଣା ଯାଏ ଯେ ୧୯୭୫ ମସିହା ମାର୍ଚ୍ଚ ୩୧ ତାରିଖ ଭାରତରେ ଗ୍ରାମ ପଞ୍ଚାୟତଗୁଡ଼ିକର ମୋଟ ସଂଖ୍ୟା ୨୨୦,୧୩୯ ଥିବା ବେଳେ ୧୯୭୬ ମାର୍ଚ୍ଚ ୩୧ ତାରିଖ ବେଳକୁ ଏହାର ସଂଖ୍ୟା ୨୨୧,୭୨୭ କୁ ବୃଦ୍ଧି ପାଇଥିଲା । ଆନ୍ଧ୍ର ପ୍ରଦେଶ, ଗୁଜୁରାଟ, ହରିଆନା, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ଉତ୍ତର ପ୍ରଦେଶରେ କେତେକ ନୂତନ ପଞ୍ଚାୟତ ସୃଷ୍ଟି ଓ ସିକିମ ପଞ୍ଚାୟତ- ଗୁଡ଼ିକର ଭାରତ ସହ ମିଶ୍ରଣ ଫଳରେ ଗ୍ରାମ ପଞ୍ଚାୟତ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇ ପାରିଛି । ବର୍ତ୍ତମାନ ଦେଶର ୫ ଲକ୍ଷ ୭୬ ହଜାର ଗ୍ରାମ, ଗ୍ରାମ ପଞ୍ଚାୟତ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି । ତା ଅର୍ଥ, ସମୁଦାୟ ଗ୍ରାମ ସଂଖ୍ୟାର ଶତକଡ଼ା ୯୬.୬ ଭାଗ ଗ୍ରାମରେ ଗ୍ରାମ ପଞ୍ଚାୟତ ପ୍ରବର୍ତ୍ତିତ ହୋଇ ପାରିଛି । ସର୍ବ ଭାରତୀୟ ଭିତ୍ତିରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ହାରା ହାରି ୨.୬ ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରା ଯାଇଛି ।

୧୯୭୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ମୋଟ ୪୪ କୋଟି ୧୬ ଲକ୍ଷ ଲୋକ ଗ୍ରାମ ପଞ୍ଚାୟତର ପରିସର ଭୁକ୍ତ ହୋଇ ଥିଲେ । ଯେଉଁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତାଞ୍ଚଳରେ ଗ୍ରାମ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି, ସେ ଅଞ୍ଚଳର ମୋଟ ଗ୍ରାମୀଣ ଜନ ସଂଖ୍ୟାର ଏହା ହେଉଛି.... ଶତକଡ଼ା ୯୯.୪ ଭାଗ । ସର୍ବ ଭାରତୀୟ ହିସାବରେ ୧୯୭୫-୭୬ ବର୍ଷରେ ପ୍ରତି ଗ୍ରାମ ପଞ୍ଚାୟତରେ ହାରା ହାରି ଜନ ସଂଖ୍ୟା ଥିଲା ୧,୯୮୨ ।

## ପଞ୍ଚାୟତ ସମିତି

ପଞ୍ଚାୟତ ରାଜର ୨ୟ ପର୍ଯ୍ୟାୟଟି ସାଧାରଣତଃ ପଞ୍ଚାୟତ ସମିତି ନାମରେ ପରିଚିତ । କେତେକ ରାଜ୍ୟରେ ଏହା ମଧ୍ୟ ଭିନ୍ନ ନାମରେ ପରିଚିତା । ଆନ୍ଧ୍ର ପ୍ରଦେଶ, ବିହାର, ଗୁଜୁରାଟ, ହରିଆନା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ଅରୁଣାଚଳ ପ୍ରଦେଶ ପ୍ରଭୃତି ରାଜ୍ୟ ଓ ଚଣ୍ଡିଗଡ଼ କେନ୍ଦ୍ର ଶାସିତାଞ୍ଚଳରେ ପଞ୍ଚାୟତ ସମିତି ବ୍ୟବସ୍ଥା କାର୍ଯ୍ୟ- କାରୀ ହେଉଛି । ଦାଦ୍ରା, ନଗରହାବେଲିରେ ପଞ୍ଚାୟତି ରାଜର ୨ୟ ପର୍ଯ୍ୟାୟରେ ଯେଉଁ ବରିଷ୍ଠ ସମିତି ରହିଛି ତାହା ଏକ ଉପଦେଷ୍ଟା ସଂସ୍ଥା ଭାବରେ କାର୍ଯ୍ୟ କରୁଛି । କେବଳ ଗୁଜୁରାଟ ଓ କର୍ଣ୍ଣାଟକ ବ୍ୟତୀତ ଅନ୍ୟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତାଞ୍ଚଳରେ ବ୍ଲକ ସ୍ତରରେ ପଞ୍ଚାୟତ ସମିତି କାର୍ଯ୍ୟକାରୀ ହେଉଛି । ମାତ୍ର ଗୁଜୁରାଟ ଓ କର୍ଣ୍ଣାଟକରେ ତାଲୁକ ସ୍ତରରେ ପଞ୍ଚାୟତ ସମିତି ଗଠନ କରାଯାଇଛି ।

୧୯୭୬ ମସିହା ମାର୍ଚ୍ଚ ୩୧ ତାରିଖ ବେଳକୁ ସମଗ୍ର ଦେଶରେ ମୋଟ ୪୦୧୭ ପଞ୍ଚାୟତ ସମିତି ଗଠିତ ହୋଇ- ପାରିଛି । ୧୯୭୫ ମାର୍ଚ୍ଚ ଶେଷ ବେଳକୁ ପଞ୍ଚାୟତ ସମିତିର ମୋଟ ସଂଖ୍ୟା ଥିଲା ୪,୦୧୦ । ୧୯୭୫-୭୬ ବର୍ଷର ସମୀକ୍ଷା ଅନୁଯାୟୀ ସର୍ବ ଭାରତୀୟ ଭିତ୍ତିରେ ହାରାହାରି ପ୍ରତି ୫୫ ଟି ଗ୍ରାମ ପଞ୍ଚାୟତ ପାଇଁ ଗୋଟିଏ ପଞ୍ଚାୟତ ସମିତି ଥିଲା । ଓଡ଼ିଶାରେ ସର୍ବନିମ୍ନ ୧୨.୨ ଟି ଗ୍ରାମ ପଞ୍ଚାୟତ ପାଇଁ ଗୋଟିଏ ପଞ୍ଚାୟତ ସମିତି ଥିଲା । କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତ୍ୟେକ ପଞ୍ଚାୟତ ସମିତିରେ ହାରାହାରି ୨୦ ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ ।

## ଜିଲ୍ଲା ପରିଷଦ

ପଞ୍ଚାୟତି ରାଜର ୩ୟ ଓ ସର୍ବୋଚ୍ଚ ପର୍ଯ୍ୟାୟ ହେଉଛି ଜିଲ୍ଲା ପରିଷଦ । କିନ୍ତୁ ଅନ୍ୟ କେତେକ ରାଜ୍ୟରେ ଜିଲ୍ଲା ପରିଷଦ ଭିନ୍ନ ନାମରେ ପରିଚିତ । ସାଧାରଣତଃ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ଗଠିତ ହୋଇଥାଏ । ମାତ୍ର ଆସାମ ଓ ତାମିଲନାଡୁରେ ଯଥାକ୍ରମେ ସବ୍‌ଡିଭିଜନ ଓ ଉନ୍ନୟନ ଜିଲ୍ଲା ଭିତ୍ତିରେ ଜିଲ୍ଲା ପରିଷଦ ଗଠନ କରା ଯାଇଛି ।

ଆନ୍ଧ୍ର ପ୍ରଦେଶ, ବିହାର (କେବଳ ୮ଟି ଜିଲ୍ଲା) ଗୁଜରାଟ, ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ଅରୁଣାଚଳ ପ୍ରଦେଶ ଓ ଚଣ୍ଡିଗଡ଼ରେ ପଞ୍ଚାୟତି ରାଜର ଏହି ସର୍ବୋଚ୍ଚ ସଂସ୍ଥା କାର୍ଯ୍ୟକାରୀ ହେଉଛି । କର୍ଣ୍ଣାଟକରେ ଜିଲ୍ଲା ପରିଷଦ ପରିବର୍ତ୍ତେ ଜିଲ୍ଲା ସ୍ତରରେ ଉପଦେଷ୍ଟା ସଂସ୍ଥା ଭାବରେ ଜିଲ୍ଲା ଉନ୍ନୟନ ପରିଷଦ ଗଠନ କରାଯାଇଛି । ହିମାଚଳ ପ୍ରଦେଶର ୧୨ ଟି ଜିଲ୍ଲାରୁ କେବଳ ୨ ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଗଠନ କରାଯାଇଛି । ହରିଆନାରେ ଜିଲ୍ଲା ପରିଷଦ ଉଠାଇ ଦିଆ ଯାଇଛି ଏବଂ ମଧ୍ୟ ପ୍ରଦେଶରେ ଏ ପର୍ଯ୍ୟନ୍ତ ଗଠିତ ହୋଇ ନାହିଁ ।

୧୯୭୬ ମସିହା ମାର୍ଚ୍ଚ ଶେଷ ବେଳକୁ ଦେଶରେ ମୋଟ ୨୫୨ ଟି ଜିଲ୍ଲା ପରିଷଦ ଥିଲା ଏବଂ ତା ମଧ୍ୟରେ ୧୨ ଟି ହେଉଛି କର୍ଣ୍ଣାଟକର ଜିଲ୍ଲା ଉନ୍ନୟନ ପରିଷଦ ।

ସର୍ବ ଭାରତୀୟ ହିସାବ ଅନୁଯାୟୀ ୧୯୭୫-୭୬ ବର୍ଷରେ ପ୍ରାୟ ୧୬ଟି ପଞ୍ଚାୟତ ସମିତି ଲାଗି ଗୋଟିଏ ଲେଖାଏଁ ଜିଲ୍ଲା ପରିଷଦ ଗଠିତ ହୋଇଥିଲା । କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରୁ କେବଳ ଅରୁଣାଚଳ ପ୍ରଦେଶ ଓ ଚଣ୍ଡିଗଡ଼ରେ ଜିଲ୍ଲା ପରିଷଦ ରହିଛି ।

୧୯୭୬ ମାର୍ଚ୍ଚ ଶେଷ ବେଳକୁ ଦେଶର ଶତକଡ଼ା ୬୫ ଭାଗ ଜିଲ୍ଲାରେ ଜିଲ୍ଲା ପରିଷଦ ଗଠିତ ହୋଇଥିଲା ।

(ଭାରତ ସରକାରଙ୍କ ପ୍ରେସ ଇନଫରମେସନ ବ୍ୟୁରୋଙ୍କ ଆନୁକୂଲ୍ୟରୁ)



# ବିପ୍ଳବର ଭିନ୍ନନାମ

ଶ୍ରୀ ଦାଶରଥ ସାମଲ

ସୁବର୍ଣ୍ଣପୁରର ସବର୍ଣ୍ଣଲୋକେ ଅପେକ୍ଷା କରିଛନ୍ତି ହରିଜନମାନଙ୍କୁ । ସେମାନେ ପ୍ରଥମେ ଆସି କ୍ଷମା ଭିକ୍ଷା କଲେ, ତା'ପରେ ସମାଧାନର ସୂତ୍ର ଆପେ ଆପେ ବାହାରିବ । ଏଇ ଧାରଣା ସବର୍ଣ୍ଣଲୋକମାନଙ୍କ ମଧ୍ୟରେ କ୍ରମଶଃ ଦୃଢ଼ୀଭୂତ ହୋଇଥିଲା ।

ଏଣେ ବୟସ୍କ ହରିଜନମାନଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଯେଉଁ ଆଗ୍ରହ ଓ ଉତ୍ସାହ ପ୍ରକାଶ ପାଉଥିଲା, ତାହା ଧୀରେ ଧୀରେ ଅଶ୍ୱିନୀଙ୍କ ଗୁପ ଓ ପ୍ରବର୍ତ୍ତନା ଫଳରେ କ୍ରମଶଃ ମଉଳିବାରେ ଲାଗିଲା ଶଙ୍କର ଓ ଅନ୍ୟାନ୍ୟ ବୟସ୍କଲୋକେ କେବଳ ଅନୁତାପ ଓ ଅନୁଶୋଚନାରେ ରହିଗଲେ ଚୁପ ଚୁପ୍ ହୋଇ । ଅଶ୍ୱିନୀ ପୂଜାରିଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଲାଗି ସେମାନଙ୍କ ମଧ୍ୟରେ ପ୍ରବଳ ପ୍ରତିବାଦର ସ୍ୱର ଗୁମୁରି ଉଠୁଥିଲେ ମଧ୍ୟ ସେମାନେ ସବୁ ପାଟି ଫିଟାଇବାକୁ ସାହସ କରି ପାରୁ ନ ଥିଲେ ।

ଦୁର୍ଯ୍ୟୋଧନ ଏବେ ତିନି ଦିନ ହେଲା ଫେରିଲେଣି ଗାଁକୁ । ତାଙ୍କ ହାତରେ ଏକ ଶକ୍ତ ପ୍ରହାର ଦେଇ ରଙ୍କ ଦାସ ଦୁର୍ଯ୍ୟୋଧନଙ୍କୁ ହଠାତ୍ ଅଚେତ୍ କରିଦେଇଥିଲା । ସେଥିପାଇଁ ଦୁର୍ଯ୍ୟୋଧନ ଡାକ୍ତରଖାନାରେ ପନ୍ଦରଦିନ କଟାଇ ଏବଂ ହାତ ଭଲ ହେଲାପରେ ଗତକାଲି ଫେରିଆସିଛନ୍ତି ଗାଁକୁ ।

ସର୍ବୋଦୟ କର୍ମୀ ଦୁର୍ଯ୍ୟୋଧନ ଗାଁକୁ ଫେରିଲା ପରେ ତାଙ୍କୁ ଭେଟିବାକୁ ଆସିଛନ୍ତି ଅନେକ ଲୋକ । କାରଣ ତାଙ୍କ ଭଳି ଅହିଂସା ଓ ନ୍ୟାୟବାନ୍ ଲୋକଙ୍କ ଉପରେ ଏପରି ଏକ ବର୍ବର ଆକ୍ରମଣର ପ୍ରତିଶୋଧ ନେବାଲାଗି ଅନେକଙ୍କ ମନରେ କ୍ରୋଧାଗ୍ନି ଜଳୁଥିଲା ଏବଂ ଆଉ କେତେକ ଆସିଥିଲେ ତାଙ୍କୁ ସମବେଦନା ଜଣାଇବାଲାଗି ।

ଦୁର୍ଯ୍ୟୋଧନ ତାଙ୍କ ପିଣ୍ଡାଉପରେ ସପଟିଏ ପକାଇ ବସିଥିଲେ । ଦଳଦଳ ହୋଇ ଲୋକ ଆସୁଛନ୍ତି ତାଙ୍କ ପାଖକୁ । ସମସ୍ତଙ୍କୁ ହସି ହସି ଶାନ୍ତ ହେବାଲାଗି କହୁଛନ୍ତି ଦୁର୍ଯ୍ୟୋଧନ । ଏବେ ସୁଦ୍ଧା ଉତ୍ତେଜିତ ଯୁବକମାନଙ୍କୁ ପାଖକୁ ଡାକି ଦୁର୍ଯ୍ୟୋଧନ କହୁଛନ୍ତି—ରଙ୍କ ତା'ର ଭୁଲ ବୁଝିବ ନିଶ୍ଚୟ ଦିନେ । ସେ ମତେ ରାଗରେ ପିଟିଦେଲା ବୋଲି ତମେ କ'ଣ ତାକୁ ପିଟିବ ? ଯେ କ୍ଷମା ଦେଇ ଜାଣେ, ସେଇ ଏକା ଏ ପୃଥିବୀକି ସମାଳିବ ।

ସୁବର୍ଣ୍ଣପୁରର ଯୁବକମାନଙ୍କ ମଧ୍ୟରେ ହୁହୁଳି ହୁହୁଳି ରହିଥିବା କ୍ରୋଧ ଯେପରି ଦୁର୍ଯ୍ୟୋଧନଙ୍କ ଶାନ୍ତ ସମାହିତ କଣ୍ଠସ୍ୱରରେ କ୍ରମଶଃ ଶୀତଳ ପଡ଼ିଯାଉଥିଲା । ସେମାନେ ଭାବୁଥିଲେ ଦୁର୍ଯ୍ୟୋଧନ ବାବୁ ସାରା ଜୀବନ ବିତାଇଦେଲେ ଜନତାର ସେବାରେ । ତାଙ୍କରି ସାଙ୍ଗରେ ଯେଉଁମାନେ ରାଜନୀତି କରୁଥିଲେ, ସେମାନେ ଆସି ସମସ୍ତେ ପ୍ରତିଷ୍ଠିତ । କେହି କେହି ମନ୍ତ୍ରୀ, ଏମ୍, ଏଲ. ଏ. ପଞ୍ଚାୟତ ସମିତି ଚେୟାରମ୍ୟାନ୍ କିମ୍ବା ସମାଜର ଭିନ୍ନ ଭିନ୍ନ ସ୍ତରରେ ପ୍ରତିଷ୍ଠିତ ଓ ବିତ୍ତଶାଳୀ ହୋଇଥିଲେ ମଧ୍ୟ ଦୁର୍ଯ୍ୟୋଧନ ରହିଗଲେ ସେହିପରି ନିଃସ୍ୱ, ନିଃସ୍ୱାର୍ଥପର ସମାଜସେବୀ ହୋଇ ।

୧୯୪୨ ଅଗଷ୍ଟ ଆନ୍ଦୋଳନରେ ଜେଲରୁ ମୁକ୍ତି ଲାଭ କଲା ପରେ ସେ ଆଣ୍ଠୁ ନ ଢ଼େଙ୍କୁଥିବା ଲୁଗା ଖଣ୍ଡିଏ ପିନ୍ଧି, ଛୋଟ ଖଦଡଟିଏ କାନ୍ଧରେ ପକାଇ ବହୁବର୍ଷ ରହିଯାଇଥିଲେ କୋରାପୁଟର ମାଳ ଅଞ୍ଚଳରେ । ଗତ ଦୁଇବର୍ଷ ହେଲା ସେ ଫେରିଆସିଛନ୍ତି ଗାଁକୁ ।

ଦୁର୍ଯ୍ୟୋଧନ ବାବୁଙ୍କୁ ସମସ୍ତେ ସହାନୁଭୂତି ଜଣାଉଥିଲେ । ସେ ବସିଥିଲେ ପିଣ୍ଡା ଉପରେ ଯେପରି ସମସ୍ତ ଗାଁ ଲୋକଙ୍କ ମନକଥା ଏକାନ୍ତରେ ବୁଝିଲା ପରି ।

ଦୁର୍ଯ୍ୟୋଧନବାବୁ ଉତ୍ତେଜିତ ଲୋକମାନଙ୍କୁ ଶାନ୍ତହେବା ପାଇଁ କହୁଥିଲେ । ବିକ୍ଷୁବ୍ଧ ଲୋକେ ତାଙ୍କ ପାଖରେ ବସି ଏକାନ୍ତ ସମୟରେ କଥାବାର୍ତ୍ତା କଲାପରେ, ଅବଶ୍ୟ ଶାନ୍ତ ପଡ଼ି ଆସୁଥିଲେ ।

ସେଦିନ ଛାଇ ଲେଉଟାବେଳ । ଆକାଶରେ ପୁଞ୍ଜାଏ ଉପାମେଘ ବାଟ ହୁଡ଼ିଲା ପରି ଘୂରି ବୁଲୁଛି । ଗ୍ରୀଷ୍ମ ତାତିର ପ୍ରକୋପ ମଉଳି ନଥିଲେ ସୁଦ୍ଧା ଉପା ମେଘର ଆଡୁଆଳରେ ସେ ଲୁଚିଯାଇଛି ଆକାଶର କେଉଁ କୋଣରେ ।

ଦୁର୍ଯ୍ୟୋଧନବାବୁ ଧୀରେ ଧୀରେ ଚାଲିଲେ ଦିଗଦାଣ୍ଡି ଆଡ଼େ । ପ୍ରାୟ ଏକମାସ ହେଲା ଡାକ୍ତରଖାନାରେ ରହିଥିବାରୁ ସେ ଦେଖି ପାରିନାହାନ୍ତି ତାଙ୍କର ପ୍ରିୟ ଦିଗଦାଣ୍ଡିକୁ ।

ଦିଗଦାଣ୍ଡିର ବିରାଟ ଆଡ଼ି ଉପରେ ଠିଆହୋଇ ଆକାଶକୁ ଅନାଇଁଲେ ଦୁର୍ଯ୍ୟୋଧନ ମନେ କରନ୍ତି ସେ ଯେପରି ଏଇ ବିଶାଳ ପୃଥିବୀର ଏକମାତ୍ର ନରପତି । ଏଇ ସ୍ୱପ୍ନମୟ ଅନୁଭୂତି ଅତି ବାଳୁତ ଅବସ୍ଥାରେ ତାଙ୍କ ଚେତନାରେ ଜାଗ୍ରତ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ସେଇ ଆବେଗପୂର୍ଣ୍ଣ ଅନୁଭୂତି ସଜୀବ ରହିଛି ।

ଦୁର୍ଯ୍ୟୋଧନ ଦିଗଦାଣ୍ଡିର ସେଇ ବିଶାଳ ଆଡ଼ି ଉପରକୁ ଉଠିଯାଇ ଆକାଶକୁ ଚାହିଁଲେ । ଶୈଶବର ସେଇ ବିଲମ୍ବିତ ସୁନୀଳ ଆକାଶ, ଆଜି ଅବଶ୍ୟ ତାଙ୍କ ଭିତରେ ବିଶେଷ କୌତୁହଳ ସୃଷ୍ଟି କରୁନାହିଁ । ମାତ୍ର ଆଜିର ଏଇ ମେଘଢଙ୍କା ଆକାଶ ତଳେ ଦିଗଦାଣ୍ଡିର ସବୁଜ ପ୍ରାନ୍ତର ଓ ତାହାକୁ କେନ୍ଦ୍ର କରି ଗାଁ ଭିତରେ ସୃଷ୍ଟି ହୋଇଥିବା କୃତ୍ରିମ ବିଭେଦ ତାଙ୍କୁ ଯେପରି ଶୈଶବର 'ନରପତି' ଆସନରୁ ଓହ୍ଲାଇଆଣି ଏକ ଭୟତ୍ରସ୍ତ ପ୍ରଜା କରିଦେଲା ।

ଦୁର୍ଯ୍ୟୋଧନଙ୍କର ସେହି ଆଶୈଶବ ଭାବୁକତା କଟିଗଲା ହଠାତ୍ । ସେ ଆଡ଼ି ଉପରୁ ଓହ୍ଲାଇ ପଡ଼ି ଚାଲିଲେ ଦିଗଦାଣ୍ଡିର ଦକ୍ଷିଣ ଭାଗକୁ-ଯେଉଁଠାରେ ହରିଜନମାନେ ଜମି ଆବାଦ କରି ଧାନ ଫସଲ କରିଥିଲେ ।

ଗୋଟାଏ ମାସ ତଳେ ଦିଗଦାଣ୍ଡିର ଯେଉଁ ଅଂଶ ନୂତନ ଶସ୍ୟର ଶ୍ୟାମଳିମାରେ ଦେଖାଯାଉଥିଲା ଚହଟ ଚିକ୍କଣ, ଆଜି ସେହି ଅଂଶ ଦେଖାଯାଉଛି ଦିଗଦାଣ୍ଡିର ଅନ୍ୟ ଅଂଶ ପରି ଘାସମୟ । ସୁବର୍ଣ୍ଣପୁରର ସବର୍ଣ୍ଣ ଲୋକେ ଯଦି ସେଦିନ ଗାଈଗୋରୁ ପୂରାଇ ଧାନ କ୍ଷେତକୁ ଉଜୁଡ଼ାଇ ଦେଇ ନ ଥାନ୍ତେ, ତେବେ ବର୍ତ୍ତମାନ ପ୍ରଚୁର ଶସ୍ୟ ଭାରାରେ ନଇଁ ପଡୁଥାନ୍ତେ ଧାନଗଛମାନେ ! ଗରିବ ହରିଜନମାନେ ହୁଏତ ଧାନକାଟି କିଛିଦିନ ଚଳି ଯାଇଥାନ୍ତେ ।

ଦୁର୍ଯ୍ୟୋଧନ ଉଜୁଡ଼ା କ୍ଷେତକୁ ଆସି ଘୁରିଆଡ଼େ ଚାହିଁଲେ । ଆହା ! ବିଚରା ହରିଜନମାନେ ! କେତେ ସେମାନେ ପରିଶ୍ରମ କରି ନ ଥିଲେ !

ଦୁର୍ଯ୍ୟୋଧନ ଭାବିଲେ, ହରିଜନମାନେ ଅନାବାଦୀ ଜମିକୁ ଚାଷ କରିବାରେ କ'ଣ ଅବା ବାଧାଅଛି ? ସେମାନେ ଯଦି ଦିଗଦାଣ୍ଡିର କିଛି ଅଂଶ ଚାଷ କରିଥାନ୍ତେ, ତେବେ ସୁବର୍ଣ୍ଣପୁର, ମଣ୍ଡାସାହି ଲୋକମାନଙ୍କ ମଧ୍ୟରେ ହୁଏତ ଏତେ ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇ ନ ଥାନ୍ତା ।

ସୁବର୍ଣ୍ଣପୁରରେ ଏପର୍ଯ୍ୟନ୍ତ ଦିଗଦାଣ୍ଡିକୁ କେନ୍ଦ୍ରକରି ଯେତେ-ଗୁଡ଼ିଏ ଘଟଣା ଘଟିଯାଇଛି, ସେ ସବୁକୁ ମନେ ପକାଇ ଦୁର୍ଯ୍ୟୋଧନ ଦୁଃଖ ଓ ଅନୁତାପରେ ପଳେ ପଳେ ଜଳିବାକୁ ଲାଗିଲେ । ତାଙ୍କ ଭଳି ଲୋକ ଗାଁରେ ଥାଉ ଥାଉ ଏତେ ବଡ଼ ବିଭେଦ ଓ ଉତ୍ତେଜନା ସୃଷ୍ଟି ହୋଇଗଲା ? ବହୁ କଷ୍ଟରେ ଧାର ଉଧାର କରି ଯେଉଁ ହରିଜନମାନେ ଧାନ ରୋଇଥିଲେ ଓ ପ୍ରଥମ ଜମି ମାଲିକର ପ୍ରଭାତୀ ସ୍ୱପ୍ନରେ ମସ୍ଗୁଲ ରହିଥିଲେ, ଅବଶେଷରେ ସେମାନେ ପରାଜିତ ହେଲେ ? ଗତ ତିରିଶି ବର୍ଷ ଧରି ସମାଜର ଦଳିତ ଓ ଅବହେଳିତ ଲୋକଙ୍କୁ ସମାଜରେ ଥଇଥାନ କରିବା ପାଇଁ ସେ ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ ଓ ଶ୍ରମ କରିଆସିଛନ୍ତି ତାହାହିଁ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଗଲା ?

ଦୁର୍ଯ୍ୟୋଧନ ନିଜକୁ ଏକ ଅପରାଧୀ ମନେକଲେ । ତାଙ୍କ ଉପରେ ଯେଉଁ ମାଡ଼ହେଲା, ସେଥିପାଇଁ ତାଙ୍କର ତିଳେମାତ୍ର ଶୋଚନା ନାହିଁ । ମାତ୍ର ମାଡ଼ ବଦଳରେ ଯଦି ଉଭୟ ସବର୍ଣ୍ଣ ଓ ହରିଜନମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠିତ ହୋଇଥାନ୍ତା, ତା'ହେଲେ ହୁଏତ ସେ ସବୁଠାରୁ ସୁଖୀ ହୋଇଥାନ୍ତେ ।

ଦୁର୍ଯ୍ୟୋଧନ ସେହି ଶୂନ୍ୟ ଓ ରିକ୍ତ କ୍ଷେତରେ ବସିପଡ଼ିଲେ । ଆକାଶର ଉପରେମେଘ କ୍ରମେ କ୍ରମେ ଜମାଟ ବାନ୍ଧିଲାଣି । ସାରା ଆକାଶ ଛାଇ ହୋଇଗଲଣି ଘୋର ମେଘ ଅନ୍ଧକାରରେ, ଆଉ ଅଳ୍ପ ସମୟ ପରେ ହୁଏତ ବର୍ଷା ବର୍ଷିବ ମୂଷଳ ଧାରାରେ ।

ଦୁର୍ଯ୍ୟୋଧନଙ୍କର ବର୍ଷା ପ୍ରତି ନଜର ନାହିଁ । ତାଙ୍କୁ ଏ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ହରିଜନମାନଙ୍କୁ ଭିଲେଦକାମୀ ଚାଷୀ ମୂଲିଆ ଦଳର ନେତା ଅଶ୍ୱିନୀକୁମାରଙ୍କ ଶୋଷଣ କବଳରୁ ମୁକ୍ତ କରିବାକୁ ହେବ । ଦିଗଦାଣ୍ଡି ହେବ ହରିଜନମାନଙ୍କର କ୍ଷେତଜମି । ସେମାନେ ଚାଷୀ ହେବେ । ପ୍ରତ୍ୟେକ ହରିଜନ ଚାଷୀ ପାଇବେ ଅଧ ଏକର ଜମି ।

ମାତ୍ର ସୁବର୍ଣ୍ଣପୁର ଓ ମଣ୍ଡା ସାହିର ତଥାକଥିତ ସାଆନ୍ତ-ମାନଙ୍କ ହୃଦୟକୁ ପରିବର୍ତ୍ତନ କରିବାକୁ ପଡ଼ିବ । ସେମାନଙ୍କ ସାଆନ୍ତିଆ ମନୋଭାବ ମଧ୍ୟରେ ହରିଜନମାନଙ୍କ ପ୍ରତି ସ୍ନେହ ଓ ସହାନୁଭୂତି ଉଦ୍ରେକ କରାଇବାକୁ ପଡ଼ିବ ।

ସେମାନଙ୍କୁ ବୁଝାଇବାକୁ ପଡ଼ିବ ନିଖିଳ ଭାରତର ନୂତନ ବାର୍ତ୍ତା, ନୂତନ ସନ୍ଦେଶ । ଜୀବନକୁ ନୂଆ କରି ଗଢ଼ିବା ପାଇଁ, ସମାଜର ନିଷ୍ପେଷିତ ଓ ଅତ୍ୟାଚାରିତ ଜନସାଧାରଣଙ୍କୁ ସେମାନଙ୍କ ସହିତ ସମାନ ଭାବରେ ଚଳିବାପାଇଁ ସେମାନଙ୍କ ଦୃଷ୍ଟିକୋଣ ବଦଳାଇବାକୁ ହେବ ।

ଦୁର୍ଯ୍ୟୋଧନ ଭାବୁଥିଲେ, ଓଃ ମୁଣ୍ଡଉପରେ ତାଙ୍କର କେତେ ବୋଝ ! ଏସବୁ ସମସ୍ୟାର ସମାଧାନ ନ ହେଲେ, ଗାଁ ଲୋକଙ୍କ ମଧ୍ୟରେ ଶ୍ରଦ୍ଧା ଓ ଏକତା ପ୍ରତିଷ୍ଠିତ ନ ହେଲେ, ହରିଜନମାନଙ୍କୁ କିଛି କିଛି ଜମି ଚାଷ କରିବାକୁ ନ ଦେଲେ, ତାଙ୍କର କାମ ରହିଯିବ ଅପୂର୍ଣ୍ଣ । ଏହାହିଁ ତାଙ୍କୁ କରିବାକୁ ପଡ଼ିବ । ସଂଘର୍ଷ ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଭାବରେ, ହୃଦୟ ପରିବର୍ତ୍ତନ କରି ଏକ ଶୋଷଣହୀନ ସମାଜ ପ୍ରତିଷ୍ଠିତ କରିବାକୁ ପଡ଼ିବ । ତେଣୁ ରକ୍ତାକ୍ତ ସଂଘର୍ଷର ପ୍ରୟୋଜନ ଅବା କ'ଣ ?

ବର୍ଷା ପଡ଼ିଲାଣି ଟୁପୁ ଟୁପୁ । ଦୁର୍ଯ୍ୟୋଧନ ଅନାଇଲେ ଗାଁ ଆଡ଼କୁ । ମୂଷଳ ଧାରାରେ ବୃଷ୍ଟିପାତ ହେଉଛି ଏବଂ ଗାଁର ଗଛଲତା ଓ ଘରଦ୍ୱାର ସେପରି ଦେଖାଯାଉଛି କୁହେଳିକାପୂର୍ଣ୍ଣ ।

ଦୁର୍ଯ୍ୟୋଧନ ସେଠାରୁ ଉଠିଲେ ଏବଂ ତାଙ୍କ ସାହୀ ଓ ହରିଜନସାହୀକୁ ପଡ଼ିଥିବା ଦୋଛକି ରାସ୍ତାରେ ପହଞ୍ଚିଲା-ବେଳକୁ ପ୍ରଚଣ୍ଡ ବେଗରେ ବର୍ଷା ଆରମ୍ଭ ହୋଇଗଲା । ଦୁର୍ଯ୍ୟୋଧନ ଆଉ ଗାଁ ରାସ୍ତାରେ ନ ଯାଇ, ହରିଜନସାହୀକୁ ପଡ଼ିଥିବା ରାସ୍ତାରେ ଦଉଡ଼ିବାକୁ ଲାଗିଲେ ।

ବର୍ଷାର ବିରତି ନାହିଁ । ଦୁର୍ଯ୍ୟୋଧନଙ୍କ ଦଉଡ଼ା ବନ୍ଦ ହୋଇନାହିଁ ।

ସେ ପହଞ୍ଚିଗଲେ ହରିଜନ ସାହୀ ଠାକୁରାଣୀ ଘର ନିକଟରେ ଯେଉଁଠାରେ ଚାଷୀ ମୂଲିଆ ପାର୍ଟି ଅଫିସ୍ ହୋଇଥିଲା ।

ଦୁର୍ଯ୍ୟୋଧନ ବର୍ଷାରେ ତିନ୍ତି ବୁଡ଼ି ଠାକୁରାଣୀଘରେ ପହଞ୍ଚିଲା ବେଳକୁ ଦେଖିଲେ ସେଠାରେ ବସିଛନ୍ତି ଶଙ୍କର ଓ ଆଉ ଚାରି ପାଞ୍ଚଜଣ ହରିଜନଲୋକ । ତାଙ୍କୁ ବର୍ଷାରେ ଭିଜି ଭିଜି ପୁଣି ପାର୍ଟି ଅଫିସ୍‌ରେ ଆକସ୍ମିକ ଭାବରେ ଦେଖି ସେମାନେ ସବୁ ଚମକି ପଡ଼ିଲେ ।

ଦୁର୍ଯ୍ୟୋଧନଙ୍କ ପ୍ରତି ସମଗ୍ର ହରିଜନ ବସ୍ତିରେ ଥିଲା ଯଥେଷ୍ଟ ସମ୍ମାନ ଓ ସଂଭ୍ରମ । ତାଙ୍କୁ ଦେଖିଦେଲା ମାତ୍ରେ ସେମାନେ ସମସ୍ତେ ଗୁଳିଆସିଲେ ତାଙ୍କ ପାଖକୁ ଏବଂ ଶଙ୍କର ପଚାରି ବସିଲା—ଆଜ୍ଞା, ବର୍ଷା ଛାଡ଼ିଯାଇଥିଲେ ଆପଣ ଆସିଥାନ୍ତେ । ଅଯଥାରେ ବର୍ଷାରେ ତିନ୍ତିଗଲେ ସିନା !

ଦୁର୍ଯ୍ୟୋଧନ ନିଜ ଚଦରଟା ଚିପୁଡ଼ି ପୋଛିପାଛି ହେଲେ ଏବଂ ହସି ହସି କହିଲେ—ଅବିଜାତ ବର୍ଷାରତୁ । ବର୍ଷା କେତେବେଳେ ବର୍ଷିବ ଏବଂ କେତେବେଳେ ପୁଣି ଛାଡ଼ିବ, କହି ହେବ ନାହିଁ । ତେଣୁ ବର୍ଷାଦିନେ ଏମିତି ଭିଜିଗଲେ କିଛି କ୍ଷତି ନାହିଁ । ଆଉ ତମେମାନେ ସବୁ ଭଲ ଅଛ ତ ?

ଶଙ୍କର ଦୁର୍ଯ୍ୟୋଧନଙ୍କ ପାଖକୁ ଲାଗି ଆସି କହିଲା—ଆପଣଙ୍କ ପାଇଁ ଆଜ୍ଞା, ଆମ ସମସ୍ତଙ୍କ ଭିତରେ ନାହିଁ ନ ଥିବା ଦୁଃଖ । ପରର କଲ୍ୟାଣ ପାଇଁ ଆପଣ କେତେ କଷ୍ଟ ସହିଛନ୍ତି । ଗରିବ ଲୋକଙ୍କ ପାଇଁ ଆପଣଙ୍କ ପ୍ରାଣ କେତେ ବିକଳ ହେଉଛି । ଅଥଚ ବିନା କାରଣରେ ଦୋଷୀ ରଙ୍କ ପିଟିଦେଲା ଆପଣଙ୍କୁ । କେତେ କଷ୍ଟ ଭୋଗିଲେ ଆଜ୍ଞା । ଆମର ଦୋଷ ହୋଇଛି । ଆମକୁ ମାଫ୍ କରନ୍ତୁ ।

ଦୁର୍ଯ୍ୟୋଧନ ହସି ହସି ଶଙ୍କର ପିଠିରେ ହାତ ଆଉଁସାଇ ଆଣିଲେ । ସେ କହିଲେ—ଦୁନିଆଁରେ ସବୁଲୋକ କ'ଣ ସମାନ ଶଙ୍କର ? କିଏ କ୍ରୋଧୀ, କିଏ ଶାନ୍ତ । କିଏ ହିତାହିତ ଜ୍ଞାନ ଶୂନ୍ୟ, କିଏ ପୁଣି ବିବେକୀ । ରଙ୍କର କିଛି ଭୁଲ୍ ନାହିଁ । ସେ ଅନ୍ୟ କଥାରେ ମାତିଗଲା ସେଥିପାଇଁ ତା ଉପରେ ମୋର ତିଳେମାତ୍ର ରାଗ ନାହିଁ । ସେ ଯେଉଁଦିନ ତା'ର ଭୁଲ୍ ବୁଝିପାରିବ, ସେଦିନ ସବୁ ଠିକ୍ ହୋଇଯିବ ।

ବର୍ଷାର ବେଗ ଟିକିଏ ଥମିଛି । ଦୁର୍ଯ୍ୟୋଧନ ଠିଆ ହୋଇଛନ୍ତି । ଶଙ୍କର ଓ ଅନ୍ୟମାନେ ତାଳବରଡ଼ା ଚଟରେ ତାଙ୍କୁ ବସିବା ପାଇଁ ଯେତେ ଅନୁରୋଧ କଲେ, ସେ କିନ୍ତୁ ବସିଲେ ନାହିଁ । ଦୁର୍ଯ୍ୟୋଧନ କହିଲେ—ଲୁଗା ପଟା ସବୁତ ଓଦା, ଓଦା ଲୁଗା ପିନ୍ଧି କିପରି ବସିବିରେ ଶଙ୍କର ?

ବର୍ଷା ଥମିଲାପରେ କାହିଁ କେଉଁଠି ଥିଲା ରଙ୍କ କେଜାଣି, ହଠାତ୍ ପାର୍ଟି ଅଫିସ୍ ଭିତରକୁ ପଶିଯାଇ ଦୁର୍ଯ୍ୟୋଧନଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା—ମୋର ଆଜ୍ଞା ଭୁଲ୍ ହୋଇଛି । ମତେ କ୍ଷମା କରନ୍ତୁ । ସେଦିନ ରାଗ ତମରେ ଆପଣଙ୍କୁ ପାହାରେ ପିଟି ଦେଇଥିଲି । ଆପଣ ମତେ କ୍ଷମା ନ ଦେଲେ, ମୁଁ ତଳୁ ଉଠିବି ନାହିଁ ।

ଦୁର୍ଯ୍ୟୋଧନ ରଙ୍କର ଏପରି ପରିବର୍ତ୍ତନ ଓ ଅନୁତାପରେ ବିସ୍ମିତ ହୋଇଗଲେ । ସେ ହଠାତ୍ ନଇଁପଡ଼ି ରଙ୍କୁ ତଳୁ ଉଠାଇ ଆଣି କହିଲେ—ତୁ କିଛି ଅପରାଧ କରିନୁରେ ବାବା ! କ୍ଷମା ମାଗୁଛୁ କାହିଁକି ? ମୁଁତ ଛାର ମଣିଷଟିଏ । ମଣିଷକୁ କ'ଣ ମଣିଷ କ୍ଷମା ଦେଇପାରେ ? ତଥାପି ତୁ ଯଦି ତୋର ଭୁଲ୍ ବୁଝି ପାରିଛୁ, ତାହାହିଁ ତ ଯଥେଷ୍ଟ । ଉଠୁ—ଉଠୁରେ ରଙ୍କ ।

ରଙ୍କ ଉଠି ପଡ଼ିଲା ତଳୁ । ଦୁର୍ଯ୍ୟୋଧନ ତାକୁ ଦୁଇ ହାତରେ ନିଜ ପାଖକୁ ଟାଣି ଆଣି କହିଲେ—ଭଗବାନଙ୍କ ସଂସାରରେ ଆମେ ସଭିଏଁ ସମାନରେ ରଙ୍କ । ଧନୀ ଓ ଗରିବ ଏସବୁ ଯାହା ଲୋକ ଦେଖାଣିଆ । ଏଇ ଲୋକ ଦେଖାଣିଆ ଧନୀ ଓ ଦରିଦ୍ରର ତଫାତ୍‌କୁ ଭାଙ୍ଗି ଦେବା ପାଇଁ ଆମେ ସମସ୍ତେ ଲଢ଼େଇ କରୁଛେଁ । କିନ୍ତୁ ଏଥିପାଇଁ ହାଣ କାଟ କରି କ'ଣ ଅବା ଲାଭ ? ଜୋର ଜବରଦସ୍ତିର କ'ଣ ଅଛି ଫାଇଦା ?

ରଙ୍କ ଓ ଅନ୍ୟମାନେ ଦୁର୍ଯ୍ୟୋଧନଙ୍କ ବଚନିକାରୁ ଶୁଣିଗଲେ ମନ୍ତ୍ରମୁଗ୍ଧ ହୋଇ ।

ଦୁର୍ଯ୍ୟୋଧନ କହିଲେ—ମୁଁ ଜାଣେ, ତମେମାନେ ଅଶ୍ୱିନୀଙ୍କ କଥାରେ ମାତିଯାଉଛ । ଆଚ୍ଛା କହିପାରିବ ରଙ୍କ, ଆଜିକୁ କୋଡ଼ିଏ ବର୍ଷ ତଳେ ଅଶ୍ୱିନୀଙ୍କର ଯେଉଁ ଚଳାଚଳ ଥିଲା, ଆଜି ସେଇ କୋଡ଼ିଏବର୍ଷ ତଳର ପୁରୁଣା ଚଳଣୀ ତାଙ୍କର ବଦଳି ନାହିଁକି ? ମୁଁ ଏକାନୁହେଁ, ଏ ଅଞ୍ଚଳର ସବୁ ଲୋକେ ଏକଥା ସ୍ୱୀକାର କରିବେ ନାହିଁ ? ଦୁଇତିନି ଏକର ଜମି ଆଜି ବଢି ଯାଇଛି କୋଡ଼ିଏ ଏକରରୁ । ମାଟି ଘର ପରିବର୍ତ୍ତେ ଏବେ ସେ ତିଆରି କରିଛନ୍ତି ଦୁଇମହଲା କୋଠାଟିଏ । ସାଇକେଲ ଛାଡ଼ି ଏବେ ସେ ମଟର ସାଇକେଲରେ ବୁଲୁଛନ୍ତି । ଏସବୁ ଆସିଲା କେଉଁଠୁ ? ତମେ ଯେଉଁ ଚାନ୍ଦା ଭେଦା ଆଦାୟ କରିଦିଅ, ସେସବୁର ସେ ହିସାବ ଦିଅନ୍ତି କି ?

ରଙ୍କ ଓ ଶଙ୍କର ଏକା ସାଙ୍ଗରେ କହି ଉଠିଲେ ଅନେକ ଡ଼େରିରେ ଆମେ ତାଙ୍କ କଥା ଜାଣିଲୁ ଆଜ୍ଞା ! ମହଁରେ ଖଟି ଖିଆ କଥା କହି ବାସ୍ତବରେ ସେ ସେମାନଙ୍କ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରନ୍ତି । ସଭା ସମିତିରେ ସରକାର ଓ ମନ୍ତ୍ରୀମାନଙ୍କୁ ଗାଳି ଫଜିତ୍ କରି ଅନେକ ସମୟରେ ମନ୍ତ୍ରୀମାନଙ୍କ ଅଫିସ୍ ଓ ଘରେ, ବେଳେ ବେଳେ ସେମାନଙ୍କ ଗାଡ଼ିରେ ଓ ସଭା ସମିତିରେ ଯୋଗଦିଅନ୍ତି । ଅଯଥାରେ ଆମେ ଆମ ଗାଁ ଲୋକଙ୍କ ସହିତ କଳି କରି ଚିହ୍ନା ପଡ଼ିଲୁ । ଅକାରଣରେ ମାଲି ମକଦ୍ଦମାରେ ବହୁତ ପଇସା ଖର୍ଚ୍ଚ କଲୁ । ଆମେ ଶେଷକୁ ଆଜ୍ଞା ଭିକାରୀ ହୋଇଗଲୁ । ବର୍ତ୍ତମାନ କାହାରି ଘରେ ଖାଇବା ପାଇଁ ବାସନ ଖଣ୍ଡିଏ ମଧ୍ୟ ନାହିଁ, ଆମର ସବୁ ଭୁଲ୍ ହୋଇଛି । ଆମେ ଆଉ ଦିଗଦାଣ୍ଡିକୁ ଗ୍ରଷ କରିବୁ ନାହିଁ ।

ଦୁର୍ଯ୍ୟୋଧନ ହସିଲେ । ସେ ହସି ହସି କହିଲେ—ଏ କିପରି କଥା ? ଜମିହୀନଙ୍କୁ ଜମି ଦେବା ପାଇଁ ଆମେ ତ ବହୁବର୍ଷ ହେଲା ଦାବୀ ଓ ଲଢ଼େଇ କରି ଆସିଛୁ । କିନ୍ତୁ ଆମ କଥା ସେତେବେଳକାର ସରକାର ଶୁଣିଲେ ନାହିଁ । ମୁହଁରେ ଜମିହୀନ ଲୋକଙ୍କ ପାଇଁ ସେମାନଙ୍କର ଥିଲା ଗୁଡ଼ାଏ ମୂଲ୍ୟହୀନ ସହାନୁଭୂତି । ଖବର କାଗଜ ପ୍ରଚାରରେ ଏଥିପାଇଁ ବିପ୍ଳବ ହେବ ବୋଲି ସେମାନେ ରଡ଼ି ଛାଡ଼ନ୍ତି । ମାତ୍ର ତମେ ସବୁ ଜାଣ, ସେ ସମସ୍ତେ ବଡ଼ ବଡ଼ ମାଲିକ । ତେଣୁ ଭୂମିହୀନମାନଙ୍କୁ ଜମି ବାଣ୍ଟିବା କାର୍ଯ୍ୟ ସେମାନେ କରନ୍ତେ କିପରି ?

ତମକୁ ସବୁ ଜମି ମିଳିବରେ । ଦିଗଦାଣ୍ଡି ପରି ପ୍ରତ୍ୟେକ ଭୂମିହୀନ ଚାଷୀ ଯେପରି ଅଧ ଏକର ଜମି ପାଇବେ, ମୁଁ ସେଥିପାଇଁ ବ୍ୟବସ୍ଥା କରିବି । ତମେ ସବୁ ନିଶ୍ଚିନ୍ତ ରୁହ ! ଏହା ନ କଲା ପର୍ଯ୍ୟନ୍ତ ମୋ ସ୍ୱପ୍ନ ସଫଳ ହେବ ନାହିଁ । ଆଉ ବେଶୀଦିନ ନୁହେଁ । ଆଉ ଅଳ୍ପଦିନ ମଧ୍ୟରେ ସବୁ କିଛି ଠିକ୍‌ଠାକ୍ ହୋଇଯିବ ।

ଦୁର୍ଯ୍ୟୋଧନ ଏତିକି କହିସାରି ଆକାଶକୁ ଅନାଇଲେ । ସନ୍ଧ୍ୟା ଆଗତ ପ୍ରାୟ । ମେଘ ସଂପୂର୍ଣ୍ଣ ଛାଡ଼ିଯାଇଛି । ଦୁର୍ଯ୍ୟୋଧନ ସେମାନଙ୍କଠାରୁ ବିଦାୟ ନେଇ ନିଜ ଘର ଆଡ଼କୁ ଆଗେଇଲେ ।

ଏ ଘଟଣାର ପନ୍ଦରଦିନ ପରେ ସୁବର୍ଣ୍ଣପୁରର ଦିଗଦାଣ୍ଡି ପଡ଼ିଆରେ ଅନୁଷ୍ଠିତ ହେଉଛି ଏକ ବିରାଟ ସାଧାରଣ ସଭା । ସେଠି ହରିଜନ ଓ ସବର୍ଣ୍ଣ ଲୋକମାନଙ୍କ ମଧ୍ୟରେ ଗତ ଛଅମାସ ଧରି ଚାଲିଥିଲା ସଂଘର୍ଷ ଓ କଳି ତକରାଳ, ଉଭୟ ଗୋଷ୍ଠୀର ମିଳିତ ସଭାରେ ସେହି ମାନ ମନାନ୍ତର ଓ ଶତ୍ରୁତାର ବାଲିବନ୍ଧ ଆଜି ଯେପରି ନିବିଡ଼ ଆତ୍ମୀୟତା ଓ ଏକାତ୍ମବୋଧର ଉଲ୍ଲସିତ ବନ୍ୟାରେ କୁଆଡ଼େ ମିଳାଇଯାଇଛି । ସେମାନେ ସମସ୍ତେ ଆଜି ସୁବର୍ଣ୍ଣପୁରର ଲୋକ । ସେମାନେ ସମସ୍ତେ ଆଜି ଭାଇ ଭାଇ । ପରସ୍ପରକୁ ସ୍ନେହ ଓ ଆଲିଙ୍ଗନ କରିବାରେ ଆଜିର ଏ ସଭା ସ୍ଥଳ ଯେପରି ହୋଇଯାଇଛି ଅନେକବର୍ଷ ପରେ ଏକ ପୁଣ୍ୟପୀଠ । ଛୁଆଁ ଅଛୁଆଁର ସେଇ ପୁରୁଣା ପ୍ରାଚୀରକୁ ଭାଙ୍ଗି ଦେଇ ସେମାନେ ହୋଇ ଉଠିଛନ୍ତି ଗୋଟିଏ ମାତାର ଓଦରସମ୍ଭୂତ ଦୁଇଟି ସହୋଦର ।

ସଭା ମଣ୍ଡପରେ ବସିଛନ୍ତି ସର୍ବୋଦୟ କର୍ମୀ ଦୁର୍ଯ୍ୟୋଧନ ମହାରାଜ । ଗତ ତିରିଶ ବର୍ଷଧରି ଆଣ୍ଠୁ ଲୁଗା ଖଦଡ଼ ଯେପରି ପନ୍ଧି ଆସୁଥିଲେ ସବୁଦିନ, ଆଜି ମଧ୍ୟ ପିନ୍ଧିଛନ୍ତି ସେଇମିତି । ସେଇଭଳି ମଧ୍ୟ ଘୋଡ଼ାଇ ହୋଇଛନ୍ତି ଚଦରଟିଏ । ମାତ୍ର ତାଙ୍କ ଗୌର ପ୍ରଶସ୍ତ ଲଲାଟରେ ଆଜି ଯେପରି ଝଟକିଉଠୁଛି ସୂର୍ଯ୍ୟୋଦୟର ରକ୍ତିମ ଆଭା । ସମ୍ଭବତଃ ଅନେକ ବର୍ଷ ପରେ ଆଜି ତାଙ୍କର ସ୍ୱପ୍ନ ସାର୍ଥକ ହୋଇଛି ।

ଦିଗଦାଣ୍ଡି ପଡ଼ିଆରେ ଅସଂଖ୍ୟ ଜନସମାବେଶ । ଶରତ୍ ଆକାଶରେ ଆଜି ମେଘ ନାହିଁ । ଆକାଶ ଦେଖାଯାଉଛି ଅତ୍ୟନ୍ତ ସୁନୀଳ । ବାଣୀ ନଦୀର ତୀରେ ତୀରେ କାଶତଣ୍ଡୀ ଫୁଲର ବର୍ଣ୍ଣୋତ୍ସବ ଦେଖାଯାଉଛି ଦିଗଦାଣ୍ଡି ପଡ଼ିଆକୁ ।

ଦୁର୍ଯ୍ୟୋଧନ ସଭା ମଞ୍ଚରେ ଠିଆହେଲେ । ସଭା କକ୍ଷର କୋଳାହଳ ହଠାତ୍ ନିସ୍ତବ୍ଧ ହୋଇଗଲା । ସେ କହିଲେ— ମୋର ଅନେକ ଦିନର ସ୍ୱପ୍ନ ସାର୍ଥକ ହୋଇଛି । ସ୍ୱାର୍ଥୀ ମୁଠିଆ ପାଟିର ବିଭେଦକାମୀ ଭୂମିକା ଆଜି ବ୍ୟର୍ଥ ପ୍ରମାଣିତ ହୋଇଛି । ଶାନ୍ତିପୂର୍ଣ୍ଣ ଭାବରେ ଆଜି ସୁବର୍ଣ୍ଣପୁର ଲୋକମାନଙ୍କ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯାଇଛି । ହରିଜନମାନେ ପ୍ରତ୍ୟେକ ଅଧ ଏକର ଲେଖାଏଁ ଜମି ପାଇବେ । ଏଇଠି ସେମାନେ ନିର୍ଭିକ ଭାବରେ ଚାଷ କରିବେ । ଆସନ୍ତାକାଲି କେଉଁ ଜମି କିଏ ନେବ, ତାହା ନିଶ୍ଚିତ ହେବ । ସବର୍ଣ୍ଣ ଲୋକମାନେ ଆଉ ବିରୋଧ କରିବେ ନାହିଁ । ସେହିମାନଙ୍କ ହଳ ବଳଦ ସାହାଯ୍ୟରେ ହରିଜନ ଭାଇମାନେ ଚାଷ କରିବେ ।

ସଭା ସ୍ଥଳରେ ଖେଳିଗଲା ଏକ ଅପୂର୍ବ ଆନନ୍ଦର ତରଙ୍ଗ । କ୍ରମାଗତ କରତାଳି ଧ୍ୱନିରେ ଫାଟିପଡ଼ିଲା ଦିଗଦାଣ୍ଡି ପଡ଼ିଆ ।


ଦୁର୍ଯ୍ୟୋଧନ ସେମାନଙ୍କୁ ଶାନ୍ତ ହେବାକୁ ହାତ ଠାରୁଥିଲେ । ମାତ୍ର ସେମାନଙ୍କ ମଧ୍ୟରେ କ୍ରମାଗତଃ କୋଳାହଳ ଓ ଉଲ୍ଲାସର କଳରବ ହୋଇ ଉଠୁଥିଲା ପ୍ରଚଣ୍ଡ ।

ଦୁର୍ଯ୍ୟୋଧନ ଶାନ୍ତ ହେବାପାଇଁ ସମଗ୍ର ଜନତାକୁ ହାତ ଠାରିଲେ । କିଛିକ୍ଷଣ ପରେ କ୍ରମେ କୋଳାହଳ ଶାନ୍ତ ପଡ଼ିଆସିଲା ।

ଦୁର୍ଯ୍ୟୋଧନ କହୁଥିଲେ ଗାନ୍ଧିଜୀଙ୍କ ଶାନ୍ତି ଓ ସହାବସ୍ଥାନର କଥା, ରକ୍ତାକ୍ତ ବିପ୍ଳବ ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ଭାବରେ ଏକ ନିରବଚ୍ଛିନ୍ନ ନୀରବ ସଂଗ୍ରାମ ଦରକାର । ତା'ହେଲେ ଯାଇ ସମାଜର ରୂପ ବଦଳିଯିବ ।

ପୁଣି ସଭା କକ୍ଷରେ ସେଇ ବିଲମ୍ବିତ କରତାଳି ଧ୍ୱନି । ସେଇ କରତାଳି ଧ୍ୱନିର ଆଜି ଯେପରି ବିରତି ନାହିଁ । ସୁବର୍ଣ୍ଣପୁରରେ ଆଜି ଗୋଟାଏ ନୂଆ ଇତିହାସ ଯେପରି ଲେଖା ଚାଲିଛି ।

ସମ୍ପାଦକ, କଲ୍ୟାଣୀ ଶିରିପୁର, ଭୁବନେଶ୍ୱର—୩



# ORISSA STATE ELECTRICITY BOARD

## MARCHES AHEAD

### *TOWARDS MORE PROSPEROUS FUTURE OF ORISSA*

* It offers more power at attractive rates for Large, Medium and Small-scal Industries for exploiting Orissa's rich mineral and natural resources and fo intensive agricultural pumping and extensive rural development throug Rural Electrification.
* Orissa is one of the few States in India which is surplus in power.
* It has been extending power support to the neighbouring States of Biha and Andhra Pradesh to meet their emergent power requirement.
* It has extended many attractive concession for growth and developme of Small and Medium Scale Industries, particularly in rural areas.
* It has taken up massive programme for Rural Electrification and energisatio of Lift Irrigation Pumps.
* It has implemented the Scheme on "Workers Participation in Management

**A Few Salient Features—**

| | |
|---|---|
| * Present installed capacity | 861·5 MW. |
| * **New Power Projects under execution—** | |
| Talcher Thermal Power Station Expansion | 220 MW. |
| Balimela Hydro Project (6th Unit) | 60 MW. |
| Rengali Hydro Project | 100 MW. |
| Upper Kolab Hydro Project | 240 MW. |
| * **New E. H. T. and Transmission Schemes under execution—** | |
| 220 K.V. and 132 K.V. Lines | 1,011·4 Kms. |
| * New E. H. T. Sub-station under execution | 395 MVA. capacity |
| * Villages electrified by the end of 1976-77 | 14,758 |
| * **Rural lines planned during 6th plan—** | |
| 33 K.V. Line | 886 Kms. |
| 11 K. V. Line | 11,081 Kms. |
| L. T. Lines | 9,070 Kms. |
| * Power sold during 1976-77 | 2,500 Million Units (Appro |
| * Number of consumers by the end of 1976-77 | 3,00,000 (Approx.) |
| * Strength of employees | 28,000 (Approx.) |

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

*Issued by*—ORISSA STATE ELECTRICITY BOARD
BHUBANESWAR-751007

# ନଜର ଝୁଲାଇ କହେ ..
# କିଏ ସେ ?

ଶ୍ରୀମତୀ ନିରୁପମା ଆଚାର୍ଯ୍ୟ

ସକାଳୁ ସକାଳୁ ଚଞ୍ଚଳ କାମ ସାରି ପକାଉଥିଲା ନମିତା । ସାନ ଝିଅକୁ ସ୍କୁଲକୁ ପଠାଇ ଦେଇ କଲେଜ ଯାଉଥିବା ବଡ଼ ପିଲାଙ୍କ ଲାଗି ଖାଇବାର ଯୋଗାଡ଼ କରି ସାରି ସାରା ଦିନ ଲାଗି ତାର ଯାହା କାମ ସେ ସାରି ଦେଉଥିଲା । ଆଜି ଦିନ ସାରା ସେ ଘରେ ଅନୁପସ୍ଥିତ ରହିବ । ଆଗ ରାତିରୁ ଏଥିପାଇଁ ତାର ନିଦ ନାହିଁ । ଖାହାପରେ କଣ ସବୁ କାମ କରି ଦେଇଗଲେ ଦିନସାରା ପିଲାଏ କି ତାଙ୍କ ବାପା କେହି ଅସୁବିଧାରେ ପଡ଼ିବେ ନାହିଁ ସେଥିପାଇଁ ସେ ପୂର୍ବଦିନ ରାତିରୁ ଖସଡ଼ା ତିଆରି କରି ରଖିଛି । ଭୋର ଭୋର ଉଠି ଗୋଟିକ ପରେ ଗୋଟିଏ କାମ ସାରୁଛି । କାମ କରିବାରେ ଗୋଡ଼ ହାତର ଅସୁବିଧା କିଛି ହଉନି, ଏସବୁତ ସବୁ ତାର ନିତିଦିନିଆ କାମ, ସକାଳୁ ଉଠି ରାତିଯାଏ ଲାଗିଥାନ୍ତା ନ ହେଲ ବା କରିବାର ଗତି ୪ ଗୁଣ ବଢ଼ି ଯାଉ ସବୁ କଥା କାମ, ସକାଳୁ ଉଠି ରାତିଯାଏ ଲଗିଥାନ୍ତା ନ ହେଲ ବା କରିବାର ଗତି ୪ ଗୁଣ ବଢ଼ି ଯାଉ ସବୁ କଥା ଘଣ୍ଟା ସୁଦ୍ଧା ସରିଗଲେ ସେ ବସ୍ ଧରିବ କଟକ ପୁଣି କଟକରୁ ଆଉ ଗୋଟେ ବସ୍ ବଦଳେଇ ଗୋଟେ ଗାଁକୁ—ବ୍ରତଘର ନିମନ୍ତ୍ରଣ ରକ୍ଷାକରି ନଗଲେ ନ ହୁଏ । ସାଙ୍ଗରେ ଯିବା ଲାଗି କେହି ନାହିଁ । ସ୍ୱାମୀ ସରକାରୀ କାମରେ ବ୍ୟସ୍ତ । ବଡ଼ ପିଲାଏ ପରୀକ୍ଷା ଲାଗି ବ୍ୟସ୍ତ । ସାନ ଝିଅଟାକୁ ଧରି ଗଲେ ଟିକେ ଭଲ ଲାଗନ୍ତା, ସାହସ ହୁଅନ୍ତା, ହେଲେ କୁଆଡ଼େ ଯିବ କେତେ ରାତିରେ ଫେରିବ, ଠିକଣା ନାହିଁ । ତେଣୁ ସେ କାହାକୁ ନ ନେବାର ସିଦ୍ଧାନ୍ତ କରିଛି । ସେଇଠି ସେ ସବୁଠାରୁ ଅସୁବିଧାରେ ପଡ଼ିଛି । ଘରର ଗୃହିଣୀର ଭିତରେ ଯାହା କିଛି କରିବାର କଥା, ଯେତେ ଯେତେ ଦାୟିତ୍ୱ ନବା କଥା ସବୁ ସେ ନିର୍ଦ୍ୱନ୍ଦରେ କରିପାରେ, କିଛି ଅସୁବିଧା ହୁଏନି, ଅବେଳାରେ କୁଣିଆ ପହଞ୍ଚିଲେ ଚର୍ଚ୍ଚା କରିବାକୁ ତାକୁ ବ୍ୟସ୍ତ ଲାଗେନି, ରାତି ରାତି ଅନିଦ୍ରା ରହି ଆତ୍ମୀୟଙ୍କ ରୋଗ ଶେଯ ପାଖରେ ଠିଆ ହେଲେ ତାକୁ କଷ୍ଟ ହୁଏନି, କିନ୍ତୁ ଏଇ ଗୃହିଣୀର ଦେହି ବାହାରକୁ ଯିବା କଥା ଚିନ୍ତା କଲେ ସବୁ ଅସୁବିଧା ପହଞ୍ଚି ଯିବ ବୋଲି ତାର ଭୟ । ପିଲାଦିନୁ ଆଜିଯାଏ ସେ ଏକୁଟିଆ କେବେ କୌଣସି ଦାୟିତ୍ୱ ନେଇ ପଦାକୁ ଯାଇନି । ସେ ଜମାରୁ ରାସ୍ତା ମନେ ରଖି ପାରେନି । ତେଣୁ ସେ କଥା ଚିନ୍ତା କଲେ ତାକୁ ଭାରି କଷ୍ଟ ହୁଏ । ଠିକ୍ ତାର ବିପରୀତରେ ସେ କି ଅପୂର୍ବ ଅନୁଭୂତି । ସବୁ ପଦାକୁ ଗୋଡ଼ କାଢ଼ିଲେତ ଜଣକ କାନ୍ଧରେ ଓହଳି ନିଶ୍ଚିନ୍ତରେ ନିଦ ଯାଏ । ରାସ୍ତା ମନେ ରଖିବା ଦରକାର ନାହିଁ, ଟ୍ରେନ୍, ବସ୍‌ରେ କୋଉଠି ବସିବ. ସେ କଥା ଚିନ୍ତା କରିବା ଦରକାର ନାହିଁ, ଟିକେଟ୍ କିଣିବା ଲାଗି ଲାଇନ୍ କରିବା ଦରକାର ନାହିଁ । ଝିଅ ଦିନ ଯେମିତି କଟିଥିଲା, ଏତେ ଦିନ ଘର ସଂସାର କରିବା ପରେ ମଧ୍ୟ ସେଇ ବ୍ୟବସ୍ଥା ବଦଳି ନାହିଁ । ଆଜି ହଠାତ୍ ଏ ନୂଆ ଅନୁଭୂତି ଭିତରକୁ ତାର ପ୍ରଥମ ପ୍ରବେଶ । ସେ ଗାଁକୁ ସେ ମୋଟେ ଯାଇନାହିଁ ନୁହେଁ, ହେଲେ ସେଇ ପ୍ରଶ୍ନ ସେ ବାରମ୍ବାର ନିଜକୁ ପଚାରି ଲାଗିଛି । ଠିକ୍ ବସରେ ଚଢ଼ିବିତ ! ଠିକ୍ ଜାଗାରେ ଓହ୍ଲେଇ ଗାଁକୁ ବାଟ ପାଇବି ତ?”

ବାରମ୍ବାର ଅନୁରୋଧ ସତ୍ତ୍ୱେ ତା ସାଙ୍ଗରେ କେହି ଯାଇପାରିବେ ନାହିଁ ଶୁଣିଲାରୁ ସେ ସମସ୍ତଙ୍କୁ କାଲି ଶୁଣେଇ ଦେଇଥିଲା । "କେହି ନ ଯାଅ ମୁଁ ଏକା ଯିବି" । ଏ କଥା କହିଲା ବେଳେ ଅବଶ୍ୟ ସେ ସମସ୍ତଙ୍କ ମୁହଁକୁ ଚାହିଁଥିଲା । "ମା ଏମିତି, କହୁଛି ସିନା ହେଲେ ସେ ଏକା ମୋଟେ ଯାଇ ପାରିବ ନାହିଁ" ଏମିତି ଚୋଟାଏ ଅବିଶ୍ୱାସର ହସ ପିଲାଙ୍କ ମୁହଁରୁ ସେ ଦେଖି ପାରୁଥିଲା ; ଆଉ ତା କଥାରେ ଆଦୌ ଗୁରୁତ୍ୱ ନ ଦେଇ ନିର୍ବିକାର ହୋଇ ଖଣ୍ଡିଏ ବହିରେ ମନୋନିବେଶ, କରିଥିବା ସ୍ୱାମୀଙ୍କ ମୁହଁକୁ ଚାହିଁ ସ୍ଥିର କଲା 'ନିଶ୍ଚୟ ଯିବ ।'

ସକାଳୁ ବଡ଼ ଝିଅ କେତେଥର ପଚାରି ଗଲାଣି "ମା କଟକରୁ ସେ ବସ୍‌ର ରୁଟ୍ ତତେ ଜଣାତ ? ତା ପାଖ ଗାଁ ମାନଙ୍କ ନାଁ ଜାଣିଚୁଟି ! କେଉଁ କେଉଁ ବସ୍ ସେ ବାଟରେ ଯାଏ ଜାଣି ପାରିବୁ ତ" ? ତାର ବାରମ୍ବାର ମନ ହଉଥାଏ ଥରେ ପଚାରି ସବୁକଥା ବୁଝି ନିଅନ୍ତା । କିନ୍ତୁ ଆଗ ଦିନ ରାତିରେ ଅବିଶ୍ୱାସର ହସ ତାକୁ ସେଥିରୁ ଓହରେଇ ଆଣୁଥାଏ । ମନ କହୁଥାଏ "ଛାଡ଼ ଆଜି ଯିବି ନାହିଁ, ପରେ କେବେ ସମସ୍ତେ ଯାଇ ସେଇ ଆତ୍ମୀୟଙ୍କ ଘରେ ପହଞ୍ଚି ଆଜି ନ ଯାଇ ପାରିବାର ଅସୁବିଧା କଥା ଜଣାଇ ଦେଲେ ଭଲ ହୁଅନ୍ତା—ଏ ପ୍ରସ୍ତାବ କାଲି ହୋଇଥିଲା କିନ୍ତୁ ତାର ଜିଦି ଦେଖି କେହି ଆଉ ତା ଉପରେ ଜୋର ଦେଲେନି । ଆଜି ଯଦି ଥରକ ପାଇଁ ତା' ସ୍ୱାମୀ ସେ କଥା ଉଠାନ୍ତେ ସେ ରହିଯାନ୍ତା—କିନ୍ତୁ ତାର କୌଣସି ଉପକ୍ରମ ନ ହେବାର ଦେଖି ସେ ସାହସ ସଞ୍ଚୟ କଲା ।

ଝିଅର ଥଟାଳିଆ ସ୍ୱର ଶୁଭୁଥାଏ, ମହିଳା ସମାଜର ଆଉ ୧୦ ବର୍ଷ ବଢ଼ିଗଲାନା, ମା' ଆମର ହଠାତ୍ ସେ ବିଷୟରେ ସଚେତନ ହୋଇ ଉଠିଲା ନା ବାପା ! ଦେଖାଯାଉ କେତେବାଟ ଯାଉଛି ?"

ବାରମ୍ବାର ସମସ୍ତଙ୍କୁ ନିଜ ନିଜର କର୍ତ୍ତବ୍ୟ ବିଷୟରେ ସଚେତନ କରିଦେଇ ସେ ବସ୍‌ଷ୍ଟାଣ୍ଡକୁ ଚାଲିଗଲା । କଟକ ବସ୍ ଠିକ୍ ସମୟରେ ମିଳିବ କି ନାହିଁ ଏଇ ଥିଲା ତାର ରାସ୍ତା ଯାକର ଚିନ୍ତା । ବସ୍‌ରେ ବସି ସାରିଲା ପରେ ପିଲାଏ ମନେ ପଡ଼ିଲେ । ସ୍କୁଲରୁ ଫେରି ସାନଝିଅଟା ତାକୁ ଖୋଜିବ, ତାକୁ ଖାଇବାକୁ ଦିଆ ଯିବ କି ନାହିଁ, ଖେଳି ସାରି ଆସି ନ ଖାଇ ସଂଧ୍ୟାବେଳୁ ଶୋଇ ପଡ଼ିଲେ ତା ମଶାରୀ କିଏ ପକେଇ ଦବ କି ନାହିଁ, ଦିନ ଦଶଟା ବେଳୁ ଏଇ ଚିନ୍ତାରେ ସେ ଘାରି ହବାକୁ ଲାଗିଲା । ଘରେ ଏତେ ଲୋକ ଥାଉ ଥାଉ ତାକୁ ଲାଗିଲା ତା ସାନ ଝିଅଟି ଆଜି କନ୍‌ଭେଣ୍ଟରୁ ଫେରି କିଛି ଖାଇବାକୁ ପାଇବନି (ଯେବିଓ ସେ ତାର ପ୍ରିୟ ଜଳଖିଆ କରି ଦେଇ ଆସିଚି) ସେ ରାସ୍ତାରେ ଖେଳୁ ଖେଳୁ ନିଶ୍ଚୟ ପଡ଼ି ଗୋଡ଼ ହାତ ଖଣ୍ଡିଆ ହେବ କେହି ତା ଖଣ୍ଡିଆ ଧୋଇ ଡେଟଲ୍ ଲଗାଇ ଦେବେନି, ସନ୍ଧ୍ୟାବେଳକୁ ଛିଡି ... ବଡ଼ ଭଉଣୀଠାରୁ ମାଡ଼ ଖାଇ କାନ୍ଦି କାନ୍ଦି ... ଶୋଇବ ଓ ସେ ରାତିରେ ଫେରିବା ପର୍ଯ୍ୟନ୍ତ ତାକୁ ... ଖାଉଥିବେ । ଓଃ ତାର ଭୟଙ୍କର ଇଚ୍ଛା ହେଲା ... ବସ୍‌ରୁ ଓହ୍ଲାଇ ଘରକୁ ଫେରି ଯାଆନ୍ତା—କିନ୍ତୁ ... ତାର ନ ହେଲା ନାହିଁ । ମହିଳାମାନଙ୍କ ... ସିଟ୍ ଆଗରୁ ପୂରିଥିଲା । ସେ କୌଣସିମତେ ... ଆଗୁଳ ଜାଗାରେ ଖାଲି ଠିଆ ହୋଇ ଥାଏ ଓ ଅସ୍ଥ ... ବାଡ଼ାକୁ ଜାବୁଡ଼ି ଧରିଥାଏ । ପାଖରେ କିଏ ସବୁ ... ଥାନ୍ତି କାହାରି ମୁହଁକୁ ଚାହିଁବାକୁ ତାର ମନ ହଉ ନ ଥାଏ ... ନିଜ ପିଲାଙ୍କ ଚିନ୍ତାରେ ସେ ବୁଡ଼ି ରହିଥାଏ ।

ହଠାତ୍ ଠିକ୍ ତା ଆଗ ସିଟ୍‌ରୁ ଥରିଲା ... ଶୁଭିଲା ।, "ମୋର କେତେ ପଇସା ଆଉ ବାକି ... ଦଉନ ପୁଅ ! ମତେ ଠିକ୍ ନଖରା ଠେଇଁ ... ଦବଟି ?" "ଓହ୍ଲେଇଲା ବେଳକୁ ତୁମ ପଇସା ... ଦିଆଯିବ ବସ " । କଣ୍ଡକ୍ଟର ତା କାମରେ ... କହିଲା ।

ନମିତା ଆଗକୁ ଚାହିଁଲା ! ବୁଢ଼ୀଟିଏ ... ସ୍ୱରରେ କଣ୍ଡକ୍ଟରକୁ ହାତ ବଢ଼େଇ ବାକି ପଇସା ... ମାଗୁଛି । ନମିତା ତାକୁ ଚାହିଁଦେଲା ମାତ୍ରେ ପାନ ଖୋ... ବୋଳା ପାକୁଆ ପାଟିରେ ବୁଢ଼ୀଟି ପଚାରିଲା, "କେ... ଯାଏ ଯିବ ମା !"

ନମିତା ହଠାତ୍ ସେ ସ୍ୱରରୁ ଅନୁଭବ କଲା ବୁଢ଼ୀ... ତାରି ପରି ଏକୁଟିଆ, ସେ ସାଙ୍ଗ ଖୋଜୁଛି ।

"ମୁଁ କଟକ ଯିବି, ତୁମେ କୁଆଡ଼େ ଯାଉଚ ମାଉସୀ ..." ଏତିକି ଶୁଣିବା ଲାଗି ସେ ଯେମିତି କି ଅପେକ୍ଷା କରି ଥିଲା ... ହଠାତ୍ ତା ସ୍ୱର ଭାଙ୍ଗି ଭାଙ୍ଗି ଗଲା—ସେ କଣ ସବୁ କହିବା... ଲାଗିଲା ମଝିରେ ମଝିରେ ଆଖିରୁ ଲୁହ ପୋଛି ପକାଉଥାଏ ... ବସ୍‌ର ଧଡ୍ ଧଡ୍ ଶବ୍ଦ, ପାକୁଆ ପାଟିର ଅସ୍ପଷ୍ଟ ଉଚ୍ଚାର... ଓ କୋହ ଭରା ସ୍ୱରରୁ ପ୍ରତ୍ୟେକଟି ଶବ୍ଦ ବୁଝିବା ନମିତା ... ପକ୍ଷରେ ଅସମ୍ଭବ ହୋଇ ଉଠୁଥାଏ । ଯେତିକି ଶୁଣିଲା ... ବୁଝିଲା, ବୁଢ଼ୀର ସାନପୁଅ ଭଦ୍ରଖରେ ... ବଡ଼ ପୁଅ ସେଇ ଦିନ ସକାଳୁ ଖବର ପାଇ, ... ମା'କୁ ନ ନେଇ ଚାଲି ଯାଇଛି, ମା ମନ ... ଦଶଟା ବେଳକୁ ଏକୁଟିଆ ବାହାରି ଚାଲି ଆସିଛି ... ହେଲେ ସେ ବାଟ ଦେଖିନି, ଖାଲି ଭଦ୍ରଖର ... ଯାଗାର ନା କହୁଛି । ଗୋରୀ ହୋଇ ମୋଟି ... ବିଧବା ବୁଢ଼ୀଟିଏ । ଗୋଟିଏ ହେଲେ ଦାନ୍ତ ... କାନ୍ଦୁରା ମୁହଁ ଅବସ୍ଥା ଦିଶୁଛି । ଧଳା ... ଶାଢ଼ୀ ଖଣ୍ଡିଏ ପିନ୍ଧିଛି, ଖାଲି ଦେହ । କାନିରେ ... ବାର ଗଣ୍ଠି ପଡ଼ି କଣ ସବୁ ବନ୍ଧା ହୋଇଛି । ... ନେଇ ଥରିଲା ହାତରେ ତାରି ସାଙ୍ଗରେ ଆଉ ଗୋଟିଏ ... ଗଣ୍ଠି ପକାଇଲା ।

ନମିତା ଜାଣେ ସେ ତାକୁ କିଛି ସାହାଯ୍ୟ କରି ପାରିବ ନାହିଁ । ତଥାପି ସାହସ ଦେଲା, "ବ୍ୟସ୍ତ ହୁଅନି ମାଉସୀ ! ତୁମ ପୁଅର କିଛି ହେଇନି । ସେ ଭଲରେ ଅଛି " ।

ବୁଢ଼ୀଟି ପଛକୁ ବୁଲିପଡ଼ି ନମିତାର ମୁହଁକୁ ଅନେଇ ପକେଇଲା,"ତୋ ତୁଣ୍ଡ ସୁତୁଣ୍ଡ ହଉମା, ତୋ ଶାଖା ସିନ୍ଦୁର ହଉ, ତୋ ପିଲାଙ୍କର ବଢ଼ତି ହଉ" ।

ପୁଅ ତାର ସେଠି କଣ କରେ, କୋଉଠି ରହେ ସେଠି ଆଉ କିଏ ଅଛନ୍ତି ପଚାରିଲେ ବୁଢ଼ୀ ଯାହା କହୁଥାଏ ତା ଏତେ ଅସ୍ପଷ୍ଟ ଯେ ନମିତା ଯେତେ କାନ ଡେରିଲେ ବି କିଛି ଭଲ କରି ଶୁଣି ପାରୁ ନ ଥାଏ । ବାରମ୍ବାର ଲୁହ ପୋଛି କଣ ସବୁ କୋହ ମିଶା ସ୍ୱରରେ କହି ଯାଉଥାଏ ସେ । କେବଳ ପୁଅକୁ ଭଲଥିବାର ଦେଖିବାକୁ ଅଧୀର ହୋଇ ପଡ଼ିଛି ଏତିକି ନମିତା ଜାଣି ପାରୁଥାଏ ଓ ଠାକୁରଙ୍କ ନା କହି ତାକୁ ଆଶ୍ୱାସନା ଦଉ ଦଉ ପଚାରୁଥାଏ–

"ତୁମେତ ବାଟ ଦେଖିନ ମାଉସୀ, କୋଉଠି ସେ ରହୁଛନ୍ତି ଜାଣିନ ଏତେବାଟ ଯିବ କେମିତି ସେଠି ପହଞ୍ଚିବ କେମିତି ?"

ବୁଢ଼ୀ ସେମିତି ଲୁହ ପୋଛି ପୋଛି ଉତ୍ତର ଦେଲା ନଅଖରାରେ ଜଣେ ଅଛନ୍ତି, ସେଇ ଠିକଣା କହିଦେବେ । ମୁଁ ତ ସେଠିକି କେବେ ଯାଇ ନାହିଁ ଲୋ ମା' କେମିତି ସେଠି ପହଞ୍ଚିବି ଯେ ମୋ ପୁଅକୁ ଦେଖିବି ' ଆହା ବିଚରା କେତେ ଖୋଜୁଥିବ ମତେ !"

ନମିତାର ଛାତି ଭିତର ହଠାତ୍ ଟିକେ କୋରି ହୋଇଗଲା । ତା ଛୋଟ ଝିଅର ନିରୀହ ମୁହଁଟା ତାର ମନେ ପଡ଼ିଗଲା—ସେ ତାକୁ ସାଙ୍ଗରେ କାହିଁକି ନେଇ ଆସିଲା ନାହିଁ । ନିଜକୁ ଧିକାରୀ ଲାଗିଲା ସେ । ରାତିରେ କେହି ତାକୁ ଭଲରେ ଦେଖିବ ତ ? ବୁଢ଼ୀ ତାର ପୁଅକୁ ଦେଖିବ ବୋଲି ପାଗଳି ପରି ବାଟ ଘାଟ ନ ଜାଣି କୁଆଡ଼େ ଚାଲିଛି । ଆଉ ସେ ? ଘରୁ ସ୍ୱାମୀ ପିଲାଙ୍କ ସାଙ୍ଗେ କଳି କରି ବନ୍ଧୁ ସଂଖୁଳିବାକୁ ଯିଦି କହିଁ ଚାଲି ଆସିଛି କାହିଁକି ?

ବୁଢ଼ୀଟିର ସ୍ୱର ପୁଣି ଶୁଭିଲା, "ଆଉ କେତେ ବାଟ ଲୋ ମା ନଖରା ?"

ବୁଢ଼ୀଟି ଲଗି ବାଟ ଧୀରେ ଧୀରେ କମି କମି ଆସୁଥାଏ । ନମିତା ସଜାଗ ହେଲା, "ତୁମ ସାଙ୍ଗରେ କିଛି ଜିନିଷ ପତ୍ର ନାହିଁ ତ ମାଉସୀ ! " ପଚାରିଲା ସେ ତାକୁ ସାବଧାନ' କରିଦେବା ପାଇଁ ।

ଜିନିଷ ? "ଗଞ୍ଜିଆଡ଼କୁ ଥରେ ଅଣ୍ଡାଳି ପକେଇଲା ବୁଢ଼ୀ । କିନ୍ତୁ ପୁଣି ଯେମିତି କି ମନେ ପଡ଼ିଗଲା ତାର— କହିଲା—"ନାଇଁଲେ ମା ଫଳ କିଛି ଆଣିଥିଲି ଯେ, ମନ କ'ଣ ଠିକଣା ରହୁଛି କି ମା, ରିକ୍‌ସାରେ ଛାଡ଼ି ଦେଇ ଆଇଲି ।"

ପାନ ବୋଳରେ କଳା ପଡ଼ି ଯାଇଥିବା ବୁଢ଼ୀର ଓଠକୁ ଚାହିଁ ନମିତା ଠିକ୍ ଅନୁମାନ କରି ପାରୁଥିଲା । ବୁଢ଼ୀର ଅବସ୍ଥା । ପୁଣି ସେ ସାହସ ଦେଲା—" ଫଳ ପାଇଁ ବ୍ୟସ୍ତ ହଉଛକି ମାଉସୀ, ଫଳ ତ ତୁମେ ପୁଣି କିଣି ନବ । ରିକ୍‌ସାବାଲାର ପିଲାଏ ଫଳତକ ଖାଇଥିବେ, ତାଙ୍କ ଖାଇଲା ଦେଖିଲା ଖୁସି ତୁମ ପୁଅର ମଙ୍ଗଳ କରିବ ।"

ପୁଅର ନାଁ ନମିତା ମୁହଁରୁ ଶୁଣି ଦେଲା ମାତ୍ରେ ବୁଢ଼ୀର କୋହ ଉଠି ଆସୁଥାଏ, ତା ସାଙ୍ଗକୁ ତାର ଏକୁଟିଆ ପଣିଆଁ । ତାକୁ ବୋଧେ ଭାରି ବାଧୁଥାଏ । ତାର ଓହ୍ଲାଇବା ସ୍ଥାନ ଯେତିକି ଯେତିକି ପାଖେଇ ପାଖେଇ ଆସୁଥାଏ ତାର ଅସ୍ଥିରତା ସେତିକି ବଢୁଥାଏ । ନମିତା ଠିକ୍ ଅନୁମାନ କରି ପାରୁଥାଏ ଚଳନ୍ତା ଗାଡ଼ିରେ ବସି ଅନ୍ତତଃ ମନ ବୁଝୁଛି ସେ କୁଆଡ଼େ ହେଲେ ଯାଉଛି, କିନ୍ତୁ ନଖରାରେ ଓହ୍ଲାଇଲା ପରର ଅନିଶ୍ଚିତତା ତାକୁ ହତାଶ କରି ଦେଉଥାଏ । ପୁଣି ଯେକୌଣସି ଚଳମାନ ଗାଡ଼ିରେ ସେ ବସିବ ଓ ତା ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ ଏ ବିଶ୍ୱାସ ତାର ହଉନି ।

ନମିତା ପୁଣି ବୁଝେଇ ଲାଗିଲା—"ତୁମେ ପୁଅ ଘରର ଠିକଣା ତାଙ୍କଠାରୁ ବୁଝି କାହାକୁ ହେଲେ ସଙ୍ଗରେ ନେଇ ଚାଲି ଯିବ"—

"ମୋକର କେହି ନାହିଁଲୋ ମା, କିଏ ସାଙ୍ଗରେ ଯିବ ?"

"ତାଙ୍କ ଘରୁ କେହି ନ ଯାଆନ୍ତୁ, ଲୋକ କ'ଣ ଅଭାବ ହୋଇଛନ୍ତି ସଂସାରରେ ? ତୁମେ ସେଠି ପହଞ୍ଚି ଲୋକମାନଙ୍କୁ ତୁମ ଅସୁବିଧା କଥା କୁହ, ଦେଖିବ ଲୋକେ ନିଜେ ବାଟ'କି ଆସି ତୁମକୁ ନେଇ ଠିକ୍ ତୁମ ଘରେ ଛାଡ଼ି ଦେଇ ଆସିବେ କିଛି ଅସୁବିଧା ହେବନି, ନହେଲେ ମାଉସୀ, ବଡ ମଣିଷଙ୍କର ଦେଖ ନାହିଁ ଅନ୍ୟର ଦୁଃଖ ଦେଖିବାକୁ, ଏଇ ଯୋଉ ଟୋକାମାନେ ଦଳ ଦଳ ହୋଇ ରାସ୍ତାରେ ଠିଆ ହୋଇଛନ୍ତି ତାଙ୍କରି ସାହାଯ୍ୟ ମାଗ— ସେମାନେ ଠିକ୍ ବୁଝିବେ ।"

ବୁଢ଼ୀ ମଣିଷପଣିଆଁର ସେଇ ଦିଗଟା କଥା ମନେ ପକେଇ ପୁଣି କାନ୍ଦି ଉଠିଲା—ସେମିତି ମଣିଷ ଅଛି ଏ ସଂସାରରେ ଅଛନ୍ତି କିଲୋ ମା ! ହଉ, ଘରୁ ବାହାରିଛି ତ ଆସିଛି ଦେଖିବି ଯାହା ଭାଗ୍ୟରେ ଥିବ, ସେଇ ଜଗନ୍ନାଥ ଭରସା " ।

ନଗରା ପାଖ ହେଲ । ଛକର ଡ଼ିଛି ବାଟ ଆଗରୁ ବସ୍ ରହିଲା, ପରେ ନମିତା ବୁଢ଼ୀର ହାତ ଧରି ତାକୁ ଓହ୍ଲାଇବାରେ ସାହାଯ୍ୟ କଲା । ଥରିଲା ହାତ ଟିକେଟ୍ ବନ୍ଧାହୋଇଥିବା କାନିର ଗଣ୍ଠି ଫିଟେଇ ପାରୁ ନଥାଏ । ନମିତା ତା କାନିରୁ ଫିଟାଇ ଟିକଟ୍‌ଟି କଣ୍ଡକ୍ଟରର ହାତକୁ ବଢ଼ାଇ ଦେଇ ଶେଷଥର ଲାଗି ବୁଢ଼ୀକୁ ସାହସ ଦେଇ—"ଠାକୁର ଅଛନ୍ତି ମାଉସୀ ବ୍ୟସ୍ତ ହୁଅନି—ହେଇ ସେଠି ଆଗରେ ଦଳ ଦଳ ହୋଇ ଠିଆ ହୋଇଥିବା ପିଲଙ୍କୁ ଢୁହ, ସେଇମାନେ ତୁମକୁ ସାହାଯ୍ୟ କରିବେ । ନମିତା ଟିକେ ଦୂରରେ ଆଗରେ 'ଫୁଲନଗରା ଯୁବକ ସମାଜ' ବୋଲି ଲେଖା ହୋଇଥିବା ଗୋଟିକିଆ ଟାଇଲି ଘର ଆଗକୁ ହାତ ବଢ଼େଇ ଦେଖେଇ ଦେଲା ।

ବୁଢ଼ୀ ସାଙ୍ଗରେ ବୟସ୍ତ ଦୁଇ ତିନି ଜଣ ଲୋକ ଓହ୍ଲେଇ ଗଲେ । ବୁଢ଼ୀ ସେମାନଙ୍କୁ ବୋଧେ ତାର ଦୁଃଖ କହି କହି ଆଗେଇ ଚାଲିଥାଏ । ନମିତା ଠିକ୍ ଜାଣି ପାରୁ ଥାଏ, ତା ପୁଅର ଦେହ ବିଷୟରେ ନୁହେଁ ବାଟ ଚିହ୍ନିବା ଲାଗି ସାଥିଟିଏ ପାଇଁ ବେଶୀ ବ୍ୟସ୍ତ ସେ ଏଇଲେ ।

ବସ୍ ପୁଣି ଛାଡ଼ିଦେଲା । ସେମାନେ ପଛରେ ରହିଗଲେ । ଅଳ୍ପ ବାଟ ଆସି ହଠାତ୍ ବସ୍‌ର ଷ୍ଟାର୍ଟ୍ ବନ୍ଦ ହୋଇଗଲା ଓ ଠିକ୍ ସେଇ ପିଲଦଳ ଠିଆ ହୋଇଥିବା ଜାଗାରେ ବସ୍‌ଟି ଅଟକି ଗଲା । ଡ୍ରାଇଭର ସାଙ୍ଗେ ସାଙ୍ଗେ ଓହ୍ଲେଇ ପଡ଼ି ବନେଟ୍ ଖୋଲି କଣ ସବୁ ଦେଖିବାରେ ଲାଗି ଗଲା ! ରାସ୍ତାର ଲୋକେ ବସ୍ ଚାରିପାଖେ ଘେରି ଗଲେ । ନମିତା ଅନ୍ୟମନସ୍କ ହୋଇ ପୁଣି ତା ନିଜ ଝିଅ ଚିନ୍ତାରେ ବୁଡ଼ିଗଲା । ଯାବତୀୟ ପାପ ଚିନ୍ତା ମନରେ ଉଙ୍କି ମାରୁଥାଏ । ମାସେ ଖଣ୍ଡେ ତଳର ଘଟଣା—ସ୍କୁଲରୁ ଫେରି ରିକ୍‌ସାରୁ ନ ଓହ୍ଲାଉଣୁ ସେ କହି ଲାଗିଥାଏ—ମା ଜାଣିଚୁ ! ସ୍କୁଲ ଟପିଲା ପରେ ଯୋଉ ପୋଲ ନୁହେଁ ! ଆମ ରିକ୍‌ସା ଆଜି ତାରି ଭିତରକୁ ଗଳି ପଡ଼ିଥାନ୍ତା ! ରିକ୍‌ସାବାଲାର ଗାମୁଛା ରାସ୍ତାରେ ପଡ଼ିଗଲା ବୋଲି ସେ ରିକ୍‌ସା ହ୍ୟାଣ୍ଡେଲରେ ରବରଟେ ଲଗେଇ ଦେଇ ଆମକୁ ସେଇଠି ଛାଡ଼ି ଦେଇ ଗାମୁଛା ଆଣିବ ବୋଲି ପଛକୁ ଫେରି ଚାଲିଗଲା ସେ କେତେ ବାଟରେ ଥାଏ । ଆମ ରିକ୍‌ସା ତ ତଳକୁ ତଳକୁ ଖାଲି ଗଡ଼ି ଯାଉଥାଏ, ଆମେ ଦୁହେଁ ସିଟ୍‌ରୁ ଉଠି ପଡ଼ି ରିକ୍‌ସାବାଲାର ସିଟ୍‌କୁ ଯେତେ ଜୋରରେ ଠେଲି ଧରିଲେ ବି ରିକ୍‌ସା ଅଟକୁ ନଥାଏ । ଆଉ ଟିକକରେ ତ ପୋଲ ତଳକୁ ଚାଲି ଯାଇଥାନ୍ତୁ । ଜଣେ ଲୋକ ସେ ବାଟେ ସାଇକେଲରେ ଯାଉଥିଲେ, ତାଙ୍କର ସାଇକେଲ୍‌ଟା ଫୋପାଡ଼ିଦେଇ ଦୌଡ଼ି ଆସି ଆମ ରିକ୍‌ସାକୁ ପଛପଟରୁ ଅଟକେଇ ଧରିଲେ, ରିକ୍‌ସାବାଲା ଆସି ପହଞ୍ଚିଲାରୁ, ଗଡ଼ାଣିଆ ଜାଗାରେ ପିଲଙ୍କୁ ବସାଇ ଦେଇ ଚାଲିଗଲା ବୋଲି କେତେ ଗାଳି ଦେଲେ । ଆମେ. ପୋଲ ତଳକୁ ପଡ଼ିଯାଇଥିଲେ କଣ ହୋଇ ଥାନ୍ତା ମା ! ମୁଣ୍ଡ ଫଟା, ଗୋଡ ହାତ ଖଣ୍ଡିଆ ନୁହେଁ ମା ! ସେ ଯୋଉ ମଇଳା ପାଣି ଉସ କି ଗନ୍ଧ ! ତୁ ମତେ କେମିତି ସଫା କରି ଥାନ୍ତୁ ... ନମିତା ଯେତେ ଥର ସେଇ ପୋଲ ବାଟେ ଯାଏ ଆସେ ... ହେଲେ ବି ହଟୁଣେଇ ତା ଆଖି ୩୦ ଫୁଟ୍ ପୋଲ ତଳକୁ ବୁଲିଆସେ । ଯଦି ସେ ଭଦ୍ରଲୋକ ସେଠି ପହଞ୍ଚି ନଥାନ୍ତେ ... ତା ଝିଅ ଆଉ ଘରକୁ ଫେରି ଥାନ୍ତା ? ସେଇ ... ଭୁଲି ଯିବା ଲାଗି ସେ ଅନ୍ୟ ଆଡେ ମୁହଁ ବୁଲେଇ ... ଚାହିଁଲା ।

ଛୋଟ ଛୋଟ ପିଲାଏ ବହିପତ୍ର ଧରି ... ହୋଇ ଚାଲିଛନ୍ତି । ପାଖରେ କୋଉଠି ବୋଧେ ସ୍କୁ... ସ୍କୁଲଟିଏ ଅଛି । ଜଣେ ମଧ୍ୟ ବୟସ୍କ ଲୋକ ... ଛୋଟ ପିଲାର ହାତଧରି ଆସି ସେଇ ପିଲାଙ୍କ ... ମିଶିଲା । ଛୋଟ ପୁଅଟି କାନ୍ଧରେ ଠାଏ ଠାଏ ... ଉଡ଼ି ଯାଇଥିବା କଳା ବ୍ୟାଗ୍‌ଟିଏ ଝୁଲେଇଛି । ... ସିଲଟ୍ ପଦାକୁ ଦିଶୁଛି । ବଡ ମଣିଷ ଜଣକ ... ଜୋରରେ ପାହୁଣ୍ଡ ପକେଇ ଚାଲିଛନ୍ତି ଓ ପିଲଟି ... ଜୋରରେ କାନ୍ଦି କାନ୍ଦ ତାଙ୍କ ପଛରେ ... ହୋଇ ହୋଇ ଦୌଡ଼ୁଛି । ତାର ବୋଧେ ଅଡ଼ି ... ଯିବାକୁ ମନ ନାହିଁ, କିନ୍ତୁ ବାପ କି କରେଇ ... ଜବରଦସ୍ତି ତାକୁ ଘୋଷାରି ନେଇ ସ୍କୁଲରେ ମାଷ୍ଟ୍ରଙ୍କ ... କରିଦେଲେ ତାଙ୍କ ଦାୟିତ୍ୱ ତୁଟିବ ଓ ପିଲ ମଣିଷ ହୋଇ... ଭାବି ନେଇ ଚାଲିଛନ୍ତି । ଘରୁ ମାଡ ଖାଇ ... ନିଶ୍ଚୟ । ଲୁହ ନାଳ ଏକାକାର ହେଲଣି । ... ସହିତ ସଦ୍‌ଜ୍ଞାନ ମାଧ୍ୟମରେ ଗାଳି ମଧ୍ୟ ... ପିଲ କାହିଁ କି ସ୍କୁଲକୁ ଯିବାକୁ ରାଜି ହଉନି ... ବାପା, ମା କାହାରିକୁ ବେଳ ନାହିଁ । ସମସ୍ତେ ... କାମରେ ବ୍ୟସ୍ତ । ତାକୁ ସ୍କୁଲ ପଠେଇ ଦେଲେ ... ତୁଟିଲା । ନିକଟରେ ଖବର କାଗଜରେ ... ଘଟଣାଟିଏ ତାର ମନେ ପଡ଼ିଗଲା—

ସ୍କୁଲକୁ ନ ଯିବା ପାଇଁ ଜିଦି କରୁଥିବା ... ପୁଅକୁ ଜୋତା ପିନ୍ଧେଇ ଦେଇ ଛାତି ପିଟି ... କାନ୍ଦୁଥିବା ଅବସ୍ଥାରେ ବାପ ନେଇ ... ଛାଡ଼ିଦେଇ ଆସିଲେ । କ୍ଲାସ ଟିଚର ପିଲଟି ... ଦେଖି ଶୃଙ୍ଖଳା ରକ୍ଷା କରିବା ଲାଗି ତାକୁ ଗୋଟିଏ ... ଠିଆ କରିଦେଲେ । ସେଅଧ ଘଣ୍ଟାଏ କାନ୍ଦି କାନ୍ଦି ... ନେଳୀ ପଡ଼ିଗଲା ଓ ସେଇ ଜାଗାରେ ପଡ଼ି ... ପରେ ଜଣା ପଡ଼ିଲା ଯେ ତା ଜୋତା ଭିତରେ ... ବିଛାଟାଏ ରହି ଯାଇ ତାକୁ କାମୁଡ଼ି ପକାଉଛି ଓ ... ଜ୍ୱାଳାରେ ତାର ମୃତ୍ୟୁ ହେଲା । ଛୋଟ ପିଲ ... ତାର କଣ କଷ୍ଟ ହଉଛି ସେ କହି ପାରିଲା ନାହିଁ କି ... ତା କାନ୍ଦର କାରଣ ଜାଣିବା ଲାଗି ଚେଷ୍ଟା କଲେ ନାହିଁ ... ନା ବାପ ମା' ନା ସ୍କୁଲ ଟିଚର ।

ପଣ୍ଡିତେ ସ୍କୁଲରେ ଗାଇଡ୍ କ୍ଲାସ୍‌ରେ ବାଡେନ୍ ପାୱେଲଙ୍କ ଜୀବନୀ ପଢ଼ିଥିଲା । ସେ ଅନେକ ଥର କହିଛନ୍ତି, ଜୋତା ର୍‍ୟାକ୍‌ରୁ ଆଣି ଜୋତା ନ ଝାଡ଼ି ପିନ୍ଧିବ ନାହିଁ ! ତାଙ୍କୁ ସେତେବେଳେ ଅଟା ଲାଗୁଥିଲା—ହୁଁ ଆଫ୍ରିକାର ଜଙ୍ଗଲରେ କାମ କରୁଥିବାରୁ ଏ ଭୟ । ଆଜି ଏ ପ୍ରସଙ୍ଗରେ ସେ କଥା ସତ ହେଲା । ସେ ବରାବର ତା ବାପାଙ୍କୁ ଦେଖିଛି ଅନେକ ସମୟରେ ସେଇ କଥା କହନ୍ତି ଓ ଜୋତା ଝାଡ଼ି କରି ପିନ୍ଧନ୍ତି ।

ସାରା ଜୀବନ ସେଇ ପିଲଟିର କାର୍ଯ୍ୟ ବ୍ୟସ୍ତ ବାପ ମା ପଶ୍ଚେଇ ହଉ ଥିବେ । ଟିକି ଝିଅ ତାର ମନେ ପଡ଼ିଗଲା ପୁଣି—ମା ଘରେ ନାହିଁ ଦେଖିଦେଲା ମାତ୍ରେ ତାର ନିଶ୍ଚୟ ଆରମ୍ଭ ହୋଇଯିବ ସେଇ ସବୁ ଦୁଷ୍ଟାମି—ଯେତେ ଅଦରକାରୀ ଖଣ୍ଡିଆ ଟିଣ ଡବା ଠାରୁ ଆରମ୍ଭ କରି ପୁରୁଣା ବ୍ଲେଡ୍ ପର୍ଯ୍ୟନ୍ତ ସବୁ ହଠାତ୍ ତାର ଦରକାର ପଡ଼ିଯିବେ । ତାଙ୍କ ବାଡ଼ିପଟେ ସେଇ ଯୋଉ ଆବର୍ଜନାରେ ମାଳକୁଟି ଭର୍ତ୍ତି କାଠ ଘର ଖଣ୍ଡ ଅଛି ପରୁଣ ଥର ମନା କଲେ ବି ଅମୂଲ୍ୟ ସଂପଦ ମିଳିଗଲା ପରି କଣ ସବୁ ବରାଣ୍ଡି ଲାଗିଥିବ ସେ ସେଠି । ଖୁନ୍ଦା ଖୁନ୍ଦି ହୋଇ କେତେ ବୁଆଡୁ ଜିନିଷ ସେ ଘରେ ଭର୍ତ୍ତି ହୋଇଛି । ନମିତାକୁ ନିଜେ ସେ ଘରେ ପଶିଲେ ଡର ମାଡେ । ଦିନେ ସେ ଘରେ କଣ ଟାଏ ଖୋଜୁ ଖୋଜୁ ନମିତା ସାପଟାଏ ଦେଖି ସାପ ସାପ କହି ଘରକୁ ଦୌଡ଼ି ପଳାଇ ଆସିଲା । ଘର ଯାକର ଲୋକ ସେଠି ପହଞ୍ଚି ସାପ ନାହିଁ ବୋଲି ଛକି ଛକି ହୋଇ ଦୁଆର ମୁହଁରେ ଡଣ୍ଟୁ ଥିଲୁ ବେଳେ କୋଉ ଖଣ୍ଡରେ ସେ ଟିକି ଝିଅ ଯାଇ ସେ ଘର ଭିତରେ—"ମା' କିଛି ସାପ ଫାପ ଏଠି ନାହିଁ, ତୁ କଣ ଟାଏ ଦେଖିଥିବୁ କାହିଁ ସାପ—!" ନମିତାର ସାପ ଭୟ କୁଆଡେ ଚାଲି ଗଲା । ସେ ଘର ଭିତରକୁ ଧାଇଁ ଯାଇ ତାକୁ ଟାଣି ନେଇ ଆସିଲା । କେତେ ସମୟ ଜିନିଷପତ୍ର ଖେଳାଖେଳି କଲା ପରେ ବଡ ସାପଟାଏ ଦେଖା ପଡ଼ିଲା । ହଁ ହେଲେ ମାରି ହେଲାନି, ସେ କୁଆଡ଼େ ଖସିଗଲା—କାର୍ବଲିକ୍ ଏସିଡ୍ ଘର ଯାକ ପକାହେଲା—

ପରେ ଯେତେ ଥର ନମିତା ତାକୁ ସେ ଘରେ ସାପ ଅଛି ବୋଲି ବୁଝାଏ ସେ ଘରକୁ ନଯିବାକୁ କହେ ସେ ତା ବାପାଙ୍କର ସେଦିନର ସ୍ୱର କପିକରି ଉତ୍ତର ଦିଏ—"ଓଃ ! ମିଛଟାରେ ବ୍ୟସ୍ତ ହ'ନା, ଢ଼ମଣା କାମୁଡ଼େନି ତାର ବିଷ ନାହିଁ ।" ନମିତାର ମନ ବୁଝେନି କିଏଜାଣେ ତାରି ଦେହକୁ ସେ ଢ଼ମଣା ନାଗ ନହେବ କିଏ କହିବ ? କାଲି ରାତିରେ ସେ ଭ.ବିଅଲଟି, କାଠ ଘରେ ରଖିପକେଇ ଦେଇ ଖେଳିବାକୁ ଠାଏ ଲୁଚେଇଦେଇ ଆସିବବୋଲି—କାହିଁ ମନେ ପଡ଼ିଲା ! ଏମିତି ହଜାରେ ଅଶାନ୍ତିରେ ଘଣ୍ଟା ଟୋକ୍ ଲାଗିଲେ ସେ କଥା କଣ ମନେପଡ଼ିବ ? ସ୍ୱାମୀ ପିଲାଏ ସମସ୍ତଙ୍କ ଉପରେ ତାର କେମିତି ଗୋଟେ ବିରକ୍ତିଭାବ ଆସିଗଲା । ଘରଟା ଭିତରେ କାହାରି ପ୍ରତି କାହାର ନଜର ନାହିଁ । ଘର ନୁହେଁ ତ ସେ ଗୋଟେ ହଷ୍ଟେଲ୍ । ସମସ୍ତେ ଖାଲି ପାଠପଢ଼ାରେ ବ୍ୟସ୍ତ । ସେଇ ଏକା ସମସ୍ତଙ୍କ କଥା ବୁଝିବାକୁ ଠିଆହୋଇଛି । ଓଃ ! କେତେ ସେ ମେରି ଖୁଣ୍ଟ କାମକରିବ ? ଯେତେ ଯାହା ଉପରେ ବିରକ୍ତ ହୋଇ ମନ ଓରମାନ ମେଣ୍ଟାଇବାକୁ ଚେଷ୍ଟା କଲେବି ଟିକି ଝିଅ ଚିନ୍ତାରୁ ତାକୁ ନିସ୍ତାର ମିଳିଲା ନାହିଁ ।—ନାଃ ସେ ସ୍କୁଲରୁ ଫେରି ଦାଣ୍ଡରେ ସାଙ୍ଗମାନଙ୍କ ସାଙ୍ଗରେ ଖେଳିବ କାଠ ଘରକୁ ଯିବନାହିଁ କହି ମନକୁ ବୁଝେଇ ଲାଗିଲା—ଦାଣ୍ଡ କଥା ଭାବିଲା ମାତ୍ରେ ଘର ପାଖରେ ଥିବା ଟ୍ରେନ୍ ଲାଇନ୍ ଆଖିଆଗରେ ଦିଶିଲା । ନୂଆ କରି ସେମାନେ ଘରକୁ ଆସିଥାନ୍ତି । ଟ୍ରେନ୍ ଦେଖିବ ବୋଲି କେତେବେଳେ ଚାଲି ଚାଲି ଯାଇ ଲାଇନ୍ ପାଖରେ ପହଞ୍ଚିଯାଇଛି । ଦୂରରୁ ଦେଖିପାରି ନମିତା ଡ଼ାକ ପକେଇଲା । ଦୂରରୁ ଟ୍ରେନ୍ ଆସୁଥିବାର ଶବ୍ଦ ଶୁଣିପାରି ଧୈର୍ଯ୍ୟ ଧରି ରହି ନପାରି ନମିତା ତାକୁ ଡ଼ାକି ଡ଼ାକି ଲାଇନ୍‌ଆଡ଼କୁ ଦୌଡ଼ିବାକୁ ଆରମ୍ଭ କଲା । ଆଶ୍ଚର୍ଯ୍ୟ କଥା ପିଲଟା ତା ମା'କୁ ତା ଆଡ଼କୁ ଦୌଡ଼ୁଥିବାର ଦେଖି କଣ ଭାବିଲା କେଜାଣି ଲାଇନ୍ ଉପରେ ଉପରେ ଆଗକୁ ଆଗକୁ ଦୌଡ଼ିବାକୁ ଲାଗିଲା । ପାଖରେ ଆଉ କେହି ନଥିଲେ । ପାଗଳ ପରି ନମିତା ରାସ୍ତାରେ ଦୌଡ଼ି ଦୌଡ଼ି ଯାଇ ଠିକ୍ ତାକୁ ଟାଣି ଆଣି ଲାଇନ୍ କଡ଼କୁ ଚାଲିଆସିଲା । ପରେ ପରେ ଟ୍ରେନ୍ ତାକୁ ଟପି ଚାଲିଗଲା । ସେଇ ସକ୍‌ରେ ଦୁଇଦିନ ନମିତା ବିଛଣାରୁ ଉଠିନି ।

କାହିଁକି ଉଣ୍ଡ ଏସବୁ କଥା ତାର ମନେ ପଡୁଛି ? ସେ ନିଜ ଉପରେ ବିରକ୍ତ ହେଲା ।

ଏସବୁ ଚିନ୍ତାରୁ ଉଦ୍ଧାର ପାଇବାଲାଗି ସେ ଜଗନ୍ନାଥଙ୍କ ନାଁ ମନେ ମନେ ଉଚ୍ଚାରଣ କରିବାକୁ ଲାଗିଲା । ଯେତେ-ଯେତେ ଘଟଣା ମନେ ପଡ଼ି ତାକୁ ଉଦ୍‌ବିଗ୍ନ କରିଦେଉଛି କିଏ ସେଥିରୁ ତା ଝିଅକୁ ରକ୍ଷା କରିଛି ?

ପୋଲ ପାଖ ରାସ୍ତାରେ ଅସ୍ବାଭାବିକ ପହଞ୍ଚି ଯାଇଥିବା ସେଇ ଭଦ୍ରଲୋକ କେମିତି ସିଏ ସେଠି ପହଞ୍ଚିଲେ ? କିଏ ତାଙ୍କୁ ପଠେଇଲା ? ଟ୍ରେନ୍ ଆଗରୁ ସେ ଝୁଆକୁ ଟାଣି ଆଣିବା ପାଇଁ ତାକୁ ଏତେ ବାଟ ରାସ୍ତାରେ ଦୌଡ଼ିବାର ବୁଦ୍ଧି ଓ ଶକ୍ତି କିଏ ଦେଲା ? କିଏ ତାକୁ ନିଶ୍ଚିତ ମରଣ ମୁହଁରୁ ମୁହୂର୍ତ୍ତକ ଆଗରୁ ରକ୍ଷା କରିଦେଲା ? ନାଃ ସିଏ ଆଉ କେହିନୁହେଁ ନିଶ୍ଚୟ ସେଇ ଜଗନ୍ନାଥ—ସେ ଶବ୍ଦ ଉଚ୍ଚାରଣ କଲାମାତ୍ରେ ମନ ମୁହୂର୍ତ୍ତକ ପାଇଁ ସ୍ଥିର ପଡ଼ିଗଲେ ।

ହେଲେ ପୁଣି ମନକୁ ଆସିଗଲା ଅଦ୍ଭୁତ ପ୍ରଶ୍ନ—ସେ ସତରେ ଅଛନ୍ତିଟି ? ତାଙ୍କୁ ଏ ସବୁ ଶୁଭୁଥିବ ତ ! ଦିଶୁଥିବ ତ ?"

ହଠାତ୍ ସମବେଦନାର ବିଶ୍ୱାସର ଗୋଟିଏ ଅଦ୍ଭୁତ ସ୍ୱର ତା କାନରେ ବାଜିଲା । ସ୍ୱରକୁ ଅନୁସରଣ କରି ରାସ୍ତାର ଏକଡ଼କୁ ଚାହିଁ ସେ ଦେଖିଲା—ବେଲ୍‌ବଟମ୍ ପିନ୍ଧା

ଟୋକା ବଳ ଭିତରେ ସେଇ ବୁଢ଼ୀଟି ଠିଆହୋଇଛି—ଗୋଟିଏ ସତର ଅଠର ବର୍ଷର ସୁନ୍ଦର ପିଲା ଗୋଟିଏ ହାତରେ ସେଇ କାତୁରୀ ବୁଢ଼ୀକୁ କୁଣ୍ଢେଇ ଧରିଛି ଓ ବେଶ୍ ବଡ଼ ପାଟିରେ ତାକୁ ବୁଝେଇ ଲାଗିଛି—"ତୁମେ ବ୍ୟସ୍ତ ହୁଅନିମ ମାଉସୀ ଘରର ଠିକଣାଟା ତୁମେ କାହାଠାରୁ ବୁଝି ଆସିବ ପରା ! ଚାଲ ମୁଁ ତୁମକୁ ନେଇ ତୁମ ପୁଅ ପାଖରେ ଛାଡ଼ିଦେଇ ଆସିବି । ଆମେ ଏଠି ଏତେ ପିଲା ଥାଉ ଥାଉ ତୁମେ ଉଦ୍ବେଗରେ ପହଞ୍ଚି ପାରିବନାହିଁ ? ଏଇଥିପାଇଁ କାନ୍ଦୁଛ ? ଚାଲ ଚାଲ—

ନମିତା ଦେଖିଲା ସେମିତି ଗୋଟିଏ ହାତରେ ବୁଢ଼ୀକୁ କୁଣ୍ଢେଇ ଧରି ତା ପାଦ ସହିତ ପାଦ ମିଳାଇ ସେ ଆଗକୁ ଚାଲି ଲାଗିଲା

ବସ୍‌ର ଷ୍ଟାର୍ଟ ଧଇଲା—ନମିତାର ଆଖି ଆଗରେ ଗୋଟିଏ ଅଦ୍ଭୁତ ଆଲୋକ ଦେଖାଗଲା—ସେ ନିଜକୁ ନିଜର ଅବିଶ୍ୱାସ ପଣିଆକୁ ଧିକାରି ଲାଗିଲା—"ଜଗନ୍ନାଥେ ! ତୁମେ ଅଛକି ନାହିଁ ବୋଲି ମୁଁ ଏଇଲେ ପଚାରୁଥିଲି ନା ! ତୁମେ ସାଙ୍ଗେ ସାଙ୍ଗେ ଆସି ମୋ ଆଗରେ ଉଭା ହୋଇଗଲ ? କିଏ ତୁମର ନାମକରଣ କରିଥିଲା ପ୍ରଭୁ ! ତୁମେର ସେବକ ସତ୍ୟ" ।

ଏତେବେଳେ ଯାଏ ଦୁଃଖ ଆଶଙ୍କାରେ ତାର ବନ୍ଧରୋଧ ହଉଥିଲା, ସେଇ ଦୃଶ୍ୟଟି ଦେଖିଦେଲା ମାତ୍ରେ ଆନନ୍ଦ ଓ ବିଶ୍ୱାସରେ ତା ଛାତି ଫାଟିଗଲା ପରି ଲାଗିଲା । ସଂସାର ଉପରୁ ତାର ସମସ୍ତ ଅବିଶ୍ୱାସ ହଠାତ୍ କୁଆଡ଼େ ଉଭେଇ ଗଲା ।

ସେ ଦେଖିପାରିଲା, ପିଲାଏ ତାର ଏହୁଟିଆ ନାହାନ୍ତି । କେହି ଜଣେ ସେମାନଙ୍କୁ ଖୁବ୍ ନିକଟରୁ ତା ନିଜଠାରୁ ଅଧିକ ନଜର ରଖିଛି, ସେମାନଙ୍କର କିଛି ହବନି । ଅଦ୍ଭୁତ ସେ ଅଦ୍ଭୁତ ସେ ଅନୁଭୂତି । ତା ଛାତିରୁ ସେ ଭାରତ୍ ବୋଝ କୁଆଡ଼େ ଉଡ଼ିଗଲା । ଗୋଟିଏ ସୁନ୍ଦର ସବୁଜ ଆନନ୍ଦ-ମୟ ପୃଥିବୀର ଛବି ତା ଆଖି ଆଗରେ ଦିଶିଗଲା ।

ବୁଢ଼ୀଟି ଯେ ତା ପୁଅକୁ ସୁସ୍ଥ ଅବସ୍ଥାରେ ଦେଖିବ ଏଥିରେ ତାର ଆଉ ସନ୍ଦେହ ରହିଲା ନାହିଁ ।

ପ୍ଲଟ ନଂ ୬୮
ଶହୀଦ ନଗର
ଭୁବନେଶ୍ୱର

## ଭାରତର ୩୫ ଭାଗ ଗ୍ରାମାଞ୍ଚଳକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି

ଆଜି ଭାରତର ପ୍ରତ୍ୟେକ ୧୦୦ଟି ଗ୍ରାମ ମଧ୍ୟରୁ ୩୫ଟି ଗ୍ରାମକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି ।

କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ଘୋଷଣାନୁଯାୟୀ ୧୯୭୭ ମାର୍ଚ୍ଚମାସ ଶେଷସୁଦ୍ଧା ଭାରତର ୫,୭୬ ଲକ୍ଷ ଗ୍ରାମ ମଧ୍ୟରୁ ୨ ଲକ୍ଷରୁ ଅଧିକ ଗ୍ରାମକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି । ଗତବର୍ଷ ମାର୍ଚ୍ଚମାସ ସୁଦ୍ଧା ୨୭.୫ ଲକ୍ଷ ପମ୍ପସେଟ୍‌କୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଥିବା ସ୍ଥଳେ ଚଳିତ ବର୍ଷ ଜୁଲାଇମାସ ପର୍ଯ୍ୟନ୍ତ ୩୦.୩ ଲକ୍ଷ ପମ୍ପସେଟ୍‌କୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଥିଲା । ବିଜୁଳିଶକ୍ତି ଯୋଗାଣ ଫଳରେ ଗ୍ରାମାଞ୍ଚଳ ସମୁଦାୟ ଜନସଂଖ୍ୟାର ଶତକଡ଼ା ୫୭.୨ ଭାଗ ଅର୍ଥାତ ୨୫.୧ କୋଟି ଲୋକ ଉପକୃତ ହୋଇଛନ୍ତି ।


ସର୍ବାଧିକ ବିଜୁଳିଶକ୍ତି ଯୋଗାଇ ଦିଆଯାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ହରିୟାନା ଓ ପଞ୍ଜାବ ହେଉଛି ପ୍ରଥମ । ଏହି ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି । ଏହାପରେ ତାମିଲନାଡୁର ଶତକଡ଼ା ୯୮.୬, କେରଳର ଶତକଡ଼ା ୯୫.୬, ମହାରାଷ୍ଟ୍ରର ଶତକଡ଼ା ୫୬.୫, କର୍ଣ୍ଣାଟକର ଶତକଡ଼ା ୫୪.୮, ଆନ୍ଧ୍ରପ୍ରଦେଶର ଶତକଡ଼ା ୪୯.୬, ଜାମୁକାଶ୍ମୀରର ଶତକଡ଼ା ୪୩.୫, ହିମାଚଳ ପ୍ରଦେଶର ଶତକଡ଼ା ୪୨.୮, ଏବଂ ଗୁଜୁରାଟର ଶତକଡ଼ା ୩୮.୯ ଗ୍ରାମକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି ।

ସର୍ବଭାରତୀୟ ଗ୍ରାମ୍ୟ ବିଦ୍ୟୁତକରଣ ପରିକଳ୍ପନା ଅନୁଯାୟୀ ଅନ୍ୟାନ୍ୟ ରାଜ୍ୟର ହାରାହାରି ଶତକଡ଼ା ୩୫.୨ ଗ୍ରାମକୁ ବିଜୁଳିଶକ୍ତି ଯୋଗାଇ ଦିଆଯାଇଛି ।

# ଯୁବ ଜଗତ

# ସେମାନେ କ'ଣ କହନ୍ତି ?

ସେମାନଙ୍କ ସହ ମିଶିବାର ଭଲ ସୁଯୋଗଟିଏ ମିଳିଥିଲା । ସେଦିନ ତା ୨୪-୬-୭୭ରେ ବ୍ରହ୍ମପୁର ସହରରେ । ଛଅଟି ପୁଅ, ଗୋଟିଏ ଝିଅ । ସମସ୍ତେ କଲେଜରେ ପଢ଼ନ୍ତି । ଏବଂ ସାହିତ୍ୟ, ସଙ୍ଗୀତ ଓ




ଅଭିନୟ ଇତ୍ୟାଦିରେ ସକ୍ରିୟ ଭାଗ ନିଅନ୍ତି । ସେମାନେ କୌଣସି ରାଜନୈତିକ ଦଳର ପ୍ରତ୍ୟକ୍ଷ ସମର୍ଥକ ନୁହନ୍ତି—ମାତ୍ର ଦେଶର ରାଜନୀତି ସଂପର୍କରେ ବେଶ୍ ସଚେତନ । ସେମାନେ ମଧ୍ୟ କେତେକ ସାମାଜିକ

ଅନୁଷ୍ଠାନର କର୍ମୀ । ସମାଜର ବହୁ ସମସ୍ୟା ବିଷୟରେ ସେମାନେ ମଥା ଖେଳାନ୍ତି । ସେମାନେ ପରସ୍ପରର ଘନିଷ୍ଠ ବନ୍ଧୁ । ସେମାନଙ୍କ ସ୍ପୃହାଣୀରେ ସୁବର୍ଣ୍ଣ ଭବିଷ୍ୟତର ସ୍ୱପ୍ନ—ସେମାନଙ୍କ ଛାତିରେ ବର୍ତ୍ତମାନର ଜୀର୍ଣ୍ଣ ସମାଜକୁ ପୁନର୍ଗଠନ କରି ତୋଳିବାର ଅଦମ୍ୟ ପ୍ରେରଣା । ସେମାନେ ବ୍ୟବହାର କଥୋପକଥନରେ ଖୁବ୍ ଭଦ୍ର, ସଂଯତ, ସ୍ପଷ୍ଟବାନ୍, କୋମଳ ଏବଂ ସେମାନେ ଏକ ନୂତନ ମୂଲ୍ୟବୋଧର ପ୍ରତିଷ୍ଠାଲାଗି ବ୍ୟାକୁଳ ।

ଜାଣନ୍ତି ଆପଣ ସେମାନଙ୍କୁ ? ବ୍ରହ୍ମପୁରର କୁମାରୀ ସ୍ମିତା ସିନ୍‌ହା ଆଇ. ଏସ୍. ସି. ପାଶ୍ କରି ବି. ଏ. ପଢ଼ିଲେ । ଶ୍ରୀ ପ୍ରଦୀପ ମହାପାତ୍ର ଷଷ୍ଠବାର୍ଷିକ ଇଂରାଜୀ ଛାତ୍ର । ଶ୍ରୀ ସୁଶାନ୍ତ ପଟ୍ଟନାୟକ, ବି ଏ. ପାସ୍ କରି ସୃଜନଶୀଳ ସାହିତ୍ୟ ସାଧନାରତ । ଶ୍ରୀ ଶୈଳେନ୍ଦ୍ର ପଟ୍ଟନାୟକ, ୨ୟ ବାର୍ଷିକ ଆଇନ୍ ପଢୁଛନ୍ତି । ଶ୍ରୀ ତନ୍ତାରୀ ରବିନ୍ଦ୍ରନାଥ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ ନେଇ ଷଷ୍ଠ ବାର୍ଷିକ ଶ୍ରେଣୀରେ ପଢୁଛନ୍ତି । ଶ୍ରୀ ଲିଙ୍ଗରାଜ ପଣ୍ଡା ଆଇ. ଏ. ପାସ୍‌କରି ସାରି ସମାଜ ଓ ସାହିତ୍ୟ ସଂଗଠନ କାମରେ ମାତିଛନ୍ତି ଓ କିଛି ଗୋଟାଏ ଉପାର୍ଜନ ଧନ୍ଦା ପାଇଲେ ଆଉ କିଛି ପଢ଼ିବେ ବୋଲି ମନସ୍ଥ କରିଛନ୍ତି । ଆଉ, ଶ୍ରୀ ତ୍ରିପତୀ ମିଶ୍ର ରାଜନୀତି ବିଜ୍ଞାନରେ ଏମ୍. ଏ. ପାସ୍ କରି ସାରିଛନ୍ତି ।

ମୋ ସାଙ୍ଗରେ ଥିଲେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ଅଧ୍ୟାପକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ—ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟର ଡେପୁଟି ଡ଼ାଇରେକ୍ଟର । ସେ ଗୋଟିଏ ସାଂସ୍କୃତିକ ସଭାରେ ଭାଷଣ ଦେବାକୁ ଅନୁରୁଦ୍ଧ ହୋଇ ଆସୁଥିଲେ । ଦୁହେଁ ଥାଉଁ ଗେଷ୍ଟ ହାଉସ୍‌ରେ ।

ଏମାନେ ଆସି ପହଞ୍ଚିଲେ । ଆଗରୁ ସମୟ ଧାର୍ଯ୍ୟ ହୋଇଥିଲା । ପ୍ରଥମେ କୁମାରୀ ସ୍ମିତାଙ୍କ ଗୀଟାର ବାଦନ ଶୁଣିଲୁ । ଗୀଟାରରେ ତାଙ୍କର ଭାରି ସଉକ୍ । ସେ ମଧ୍ୟ ବ୍ରହ୍ମପୁରର କେତେକ ସୌଖୀନ ନାଟ୍ୟ ସଂସ୍ଥାରେ ଅଭିନୟ କରନ୍ତି । ଗୀଟାର ସେ ନୂଆ ଶିଖୁଛନ୍ତି ସେତେକ ସରିଲା ପରେ ଆମ୍ଭେମାନେ ସେହି ଯୁବକ ଗୋଷ୍ଠୀ ସଙ୍ଗେ ବିଭିନ୍ନବିଷୟରେ କଥାବାର୍ତ୍ତା କଲୁ । ସେମାନଙ୍କ ପାରିବାରିକ ଜୀବନ ପାଠପଢ଼ା, ବର୍ତ୍ତମାନର ରାଜନୈତିକ ପରିସ୍ଥିତି, କେତେକ ସାମାଜିକ ସମସ୍ୟାବଳୀ, ଅଧ୍ୟାପନା ଓ ଅଧ୍ୟାପକ ଛାତ୍ରମାନଙ୍କ ସଂପର୍କରେ, ବର୍ତ୍ତମାନର ପରୀକ୍ଷା ପଦ୍ଧତି ଉପରେ ବେକାର ସମସ୍ୟା ଦୂରୀକରଣ ବିଷୟରେ । ଖେଳ କସରତ ସିନେମା, ସାହିତ୍ୟ ସଂସ୍କୃତି, ବହୁ ବିଷୟରେ ସେମାନଙ୍କ ସଙ୍ଗେ ଆମର ଆଳାପ ଆଲୋଚନା ହେଲା । ସେମାନେ ଖୁଉବ୍ ଆନନ୍ଦରେ ଖୁବ୍ ଫୁର୍ତ୍ତି ମଜାଜରେ ଆମ ସଙ୍ଗେ କଥାବାର୍ତ୍ତା କରୁଥାନ୍ତି । ଆମ୍ଭମାନଙ୍କ ଭିତରେ ସେହି ତଥା କଥିତ "ଜେନେରେସନ୍ ଗ୍ୟାପ୍" ବୋଲି କିଛି ନ ଥାଏ ।

ସ୍ମିତାଙ୍କର ଗୀଟାର ବାଦନ ପ୍ରସଙ୍ଗରେ କଥା ପଡ଼ୁ ଶ୍ରୀଯୁକ୍ତ ରଥ କହିଲେ—ତୁମେ କୌଣସି ଭାରତୀୟ ଯନ୍ତ୍ରସଙ୍ଗୀତ ଶିକ୍ଷା କରୁନ କାହିଁକି ? ସ୍ମିତା କହିଲେ ଗୀଟାର ମତେ ଖୁବ୍ ଭଲ ଲାଗେ । ମୋର ଇଚ୍ଛା ମୁଁ ଯାକୁ ସଂପୂର୍ଣ୍ଣ ଆୟତ କରି ସାରିଲା ପରେ ମୁଁ ସାରେଙ୍ଗୀ କିମ୍ବା ଭାଓଲିନ୍ କିଛି ଗୋଟାଏ ଶିଖିବି । ମୁଁ କହିଲି—ଏ ଦୁଇଟି କଣ ସେମିତି ବୁଝିଲେ ଖାଣ୍ଟି ଭାରତୀୟ ? ଶ୍ରୀଯୁକ୍ତ ରଥ ତାଙ୍କର ସ୍ୱଭାବ ସୁଲଭ ପରିହାସାତ୍ମକ ଭଙ୍ଗୀରେ କହିଲେ—ତା ହେଲେ ଏକୁ କୁହ ଭଳି ଆମର ଏକ୍‌ତାରାଟି ଏକମାତ୍ର ଭାରତୀୟ ହେଉ । ସମବେତ ଯୁବଗୋଷ୍ଠୀରୁ ଜଣେ କହିଲେ—ଏକ୍‌ତାରା ନା ବେହେଲା ? ଖୁବ୍ ଗୋଟାଏ ହସ ହେଲା । ମାତ୍ର ହାସ୍ୟ ରୋଳକୁ ଗଭୀରତା ଆଡ଼କୁ ଟାଣି ଅଣିଲେ ଶ୍ରୀଯୁକ୍ତ ରଥ । ସେ ମଧୁର ସ୍ୱରରେ କବିତା ଧାଡ଼ିଟିଏ ଭଳି କହିଲେ—ତୁମ୍ଭେମାନେ ଯାହା କହ ସାରେଙ୍ଗୀ ଯେମିତି କନ୍ଦାଏ—ଭାଇଓଲିନ୍ ସେମିତ କଥା କୁହେ । ସ୍ମିତା କହିଲେ—ଏକଦମ ଠିକ୍ କଥା ।

ସେଇଠୁ ଆମ କଥାର ମୋଡ଼ ରାଜନୀତି ଆଡ଼କୁ ମୁହାଁଇଗଲା ।.. ସେତେବେଳକୁ କେନ୍ଦ୍ରରେ ମୁଁ ପଚାରିଲି—ତୁମ୍ଭେମାନେ ଦେଶର ଏ ନାଟକୀୟ ରାଜନୀତିକ ପରିବର୍ତ୍ତନ ଉପରେ କଣ ଭାବୁଛ ? ରବୀନ୍ଦ୍ରନାଥ କହିଲେ—ଭାରତବର୍ଷରେ ଯେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଚାଲି—ଏଥର ପ୍ରମାଣ ମିଳିଗଲା । ସୁଶାନ୍ତ କହିଲେ—ଦେଶବାସୀ ଯେଉଁ ଭୋଟ ଦେଲେ ତାହା କଂଗ୍ରେସ ବିରୁଦ୍ଧରେ—ମାତ୍ର ଭାଗ୍ୟକୁ ଜନତା ସପକ୍ଷରେ ତାହା ପଡ଼ିଗଲା । ସ୍ମିତା କହିଲେ—ଜନତା ଭିତରେ ବହୁ ପରସ୍ପର ମତାଦର୍ଶ ବିରୋଧୀଦଳ ରହିଅଛନ୍ତି । ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପ୍ରକାଶ ନ ପାଇଲାଯାଏ କିଛି କହିହେବ ନାହିଁ । ସୁଶାନ୍ତ କହିଲେ—ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଆସିବ ଜୟପ୍ରକାଶଜୀଙ୍କ ଆଡ଼ୁ । ତାଙ୍କ ଛଡ଼ା, ମୋରାରଜୀ ଦେଶାଇ ଜଣେ ସଚ୍ଚା ଗାନ୍ଧିବାଦୀ । ତେଣୁ ଜନତା ଦଳ ଖୁବ୍ ଶୀଘ୍ର ଗୋଟାଏ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଆଡ଼କୁ ମୁହାଁଇ ଯିବ ।

ମୁଁ ପଚାରିଲି— ସେ ଆଭିମୁଖ୍ୟଟି କଣ ହୋଇପାରେ ବୋଲି ତୁମ୍ଭେମାନେ ବିଶ୍ୱାସ କର ? ପ୍ରଦୀପ କହିଲେ—ଯୁଗୋପଯୋଗୀ ଗାନ୍ଧୀବାଦ । ଶୈଳେନ୍ଦ୍ର କହିଲେ ସବୁ ପୁଣି ନିର୍ଭର କରିବ ଗାନ୍ଧୀବାଦର ବ୍ୟାଖ୍ୟା ଓ ତାର ପ୍ରୟୋଗ ଉପରେ । କଂଗ୍ରେସ ବି କହି ଆସିଛି ଯେ ସେମାନେ ଗାନ୍ଧୀବାଦର ଅନୁସରଣ କରୁଛନ୍ତି ବୋଲି । ସ୍ମିତା କହିଲେ—ଗାନ୍ଧୀଜୀଙ୍କ ମୃତ୍ୟୁର ...

ଖଣ କେବଳ ଖଦଡ଼ ଲୁଗା ତିଆରି, ମହୁ ଆଉ ଝୁଣା ସଂଗ୍ରହ ? ପ୍ରଦୀପ କହିଲେ—ଅଥଚ ଜାପାନରେ ଗାଂଡ଼ିଷ୍ଟରେ ଆଉ ଘଣ୍ଟା ସମେତ ବହୁ ସୌଖିନ ଦ୍ରବ୍ୟ ମଧ୍ୟ କୁଟୀର ଶିଳ୍ପ ବୋଲି ପରିଗଣିତ ହୁଏ । ଏ ସବୁ ଜିନିଷ ଆମ ଗାଁ ଗହଳରେ ସମବାୟ ସୂତ୍ରରେ ତିଆରିହୋଇ ପାରିଥାନ୍ତା । ବେକାର ସମସ୍ୟା ଓ ଅର୍ଦ୍ଧବେକାର ସମସ୍ୟା ସମାଧାନରେ ଏହା ବାଟ ଫିଟାଇ ଥାନ୍ତା । ଦେଶଟା ପୁଂଜୀବାଦୀ ଚେତନା ଘେର ଭିତରେ ପଡ଼ି ନ ଥାନ୍ତା । ଚିନାର ରବୀନ୍ଦ୍ରନାଥ କହିଲେ—ଜନତାଦଳର ଅଧିକାଂଶ ନେତାତ ଥିଲେ କଂଗ୍ରେସରେ । ଅଥଚ ସମବାୟ ଆନ୍ଦୋଳନ ଦେଶରେ ଫେଲ୍ ମାରିଗଲା । ଗ୍ରାମ୍ୟ ଅର୍ଥନୀତି ଦୁର୍ବଳ ହୋଇ ପଡ଼ିଲା । ଟାଉଟର ମାନେ ଧନୀ ହୋଇଗଲେ । ଗାଁ ବାଲା ସହରକୁ ଦଉଡ଼ିଲେ । ସହର ସାରା ସ୍ଲମ୍ (କଦର୍ଯ୍ୟ ବସ୍ତି) ବ୍ୟାପିଗଲା ।

ମୁଁ କହିଲି—ସମସ୍ତେ ଅଭିଜ୍ଞତାରୁ ଶିକ୍ଷା କରନ୍ତି । ତା' ଛଡ଼ା କଂଗ୍ରେସ ଭଳି ଏକ ବିରାଟ ପ୍ରତିଷ୍ଠିତ ଦଳ ଭିତରେ ଯେଉଁମାନେ ସତକୁ ସତ ଗାନ୍ଧୀବାଦୀ ଥିଲେ ସେମାନେ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ଚକ୍ରାନ୍ତ ଭେଦ କରିବାକୁ ଅକ୍ଷମ ହୋଇ ହୁଏତ ଚୁପ୍ ରହିଲେ । ଅଥବା ତହିଁରୁ ଅଲଗା ହୋଇଗଲେ । ତା' ଛଡ଼ାଯେ କୌଣସି ରାଜନୈତିକ ଦଳ ଭିତରେ ଏକନାୟକତ୍ୱ ପ୍ରତିଷ୍ଠା ବଡ଼ ମାରାତ୍ମକ। ସେ କଥା ଛାଡ଼—ଏତେ ବଡ଼ ଦେଶ ପାଇଁ ବର୍ଷ ତିରିଶଟା ଏମିତିକିଛି ବଡ଼ ନୁହେଁ । ଜନତା ଦଳରେ ମାନେ କେନ୍ଦ୍ର ଓ ଆମ ରାଜ୍ୟ ଶାସନ କ୍ଷେତ୍ରରେ ବହୁ ବିଶିଷ୍ଟ ଅଭିଜ୍ଞ ରାଜନୀତିକ ନେତା ଅଛନ୍ତି । ସେମାନେ ପୂର୍ବେବି ଯେ ଯେଉଁ ଦଳରେ ଥାଆନ୍ତୁ ନା କାହିଁକି, ଅତୀତରୁ ବା ଇତିହାସରୁ ସେମାନେ ଖୁବ୍ ଶିକ୍ଷା ପାଇଲେଣି । ଦେଶବାସୀ ମଧ୍ୟ ଆଉ ପୂର୍ବବତ୍ ଅଜ୍ଞ ନାହାନ୍ତି । ତେଣୁ ଦେଶକୁ ଆଉ ପୁରୁଣା ବାଟରେ ମଡ଼େଇ ନେବା କାହାଦ୍ୱାରା ସମ୍ଭବ ହୋଇ ନ ପାରେ । ସେ କଥା ଛାଡ଼—ଓଡ଼ିଶାରେ ଜନତାରାଜ କିପରି ଚାଲିବ ବୋଲି ତୁମେମାନେ ଆଶା କରୁଛ ?

ସମସ୍ତେ ଏକ ସ୍ୱରରେ କହିଲେ—ବେଶ୍ ଭଲ ଚାଲିବ । କାରଣ ଏତେ ସଂଖ୍ୟା ଜୋର ତ ଅତୀତରେ କେଉଁ ଶାସକ ଦଳର ଭାଗ୍ୟରେ ଘଟି ନାହିଁ । ତା ଛଡ଼ା ବିଜୁ ପଟନାୟକ ଖୁବ୍ ପ୍ରଗତିଶୀଳ ଏବଂ ଦୁଃସାହସୀ ନେତା । ବହୁ ଅଭିଜ୍ଞ ନେତା ମଧ୍ୟ ମନ୍ତ୍ରୀମଣ୍ଡଳରେ ରହିବେ । ଚିନାରୀ ରବୀନ୍ଦ୍ରନାଥ କହିଲେ—ଜରୁରୀ ପରିସ୍ଥିତିର ପୂର୍ବ ଓ ପର ଘଟଣା, ତାର କାରଣ ଓ ଫଳାଫଳ ବିଷୟରେ ଅନ୍ତତଃ ସମସ୍ତେ ଜାଗ୍ରତ । ତେଣୁ ଜନତାର ନେତାମାନେ ଖୁବ୍ ସାବଧାନରେ ଚାଲିବାକୁ ବାଧ୍ୟ ହେବେ ।

ଲିଙ୍ଗରାଜ କହିଲେ—ଜନସାଧାରଣଙ୍କ ମତ ଏହି ନିର୍ବାଚନରେ ବିଜୟ ଲାଭ କରିଛି । କିନ୍ତୁ ସେମାନଙ୍କୁ ପଛକୁ ବହୁ ଟାଉଟର ଧନ୍ଦାବାଜ ସ୍ୱାର୍ଥପର ଲୋକେ ନେତାମାନଙ୍କୁ ଘେରିଯିବେ । ସେମାନଙ୍କୁ ଅବାନ୍ତର କାମ କରିବାକୁ ବାଧ୍ୟ କରିବେ ।

ତ୍ରିପତି କହିଲେ—ମୁଳକୁ କିଛିଦିନ ସେମିତି ହୁଏତ ଚାଲିବ । ମୁହଁ ମୁଲାଇଜା ଏଡ଼ିବା ଏତେ ସହଜ ନୁହେଁ । କିନ୍ତୁ ସେମାନେ ତ ଦୁଇଥରୁ ଧକ୍କା ଖାଇବେ—ତେଣୁ ଜନସାଧାରଣ ଏଣୁ ନେତାମାନେ—ଏଇ ଦୁଇ ଧକ୍କାରେ ଟାଉଟର ମାନଙ୍କ ପ୍ରଫେସନ ବନ୍ଦ ହୋଇଯିବ । ସାଧାରଣ ଲୋକେ ଟାଉଟର ମାନଙ୍କୁ ଏଣିକି ମାଡ଼ ଦେବେ ।

ଲିଙ୍ଗରାଜ ହସି ହସି କହିଲେ—ହଉ—ଦେଖାଯାଉ ।

ସେଇଠୁ ଆମର ଆଲୋଚନା ବର୍ତ୍ତମାନର ଶିକ୍ଷାନୀତି ଆଡ଼କୁ ଆଗେଇ ଗଲା । ସମସ୍ତେ ପ୍ରାୟ ମତ ଦେଲେ ଯେ ଏ ଶିକ୍ଷାନୀତିରେ ଯାହାତ ଦୋଷ ଅଛି ଅଛି—ମାତ୍ର ଅସଲ ଦୋଷ ରହୁଛି ଶିକ୍ଷକ ଅଧ୍ୟାପକଙ୍କ ପାଖରେ ।

ଶ୍ରୀଯୁକ୍ତ ରଥ ହସି ହସି କହିଲେ—ସବୁ ଦୋଷ ଶିକ୍ଷକ ଅଧ୍ୟାପକମାନଙ୍କ ଉପରେ ଲଦିଦେଇ—ତୁମେ ସବୁ ଗୁଣମଣି ମାନେ ପାଠ ନ ପଢ଼ି, କପି କରି, ଖାଲି ରାଜନୀତି କରୁଥାଅ—ନଚେତ୍ ବା ସିନେମା ଦେଖୁଥାଅ ।

ସ୍ମିତା କହିଲେ—ନାଇଁ ସାର ! ସେ କଥା ନୁହେଁ—କିନ୍ତୁ ଆମେ ଯଦି ଖରାପ ହେଉଛୁ—ତେବେ କାହା ଲାଗି ?

ଶ୍ରୀଯୁକ୍ତ ରଥ କହିଲେ—ତୁମ ବାପ ମା ମାନେ ଦାୟୀ ନହେବେ କାହିଁକି ?

ହସି ହସି ସ୍ମିତା କହିଲେ—ଆମେ ଶିକ୍ଷକ ମାନଙ୍କୁ ଦାୟୀକରିବୁ—ଶିକ୍ଷକମାନେ ବାପ ମାମାନଙ୍କୁ ଦାୟୀ କରନ୍ତୁ ।

ମୁଁ କହିଲି—ତା ହେଲେ ସାଏ ମୋଟ ଏହି ତିନି ପକ୍ଷହିଁ ଦାୟୀ ବୋଲି ଧରାଯାଉ । କିନ୍ତୁ ଭଲ ଅଧ୍ୟାପକ କହିଲେ ତୁମେମାନେ କଣ ବୁଝ ?

ପ୍ରଦୀପ କହିଲେ—ଅଧ୍ୟାପକ ମାନଙ୍କର ଉଚ୍ଚକୋଟି ଦରମା ବଢ଼ାଇ ଦେଲେ ଖୁସିର କଥା । କିନ୍ତୁ ଅଧ୍ୟାପକ ମାନଙ୍କର ଗୁଣଗତ ଉତ୍କର୍ଷ କେମିତି ବଢ଼ିବ ସେ ବାଟ କିଏ ବତାଇବ ? ଖାଲି ଡକ୍ଟରେଟ୍ କରିଦେଲେ କଣ ଜଣେ ଜ୍ଞାନୀ ହୋଇଯିବେ । ଅସଲି ହେଲା ପଢ଼େଇ ପାରିବାର କ୍ଷମତା ଓ ପିଲାମାନଙ୍କ ସଙ୍ଗେ ଆନ୍ତରିକ ସଂପର୍କ ସ୍ଥାପନ କରିପାରିବାର କ୍ଷମତା ।

ସ୍ମିତା କହିଲେ–ଜଣେ ଅଧ୍ୟାପକ ଛାତ୍ରଛାତ୍ରୀଙ୍କଠାରୁ ନିଜକୁ ଅତି ବଡ଼ ବୋଲି ଭାବିଲେ ଭାରି ଖରାପ ଲାଗେ । ବହୁ ଅଧ୍ୟାପକ ନିଜକୁ ଆମର ହାକିମ ବୋଲି ବିଚାରନ୍ତି । ଆମେ ଆଶାକରୁ ଆମେ ଯେମିତି ଆମର ବାପ ମାଆ ଭାଇ ଭଉଣୀଙ୍କ ପାଖରେ ଫ୍ରି ଥାଉ ସେମିତି ଫ୍ରି (ମୁକ୍ତ) ରହିବୁ ଅଧ୍ୟାପକ ମାନଙ୍କ ପାଖରେ । ସେମାନେ ଆମକୁ ଗାଳି ଦେବେ– ଆମେ ବି ସେମାନଙ୍କୁ ଗାଳି ଦେବୁ ।

ସୁଶାନ୍ତ କହିଲେ–ବହୁ ଅଧ୍ୟାପକମାନଙ୍କର ବ୍ୟବ- ବ୍ୟବହାର ଏମିତି ରୁକ୍ଷ ଆଉ ଅଂସଲଗ୍ନ ଯେ ତାଙ୍କ ତୁଣ୍ଡରୁ ଯେତେବଡ଼ ଜ୍ଞାନ ବାହାରିଲେ ବି ସେଗୁଡ଼ାକ ଆମ କାନ ଭିତରେ ପଶେ ନାହିଁ । ଅଧ୍ୟାପକ ଆମର ଗାଇଡ (ପଥ ପ୍ରଦର୍ଶକ) ଏବଂ ସ୍ନେହ ଦେଇ ସେ ଆମକୁ ଗାଇଡ୍ କରିବା ଉଚିତ୍ । କିନ୍ତୁ ସେମାନେ ଖୁବ ଅସଂଯତ ।

ଚିନାରୀ ରବୀନ୍ଦ୍ରନାଥ କହିଲେ–ଆମ ଭିତରେ ଭଲ ବୁଝାମଣା ହେବା ପାଇଁ ଆଗ ଅଧ୍ୟାପକଙ୍କ ଆଡୁ ଚେଷ୍ଟା ହେବା ଦରକାର । ମୋର ମନେ ହୁଏ ସେମାନେ ଆମେ ମଲୁ କି ଗଲୁ କୋଉ କଥାରେ ମୁଣ୍ଡ ଖେଳାନ୍ତି ନାହିଁ ।

ମୁଁ ଟିକିଏ ବିରକ୍ତ ବୋଧ କଲି । କହିଲି–ଦେଖ ବାବୁ ମାନେ ! ତୁମ୍ଭେମାନେ ଅତି ସାନ ପିଲାଙ୍କ ଭଳି କଥାକହୁଛ । ତୁମ ବୟସର ଛାତ୍ର ଛାତ୍ରୀ ମାନେ ଯଥେଷ୍ଟ ସାବାଳକ ହେଲେଣି । ଅଧ୍ୟାପକମାନଙ୍କ ପ୍ରତି ତୁମର ମଧ୍ୟ ଭକ୍ତି, ବିଶ୍ୱାସ ଓ ଭରସା ରହିବା ଉଚିତ୍ । ମୁଁ ଶୁଣିଛି–ଅତି ଭଲ ଅଧ୍ୟାପକଙ୍କ କ୍ଲାସରେ ବି ତୁମ୍ଭେମାନେ ଛତରାମୀ କର । କିଛି ପଢ଼ାଇ ଦିଅ ନାହିଁ । ତୁମ୍ଭେମାନେ ଶାସନ ବିଭାଗର ଲୋକଙ୍କୁ ଶିକ୍ଷା ବିଭାଗ ଲୋକଙ୍କ ଅପେକ୍ଷା ବଡ଼ ସ୍ଥାନ ଦିଅ ।

ପ୍ରଦୀପ କହିଲେ–ଆଜ୍ଞା ଆମେ ମାନୁଛୁ ଯେ ଏବେବି ଆମ କଲେଜରେ ଆମ ମନମୁତାବକ ଅଧ୍ୟାପକ ଅନ୍ତତଃ ୧୦–୧୫ ଜଣ ଅଛନ୍ତି ।

ଏମିତି ବହୁ କଥା ପଡ଼ିଲା । ସମସ୍ତେ କିନ୍ତୁ ଶିକ୍ଷା କ୍ଷେତ୍ରରେ ଖୁବ୍ କମ ସରକାରୀ ନିୟନ୍ତ୍ରଣ ରହୁ ବୋଲି ମତ ଦେଲେ । କଲେଜରେ ପରୀକ୍ଷା ଓ ଏମ୍. [illegible] କ୍ଲାସରେ ସେମିଷ୍ଟର ସିଷ୍ଟମ ସପକ୍ଷରେ ସମସ୍ତେ ଏକମ[illegible] ହେଲେ । କପିକୁ ଦୃଢ଼ ହସ୍ତରେ ଦମନ କରିବା ପା[illegible] ସମସ୍ତେ ଏକସ୍ୱର ହେଲେ ।

ଏତଦ୍ ବ୍ୟତୀତ ସେମାନଙ୍କ ସଙ୍ଗେ ଆଉ [illegible] ଯାହା କଥାବାର୍ତ୍ତା ହେଲା–ତାର ସାର ମର୍ମ ହେଲା [illegible] ଦେଶରେ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଖୁବ୍ [illegible] ଭାବେ ଚାଲୁ–ମାତ୍ର କାହାକୁ ଭୟଭୀତ ନ କ[illegible] ଶିକ୍ଷା ବିସ୍ତାର କାର୍ଯ୍ୟକ୍ରମ ଚାଲୁ ରହୁ । ଯୌତୁକ [illegible] ଉପରେ ସରକାର ମୁଣ୍ଡ ନ ଖେଳେଇ ବାପ ମା ମା[illegible] ପ୍ରେମ ବିବାହ ଲାଗି ପୁଅଝିଅମାନଙ୍କୁ ଅନୁମତି ଦେ[illegible] ଯୌତୁକ ଆଉ ସମସ୍ୟା ହୋଇ ରହିବ ନାହିଁ [illegible] ଦେଶର ଯୁବଗୋଷ୍ଠୀ କେବଳ ରାଜନୀତିରେ ନ [illegible] ଖେଳ କସରତ ଅଭିନୟ, ସାହିତ୍ୟ, ସଂସ୍କୃତି [illegible] ଆଦିରେ ସେମାନେ ଅଧିକ ଅଂଶ ଗ୍ରହଣ କରନ୍ତୁ ଓ ସେଥିପାଇଁ ସରକାର ଓ ସମାଜ ବହୁତ ପରି[illegible] ଏବଂ ସୁଯୋଗ ସୃଷ୍ଟିକରୁ ।

ଶେଷରେ ସମସ୍ତେ ଏକମତ ହେଲେ–ଯେ ଦେଶ[illegible] କେବଳ "ଯୁବ ଯୁବ" ବୋଲି ଏକ ବିଚ୍ଛିନ୍ନ ହ[illegible] ନ ହେବା କଲ୍ୟାଣ କର । ଗୋଟିଏ ସୁସ୍ଥ ସ[illegible] ସମାଜ ଠିକ୍ ଗୋଟିଏ ସୁସ୍ଥ ସଙ୍ଗତ ପରିବାର [illegible] ଏଠି ଚାରିପୁରୁଷ–ଯଥା–ପ୍ରେପିତାମହ ପ୍ରପିତା [illegible] ପିତାମହ ପିତାମହୀ, ପିତା ମାତା ଓ ପୁତ୍ର [illegible] ବେଶ୍ ପାଖା ପାଖି ରହି ପାରିବେ–ପରସ୍ପରକୁ ସାହା[illegible] କରି ପାରିବେ । ଓ ପରସ୍ପର ସାନ୍ନିଧ୍ୟ ଓ କର୍ମକୁ ଉପ[illegible] କଲିପାରିବେ ଆମ ଭାରତର ସମାଜ ଓ ପରି[illegible] ବ୍ୟବସ୍ଥା ଏହିଭଳି ସୁସଙ୍ଗତ । ମାତ୍ର ପାଶ୍ଚା[illegible] ଦେଶରେ ଏ ଶୃଂଖଳା ଭାଙ୍ଗି ଯାଇଛି । ଏକ [illegible] ଛଡ଼ା ସ୍ୱାର୍ଥ କେନ୍ଦ୍ରିକ ସମାଜରେ ଏବଂ ପରିବାର[illegible] "ଯୁବ ସମାଜ" ନିଜକୁ ବିପନ୍ନ ଏବଂ ଏକାକୀ [illegible] କରୁଥିବାରୁ ସେଠାରେ ଏହି "ଯୁବ ବିଦ୍ରୋହ" ଅଧି[illegible] ହୋଇ ଉଠିଛି ।

ଆଲୋଚନାଟି ଖୁବ୍ ମଧୁର ଆଉ ହୃଦ୍ୟ ହୋ[illegible] ଥିଲା । ଚାହାପାନ ପରେ ଆମ୍ଭେମାନେ ଖୁବ୍ [illegible] ମନରେ ବିଦାୟ ଦିଆନିଆ ହୋଇଥିଲୁ ।

—ମହାପାତ୍ର ନୀଳମଣି [illegible]



# କଳାକାର
# ଶ୍ରୀ ରଘୁନାଥ ପଣ୍ଡା

ଶ୍ରୀ ରମାକାନ୍ତ ରାଉତ
ଶ୍ରୀ ଜୟକୃଷ୍ଣ ସାମଲ



ଡାକବାକ୍ସିୟନ୍ତ କଣ୍ଠପିଟାଇ ଚିତ୍କାର କରୁଥାଏ— ସ୍ୱର୍ଣ୍ଣ ସୁଯୋଗ ରାଜଧାନୀରେ ନୀଳଚକ୍ର ଅପେରା— 'ଛତ୍ରପତି ଶିବାଜୀ' । ମୁଁ ପ୍ରକୃତିସ୍ଥ ହୋଇପଡ଼ିଲି ମୋର ସଂପର୍କୀୟ ଶ୍ରୀ ନିମାଇଁ ଚରଣ ମଲ୍ଲିକଙ୍କ ଗୁରୁଦାୟିତ୍ୱ କଥା ସ୍ମରଣ କରି । ଗତ ଗ୍ରୀଷ୍ମାବକାଶରେ ଚେଷ୍ଟାକରି ମଧ୍ୟ ନାଟ୍ୟାଗ୍ରୟୀ ଶ୍ରୀ ପଣ୍ଡାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିବାର ସୁଯୋଗ ପାଇ ନଥିଲି । ଇତି ମଧ୍ୟରେ ଶ୍ରୀ ମଲ୍ଲିକଙ୍କ ଠାକୁରଦାୟିତ୍ୱଟି ମୋ ନିକଟକୁ ସିଫ୍ଟ ହୋଇ ଯାଇଥିବାର ଶୁଣି ସଂପାଦକଙ୍କର ଘନଘନ ତାଗିଦ ଆସି ଯାଇଛି । ଯାହେଉ ଏ ଅବସରରେ ମୁଁ କାର୍ଯ୍ୟ ହାସଲ କରିବାର ସ୍ୱପ୍ନରେ ବିଭୋର ହେଉଥିଲି । କବି ବନ୍ଧୁ ଶ୍ରୀ ଜୟକୃଷ୍ଣ ସାମଲଙ୍କୁ ସାଥିରେ ଧରି ବନଦୁର୍ଗା ଅଭିମୁଖେ ଛୁଟିଲି ଓ ପଚରା ପଚରିକରି ନୀଳଚକ୍ର ଅପେରାର ଡ଼ୟାଘର ଓ ତନ୍ମଧ୍ୟରୁ ଖୋଦ୍ ଓସ୍ତାଦଜୀ ଶ୍ରୀ ରଘୁନାଥ ପଣ୍ଡାଙ୍କ ଖାସ୍ କାମେରା ଆବିଷ୍କାର କଲୁଁ । ଏକ ତେଲ ଚିଟିଚିଟା କାନିଡ଼ଳା ଦରି ଉପରେ ନିର୍ବିକାର ଭାବରେ ବସିପଡ଼ିଛନ୍ତି, କେତେଜଣ ଶିଶୁ କଳାକାରଙ୍କ ଗହଣରେ । ବଡ଼ ଦୁଃଖ, ଦୟନୀୟ ଓ ବୈକଲ୍ୟ ସେ ଦଶ୍ୟ; ଭାରି ବିବ୍ରତ ହୋଇ ଗଲୁ ଆମେ ଏବଂ ପାଖରୁମ୍‌ର ଅନ୍ୟଜଣେ ଅଭିନେତାଙ୍କ ସହାୟତାରେ ଆମେ ଦୁଇଜଣ ଆଗନ୍ତୁକ ଯାଇଥିବାର ସମ୍ବାଦ ପାଇବା ମାତ୍ରେ ସେ ଅଗତ୍ୟା ଉଠି ପଡ଼ିଲେ ଏବଂ ତା ଉପରେ ଖଣ୍ଡିଏ ସପ ପକାଇ ଆମପାଇଁ ଜାଗା ପ୍ରସ୍ତୁତ କରିଦେଲେ । ଆସନଗ୍ରହଣାନ୍ତେ ଆମେ ଆମର ଅଭିପ୍ରାୟ ବ୍ୟକ୍ତ କଲୁଁ ଓ ଶ୍ରୀ ପଣ୍ଡା ଆମ ସହ ଏକ ମନଖୋଲା ପାରିବାରିକ ଆଳାପ ଆଲୋଚନା ଆରମ୍ଭ କରିଦେଲେ । ତା ଭିତରେ ତାଙ୍କର ଅଭିବ୍ୟକ୍ତି "ଆପଣଙ୍କ ଶ୍ରଦ୍ଧାର ମୁଁ ଅମର୍ଯ୍ୟାଦା କରିପାରୁ ନାହିଁ । କିନ୍ତୁ କହିବାର ଲୋଭ ବି ସମ୍ଭରଣ କରିପାରୁନି— କିଭଳି ହେବ ଏଥିରେ ଆପଣଙ୍କର ? ଏକ ରଘୁନାଥ ପଣ୍ଡା ମଣାଳସେନ, ରାଜକପୁର ବା ଦିଲ୍ଲୀପ କୁମାର ନୁହେଁ ; ସେ ମାଟିର ପଙ୍କ ଆବର୍ଜନାରେ ଲୋଟୁଥିବା ଏକ ଥାଏଟ୍ରିକାଲ ଯାତ୍ରାଦଳର ମାମୁଲି ଓସ୍ତାଦ ଯାହାର ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ ନାହିଁ । ସାମାଜିକ ପ୍ରତିଷ୍ଠା ନାହିଁ କି ଇଣ୍ଟେଲେକ୍-ଚୁଆଲର ସ୍ୱୀକୃତି ନାହିଁ । ଭଙ୍ଗା ତରବାରୀ, ବେସୁରା ହାରମୋନିଅମ ଓ ଛିଣ୍ଡା ପୋଷାକ ଦିଖଣ୍ଡି ଧରି ଅଶିକ୍ଷିତ ପଲ୍ଲୀ ଦର୍ଶକର କର୍ମକ୍ଳାନ୍ତ ମାନସକୁ ଟିକିଏ ଚିତ୍ତବିନୋଦନ ସାମାନ୍ୟ ଅବସରର ଖୋରାକ ଯୋଗାଉଥିବା ଗଣନାଟ୍ୟ-କାର ରଘୁପଣ୍ଡା ସହ ସାକ୍ଷାତକାର ଆପଣଙ୍କ ପ୍ରତିକାର ଗ୍ରାହକତା ବା ସାହିତ୍ୟିକ ମୂଲ୍ୟକୁ କୌଣସି ଗୁଣରେ ବୃଦ୍ଧି କରିବ ନାହିଁ ।" ମୋର ମନେ ହେଉଥିଲା କଳାକାରଙ୍କ ଏ ଆତ୍ମାଭିମାନ ଭିତରେ ବହୁ ଅଭିଯୋଗ ବହୁ ଆକ୍ଷେପ, ଅନୁରକ୍ତି ଓ ଐକାନ୍ତିକତାର ଆଭାସଥିବା କଥା ଆମେ ଉପଲବ୍ଧି କଲୁଁ । ଅବଶ୍ୟ ଆମେ ତାଙ୍କ ପ୍ରତି ବହୁ ଅବହେଳା କରିଛୁଁ, ଏଯାଏଁ ତାଙ୍କ ପ୍ରତିଭାକୁ ଚିହ୍ନି ପାରିଲୁ ନାହିଁ ।

ଶ୍ରୀ ପଣ୍ଡା ଜୀବନର ଉତ୍ତର କାଳରୁହିଁ ଗଣନାଟ୍ୟ ପ୍ରତି ସମଧିକ ଶ୍ରଦ୍ଧା ପ୍ରଦର୍ଶନ କରି ସମଗ୍ର ଜୀବନକୁ ଜଳାଞ୍ଜଳି ଦେଇଛନ୍ତି ସେଇ ଗଣ ଦେବତାଙ୍କ ପୂଜା-ଆରାଧନାରେ ନିବିଷ୍ଟ ରହି ରହି । ଅଭିନୟ, ଓସ୍ତାଦୀ, ନିର୍ଦ୍ଦେଶନା, ନାଟକ ଓ ସଂଗୀତ ରଚନା ଓ ସର୍ବୋପରି ଆର୍ଥିକ ଚିନ୍ତା ଓ ଦଳ ଗଠନ ଆଦି ପରିଚାଳନା ପୂର୍ବକ ଏଇ ଗଣନାଟ୍ୟ ବା 'ଯାତ୍ରା' ଲାଗି ତାଙ୍କର ସମଗ୍ର ଜୀବନଟି ଏକରକମ ବ୍ୟୟିତ ହୋଇଯାଇଛି ଖାଲି ସବୁବେଳେ ଅଭାବ ଅନାଟନ, ହାହୁତାଶ, କୁତ୍ସା, ନିନ୍ଦାଦିର ଅତୀନ୍ଦ୍ରିୟ ରାଗିଣୀ ଶୁଣି ଶୁଣି । ଅଭିନୟ ରଜନୀରେ ବିଶ୍ୱ ବିଜୟୀ ସିକନ୍ଦର ଯେ ପରବର୍ତ୍ତୀ ଦିବସରେ ନିଜ ପାର୍ଟିର ଅନ୍ନ ସଂସ୍ଥାନଲାଗି ଚିନ୍ତାଗ୍ରସ୍ତ । ବ୍ୟଥିତ ଅସ୍ଥିର ଓ ଉଦ୍‌ବିଗ୍ନ ; ଯାହାଠୁଁ ନିୟତିର ଆଉ କି ନିର୍ମମ ଉପହାସ ଥାଇପାରେ ? ତଥାପି ତାଙ୍କର ସେଥିରେ ଅସୀମ ଶାନ୍ତି, ସନ୍ତୋଷ, ଗର୍ବ ଅନୁରାଗ ପୂରି ରହିଛି । କାଳୀ ବାବୁଙ୍କ ଶିଷ୍ୟ ଭାବେ ଓଡ଼ିଶା ଥିଏଟର୍‌ସରେ ତାଲିମ ପାଇ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, କୃଷ୍ଣବନ୍ଧୁଙ୍କ ଯାତ୍ରା ଦଳରେ ଅଭିନୟ କରିବା ପରେ ଓଡ଼ିଶାର ବହୁଦଳ ଗଠନ ଓ ସେଥିରେ ଅଭିନୟ, ସଂଗଠନ ଆଦି ଦାୟିତ୍ୱ ବହନ କରିବାର ଅବ୍ୟବହିତ ପରେବି ଜୀବନର ଉତ୍ତର ଷଷ୍ଟୀତମ ବର୍ଷରେ ସେ ଯୁବସୁଲଭ ଉତ୍ସାହ, ଆଗ୍ରହ ଓ ଉଦ୍ଦୀପନା ନେଇ ଗଣନାଟ୍ୟକୁ ନୂତନ ରୂପ ନୂତନ ଜୀବନ ଓ ନବୀନ ପୁଟ ଦେଇ ସମୃଦ୍ଧ କରି ଚାଲିଛନ୍ତି । ଏବେ ୪୦ ଖଣ୍ଡି ପୁସ୍ତକ ସେ ଲେଖି ସାରିଛନ୍ତି । ବାଲେଶ୍ୱର ଜିଲ୍ଲାର ଭଦ୍ରକ ନିକଟବର୍ତ୍ତୀ ଗଞ୍ଜାମାଳ ତାଙ୍କର ଜନ୍ମ ସ୍ଥାନ ଓ ପିତାଙ୍କ ନାମ ସୋମନାଥ ପଣ୍ଡା । ୧୯୧୬ ମସିହାରେ ତାଙ୍କର ଜନ୍ମ । ଗ୍ରାମ ଚଟଶାଳୀରେ ନିଜର ପ୍ରାଥମିକ ଶିକ୍ଷା ସମାପନ କରି ଧାମନଗର ଏମ୍‌. ଇ. ସ୍କୁଲରେ ଅଧ୍ୟୟନ କଲେ ଏବଂ ମାଧ୍ୟମିକ ବୃତ୍ତି ଲାଭକରି ଭଦ୍ରକ ହାଇସ୍କୁଲରେ ପ୍ରବେଶିକା ଅଧ୍ୟୟନ କରିଥିଲେ । ସେ ୧୯୪୨ରୁ ଗଣନାଟ୍ୟରେ ନିଜକୁ ନିୟୋଜିତ କରିଛନ୍ତି ।

ପ୍ରଶ୍ନ :—ଆଚ୍ଛା, ଆପଣ ପ୍ରଥମେ କେଉଁ ଦଳରେ ଅଭିନୟ କରିଥିଲେ ?

ଉତ୍ତର :—ନିଜର ଜନ୍ମସ୍ଥାନ ଗଞ୍ଜାମାଳରେ ଗାଆଁଲି ପର୍ବପର୍ବାଣୀରେ ହେଉଥିବା ଯାତ୍ରା ଦଳରେ ରୋଲ କରିଥିଲି । କ୍ରମଶଃ ଏଦିଗରେ ମୋ ମନ ଆଗ୍ରହୀ ହେଉଥିଲା କିନ୍ତୁ ନାନା କାରଣରୁ ଏଦିଗରେ ବହୁଦିନ ଯାଏ କିଛି ବ୍ୟବସ୍ଥା କରିପାରି ନଥିଲି । କିନ୍ତୁ ଅଭିନୟପ୍ରତି ମୋର ଅହେତୁକ ଆଗ୍ରହକୁ ଚରିତାର୍ଥ କରିବାର ପ୍ରତିକ୍ଷାରେ ମୁଁ ସୁଯୋଗ ଖୋଜୁଥିଲି ।

ପ୍ରଶ୍ନ :—ସେ ସୁଯୋଗ କେବେ ଜୁଟିଲା ?

ଉତ୍ତର :—ଏମିତି ସାମୟିକ ଅଭିନୟରେ ବିଶେଷ ସନ୍ତୋଷ ଲାଭ ନକରି ପ୍ରତିବେଶୀ ଗ୍ରାମ ଅସୁରାଳିଠାରେ 'ଦାମୋଦର ଅପେରା' ନାମରେ ଏକ ଦଳରେ ଯୋଗ ଦେଲି ଓ ତାହାକୁ ସଂଗଠନ କରିବାରେ ଉଦ୍ୟମ କଲି । କ୍ରମଶଃ ଏହାର ସମସ୍ତ ଭାର ମୋ ଉପରେ ପଡ଼ିଲା । କିନ୍ତୁ ଏତେ ଅପରିପକ୍ୱ ବୟସରୁ ଏତେ ଗୁରୁ ଦାୟିତ୍ୱ ନେବାରେ ସାମର୍ଥ୍ୟ ଓ ସମ୍ଭାବନା ମୁଁ ଦେଖି ପାରୁ ନଥିଲି । ଅର୍ଥ ସମସ୍ୟାହିଁ ଏ ଦିଗରେ ଅନ୍ତରାୟ ଥିଲା ।

ପ୍ରଶ୍ନ :-ତା'ପରେ ଆପଣଙ୍କ ଗତିପଥକୁଆଡ଼ିକି ହେଲା ?

ଉତ୍ତର :—ଦାମୋଦର ଅପେରାର ଉନ୍ନତି ଭବିଷ୍ୟତ ବିଷୟରେ ସନ୍ଦେହ ପ୍ରକାଶ କରି ଏବଂ ମୋ ନିଜ ଭବିଷ୍ୟତ ଉନ୍ନତି କାମନା କରି ୧୯୪୫ ମସିହାରେ 'କାଳୀବାବୁଙ୍କ ଓଡ଼ିଶା ଥିଏଟରସ୍‌' ରେ ମିଶିଲି ।

ପ୍ରଶ୍ନ :—ସେଠି ଆପଣ ନିଜକୁ କିଭଳି ସାମିଲ କରିପାରୁଥିଲେ ?

ଉତ୍ତର :—କାଳୀବାବୁତ ସେତେବେଳେ ଅପ୍ରତିଦ୍ୱନ୍ଦ୍ୱୀ ନାଟକୀୟ ବ୍ୟକ୍ତିତ୍ୱ ଏବଂ ଓଡ଼ିଶା ଥିଏଟରସ୍‌ର ସର୍ବେସର୍ବା । ମୁଁ ଏକ ଶିକ୍ଷାର୍ଥୀର ମନୋବୃତ୍ତି ନେଇ ଯାଇଥିଲି । ଉଦ୍ଦେଶ୍ୟ ଥିଲା ତାଙ୍କର ଆନୁଗତ୍ୟ ଲାଭ କରିପାରିଲେ ମୁଁ କିଛିଟା ଉନ୍ନତି କରିପାରିବି । ତେଣୁ ମୋ ଜୀବନରେ ପ୍ରଥମ ଶିକ୍ଷାଗୁରୁ ହିସାବରେ ମୁଁ ତାଙ୍କୁ ମନ୍ତ୍ରଗୁରୁ ଗ୍ରହଣ କରିନେଇଥିଲି । "ଦୁଃଖିନୀଦାସ ଡାକେ" ଓ ଅନ୍ୟାନ୍ୟ କେତେକ ନାଟକ ଯେତେବେଳେ ଛାପା ହେଲା, ତାହା ତାଙ୍କ ପାଦପଦ୍ମରେ ଉତ୍ସର୍ଗ କରି ମୁଁ କୃତାର୍ଥ ହୋଇଛି ।

ପ୍ରଶ୍ନ :—ଆପଣ ଓଡ଼ିଶା ଥିଏଟରସ୍‌ରେ କେଉଁ ନାଟକରେ ଅଭିନୟ କରିଥିଲେ ?

ଉତ୍ତର :—'ଚକ୍ରୀ' ବହିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି । ଏତଦ୍‌ଭିନ୍ନ 'ଭାତ', 'ମୁକ୍ତି' ପ୍ରଭୃତି ବହିରେ ଅଭିନୟ କରିଥିଲି । କିନ୍ତୁ ନାନାଦି ପାରିବାରିକ କାରଣରୁ ଓଡ଼ିଶା ଥିଏଟରସ୍‌ରୁ ଅଳ୍ପଦିନ ମଧ୍ୟରେ ବିଦାୟ ନେବାକୁ ପଡ଼ିଲା ।

ପ୍ରଶ୍ନ :— ଓଡ଼ିଶା ଥିଏଟରସ୍ ଛାଡ଼ିବା ପରେ ଆପଣଙ୍କ ଜୀବନ ପ୍ରବାହର ମୋଡ଼ କେଉଁ ଦିଗରେ ଗତିକଲା ?

ଉତ୍ତର :—ହୁଏତ ସଂସାରିକ ବନ୍ଧନରେ କିଛିକାଳ ଜଡ଼ିତ ହୋଇଥିଲି । ତେଲ ଲୁଣର ସଂସାର ଭିତରେ ଆବଦ୍ଧ ହୋଇ ପ୍ରତ୍ୟହ ସେଥିରୁ ମୁକ୍ତିର ପଥ ସନ୍ଧାନରେ ମୁଁ ବ୍ୟସ୍ତ ଥିଲି । କାରଣ ମନ ଭିତରେ ଏକ ଅଭିନୟ ନିଶା ପ୍ରତି ମୁହୂର୍ତ୍ତରେ ମୋତେ ସଚେତନ କରିଦେଉଥିଲା । ତେଣୁ ମୁଁ ମୋତେ ସ୍ଥିର ହୋଇ ପାରୁ ନଥିଲି । କ୍ରମଶଃ ସେ ଉଦୀପନା ମୋଟିଁ ପ୍ରବଳତର ଦେଖାଦେଲା ଓ ତାହା ଚରିତାର୍ଥ ପାଇଁ 'ଡୁଙ୍ଗୁରା' ଗ୍ରାମରେ ଏକ ଯାତ୍ରାଦଳ ଗଢ଼ିଲି । ତା ପରେ ବହୁ ଯାଗାରେ ବିଭିନ୍ନ ଦଳ ଗଢ଼ି ଅଭିନୟ କରିଛି । ହୁଏତ ସେସବୁ କ୍ରମାନ୍ୱୟରେ ଗୋଟି ଗୋଟି କରି ତାଲିକା ମୁଁ ଦେଇ ପାରିବି ନାହିଁ । ମୁଖ୍ୟତଃ ଅମ୍ବୁଗାଡ଼ି, ଡୁଙ୍ଗୁରା, ବଡ଼ବାଁ, କୁଆଖିଆ, ହରିପୁର, କହରାପୋଖରା, ବସନ୍ତିଆ, ସୁନନ୍ଦା, ମଙ୍ଗଳପୁର, ସାହାଣୀ ଦଳ ଓ ଆନନ୍ଦ ବଜାର ଇତ୍ୟାଦି ମୋର ସ୍ମରଣ ହେଉଛି । କିନ୍ତୁ ହରିପୁର ଦଳଟିର ସାଫଲ୍ୟ ଅପେକ୍ଷାକୃତ ଅଧିକ ଥିବା କଥା ମୁଁ ଅନୁଭବ କରିଥିଲି ।

ପ୍ରଶ୍ନ :—ଏଭଳି ଦଳବଦଳର କାରଣ କ'ଣ ?

ଉତ୍ତର :—ଉକ୍ତ ଦଳଗୁଡ଼ିକର ପୃଷ୍ଠପୋଷକମାନେ ସେତେ ଧନୀ, ଉଚ୍ଚ ଶିକ୍ଷିତ ବା ଉଚ୍ଚମାନ ଆଭିଜାତ୍ୟ ସଂପନ୍ନ ବ୍ୟକ୍ତି ନଥିଲେ । ପୂର୍ବର ରାଜା ଜମିଦାରଙ୍କ ଭଳି ନିଜନିଜର କଳାବିଳାସ ବା ସୌଖିନ ଭାବପ୍ରବଣତାର ପରିପ୍ରକାଶନର ଖେୟାଲରେ ଅଜସ୍ର ଅର୍ଥ ବିନିଯୋଗର ମନୋଭାବ ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ତା ସଙ୍ଗେ ନିଜର କର୍ତ୍ତୃତ୍ୱଜାହେର, ନାମ ଓ ଗ୍ରାମର ପ୍ରଶ୍ନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅର୍ଥ ବିନିଯୋଗ କରି ଏକ ବ୍ୟବସାୟିକ ଭିତ୍ତିରେ ଲାଭବାନ ହେବାର ମୋହ ମଧ୍ୟ କେତେକ ପୃଷ୍ଠପୋଷକଙ୍କର ଲକ୍ଷ୍ୟ ଥିଲା । ସେସବୁ ବ୍ୟାହତ ହୁଅନ୍ତେ ପୃଷ୍ଠପୋଷକମାନେ ବିମନ, ବିତସ୍ପୃହ ବା ବିରୋଧୀଭାବ ପୋଷଣକରି ଅସହଯୋଗ କରୁଥିଲେ । ମୁଁ ଟିକିଏ ସ୍ୱାଧୀନଚେତା, ସ୍ପଷ୍ଟ ଓ ଅପ୍ରିୟବାଦୀ ତଥା ଈଷତ୍ କୋପୀ ହୋଇ ଥିବାରୁ ଅନେକ ପୃଷ୍ଠପୋଷକଙ୍କ ସଙ୍ଗେ ମତାନ୍ତର ବା ମନାନ୍ତର ଦଳବଦଳର ଅନ୍ୟତମ କାରଣ ଥିଲା । ଏତଦ୍‌ଭିନ୍ନ ଯେଉଁ ଦଳରେ ମୁଁ ପ୍ରବେଶ କଲି ଲୋକେ ଆପଣା ଛାଏଁ ତାକୁ 'ପଣ୍ଡାଦଳ' କହିବାରୁ ଅନ୍ୟମାନେ ତାହା ବରଦାସ୍ତ କରିନପାରି ମୋତେ ତଡ଼ିବାର ଉପାୟ ଚିନ୍ତା କରୁଥିଲେ ଏଇ ହେଲା ମୋଟାମୋଟି ମୋ ଦଳବଦଳର ହେତୁ ।

ପ୍ରଶ୍ନ :—ଗୋଟିଏ ନୂଆଦଳ ଗଢ଼ି କେତେ ଦିନ ଭିତରେ ତାକୁ ଅଭିନୟକ୍ଷମ କରିପାରିବେ ?

ଉତ୍ତର :—ପ୍ରଥମେ ପ୍ରଥମେ ଟିକିଏ ବେଶିଦିନ ଲାଗୁଥିଲା । କିନ୍ତୁ ଏବେ ୩ ମାସ ଭିତରେ ପୁରାପୁରି ଏକ ନୂଆଦଳ ଗଢ଼ି ନୂଆ ନାଟକ ଅଭିନୟ କରିବାର ଅଭିଜ୍ଞତା ଓ ଆତ୍ମ ଦୃଢ଼ତା ମୁଁ ହାସଲ କରିସାରିଛି ।

ପ୍ରଶ୍ନ :—ଆଚ୍ଛା, ଦଳବଦଳ ବ୍ୟତୀତ ଯେଉଁ କଳାକାରମାନଙ୍କୁ ଆପଣ ତାଲିମ ଦେଇ ପରିଚିତ କରାଇଛନ୍ତି, ସେମାନେ ବହୁସମୟ ଆପଣଙ୍କୁ ଓ ଆପଣଙ୍କ ଦଳ ଛାଡ଼ି ଚାଲିଯିବାର କାରଣ କଣ ?

ଉତ୍ତର :—କାରଣ ଅତି ସହଜ । ନିର୍ଦ୍ଦେଶନାଦେବାରେ ମୁଁ ବଡ଼ ଏକଛତ୍ରବାଦୀ । ହୁଏତ ଏହାମୋର ଦୁର୍ବଳତା ବୋଲି ଆପଣ କହି ପାରନ୍ତି । କିନ୍ତୁ ତାହା ମୁଁ କେବେ ପରିହାର କରିପାରିନି । ତାଛଡ଼ା ମୁଁ ଜଣେ ହାର୍ଡଟାସ୍କମାଷ୍ଟର ଓ କଡ଼ାମିଜାଜର ଲୋକ । ଫଳରେ ମୋ ତାଉ ସମ୍ଭାଳି ପଡ଼ିରହିବା ସେମାନଙ୍କ ପକ୍ଷରେ ଅସହ୍ୟ ହୋଇ ପାରୁଥାଏ । ଏତଦ୍‌ବ୍ୟତୀତ ଅର୍ଥାଭାବ ଓ ବାରମ୍ବାର ଦଳବଦଳ ହେତୁ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ନିୟମିତ ଦେବା ବହୁ ସମୟରେ ସମ୍ଭବ ହେଉ ନଥିଲା । ସର୍ବଶେଷ କାରଣ ହେଉଛି, ଯାହାକୁ ଆମର ଜାତୀୟ ଗୁଣ କହିଲେ ଭୁଲ ହେବ ନାହିଁ । ଆମମାନଙ୍କର ଅତିଅଳ୍ପ ବୟସରୁ ଓସ୍ତାଦୀ ଚାଲି ଆସେ । ଗୋଟିଏ ଦୁଇଟି ବହିରେ ରୋଲ କରି ସାରିଲେ ଆମେ ନିଜକୁ ଜଣେ ନିର୍ଦ୍ଦେଶକ ବୋଲି ଧରି ନେଉଁ ଓ ସ୍ୱତନ୍ତ୍ରଭାବେ ଏକ ଯାତ୍ରାଦଳ ଗଠନ କରିବାର ଚେଷ୍ଟାରେ ଲାଗିପଡ଼ୁଁ । ଏପରି ବିଭିନ୍ନ କାରଣରୁ ଅନେକ ମୋତେ ଛାଡ଼ି ଚାଲିଯାଇଛନ୍ତି । ବହୁ ସମୟରେ ମୁଁ ମୋର କେତେଜଣ କୃତୀଶିଷ୍ୟଙ୍କ ଅଭାବ ଅନୁଭବ କରେଁ ଯେ ପର୍ଯ୍ୟନ୍ତ ଅନ୍ୟଜଣେ ଅଭିନେତାଙ୍କୁ ତାଲିମ ଦେଇ ମୁଁ ତା ସ୍ଥାନ ପୂରଣ କରି ନପାରିଛି ।

ପ୍ରଶ୍ନ :—ଆପଣଙ୍କ ଛାତ୍ରମାନଙ୍କ ମଧ୍ୟରୋର କେଉଁମାନେ ଅନ୍ତତଃ ଷ୍ଟେଟ ଲେଭଲ କଳାକାର ବୋଲି ଆପଣ ଭାବନ୍ତି ?

ଉତ୍ତର :—ସ୍ୱର୍ଗତ ଉଦୟ ମାହୁନ୍ତ ଓ ନିହାର ନାୟକ ଶ୍ରୀ ଗୁରୁ ଚରଣ ପଣ୍ଡା, ବିଷ୍ଣୁ ପତି, ଦୀନବନ୍ଧୁ ମାଟିଆ, ହରିହର ମିଶ୍ର (ରସରାଜ) ଉମାକାନ୍ତ ବେହେରା, ଗଙ୍ଗାଧର ନାଥ, ବୈଦ୍ୟନାଥ ଆରଣ, ଯୋଗୀନ୍ଦ୍ର ବାରିକ, ପରିମଳ ପାତ୍ର ଓ ଗୋପାଳ ଗୋସ୍ୱାମୀ ପ୍ରମୁଖ । ଏମାନଙ୍କ ମଧ୍ୟରେ ଉଦୟ ମାହୁନ୍ତ ବେଶ୍ ପ୍ରତିଭାଶାଳୀ ଅଭି ନେତା ଥିଲେ । ଅଭିନୟବେଳେ ଏତେ ଆତ୍ମବିସ୍ମୃତ ଓ ଭାବପ୍ରବଣ ହେବା ଲୋକ ମୁଁ ଖୁବ୍ କମ୍ ଦେଖିଛି । ଏବେ ବି ମୋର ମନେ ଅଛି ତାର ଶେଷ ଡ଼ାଇଲଗ୍, 'ରାମ ରାଜ୍ୟ ବହିର "ଘେନି ଆସ ନିର୍ଦ୍ଦୟ ଅଗ୍ରଜ—ଭିକାରୁଣୀ ସାଜସାଜି ରାଜଲକ୍ଷ୍ମୀ ସୀତା ବିସର୍ଜନ ଦେଇ ଆସେ ଘୋର ବନସ୍ତରେ,କନକ ପ୍ରତିମା କନ୍ତ ଜନକ ତନୟା ।" ❉ ❉ ❉ ଠିକ୍ ଏତକ ଉଚ୍ଚାରଣ କରିସାରି ଅଗତ୍ୟା ସେ ମୃତ୍ୟୁବରଣ କରିଥିଲେ ସେଇ ଷ୍ଟେଜ ଉପରେ ।

ଭାବୋଚ୍ଛ୍ୱାସରେ ଶ୍ରୀ ପଣ୍ଡାଙ୍କର କଣ୍ଠରୋଧ ହୋଇ ଗଲା । ଦିଟୋପା ଅଶ୍ରୁ ମଧ୍ୟ ନିଗିଡ଼ି ଆସିଲା । ସେ କିଛି ସମୟ ନୀରବ ରହିଲେ । ଇତି ମଧ୍ୟରେ ଚା ଆସିଯାଇଥିଲା । ଚା ପାନର ବିରତି ମଧ୍ୟରେ ଆମେ ସମସ୍ତେ ନିଜକୁ ଭାବପ୍ରବଣତାରୁ ବିମୁକ୍ତ କରି ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମଲାଗି ପ୍ରସ୍ତୁତ ହୋଇ ପଡ଼ିଲୁ ।

ପ୍ରଶ୍ନ :—ଆଚ୍ଛା, ଆପଣ ଏ ଲେଖାଲେଖି କେବେ ଆରମ୍ଭ କଲେ ?

ଉତ୍ତର :—ପିଲାବେଳୁ କବିତା ଲେଖାରେ ସଉକ ଥିଲା । ସେମିତି ଖାଁ ଖାଁ ଲେଖାଲେଖି କରୁଥିଲି । ଓଡ଼ିଶା ଥିଏଟରସ୍‌ରୁ ଆସି ଯେତେବେଳେ ତୁନ୍ତୁରା ଦଳ କରେଁ ସେତେବେଳେ ଅଭିନୟ ଲାଗି ବହି ସଂଗ୍ରହ ଏକ ସମସ୍ୟା ଥିଲା । ତେଣୁ 'ଶକୁନ୍ତଳା' ବହି ଲେଖି ସେଇ ଦଳଦ୍ୱାରା ଅଭିନୀତ କରାଇଥିଲି ।

ପ୍ରଶ୍ନ :—ବର୍ତ୍ତମାନ ସମୁଦାୟ ନାଟକ ସଂଖ୍ୟା କେତେ ହେବ ?

ଉତ୍ତର :—ତ୍ରିଶରୁ ଅଧିକ ନାଟକ ମୁଁ ଏଯାବତ୍ ଲେଖି ସାରିଛି ଓ ପାୟ ୨୫ ଖଣ୍ଡ ସେଥିରୁ ଛପା ସରିଛି ।

ପ୍ରଶ୍ନ :—ଆପଣ କ'ଣ 'ଶକୁନ୍ତଳା' ପରି ; ପୌରାଣିକ ନାଟକ ଲେଖିଛନ୍ତି ?

ଉତ୍ତର :—ନା । ଛଅସାତଖଣ୍ଡି ସାମାଜିକ ନାଟକ ବି ଲେଖିଛି । ତେବେ ମୋ ଲେଖାକୁ ଅବଶ୍ୟ ମୁଁ ୩ ଶ୍ରେଣୀରେ ବିଭକ୍ତ କରିପାରିଛି—(୧) ପୌରାଣିକ, ଯଥା ଶକୁନ୍ତଳା, ଖୁଲଣା ସୁନ୍ଦରୀ, ଯୋଗଜନ୍ମା ରାବଣ, ରାମରାଜ୍ୟ ପ୍ରଭୃତି (୨) ଐତିହାସିକ—ଯଯାତି, ବିମଳା, ପୃଥ୍ୱୀରାଜ, ପଞ୍ଜାବ କେଶରୀ, ଖିଜିର ଖାଁ, ଛତ୍ରପତି ଶିବାଜୀ, ଆଲେକଜାଣ୍ଡାର, ହଳଦୀଘାଟ, ମାଣିକମାଳ ଇତ୍ୟାଦି । (୩) ସର୍ବଶେଷ ପର୍ଯ୍ୟାୟ ହେଉଛି ସାମାଜିକ । ଯଦିଓ ଟିକିଏ ପରେ ମୁଁ ଏଥିରେ ହାତ ଦେଇଛି ତେବେ ଏହାର ସଂଖ୍ୟା କମ ନୁହେଁ । ଅଭିନୟ ଦୃଷ୍ଟିରୁ ବେଶ ଆଦୃତ ହୋଇ ପାରିଛି । ଏଗୁଡ଼ିକ ହେଲା—ସଉଦାୟ, ଦୁଃଖନଦୀରତୀରେ, ଗାଁ ଗହଳି, ଗିହ୍ନସାବାଇ, ଅଙ୍ଗାର, ମରଣ ଆଖିର ଲୁହ ଇତ୍ୟାଦି । 'ସମ୍ଭବାମି ଯୁଗେଯୁଗେ', କଳାକାର ଅପମୃତ୍ୟୁ, ଓ 'ଆଖଣ୍ଡଳମଣି' ମୋର ପରବର୍ତ୍ତୀ ସୃଷ୍ଟି ।

ପ୍ରଶ୍ନ :—କେଉଁ ବହି ଆପାତତଃ ଆପଣଙ୍କ ଖ୍ୟାତି ପରିବ୍ୟାପ୍ତ କରି ପାରିଥିଲା ?

ଉତ୍ତର :—'ରାମରାଜ୍ୟ'ର ପ୍ରଭାବ ଦର୍ଶକ ମହଲରେ ବେଶ୍ ପ୍ରଭାବ ବିସ୍ତାର କରିପାରୁଥିଲା । ମୁଖ୍ୟତଃ ଏଇ ନାଟକ ମୋତେ ଓଡ଼ିଶାରେ ପ୍ରତିଷ୍ଠିତ କରିଥିଲା । ଅଭିନୟ ସଫଳତା ଦିଗରୁ 'ଛତ୍ରପତି ଶିବାଜୀ', 'ଆଲେକ୍ ଜାଣ୍ଡାର' ସରପଞ୍ଚ ଓ ଖୁଲଣା ସୁନ୍ଦରୀ ଉଲ୍ଲେଖଯୋଗ୍ୟ ।

ପ୍ରଶ୍ନ :—ଆପଣଙ୍କ ଉପରେ କେଉଁ ନାଟ୍ୟକାରଙ୍କ ପ୍ରଭାବ ପଡ଼ିଛି ?

ଉତ୍ତର :—କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପ୍ରଭାବ ମୁଁ ମୂଳରୁ ଉଲ୍ଲେଖ କରିଛି । ଅଭିନୟ ନିର୍ଦ୍ଦେଶନାପରି ନାଟକ ଓ ଲିରିକ ପାଇଁ ସେ ଏକ ପ୍ରେରଣାର ଉତ୍ସ । ଐତିହାସିକ ନାଟକ ଲେଖାରେ ମୁଁ ଅଶ୍ୱିନୀ କୁମାରଙ୍କ ପଦାଙ୍କ ଅନୁସରଣ କରୁଥିଲି । ଉତ୍କଳ ହାଇସ୍କୁଲରେ ଛାତ୍ର ଥିବା ବେଳେ ତାଙ୍କ ଓ ଗଣେଶପ୍ରସାଦଙ୍କ ହେଉଥିବା ମୁସଲମାନଙ୍କର 'ମୋଗଲତାମସା' ମୋତେ ଖୁବ୍ ଭଲଲାଗୁ ଥିଲା । ଏହାର ଅଭିନୟ ପରିପାଟି ଅତି କଷ୍ଟ ଓ ଶ୍ରଦ୍ଧା ଧରଣର ଥିଲା ବି ସେତେବେଳେ ରାତିରାତି ଉଜାଗର ...

ଏସବୁ ଉପଭୋଗ କରୁଥିଲି । ଏହାର ଏକ ସ୍ଥାୟୀ ପ୍ରତିଛବି ମୋଠି ଅଙ୍କିତ ହୋଇଛି । ଯାହା ପରବର୍ତ୍ତୀ କାଳରେ ହୁଏତ ମୋ ଲେଖାରେ ପ୍ରତିଫଳିତ ହୋଇଥିବ ।

ପ୍ରଶ୍ନ :—ବୈଷ୍ଣବ ପାଣିଙ୍କ ଦ୍ୱାରା ଆପଣ କ'ଣ ମୋଟେ ପ୍ରଭାବିତ ହୋଇ ନାହାନ୍ତି ?

ଉତ୍ତର :—ସେତେବେଳେ ବୈଷ୍ଣବ ପାଣିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇନାହିଁ । ତାଙ୍କୁ ଓ ତାଙ୍କ ଲେଖା ବିଷୟ ଜାଣିବାର ଅବକାଶ ମିଳିଲା ବହୁତ ପରେ । ବରଂ ଭଦ୍ରକ ନିକଟବର୍ତ୍ତୀ କେନ୍ଦୁଆପଦାର ହାଡ଼ିବନ୍ଧୁ ଦାସଙ୍କ ଦ୍ୱାରା ମୁଁ ବହୁ କାରଣରୁ ଋଣୀ । କବିମଞ୍ଜୁଳ କୃଷ୍ଣ ବସୁଙ୍କ ନିକଟରେ କିଛିଦିନ କଟେଇବାର ସୁଯୋଗ ପାଇଥିଲି । ନଳାଙ୍ଗର କବି ଓ ନାଟ୍ୟକାର ସ୍ୱର୍ଗତ ଜଗନ୍ନାଥ ପାଣିଙ୍କର କିଛି ଅପ୍ରକାଶିତ ଲେଖା ପଢି ପ୍ରଭାବିତ ହୋଇଥିଲି ।

ପ୍ରଶ୍ନ :—ବଙ୍ଗଳାର ଡ଼ି. ଏଲ. ରାୟଙ୍କ ପ୍ରଭାବ କ'ଣ ମୋଟେ ଆପଣଙ୍କ ଉପରେ ପଡ଼ିନାହିଁ ?

ଉତ୍ତର :—ଡ଼ି. ଏଲ. ରାୟଙ୍କ ସଂଳାପକୁ ମୋଟେ ମୁଁ ପସନ୍ଦ କରେନା; ଯଦିଓ ତାଙ୍କର 'ଲକ୍ଷ୍ମଣ ଶକ୍ତିଭେଦ', ମାଇକେଲ ମଧୁସୂଦନଙ୍କ 'ମେଘନାଦ ବଧ' ପଢି ଶେଷ କରିଛି । ଡ଼ି. ଏଲ. ରାୟଙ୍କ କାପାଳିକ ଓ ତୁଙ୍ଗାର୍ଘ୍ୟଙ୍କର 'ଛତ୍ରପତି ଶିବାଜୀର' ତୁଙ୍ଗାର୍ଘ୍ୟ ଓ ଝଟିକା ଚରିତ୍ରର କିଛିଟା ସାଦୃଶ୍ୟ ରହିଛି ।

ପ୍ରଶ୍ନ :—ଆପଣଙ୍କ ଐତିହାସିକ ନାଟକ ବଙ୍ଗଳା ଅପେରାର ଛାୟାରେ ଲେଖା ବୋଲି କେତେକଙ୍କର ମତ । ତେଣୁ ଆପଣ ଜଣେ ଅନୁବାଦକ ବୋଲି ଅନେକ ଅଭିଯୋଗ କରନ୍ତି ।

ଉତ୍ତର :—କରିବା ସ୍ୱାଭାବିକ । ଇତିହାସ ବଙ୍ଗଳା ବହିରେ ଯାହା, ଓଡ଼ିଆରେ ତାହାହିଁ ହେବ । ପ୍ରତ୍ୟେକ ନାଟ୍ୟକାର ତାର ଲେଖାକୁ ଏକ ଐତିହାସିକ ପିଠିକା ଉପରେ ଠିଆ କରାଇବାକୁ ବାଧ୍ୟ । ତେଣୁ ବଙ୍ଗଳା ନାଟକରେ ବର୍ଣ୍ଣିତ ଆକବରଙ୍କ ହଳଦୀଘାଟ ଯୁଦ୍ଧକୁ ମୁଁ ତ ଆଉରଙ୍ଗଜେବଙ୍କ କରି ପାରିବି ନାହିଁ । ବରଂ ମୋ ଅପେରାର ଆଧୁନିକ ଦିଗ ବହୁମାତ୍ରାରେ କଲିକତାର ତରୁଣ ଅପେରାର ଟେକ୍‌ନିକ୍ ନେଇଁ ଗୁମ୍ଫିତ । ଆଧୁନିକ ବଙ୍ଗଳା ଫିଲ୍ମ ବା ହିନ୍ଦୀ ସିନେମାର ଟିଉନିଂ ନେଇ ଓଡ଼ିଆ ଲିରିକ୍ ରଚନା କରିଥାଏଁ ।

ପ୍ରଶ୍ନ :—ଆପଣଙ୍କୁ କ'ଣ ସଙ୍ଗୀତ ଜଣାଅଛି ?

ଉତ୍ତର :—ମୁଁ ସେଥିରେ ମୋଟେ ପ୍ରବୀଣ ନୁହଁ । ସଙ୍ଗୀତ ବିଷୟରେ ସାଧାରଣ ଜ୍ଞାନ ଅଛି । ଯନ୍ତ୍ର ସଙ୍ଗୀତ ଓ ତାଳ ମାନର ଥିଓରି ଦିଗଟା ଅନ୍ତତଃ ଜଣାଅଛି । ତେଣୁ ଲିରିକ୍ ରଚନାବେଳେ ଏଥିପୋଇଁ ମୁଁ କିଛିଟା ଉପକୃତ ହୁଏଁ ।

ପ୍ରଶ୍ନ— ଏଭଳି ଏକ ଯୁଗରେ ପହଞ୍ଚି ଆପଣ କିପରି ପୁରୁଷ ମାନଙ୍କୁ ସ୍ତ୍ରୀ ଭୂମିକାରେ ଅବତାରଣ କରନ୍ତି ? ସେମାନେ କ'ଣ ଅଭିନୟର ବାସ୍ତବିକତା ବା ସ୍ୱାଭାବିକତାଦିରେ ଅଭିନେତ୍ରୀମାନଙ୍କ ପରି ଦର୍ଶକ ଦୃଷ୍ଟି ଆକର୍ଷଣ କରିପାରନ୍ତି ।

ଉତ୍ତର—ଅବଶ୍ୟ ଅପେରାର ଦର୍ଶକ ଟିକିଏ ନିମ୍ନ ରୁଚି-ସଂପନ୍ନ ବୋଲି ଆପଣ ଧରି ନେଇ ପାରନ୍ତି । ମୁଁ ଅସ୍ୱୀକାର କରୁନି । କିନ୍ତୁ ତା ଅର୍ଥ ନୁହେଁ ଉଚ୍ଚ ରୁଚିସଂପନ୍ନ ଶିକ୍ଷିତ ଦର୍ଶକ ମୋଟେ ଆମ୍ଭମାନଙ୍କର ଆସର ମାଡ଼ନ୍ତି ନାହିଁ । ତେବେ ଏବର ଥିଏଟର୍ସରେ ଅଭିନୟ କରୁଥିବା ସ୍ତ୍ରୀ କଳା-କାରଙ୍କ ସହ ଟକ୍‌କର ଦେଇ ମେକଅପ୍, ଡ଼ାଏଲଗ୍, ଅଭିନୟ, ଗେସଚର ଓ ପୋସ୍‌ଚର ଆଦି କେଉଁଥିରେ ପୁରୁଷ ଆର୍ଟିଷ୍ଟମାନେ ଊଣା ପଡ଼ନ୍ତି ନାହିଁ । ଯେହେତୁ ମୁଁ ନିଜେ ବହି ଲେଖେ, ପରିଚାଳନା ବା ନିର୍ଦ୍ଦେଶନା ଦାୟିତ୍ୱରେ ଥାଏ ତେଣୁ ଦଳର ଅଭିନେତ୍ରୀ ଭୂମିକାରେ ଅବତୀର୍ଣ୍ଣ ଲୋକକୁ ଆଖି ଆଗରେ ରଖି ଚରିତ୍ର ସ୍ଥିରୀକୃତ କରାଯାଇଥାଏ । ତେବେ ବର୍ତ୍ତମାନର ଦର୍ଶକ ଟିକିଏ ସ୍ତ୍ରୀ କଳାକାର ପାଇଁ ଆଗ୍ରହୀ ହେବାର ଲକ୍ଷ୍ୟକରି ମୁଁ ବି ସେମାନଙ୍କୁ ଗ୍ରହଣ କରିସାରିଛି ।

ପ୍ରଶ୍ନ— କେଉଁଠୁ ଆପଣ ଓଡ଼ିଶା ଯାତ୍ରାରେ ନାରୀମାନଙ୍କୁ ଗ୍ରହଣ କରିନେଲେ ? ଏଥିରେ କିଛି ସମସ୍ୟା ଉପୁଜୁ ନାହିଁ ?

ଉତ୍ତର—ବୋଧହୁଏ ମୁଁ ପ୍ରଥମକରି ନାରୀମାନଙ୍କୁ ଗଣନାଟ୍ୟ ପରିସର ମଧ୍ୟକୁ ଆଣିଛି । ଏଥିପାଇଁ ମୋତେ ବହୁ ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିଛି ।

ପ୍ରଶ୍ନ— ଆଚ୍ଛା ଉତ୍କଟ ନାଟକର ଯେଉଁ ସ୍ରୋତ ଆସଛି, ତାହା ଗଣନାଟ୍ୟକୁ କିପରି ପ୍ରଭାବିତ କରିବ ବୋଲି ଆପଣ ଭାବୁଛନ୍ତି ।

ଉତ୍ତର—ଏ ବିଷୟରେ ମୁଁ ମୋଟେ ବିବ୍ରତ ନହେଁ । ଉତ୍କଟ ନାଟକ ଓଡ଼ିଶୀ ଦର୍ଶକ ଲାଗି ମୋଟେ

ଅନୁକୂଳ ନୁହେ । ସେ ଭଦ୍ରତାର ସରହଦ ପର୍ଯ୍ୟନ୍ତ ଛୁଇଁ ନାହିଁ । ଆମ ଦର୍ଶକ ଏକାନ୍ତ ଭାବେ ଗଳ୍ପ ପ୍ରିୟ । ଅଭିନୟ ଗଳ୍ପ ତା'ର ଅତି ପ୍ରିୟ– ସେ ପୁଣି ସରଳ ସୁନ୍ଦର, ସରସ ଓ ରହସ୍ୟାୟିତ ଅତିବାସ୍ତବ ଓ ଅଲୌକିକପରେ ପର୍ଯ୍ୟବସିତ ହେବା ଉଚିତ । ତଥାପି ଅରଣ୍ୟ ଫସଲ ବା 'ମୃଗୟା' ମୋତେ ଭଲ ଲାଗିଲା । ତେବେ ତା'ର ଅଭିନୟ ବିଷୟରେ ମୁଁ ଏତେଟା ନିଶ୍ଚିତ ହୋଇ ପାରୁନି ଯଦିଓ କେବେ କେଉଁ ପରିସ୍ଥିତିରେ ତାହା ସାମୟିକ ସଫଳତା ଲାଭ କରିପାରିଥିବ ।

ପ୍ରଶ୍ନ– ଆପଣ କ'ଣ ବର୍ଷସାରା ଏଇ ଅଭିନୟ ନେଇ ବ୍ୟସ୍ତ ରହନ୍ତି ?

ଉତ୍ତର–ଜାନୁଆରୀ ଠାରୁ ମେ ଯାଏ ଆମେ ସାଧାରଣତଃ ବିଭିନ୍ନ ଅଞ୍ଚଳରେ ଅଭିନୟ କରୁଁ । ଏହାକୁ ଆମର ଫେୟାର ୱେଦର ସିଜିନ୍ ବୋଲି ଆପଣ କହି ପାରନ୍ତି । ଅନ୍ୟ ସମୟତକ ବଡ଼ ଡ୍ରଲ୍-ଅନ୍ତତଃ ଅର୍ଥାଗମ ଦିଗରୁ । ତେବେ କେତେକ ସହରରେ ପ୍ରୋଗ୍ରାମ୍ ଏ ସମୟରେ ରଖା ଯାଇଥାଏ । କାରଣ ଦଳକୁତ ଯେନ ତେନ ବଞ୍ଚେଇବାକୁ ହେବ । ଶିଳ୍ପୀମାନଙ୍କୁତ କିଛି ପଇସା ପତ୍ର ଦେବା ଦରକାର । ଏତେଦିନର ପ୍ରତିଷ୍ଠିତ ଦଳ ହୋଇ ମଧ୍ୟ ଆମର ଅବସ୍ଥା ବେଳେ ବେଳେ ହଡ଼ ବଡ଼େଇ ଯାଏ । ଏକାଦିକ୍ରମେ ଲଗାଣ ବର୍ଷା ହୋଇଗଲେ କେତେକ ଯାତ୍ରା ପାର୍ଟିର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼େ ଯେ ସେମାନେ ନିଜର ପୋଷାକ ପତ୍ର ପର୍ଯ୍ୟନ୍ତ ବନ୍ଧା ଦେଇ ମେଣ୍ଟିନାନ୍ସ୍ କରିବାକୁ ବାଧ୍ୟ ହୁଅନ୍ତି । ଆମ୍ଭମାନଙ୍କ ଦୁରବସ୍ଥା ହୁଏତ ଏଇଥିରୁ ଅନୁମେୟ ।

ପ୍ରଶ୍ନ– ଆପଣ ଯେପରି ବଙ୍ଗଳା ଫିଲିମ୍ସ୍ ଓ ଅପେରାର ଗ୍ରାହକ ; ସେମାନଙ୍କ ପାଖରେ ଆପଣଙ୍କର କାଟ୍‌ତି କେମିତି ?

ଉତ୍ତର–କିଛି କମ୍ ନୁହେଁ । ଅନ୍ତତଃ ବର୍ଷକରେ ୩ ମାସ ମୁଁ କଲିକତାରେ ଅତିବାହିତ କରେ । ଇୟା ଅର୍ଥ ନୁହେଁ ଯେ ଖାଲି ଓଡ଼ିଆମାନେ ମୋ ଦର୍ଶକ । ବହୁ ବିଶିଷ୍ଟ ଓ ଶିକ୍ଷିତ ବଙ୍ଗାଳୀ ଭଦ୍ର ବ୍ୟକ୍ତି ମୋ ଅପେରା ଉପଭୋଗ କରନ୍ତି ।

ପ୍ରଶ୍ନ– ଆଉ କେଉଁ ସ୍ଥାନରେ ଆପଣ ପରିଚିତ ?

ଉତ୍ତର–ବଙ୍ଗଳା ବ୍ୟତୀତ ବିହାରର କେତେକ ଅଞ୍ଚଳ ଓ ଓଡ଼ିଶାର ସବୁ ଜିଲ୍ଲାରେ ମୁଁ ଅଭିନୟ କରି ଅନ୍ତତଃ ଗଣ ସ୍ୱୀକୃତି ପାଇଛି ବୋଲି ମୋର ଆତ୍ମପ୍ରତ୍ୟୟ ଅଛି ।

ପ୍ରଶ୍ନ– ଏକମୁଖୀ ମଞ୍ଚର ସ୍ଥାୟୀ ପରିବେଶ ... ଆପଣ ମୁକ୍ତ ମଞ୍ଚର ଏ ଯାଯାବର ଓ ଅନିଶ୍ଚିତ ଅବସ୍ଥାକୁ କାହିଁକି ସ୍ୱାଗତକଲେ ?

ଉତ୍ତର–ଓ୍ୱାନସେଟ୍ ଡ୍ରାମା ଅର୍ଥସାପେକ୍ଷ, ଅଧିକ... ଗାଁ ଗହଳିର ଦରିଦ୍ର ଦର୍ଶକ ପାଇଁ ମୋ... ସୁଗମ ହୋଇ ପାରିବ ନାହିଁ । ତାଛଡ଼ା ଏ ... ଇନ୍ତଜାମ କରିବା ଅତି କଷ୍ଟକର ବ୍ୟାପାର ... ଓଡ଼ିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା, ଜନତା ପ୍ରଭୃତି ... ପ୍ରତିଷ୍ଠିତ ସଂସ୍ଥା ସବୁ କିପରି ଲୁପ୍ତ ... କାହାରିକି ଅବିଦିତ ନାହିଁ । ଏ ଦେଶ... କଳାକୁ ନିଜ ଅନ୍ନ ସଂସ୍ଥାନର ପନ୍ଥା ... ଗ୍ରହଣ କରି ଚଳିବାର ସମୟ ଏବେ ... ଆସିନି । ତେଣୁ କଳାକାର ଦାରିଦ୍ର୍ୟ... କଶାଘାତରେ ଚିର ଲାଞ୍ଛିତ ।

ପ୍ରଶ୍ନ– ଆପଣ କିପରି ଅପେରାକୁ ପେଶା ଭା... ଗ୍ରହଣ କରି ଜୀବନର ଏତେ ପଥ ଅତିକ୍ରମ ... ପାରିଲେଣି ।

ଉତ୍ତର–ସମୟତ କେଉଁଠି ଅଟକିବ ନାହିଁ, ପୃଥି... ଇ ଘୁରିଥିବ । ମୁଁ ସିନା ଅପେରାକୁ ... ପନ୍ଥା ବୋଲି ଧରି ନେଇଛି । କିନ୍ତୁ ... ଦୁର୍ଦ୍ଦିନ ଓ ଦୁର୍ବିପାକ ଭିତରେ ଗତିକରିଛି ହୁଏତ ... ଜାଣେ ଏବଂ ମୋ ସହଯୋଗୀମା... କେତେକାଂଶରେ ସେ ଧାସରେ ସିଦ୍ଧିକ... ଅର୍ଥାଭାବର ଚରମ ଦୁର୍ଗତି ଭିତରେ ମୁଁ ... କ୍ଷୟସ୍ତ ହୋଇ ପଡ଼ିଛି ।

ପ୍ରଶ୍ନ– ଆପଣଙ୍କର ବହିର ତ ବେଶ୍ କାଟ୍‌ତି ... ଏଣୁ ତାହାବି ଅର୍ଥାଗମର ଏକ ଦିଗ ?

ଉତ୍ତର–ସ୍ୱୀକାର କରୁଛି ମୋ'ବହିର ଗ୍ରାହକତା ... ପ୍ରାୟ ସବୁ ବହି ଏକାଧିକ ସଂସ୍କରଣ ... ଏପରିକି ରାମ ରାଜ୍ୟ ବହିର ୧୯ଶ ମୁ... ହୋଇ ସାରିଛି । କିନ୍ତୁ ପ୍ରକୃତିଗମା... ଆଶାଜନକ ରୟାଲ୍‌ଟି ଦେବାରେ ଏତେ ... ଉଦାର ନୁହନ୍ତି ।

ପ୍ରଶ୍ନ– ଆପଣ ହୁଏତ କଳାକାର ବୃତ୍ତିପାଇଁ ... ହୋଇପାରନ୍ତେ ?

ଉତ୍ତର–ସେ ଚେଷ୍ଟା କରିନାହିଁ, କରିବାର ଏତେ ... ଆବଶ୍ୟକତା ଅନୁଭବ କରିପାରିନି । ... ସୁଲଭ ଅଭିମାନ ଓ ଆତ୍ମ ସମ୍ମାନର ...

ତଥା ଜୀବନଯାତ୍ରାରେ କିଛିଟା ଅନାସକ୍ତ ବେପରୁୟାଭାବ ପୋଷଣ କରି ଜୀବନ ତରୀଟି ଏଂତେଦୂର ବାହି ଆଣିଲିଣି । ତେବେ ୧୯୭୫ ମସିହାରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀଙ୍କଠାରୁ ଦୁଃସ୍ଥ କଳାକାର ଭାବେ ଏକ ମାନପତ୍ର ମିଳିଛି । ଏଥିପାଇଁ ମୁଁ ଏକାଡ଼େମୀ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଛି । କିନ୍ତୁ ଏ ମାନପତ୍ର ମୋ ଦାରିଦ୍ର୍ୟ ନିବାରଣରେ କ'ଣ ସହାୟତା କରିପାରିବ ସେ ଏକ ଭିନ୍ନ ପ୍ରଶ୍ନ ।

ପ୍ରଶ୍ନ– କଳା ଓ କଳାକାରମାନଙ୍କ ଭବିଷ୍ୟତ ନେଇ ଆପଣ କି କଳ୍ପନା କରନ୍ତି ?

ଉତ୍ତର–ଯେହେତୁ ମୁଁ ନିଜେ ଦୁଃସ୍ଥତାର ହା ହୁତାଶରେ ବସ୍ତୁଧିଭୂତ କଳାକାର-ସମସ୍ୟା ନେଇ ମତ-ପୋଷଣ ମୋ ପକ୍ଷେ ଏକ ଦୁରନ୍ତ ପ୍ରୟାସ, ଏକ ବ୍ୟର୍ଥ ଅନୁଚିନ୍ତା । ଏ ବିଷୟରେ ମୁଁ ବଡ଼ ନୈରାଶ୍ୟବାଦୀ ; କିଛି ପରିମାଣରେ ଅଦୃଷ୍ଟ-ବାଦୀ ମଧ୍ୟ । ହୁଏତ ସେହି ଅବ୍ୟକ୍ତ, ଅଚିନ୍ତ୍ୟ, ଅବିନଶ୍ୱର କଳାକାର ନିଜେ ଜଗନ୍ନାଥ ହିଁ ତା'ର ଭବିଷ୍ୟତ ନିୟାମକ, ତାଙ୍କରି କରୁଣା ଦୃଷ୍ଟି ହିଁ ଏ ଅଭିଶପ୍ତ ଗୋଷ୍ଠୀର ଭବିଷ୍ୟତ !

ପ୍ରଶ୍ନ– ଗଣନାଟ୍ୟର ଭବିଷ୍ୟତ କ'ଣ ?

ଉତ୍ତର–କଳାକାରମାନେ ଯଦି ଘୋଡ଼ାବେପାରର ଶୀକାର ହୁଅନ୍ତି, ପୃଷ୍ଠପୋଷକମାନେ ଯଦି ବିପର୍ଯ୍ୟସ୍ତ ଓ ଈର୍ଷାନ୍ୱିତ ହୁଅନ୍ତି, ଦର୍ଶକ ବା ଜନସାଧାରଣ ଯଦି ସମଧିକ ଶ୍ରଦ୍ଧା ଓ ସହଯୋଗ ପୋଷଣ ନ କରନ୍ତି, ନିର୍ଦ୍ଦେଶକମାନେ ଯଦି ଅତିମାତ୍ରାରେ ରକ୍ଷଣଶୀଳ ଓ ଦାମ୍ଭିକତାଭାବ ପ୍ରଦର୍ଶନ କରନ୍ତି ଏବଂ ସରକାର ଯଦି ଉଦାସୀନ ଭାବ ପୋଷଣ କରନ୍ତି ଗଣନାଟ୍ୟ ଏପରି ଜୀବନମୃତ ବା ଧ୍ୱଂସମୁଖୀ ହେଉଥିବ । ଗଣନାଟ୍ୟ ଯେହେତୁ ଗଣଭିକ୍ଷା ଉପରେ ବଞ୍ଚି-ରହିଛି ଗଣ ସାହାଯ୍ୟ ବ୍ୟତିରିକ୍ତ ଏହାର ଭବିଷ୍ୟତ ସଂପୂର୍ଣ୍ଣ ଅନ୍ଧକାର ।

ରାଜଧାନୀ ହାଇସ୍କୁଲ, ୟୁନିଟ-୩ ଭୁବନେଶ୍ୱର-୩

## କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ନାମ ମାତ୍ର ଚାଷୀ ଓ କୃଷି ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ

ଚଳିତବର୍ଷ ଏପ୍ରିଲମାସ ଶେଷ ସୁଦ୍ଧା ରାଜ୍ୟରେ ଥିବା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା, ନାମମାତ୍ରଚାଷୀ ଓ
କୃଷିଶ୍ରମିକ ପରିକଳ୍ପନାଗୁଡ଼ିକୁ ଋଣ ଆକାରରେ ମୋଟରେ ୧୯୩'୨୫୦ ନିୟୁତ ଟଙ୍କା ଯୋଗାଇ ଦିଆଯାଇଥିଲା
ସମବାୟ ସମିତି ପକ୍ଷରୁ ମୋଟ ୧୬୭'୨୦୦ ନିୟୁତ ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଥିଲା ।
ଏବଂ ଅବଶିଷ୍ଟ ୨୬'୦୫୦ ନିୟୁତ ଟଙ୍କା ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଋଣ ଆକାରରେ ଶ୍ରମିକମାନଙ୍କୁ ଯୋଗାଇ
ଦେଇଥିଲେ । ସମବାୟ ସମିତି ପକ୍ଷରୁ ୨୫'୯୧୪ ନିୟୁତ ଟଙ୍କା ସ୍ୱଳ୍ପ ମିଆଦି ସୂତ୍ରରେ, ୯୪'୧୭୦ ନିୟୁତ
ଟଙ୍କା ମଧ୍ୟମଧରଣର ଏବଂ ୪୭'୧୧୬ ନିୟୁତ ଟଙ୍କା ଦୀର୍ଘ ମିଆଦି ଋଣ ଆକାରରେ ଚାଷୀମାନଙ୍କୁ ଯୋଗାଇ
ଦିଆଯାଇଥିଲା । ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ କୃଷକମାନଙ୍କୁ ଅଧିକାଂଶ ଋଣ ଯୋଗାଇ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାର ଚାଷୀମାନେ ସର୍ବାଧିକ ଋଣ ମୋଟ ୭୨'୬୮ ନିୟୁତ ଟଙ୍କା ନେଇଥିବାର ହିସାବରୁ
ଜଣାଯାଇଛି ଏବଂ ଢେଙ୍କାନାଳ ଜିଲ୍ଲାର ଚାଷୀମାନେ ମୋଟ ୪୨'୫୯୪ ନିୟୁତ ଟଙ୍କା ଋଣ ନେଇ ରାଜ୍ୟରେ
ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୀ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିବାର ଜଣାଯାଏ ଏବଂ
ଏହି ଜିଲ୍ଲାର କୃଷକମାନଙ୍କୁ ମୋଟ ୨୮'୩୬୧ ନିୟୁତ ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଥିଲା ।

# ଫସଫୋମିନ୍ ଆୟରନ୍®


ପରିବାର ପାଇଁ... ପ୍ରେମ, ଆନନ୍ଦ, ମମତା



ଆଉ ନିଜ ପାଇଁ

## ଫସ୍‌ଫୋମିନ ଆୟରନ

'ମହିଳାମାନଙ୍କ ପାଇଁ
ବିଶେଷଭାବେ ପ୍ରସ୍ତୁତ ଟନିକ




ଯାହାକି ସୁସ୍ଥ ଲାଲ ରକ୍ତ ନିର୍ମାଣ କରେ, ସ୍ଫୂର୍ତ୍ତି ଆଣେ, ଶକ୍ତି ବଢ଼ାଏ, ରୋଗର ମୁକାବିଲା କରିବା ପାଇଁ ଶରୀରରେ ପ୍ରତିରୋଧକ ଶକ୍ତି ଗଢ଼ି ତୋଳେ ।

**ପ୍ରତିଦିନ ଫସଫୋମିନ ଆୟରନ ଖାଆନ୍ତୁ**

ସାରାଭାଇ* ଭରସାଯୋଗ୍ୟ ଔଷଧ ପ୍ରସ୍ତୁତର ନାମ
SARABHAI CHEMICALS

ଅସ୍ମିତା ଓ ସଂସ୍କୃତି

## ବିରଜସ୍ତୁ ମହାତୀର୍ଥମ୍

ପଣ୍ଡିତ-ଶ୍ରୀ ବାଇକୋଳ ଜ୍ୟୋତିଷ ବିଶାରଦ

ପୁଣ୍ୟଭୂମି ଉତ୍କଳ ବହୁ ପ୍ରସିଦ୍ଧ ତୀର୍ଥ ତଥା ମନ୍ଦିରରେ ପୂର୍ଣ୍ଣ, ଭୂମି ତଥା ଜଳର ପ୍ରଭାବ ନେଇ ବହୁତୀର୍ଥ ଖ୍ୟାତି-
ଲାଭ କରିଥିଲେ ହେଁ ବୈତରଣୀ, ବ୍ରାହ୍ମୀ (ବ୍ରାହ୍ମଣୀ), ଚିତ୍ରୋତ୍ପଳା ବା ମହାନଦୀ, ପ୍ରାଚୀ, ବିନ୍ଦୁସାଗର, ମାର୍କଣ୍ଡେୟ
ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ ସରୋବର, ଶ୍ୱେତଗଙ୍ଗା, ଋଷିକୂଲ୍ୟା, ଅଶ୍ୱକୂଲ୍ୟା (ଘୋଡ଼ାହାଡ଼) ବାହୁଦା ଆଦି ତୀର୍ଥ ଉଲ୍ଲେଖ-
ଯୋଗ୍ୟ । ମନ୍ଦିରମାନଙ୍କ ମଧ୍ୟରେ ଜଗନ୍ନାଥ, ଲିଙ୍ଗରାଜ, ବିରଜା, କୋଣାର୍କ, ବଳଦେବ, ଦକ୍ଷପ୍ରଜାପତି, ଗୋପୀନାଥ,
ଚଣ୍ଡେଶ୍ୱର, ସମଲେଶ୍ୱରୀ, ନୃସିଂହନାଥ ଆଦି ବହୁ ପ୍ରସିଦ୍ଧ ମନ୍ଦିର ରହିଛି । କୋଟି କୋଟି ଭକ୍ତ ଧର୍ମଲାଭ ଆଶାରେ
ଏହି ମନ୍ଦିର ତଥା ତତ୍ରତ୍ୟ ଦେବବିଗ୍ରହ ଦର୍ଶନ କରନ୍ତି । ସାଧାରଣ ଦର୍ଶକ ମଧ୍ୟ ଏହି ମନ୍ଦିରମାନଙ୍କ ଗଠନ ଶୈଳୀ
ଓ ଭାସ୍କର୍ଯ୍ୟରେ ମୁଗ୍ଧ ହୋଇ ଯତବା "କ୍ଷଣେ କ୍ଷଣେଯ ନ୍ନବତା-ମୁପୈତି ତଦେବରୂପମ୍ ରମଣୀୟତାୟାଃ" ବା ସୁନ୍ଦରେ
ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁଥାଇ କବି ଉକ୍ତିର ସାର୍ଥକତା ହୃଦୟଙ୍ଗମ କରିଥାଏ ।ବର୍ତ୍ତମାନର
ଉତ୍କଳ ପ୍ରାଚୀନ ଓଡ୍ର, କୋଶଳ, କଳିଙ୍ଗର କେତେକାଂଶକୁ ନେଇ ଗଠିତ ହୋଇଅଛି । ଏ ପ୍ରାଚୀନ ଦେଶମାନଙ୍କର
ବର୍ଣ୍ଣନା ବିଭିନ୍ନ ପୁରାଣ ତଥା ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି । ସେ ସବୁରେ ବୈତରଣୀ ତୀର୍ଥ ଓ ବିରଜା—ବରାହଙ୍କ
ବିବରଣ ବହୁଳ ଭାବେ ଦେଖାଯାଏ, ଏହି ପୁଣ୍ୟତୋୟା ବୈତରଣୀ ତଟରେ ଗଢ଼ିଉଠିଥିଲା ମହାନଗରୀ ଯାଜପୁର
(ଯାଜନଗର, ଯାଜିପୁର ବା ଯଜ୍ଞପୁର) ଯାହାର ଖ୍ୟାତି ଇତିହାସରେ ସ୍ୱୀକୃତ, ଦିନେ ଏହା କଳିଙ୍ଗାନ୍ତର୍ଗତ ତୋଷାଳିର
ରାଜଧାନୀ ଥିଲା । ଶୁଭକର କେଶରୀ, ଯଯାତି କେଶରୀ ଏଠାରେ ରାଜା ଥିଲେ । କେହି କେହି ଏଠାରେ ବହୁଯଜ୍ଞ

ସଂପାଦନ କରାଯାଇ ଥିବା ହେତୁ ଏହା ଯଜ୍ଞପୁର (ଯାଜପୁର) ରୂପେ ପ୍ରସିଦ୍ଧି ଲାଭ କରିବା କହନ୍ତି । ବିରଜା କ୍ଷେତ୍ର ମାହାତ୍ମ୍ୟ ନାମକ ଷଷ୍ଟତ୍ରିଂଶ ଅଧ୍ୟାୟ ବିଶିଷ୍ଟ ଗ୍ରନ୍ଥରେ ଏହାର ପ୍ରମାଣ ମିଳେ ।

ବୈତରଣୀ ନଦୀର ଜଳରେ ସ୍ନାନ, ତଟରେ ଗୋଦାନ, ବିରଜା–ବରାହ ଦର୍ଶନ ସକଳ ପାପନାଶକ ।

"ପ୍ରୟାଗାତ୍ ପୁଷ୍କରାତ୍ କାଶ୍ୟାଃ ସାଗରାତ୍ ସିନ୍ଧୁସଂଗମାତ୍
ଦ୍ରୁତଂ ବୈ ତାରୟେଦ୍ ଜନ୍ତୁଂ ତସ୍ମାଦ୍ ବୈତରଣୀ ମତା"

ପ୍ରୟାଗ, ପୁଷ୍କର, କାଶୀ, ଗଙ୍ଗାସାଗର ସଙ୍ଗମରେ ସ୍ନାନଦାନ, ଜପ–ହୋମର ଫଳ ଠାରୁ ବୈତରଣୀ ଅଧିକ ଫଳ ଶୀଘ୍ର ପ୍ରଦାନ କରେ ।

ମହାଭାରତ ବନପର୍ବରେ ଉଲ୍ଲେଖ ଅଛି ପିତାମହ ଭୀଷ୍ମ ପୁଲସ୍ତ୍ୟ ମହର୍ଷିଙ୍କ ଠାରୁ ତୀର୍ଥମାନଙ୍କ ବିବରଣ ଶୁଣିଥିଲେ ।

ମହର୍ଷି କହିଲେ –ତତୋ ବୈତରଣୀଂ ଗତ୍ୱା ସର୍ବପାପ-
ପ୍ରମୋଚନୀମ୍ ବିରଜଂ ତୀର୍ଥମାସାଦ୍ୟ
ବିରାଜତି ଯଥା ଶଶୀ "ପ୍ରଭବେଚ୍ଚ କୁଳେ
ପୁଣ୍ୟେ ସର୍ବପାପଂ ବ୍ୟପୋହତି ଗୋ
ସହସ୍ରଫଳଂ ଲବ୍‌ଧ୍ୱା ପୁନାତି ଚ କୁଳଂ ନରଃ
ବନପର୍ବ ୭୦ ଅଧ୍ୟାୟ ୬ ଓ ୭ ଶ୍ଳୋକ

"ସମସ୍ତ ପାପ ନାଶକ ବୈତରଣୀ ନଦୀରେ ସ୍ନାନ ତଥା ବିରଜାତୀର୍ଥ ଦର୍ଶନ କଲେ ମନୁଷ୍ୟ ଚନ୍ଦ୍ରଭଳି ପ୍ରକାଶ ପାଏ, ପବିତ୍ରବଂଶରେ ଜନ୍ମଗ୍ରହଣ କରେ । ସକଳ ପାପ କ୍ଷୟହୁଏ, 'ସହସ୍ର ଗୋଦାନର ଫଳ ମିଳେ, କୁଳ ପବିତ୍ର ହୁଏ ।"

ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ
ଯତ୍ରାଯଜତ ଧର୍ମୋଽପି ଦେବାନ୍ ଶରଣମେତ୍ୟ ବୈ
ଋଷିଭିଃ ସମୁପାଯୁକ୍ତଂ ଯଜ୍ଞୀୟଂ ଗିରିଶୋଭିତମ୍
ଉତ୍ତରଂ ତୀରମେତଦ୍ଧି ସତତଂ ଦ୍ୱିଜସେବିତମ୍ ।
ସମାନଂ ଦେବଯାନେନ ପଥା ସ୍ୱର୍ଗମୁପେୟୁଷଃ
ଅତ୍ର ବୈ ଋଷୟୋଽନ୍ୟେ ଚ ପୁରା କ୍ରତୁଭିରୀଜିରେ"
ବନପର୍ବ ୯୫ । ୪–୬

ଲୋମଶ କହିଲେ ଏହାହିଁ କଳିଙ୍ଗ ଦେଶ ଯେଉଁ ଦେଶରେ ବୈତରଣୀ ନଦୀ ବହୁଅଛି । ଯାହାର ତଟରେ ସ୍ୱୟଂ ଧର୍ମ ଦେବଗଣଙ୍କ ସହ ଯଜ୍ଞ କରିଥିଲେ, ପର୍ବତପରି ଶୋଭିତ ସର୍ବଦା ବ୍ରାହ୍ମଣଙ୍କ ଦ୍ୱାରା ସେବିତ ନଦୀର ଉତ୍ତର ତଟ ସ୍ୱର୍ଗାଭିଳାସୀଙ୍କ ପକ୍ଷେ ଦେବଯାନପଥ ତୁଲ୍ୟ । ପୂର୍ବକାଳରେ ଏହିସ୍ଥାନରେ ଋଷି ତଥା ଧାର୍ମିକ ଲୋକମାନେ ଯଜ୍ଞ କରିଥିଲେ

ତତୋ ବୈତରଣୀଂ ସର୍ବେ ପାଣ୍ଡବା ଦ୍ରୌପଦୀ ତଥା
ଅବତୀର୍ଯ୍ୟ ମହାଭାଗା ତର୍ପୟାଞ୍ଚକ୍ରିରେ ପିତୃନ୍ ।
"ବନ" ୯୫-୧୦ ୯୫-୧୩

ତା'ପରେ ପାଣ୍ଡବମାନେ 'ଦ୍ରୌପଦୀଙ୍କ ସହିତ ବୈତରଣୀରେ ସ୍ନାନ–ଦାନାଦି କରି ପିତୃଲୋକଙ୍କୁ ସନ୍ତୁଷ୍ଟ କଲେ ।

ଭୀଷ୍ମ ପର୍ବ ନବମ ଅଧ୍ୟାୟରେ ବୈତରଣୀ ଗଙ୍ଗାତୁଲ୍ୟ ପବିତ୍ର ବୋଲି ଉଲ୍ଲେଖ ଅଛି ।

ମନ୍ଦାକିନୀଂ ବୈତରଣୀଂ କୋଷାଞ୍ଚାପି ମହାନଦୀମ୍ ।
ସୁବର୍ଣ୍ଣାଞ୍ଚ ସର୍ବାଂ ଗଙ୍ଗାଞ୍ଚ ଭାରତ ।

ବାୟୁ ପୁରାଣରେ (୪୪।୪୧) ଅଛି:—
ଆସ୍ତେ ବୈତରଣୀ ନାମ ନଦୀ ତ୍ରୈଲୋକ୍ୟ ବିଶ୍ରୁତା
* * * *
ସ୍ନାତା ଗୋ ଦତ୍ୱା ବୈତରଣ୍ୟାଂ ତ୍ରିଃସପ୍ତକୁଳମୁଦ୍ଧରେତ୍

ବୈତରଣୀ ତିନି ଲୋକରେ ବିଖ୍ୟାତ । ଏଠାରେ ସ୍ନାନ, ଗୋଦାନ କଲେ ଏକବିଂଶତି ପୁରୁଷ ଉଦ୍ଧାର ପାଆନ୍ତି ।

ଆସ୍ତେ ବୈତରଣୀ ତତ୍ର ସର୍ବପାପହରା ନଦୀ
ଯସ୍ୟାଂ ସ୍ନାତ୍ୱା ନରଶ୍ରେଷ୍ଠଃ ସର୍ବପାପୈଃ ପ୍ରମୁଚ୍ୟତେ
ବ୍ରହ୍ମପୁରାଣ ୪୨ ଅ ୪ ଶ୍ଳୋକ ।

ହେ ରାଜା ସର୍ବ ପାପହରା ବୈତରଣୀ ସେ ଦେଶରେ ଅଛି, ଯେଉଁଥିରେ ସ୍ନାନକଲେ ଲୋକ ସକଳ ପାପରୁ ମୁକ୍ତ ହୁଏ" ।

ବିରଜା ଓଡ୍ର ଦେଶେତୁ କାମାକ୍ଷା ନୀଳପର୍ବତେ ଯାମଳତନ୍ତ୍ର ବର୍ଣ୍ଣିତ ଉପର୍ଯୁକ୍ତ ବାକ୍ୟ ଏବଂ ଗରୁଡ଼ ପୁରାଣର "ବିରଜସ୍ତୁ ମହାତୀର୍ଥମ୍ (୮୧ ଅଧ୍ୟାୟ ୧୬ ଶ୍ଳୋକ) ଉକ୍ତି ଏ ଦେବୀ କ୍ଷେତ୍ରର ପ୍ରତିଷ୍ଠା ବୃଦ୍ଧି କରିଛି ।

ବ୍ରହ୍ମାଣ୍ଡ ପୁରାଣ ୮୨ ଅଧ୍ୟାୟରେ ଅଛି ଶିବ–ବରାହଙ୍କ ମଧ୍ୟରେ ବହୁଥିବା ବୈତରଣୀ ନଦୀ ଗଙ୍ଗା ତୁଲ୍ୟ ବୋଲି ପୃଥିବୀରେ ପଣ୍ଡିତମାନେ କହୁଥାନ୍ତି ।

ମଧ୍ୟେ ବହତି କଲ୍ୟାଣି ଗଙ୍ଗାଂହରବରାହୟୋଃ
ବୈତରଣ୍ୟାଖ୍ୟୟା ଗଙ୍ଗା ଯା ଭୂମୌ କାଥ୍ୟତେ ବୁଧୈଃ

## ଦେବୀ ବିରଜା

ସମଗ୍ର ଭାରତରେ ବିରଜା ଦେବୀ–କ୍ଷେତ୍ରରୂପେ ପ୍ରସିଦ୍ଧ । ଏ ବ୍ରହ୍ମାଙ୍କ ଯଜ୍ଞରୁ ଜାତହେଲେ । ସେ ଭୁକ୍ତି ମୁକ୍ତି ଦାୟିନୀ ବ୍ରହ୍ମାଣୀ । ତାହାଙ୍କୁ ଦର୍ଶନ କଲେ ନିଜର ସପ୍ତକୁଳ ଉଦ୍ଧାର ପାଆନ୍ତି । ଭକ୍ତିଯୁକ୍ତ ଭାବେ ଥରେ ମାତ୍ର ତାଙ୍କୁ ପୂଜା କଲେ ଲୋକ ସ୍ୱୀୟ ବଂଶ ଉଦ୍ଧାର କରି ବ୍ରହ୍ମଲୋକ ପ୍ରାପ୍ତ ହୁଏ ।

ବିରଜେ ବିରଜା ମାତା ବ୍ରହ୍ମାଣୀ ସଂପ୍ରତିଷ୍ଠିତା
ଯସ୍ୟାଃ ସଂଦର୍ଶନାନ୍ମର୍ତ୍ତ୍ୟଃ ପୁନାତ୍ୟାସପ୍ତମଂ କୁଳମ୍
ସକୃଦ୍ଦୃଷ୍ଟ୍ୱା ତୁ ତାଂ ଦେବୀଂ ଭକ୍ତ୍ୟା ପୂଜ୍ୟ ପ୍ରଣମ୍ୟ ଚ
ନରଃ ସ୍ୱବଂଶମୁଦ୍ଧୃତ୍ୟ ମମଲୋକଂ ସ ଗଚ୍ଛତି ।।
ବ୍ରହ୍ମପୁରାଣ ୪୨।୧–୬ ।।

ଦକ୍ଷଯଜ୍ଞ ପରେ ସତୀଙ୍କ ଶବଧରି ମହାରୁଦ୍ର ଭ୍ରମଣ କରିବାରୁ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ଦେବୀ ଶରୀରକୁ ଖଣ୍ଡ ୨ କରିଦେଲେ । ବିରଜା କ୍ଷେତ୍ରରେ ଦେବୀଙ୍କ ନାଭିଦେଶ ପତିତ ହେଲା । ତେଣୁ ୫୧ ଶାକ୍ତ ପୀଠ ମଧ୍ୟରେ ଏହାର ସ୍ଥାନ ରହିଥିଛି ।

ଉତ୍କଳେ ନାଭିଦେଶଞ୍ଚ ବିରଜାକ୍ଷେତ୍ର ମୁଚ୍ୟତେ । ।
(ତନ୍ତ୍ରଚୂଡ଼ାମଣି)

କେହି ଗୟାସୁରର ନାଭିଦେଶ ଏଠାରେ ଥିବାରୁ ଏହାକୁ ନାଭିଗୟା ଓ ଗଦାତୀର୍ଥ ମଧ୍ୟ କହିଁଥାନ୍ତି । ଦେବୀ ମହିଷମର୍ଦ୍ଦିନୀ ରୂପେ ଦଣ୍ଡାୟମାନା, ତାଙ୍କର ଧ୍ୟାନ ହେଲା–

ଘୃତକନକନିଭାଭା ଶୂଳଲାଙ୍ଗୁଳ ହସ୍ତା
ପ୍ରବଳମହିଷପୃଷ୍ଠେ ଶୂଳନିର୍ଭିଦ୍ୟମାନା ।
ଗଣପତି–ଫଣି ସମ୍ରାଟ ଯୋନିଲିଙ୍ଗେନ୍ଦୁ ଚୂଡ଼ା
ଉଚୟତୁ ବିରଜା ମେ ମଙ୍ଗଳଂ ମଙ୍ଗଳାନାମ୍ । ।

ସର୍ବତ୍ର ମହିଷମର୍ଦ୍ଦିନୀ ମୂର୍ତ୍ତି ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା ବା ତଦଧିକ ଭୁଜଯୁକ୍ତା ଥିବାବେଳେ ଏଠାରେ ଦ୍ୱିଭୁଜା ମୂର୍ତ୍ତିର ସ୍ୱତନ୍ତ୍ରତା ଉଲ୍ଲେଖଯୋଗ୍ୟ ।



ବିରଜାଙ୍କ ସହ ଚାମୁଣ୍ଡା, ବରାହୀ, ଇନ୍ଦ୍ରାଣୀ, ବୈଷ୍ଣବୀ, ଶିବଦୂତୀ, ମାହେଶ୍ୱରୀ ତଥା କୌମାରୀ (ସପ୍ତମାତୃକା) ଏଠି ପୂଜିତା ହୁଅନ୍ତି । ଏବାଦେ ନବଦୁର୍ଗା, ଅଷ୍ଟଚଣ୍ଡୀ, ଦ୍ୱିମହାଦେବୀ, ଅଷ୍ଟଭୈରବୀ ମଧ୍ୟ ପୂଜା ପାଉଛନ୍ତି ।

ଶାକ୍ତ ତୀର୍ଥ ହେଲେ ହେଁ ଏଠି ସର୍ବବାଦୀ ସମନ୍ୱୟ ଜଗନ୍ନାଥସଂସ୍କୃତି ପ୍ରତିଷ୍ଠିତ । ପ୍ରଧାନ ଶିବଲିଙ୍ଗ ଅଷ୍ଟୋତର ଶତ ସହ ଅଷ୍ଟଭୈରବ, ଦ୍ୱାଦଶମାଧବ, ପଞ୍ଚନୃସିଂହ, ଦ୍ୱାଦଶ ଗଣେଶ, ଶ୍ରୀରାମ ତଥା ସର୍ବୋପରି ବରାହଁ ମୂର୍ତ୍ତିଙ୍କ ପୂଜା ଏ କ୍ଷେତ୍ରର ପ୍ରଧାନ ଅନୁଷ୍ଠାନ ।

କପିଳ, ଗୋଗ୍ରହ, ସୋମ, ଅଳାବୁ, ମୃତ୍ୟୁଞ୍ଜୟ କ୍ରୋଡ଼ (ବରାହ) ବାସୁକୀ, ସିଦ୍ଧେଶ୍ୱରାଦି ଅଷ୍ଟତୀର୍ଥ ପ୍ରସିଦ୍ଧ ହେଲେହେଁ ଅଶ୍ୱମେଧାଦି ଅନ୍ୟ ଷାଠିଏ ତୀର୍ଥ ମଧ୍ୟ ଏଠି ଅଛି ।



ବ୍ରହ୍ମପୁରାଣରେ (୪୨ ଅ,୩-୭) **ଉକ୍ତ ଅଛି**
ଅନ୍ୟାଶ୍ଚ ତତ୍ର ତିଷ୍ଠନ୍ତି ବିରଜେ ଲୋକମାତରଃ
ସର୍ବପାପହରା ଦେବ୍ୟୋ ବରଦା ଭକ୍ତବତ୍ସଳାଃ

* * *

ଆସ୍ତେ ସ୍ୱୟମ୍ଭୁସ୍ତତ୍ରୈବ କ୍ରୋଡ଼ରୂପୀ ହରିଃ ସ୍ୱୟମ୍
ଦୃଷ୍ଟ୍ୱା ପ୍ରଣମ୍ୟ ତଂ ଭକ୍ତ୍ୟା ପରଂ ବିଷ୍ଣୁଂ ବ୍ରଜନ୍ତି ତେ ।।
କାପିଲେ ଗୋଗ୍ରହେ ସୋମେ ତୀର୍ଥେ ଘୃତବୁସଂଜ୍ଞିତେ
ମୃତ୍ୟୁଞ୍ଜୟେ କ୍ରୋଡ଼ତୀର୍ଥେ ବାସୁକି ସିଦ୍ଧକେଶ୍ୱରେ ।।
ତୀର୍ଥେଷ୍ୱେତେଷୁ ମତିମାନ୍ ବିରଜେ ସଂଯତେନ୍ଦ୍ରିୟଃ

* * *

ବିରଜେ ଯେ ମମକ୍ଷେତ୍ରେ ପିଣ୍ଡଦାନଂ କରୋତି ବୈ
ସ କରୋତ୍ୟକ୍ଷୟାଂ ତୃପ୍ତିଂ ପିତୃଣାଂ ନାତ୍ର ସଂଶୟଃ ।

ମମ କ୍ଷେତ୍ରେ ମୁନିଶ୍ରେଷ୍ଠା ବିରଜେ ଯେ କଳେବରମ୍
ପରିତ୍ୟଜନ୍ତି ପୁରୁଷାସ୍ତେ ମୋକ୍ଷଂ ପ୍ରାପ୍ନୁବନ୍ତି ବୈ ।।

ଏହିଠାରେ ସ୍ୱୟଂ ନାରାୟଣ ବରାହ ରୂପରେ ବିରାଜମାନ । ତାଙ୍କର ଦର୍ଶନ ତଥା ପୂଜନ ବୈକୁଣ୍ଠପ୍ରାପ୍ତି କାରକ। ଯେ ଏଠି ପିଣ୍ଡ ଦାନ କରେ ସେ ପିତୃ ପୁରୁଷଙ୍କ ଅକ୍ଷୟ ତୃପ୍ତି ଲାଭ କରାଇଥାଏ । ଯେଉଁ ବ୍ୟକ୍ତି ଏଠି ମୃତ ହୁଏ, ସେ ମଧ୍ୟ ମୋକ୍ଷପ୍ରାପ୍ତ ହୁଏ ।

ଏ ତୀର୍ଥ ଅତି ପ୍ରାଚୀନ । ଖ୍ରୀ: ସପ୍ତମଶତାବ୍ଦୀର ଚୀନ ପରିବ୍ରାଜକ ହୁଏନ୍‌ସାଙ୍ଗ ଏଠାରେ ବୈଦିକ ସଂସ୍କୃତି ତୁଳନାରେ ବୌଦ୍ଧଧର୍ମର ମ୍ଳାନ ହେବା ଲକ୍ଷ୍ୟ କରିଛନ୍ତି । ବିରଜାନଗର (ତୋଶାଳି ରାଜଧାନୀ) ନିକଟରେ ପର୍ବତ ଉପରେ ବୌଦ୍ଧକ୍ଷେତ୍ର ଥିବା ସୁବର୍ଣ୍ଣକେଶରୀ (ଅଷ୍ଟମ ଶତକ) ଙ୍କ ଚୀନ ଦେଶକୁ ପଠାଇଥିବା ଗଣ୍ଡବ୍ୟୁହ ଗ୍ରନ୍ଥରୁ ଜଣାଯାଏ । ନିକଟସ୍ଥ ଶୁଭସ୍ତମ୍ଭ ଯାହାକି ଗୋଟିଏ ପଥରରେ ନିର୍ମିତ, ତାର ଉଚ୍ଚତା ୩୭ ଫୁଟ, ପୂର୍ବେ ଗରୁଡ଼ ମୂର୍ତ୍ତି ଯୁକ୍ତଥିଲା । ପଠାଣମାନେ ମୂର୍ତ୍ତିକୁ ଭାଙ୍ଗିଦେଲେ, ସ୍ତମ୍ଭଟି ରହିଗଲା; ଏ କେଶରୀ ବଂଶୀୟ ରାଜାଙ୍କ ଜୟସ୍ତମ୍ଭ ବୋଲି ଜଣାଯାଏ ।

ଶ୍ରୀଚୈତନ୍ୟ ମହାପ୍ରଭୁ ୧୫୧୦ ମସିହାରେ ଏହି ତୀର୍ଥ ଦର୍ଶନ ତଥା ଶ୍ରୀବରାହଙ୍କ ପୂଜା କରି ସ୍ତବ–ନୃତ୍ୟ ଗୀତ ଗାଇ ରାତ୍ରି ଯାପନ କରିଥିବା ଜଣାଯାଏ ।

ଏଇମତ ଚଳି ଆଇଲା ଯାଜପୁରଗ୍ରାମେ
ବରାହ ଠାକୁର ଦେଖି କରିଲ ପ୍ରଣାମେ । ।
ନୃତ୍ୟଗୀତ କୈଲ ପ୍ରେମେ ଅନେକ ସ୍ତବନ
ସେଇ ରାତ୍ରି ତାଁ ହା ରହି କରିଲ ଗମନ । ।
ଶ୍ରୀ ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ ଲୀଳା
ଦ୍ୱାଦଶ ପରିଚ୍ଛେଦ

ଖଲ୍ଲିକୋଟ, ଗଞ୍ଜାମ

୧୫୬୮ ମସିହାରେ ମୁସଲମାନଙ୍କ ରାଜତ୍ୱରେ ତୀର୍ଥନଗରୀର ମନ୍ଦିର ତଥା ଦେବବିଗ୍ରହମାନଙ୍କୁ ଧ୍ୱଂ କରିବା କାର୍ଯ୍ୟ ଆରମ୍ଭ ହେଲା । ମନ୍ଦିର ଭଙ୍ଗା ସ୍ଥ ମୁସଲମାନ ସେନାପତି ସୈୟଦ ଆଲି ବୁଖାରିଙ୍କ ସମା ଗଢ଼ାଗଲା । ଅଳ୍ପଦିନ ମଧ୍ୟରେ ମନ୍ଦିରମାଳିନୀ ଘାଟ ଶୋଭିତା ଯାଜପୁର ଶ୍ରୀହୀନ ହୋଇଗଲା ।

## ବୈତରଣୀରେ ବାରୁଣୀ ଯୋଗ

ଚୈତ୍ରମାସ କୃଷ୍ଣତ୍ରୟୋଦଶୀ (ମଧୁକୃଷ୍ଣାତ୍ରୟୋଦଶୀ ଦିନ ଶନିବାର ସହିତ ଶତଭିଷା ନକ୍ଷତ୍ର ଯୋଗ ହେଲେ ବୈତରଣୀରେ ବାରୁଣୀ ଯୋଗ ଏବଂ ଏ ଗୋଟିଏ ଅଲ ଯୋଗ ଓ ଏଦିନ ସ୍ନାନ, ଦାନ, ଦର୍ଶନ ସବୁ ଅନନ୍ତ ଫଳପ୍ର

ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା), ଅଶ୍ୱିନ ଶୁ ଦଶମୀ (ଦଶହରା) ଶ୍ରାବଣ ଶୁକ୍ଳ ଦ୍ୱାଦଶୀ (ବିଷ୍ଣୁ ପବିତ୍ର ରୋପଣ) ମଧ୍ୟ ବୈତରଣୀ ସ୍ନାନପକ୍ଷେ ପ୍ରଶସ୍ତ । ଗ୍ରହ କାଳରେ ବୈତରଣୀ ସ୍ନାନ ଅକ୍ଷୟ ପୁଣ୍ୟପ୍ରଦ । ଶାସ୍ତ୍ର ଉକ୍ତ ଅଛି:—

ବରାହ–ବିରଜା–ଦେବା–ବିପ୍ରା–ବୈତରଣୀ ଜ
କ୍ଷେତ୍ରେ ନିବସତାଂ ରାଜନ୍ ବକାରାଃ ପଞ୍ଚଦୁର୍ଲ୍ଲଭା

ଆଜି ଏହି ମହାତୀର୍ଥ ଅବହେଳିତ, ରେଳରାସ୍ତା ସଂଯୋ ନାହିଁ । ମନ୍ଦିର ସବୁ କ୍ଷୟ ଦିଗରେ ଅଗ୍ରେସରି ଏଥିପାଇଁ କ୍ଷେତ୍ର ଉନ୍ନୟନ କମିଟି ଗଢ଼ାଯାଇଛି । ଆଶାକୁ ଓଡ଼ିଶା ସରକାର ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଏଥି ପଡ଼ିବ ଓ ତୀର୍ଥର ଗୌରବ ପୁନଃ ପ୍ରତିଷ୍ଠିତ ହେବ ।

## ୭ ଲକ୍ଷରୁ ଅଧିକ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଚିହ୍ନଟ କରାଗଲାଣି

୧୯୭୭ ଅପ୍ରେଲମାସ ଶେଷସୁଦ୍ଧା ରାଜ୍ୟରେ ଥିବା ୭ ଲକ୍ଷରୁ ଅଧିକ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ଚିହ୍ନଟ କରାଗଲାଣି ବୋଲି କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା, ନାମମାତ୍ର ଚାଷୀ ଓ କୃଷିଶ୍ରମିକ ପରିକଳ୍ପନା ପକ୍ଷରୁ କୁହାଯାଇଛି । ସେମାନଙ୍କ ମଧ୍ୟରୁ ୨୬୨,୨୬୪ ଜଣ କ୍ଷୁଦ୍ରଚାଷୀ, ୩୦୫,୮୨୯ ଜଣ ନାମମାତ୍ର ଚାଷୀ ଏବଂ ୪୯,୯୨୯ ଜଣ କୃଷିଶ୍ରମିକ ଅଟନ୍ତି । ଏମାନଙ୍କ ମଧ୍ୟରୁ ୪୦୫,୩୬୮ ଜଣଙ୍କୁ ସମବାୟ ସମିତିର ପରିସରଭୁକ୍ତ କରାଯାଇଛି । ଉକ୍ତ କେନ୍ଦ୍ରୀୟ ଅନୁମୋଦିତ ପରିକଳ୍ପନା ମାଧ୍ୟମରେ . ୧୪୭,୫୩୫ ଜଣ ଚାଷୀ ଉପକୃତ ହୋଇଛନ୍ତି । ଏହି କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ଏବଂ ନାମମାତ୍ରଚାଷୀ ଓ କୃଷିଶ୍ରମିକ ପରିକଳ୍ପନା ଜରିଆରେ ୩,୨୨୯ ଟି ଦୁଗ୍ଧ ଯୋଗାଣ କେନ୍ଦ୍ର, ୮,୩୬୫ଟି ଛାଗ ପାଳନ କେନ୍ଦ୍ର ଓ ୪୩୫ ଟି କୁକୁଡ଼ା ପାଳନ କେନ୍ଦ୍ର ସ୍ଥାପନ କରାଯାଇଥିଲା ।

# ନିରକ୍ଷରତାଦୂରୀକରଣରେ ପାଠାଗାରର ଭୂମିକା

ଶ୍ରୀ ବନବିହାରୀ ଶୁକ୍ଳ

ପୃଥିବୀର ସମସ୍ତ ଉନ୍ନତ ରାଷ୍ଟ୍ରମାନଙ୍କର ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ଦେଖିବାକୁ ପାଉ ଯେ, ଯେଉଁ ଦେଶରେ ଲାଇବ୍ରେରୀର ପ୍ରସାର ଯେତେ ବେଶି ସେ ଦେଶ ଶିକ୍ଷା କ୍ଷେତ୍ରରେ ସେତେ ଉନ୍ନତ, ସେତେ ଶକ୍ତିଶାଳୀ ଓ ସେତେ ସ୍ୱାଧୀନଚେତା । ଏ କ୍ରମରେ ଆମେ ଆମେରିକା, ଇଂଲଣ୍ଡ, ରୁଷ୍, ଜର୍ମାନ ଓ ଜାପାନ ପ୍ରଭୃତି ରାଷ୍ଟ୍ରମାନଙ୍କର ଉଦାହରଣ ନେଇପାରୁଁ । ଶିକ୍ଷାର ପ୍ରସାର ମନୁଷ୍ୟର ବୌଦ୍ଧିକ ମାନଦଣ୍ଡକୁ ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ନିଜର ବ୍ୟବହାର, ଚାଲିଚଳନ, ଶିଷ୍ଟତା, ଏପରିକି ତାହାର ସମସ୍ତ ମନୁଷ୍ୟତ୍ୱ ଉପରେ ପ୍ରଭାବ ପକାଏ ଏବଂ ଜଣେ ସୁନାଗରିକ ହେବାକୁ ସମସ୍ତ ସୁବିଧା ଦିଏ । ଶିକ୍ଷା ବ୍ୟତିରେକେ ମନୁଷ୍ୟ ଯେ ପଶୁତୁଲ୍ୟ ଜୀବନ ଯାପନ କରେ, ଏହା କାୟ-ମନୋବାକ୍ୟରେ ସମସ୍ତେ ଉପଲବ୍ଧି କରିଥିବେ । ଅଶିକ୍ଷା ମନୁଷ୍ୟକୁ କୁପଥକୁ ଟାଣିନିଏ । ଦେଶ ଓ ବିଦେଶ ବିଷୟରେ ତାହାର ଅଜ୍ଞତା ବେଶ୍ ପରିସ୍ଫୁଟ ହୁଏ । ଜୀବନର ମୂଲ୍ୟବୋଧ ବିଷୟରେ ସେ କିଛି ଜାଣି ପାରେ ନାହିଁ । ଉପଯୁକ୍ତ ନାଗରିକ ହେବାରୁ ସେ ବଞ୍ଚିତ ହୁଏ । ତେଣୁ ଆମେ ଆମର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଶିକ୍ଷାର ଆଲୋକକୁ ଆଣି ନ ପାରିଲେ ସ୍ୱାଧୀନତାର ମୂଲ୍ୟବୋଧ ଯେ ଅଜ୍ଞତାର ଅନ୍ଧକାର ମଧ୍ୟରେ ରହିଯିବ ଏହା ବେଶ୍ ବୋଧଗମ୍ୟ ।

ଭାରତବର୍ଷରେ ସ୍ୱାଧୀନତା ବେଳକୁ ଅର୍ଥାତ୍ ୧୯୪୭ ମସିହାରେ ମୋଟ ଜନ ସଂଖ୍ୟାର ଶତକଡ଼ା ୯୦ ଭାଗ ନିରକ୍ଷର ଥିବାସ୍ଥଳେ ବର୍ତ୍ତମାନ ମୋଟ ଜନ ସଂଖ୍ୟାର ୬୯.୮ ଭାଗ ନିରକ୍ଷର ଅଛନ୍ତି । ତାପରେ ହରିଜନମାନଙ୍କ ମଧ୍ୟରେ ମୋଟ ଜନ ସଂଖ୍ୟାର ଶତକଡ଼ା ୯୫ ଭାଗ ନିରକ୍ଷର ଥିବା ସ୍ଥଳେ ଆଦିବାସୀ ମାନଙ୍କ ମଧ୍ୟରେ ଶତକଡ଼ା ୯୭ ଭାଗ ନିରକ୍ଷର ଅଛନ୍ତି । ଭାରତର ସମସ୍ତ ପ୍ରଦେଶ ତୁଳନାରେ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବହୁତ ଅନଗ୍ରସର । ତାହାହେଲେ ଆମେ କିପରି ଭାବରେ ଏ ବିଶାଳ ଅଶିକ୍ଷିତ ଜନ ସମୂହକୁ ଶିକ୍ଷାର ଆଲୋକ ଭିତରକୁ ଆଣିପାରିବା ତାହା ଆମର ପ୍ରଥମ ଚିନ୍ତାର ବିଷୟ ହେବା ଉଚିତ । ଏ ପରିପ୍ରେକ୍ଷୀରେ ମୁଁ ଲାଇବ୍ରେରୀ ବା ପାଠାଗାରର ଭୂମିକା ବିଷୟରେ ସମ୍ୟକ ଧାରଣା ଦେବି । ଲାଇବ୍ରେରୀ ଦ୍ୱାରା ଯେ ଏ ବିଶାଳ ଅଶିକ୍ଷିତ ବ୍ୟକ୍ତିମାନଙ୍କୁ ଶିକ୍ଷିତ କରାଯାଇ ପାରିବ ତାହା ଆମେ ଉନ୍ନତ ରାଷ୍ଟ୍ରମାନଙ୍କଠାରୁ ବେଶ୍ ଶିକ୍ଷା କରିପାରିବା । ଏ କ୍ରମରେ ମୁଁ ଗ୍ରେଟ୍-ବ୍ରିଟେନର ଉଦାହରଣ ଦେବି । ୧୮୭୭ ଖ୍ରୀଷ୍ଟାବ୍ଦ ପୂର୍ବରୁ ବ୍ରିଟେନରେ ଲାଇବ୍ରେରୀର ସଂଖ୍ୟା ଖୁବ୍ କମ୍ ଥିଲା । ୧୮୭୭ ମସିହାପରେ ଅର୍ଥାତ୍ ବ୍ରିଟେନ୍ ଲାଇବ୍ରେରୀ ଆସୋସିଏସନର ଜନ୍ମ ପରଠାରୁ ସାରା ବ୍ରିଟିଶ୍ ରାଷ୍ଟ୍ରର ପ୍ରତ୍ୟେକ ଗ୍ରାମ ପ୍ରତ୍ୟେକ ସହରରେ ଲାଇବ୍ରେରୀମାନ ଖୋଲିଗଲା । ଏହାଯେ କେବଳ ବ୍ରିଟିଶ୍ ଲାଇବ୍ରେରୀ ଆସୋସିଏସନ ଦ୍ୱାରା ସମ୍ଭବ ହେଲା ତାହା ନୁହେଁ । ବ୍ରିଟିଶ ସରକାର

ଉପଲବ୍ଧି କଲେ ଯେ, ଲାଇବ୍ରେରୀ ବ୍ୟତିରେକେ ମନୁଷ୍ୟର ଶିକ୍ଷାର ପରିସମାପ୍ତି ଘଟିନପାରେ । ସ୍ୱାଧୀନତାକୁ ହୃଦୟଙ୍ଗମ କରିବା ପାଇଁ, ନିରକ୍ଷରତାର ଦୂରୀକରଣ ପାଇଁ ଓ ଶିକ୍ଷାର ପ୍ରସାର ପାଇଁ ଲାଇବ୍ରେରୀର ଭୂମିକା ଯେ ଖୁବ୍ ବେଶି, ସରକାର ତାହା ଉପଲବ୍ଧି କଲେ । ଏହି ଅନୁଷ୍ଠାନ ଶିକ୍ଷାର ପୀଠ ଭଳି, ସଭ୍ୟତାର କ୍ରମ ବିକାଶର ପରିଚାୟକ ଏହା କାୟ ମନୋ-ବାକ୍ୟରେ ସମସ୍ତେ ହୃଦୟଙ୍ଗମ କଲେ । ଗ୍ରାମେ-ଗ୍ରାମେ ଓ ଛୋଟ ବଡ଼ ସମସ୍ତ ସହରରେ ଲାଇବ୍ରେରୀମାନ ଖୋଲାଗଲା । ବ୍ରିଟିଶ୍ ସରକାର ବହୁ କମିଟିମାନ ଗଠନ କରି ଲାଇବ୍ରେରୀର ପ୍ରସାର କଲେ । ଲାଇବ୍ରେରୀ ସଂଖ୍ୟା ଏତେ ଦ୍ରୁତ ଗତିରେ ବଢ଼ି ଚାଲିଲା ଯେ, ବ୍ରିଟିଶ୍ ସରକାର ୧୮୯୮ ଖ୍ରୀଷ୍ଟାବ୍ଦରେ ଲାଇବ୍ରେରୀ ବୃତ୍ତିକୁ ରଏଲ୍ ଚାର୍ଟର ପ୍ରଦାନ କଲେ । ଯାହାଦ୍ୱାରା ବ୍ରିଟିଶ୍ ସରକାର ଦେଶର ସମସ୍ତ ଲୋକମାନଙ୍କୁ ଏହି ଅନୁଷ୍ଠାନର ସଦ୍ ଉପଯୋଗ କରିବା ପାଇଁ ସୁବିଧା ଯୋଗାଇଦେଲେ । ଅର୍ଥାତ୍ ବ୍ରିଟେନର ସମସ୍ତ ଜନ-ସଂଖ୍ୟାର ଶତକଡ଼ା ୯୬.୯ ଭାଗ ଲୋକ ଏହି ଅନୁଷ୍ଠାନ ଦ୍ୱାରା ବେଶ୍ ଉପକୃତ ହେଲେ । ଯାହାକି ପୃଥିବୀର କୌଣସି ରାଷ୍ଟ୍ରରେ ସମ୍ଭବ ନୁହେଁ । ବ୍ରିଟେନ ପଛକୁ ଆମେରିକା, ଜାପାନ ଓ ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ଲୋକମାନଙ୍କୁ ଲାଇବ୍ରେରୀ ଜରିଆରେ ଅଶିକ୍ଷାରୁ ବଞ୍ଚିତ କଲେ । ଏହା ଯେ କେବଳ ଲାଇବ୍ରେରୀ-ଦ୍ୱାରା ସମ୍ଭବ ହେଲା ତାହା ଆମେ ସେମାନଙ୍କର ପରିସଂଖ୍ୟାନରୁ ବେଶ୍ ଉପଲବ୍ଧି କରିପାରିବା । ଏ ପରିପ୍ରେକ୍ଷୀରେ ଆମେ ବର୍ତ୍ତମାନ ଆମ ଦେଶର କଥା ବିଚାରକୁ ନେବା ।

ଆମ ଦେଶରେ ସ୍ୱାଧୀନତାର ୩୦ ବର୍ଷ ବିତି-ଯାଇଥିଲେ ହେଁ ଶତକଡ଼ା ୪ ଭାଗ ବ୍ୟକ୍ତିବିଶେଷଙ୍କୁ ଲାଇବ୍ରେରୀ ବ୍ୟବହାରର ଉପଯୁକ୍ତ ସୁବିଧା ଦିଆ-ଯାଉଛି । ଶତକଡ଼ା ୯୬ ଭାଗ ଲୋକ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି । ତାହାହେଲେ ଆମେ ଏ ଅସଂଖ୍ୟ ଅଶିକ୍ଷିତ ଲୋକମାନଙ୍କୁ ଶିକ୍ଷା ଦେଇ ସୁନାଗରିକ କରିପାରିବା କିପରି ? ଯଦି ପ୍ରତ୍ୟେକ ଗ୍ରାମ ଓ ସହରରେ ଲାଇବ୍ରେରୀମାନ ପ୍ରତିଷ୍ଠା କରାଯାଇ, ଉପଯୁକ୍ତ ଶିକ୍ଷିତ ବ୍ୟକ୍ତିମାନଙ୍କୁ ସେଠାରେ ଅବସ୍ଥାପିତ କରି ସାଧାରଣ ଲୋକମାନଙ୍କୁ ଏହି ଅନୁଷ୍ଠାନ ବିଷୟରେ ବୁଝା ଯାଆନ୍ତା ତେବେ ଆମେ ଲୋକମାନଙ୍କୁ ଏହି ଅନୁଷ୍ଠାନ ପ୍ରତି ଆକୃଷ୍ଟ କରି ପାରନ୍ତେ । ଜାତି, ଧର୍ମ, ବର୍ଣ୍ଣ ଓ ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କୁ ଏହି ଅନୁଷ୍ଠାନର ସୁବିଧା ଦେବା ଉଚିତ । ଲୋକମାନଙ୍କ ଆଖ୍ୟତା ବିଷୟରେ ସେମାନଙ୍କୁ ସମ୍ୟକ ଧାରଣା ଦେଇ ସେମାନଙ୍କୁ ଶିକ୍ଷା ଦିଆଗଲେ ଆମର ଅଶିକ୍ଷିତ ବ୍ୟକ୍ତିମାନଙ୍କର ହାର ବହୁତ କମିଯିବ । ଖାଲି ଯେ, ଏହି ଅନୁଷ୍ଠାନ ପ୍ରତିଷ୍ଠା କଲେ ଚଳିଯିବ ତାହା

ନୁହେଁ, ସରକାର ଏହି ଅନୁଷ୍ଠାନମାନଙ୍କୁ ବିଧିବଦ୍ଧ ...
ଅନୁଯାୟୀ ପାଠାଗାର ଆଇନ୍ ପ୍ରଣୟନ କରି ଆନୁଷଙ୍ଗି...
ପଦକ୍ଷେପମାନ ନେଲେ ଅତି କମ୍‌ରେ ୧୦ ବର୍ଷ ଭିତର...
ଆମେ ଆମ ଜନ ସଂଖ୍ୟାର ଶତକଡ଼ା ୯୫ ଭାଗ ଲୋକ...
ଶିକ୍ଷିତ କରିପାରିବା । ଏଥିପାଇଁ ଶିକ୍ଷକମାନଙ୍କ...
ଅବଦାନ ମଧ୍ୟ କମ୍ ନୁହେଁ । ଆମର ଶିକ୍ଷାର...
ନିମିତ୍ତ ଯେଉଁ ଅନୁଷ୍ଠାନମାନ ଅଛି ସେଗୁଡ଼ିକୁ ନୂତନ...
ଦେବାକୁ ପଡ଼ିବ । ଦକ୍ଷ ବ୍ୟକ୍ତି ବିଶେଷଙ୍କୁ ସେଠା...
ନିଯୁକ୍ତ କରି ଲୋକମାନଙ୍କୁ ସେଠାକୁ ଆକୃଷ୍ଟ କରି...
ସଙ୍ଗେ ସଙ୍ଗେ ନୈଶ୍ୟ ବିଦ୍ୟାଳୟ କରିଥରେ, ସେଥି...
ପରିପ୍ରେକ୍ଷୀରେ ଆମ୍ଭେ ଏ ପଦକ୍ଷେପମାନ ନେଇ ପାରିବ...
ଆମ ଦେଶରେ ବର୍ତ୍ତମାନ ୫,୫୦,୦୦୦ ପ୍ରାଥମି...
ସ୍କୁଲ, ୧,୨୦,୦୦୦ ନିମ୍ନମାଧ୍ୟମିକ ସ୍କୁଲ ଓ ୫୦,୦...
ଉଚ୍ଚ ମାଧ୍ୟମିକସ୍କୁଲ ଅଛି । କିନ୍ତୁ ଏ ସମସ୍ତ ଅନୁଷ୍ଠା...
ମାନଙ୍କରେ ଲାଇବ୍ରେରୀ ନାହିଁ କହିଲେ ଚଳେ । ପ୍ରାଥମି...
ସ୍କୁଲ ମାନଙ୍କରେ ଲାଇବ୍ରେରୀମାନ ଜମାରୁ ନାହିଁ । ନି...
ମାଧ୍ୟମିକ ସ୍କୁଲମାନଙ୍କରେ ମଧ୍ୟ ତଦ୍ରୂପ । ପିଲ...
ପ୍ରଥମ ଅବସ୍ଥାରେ ଶିକ୍ଷା ରୂପକ ମୂଳଦୁଆ ଯଦି ...
ଭାବରେ ନ ପଡ଼େ, ତେବେ ତାର ମାନସିକ, ଶାରୀ...
ଓ ବୌଦ୍ଧିକ ବିକାଶ ସମ୍ଭବ ନୁହେଁ । ନିଜର ମା, ବାପ...
ଭାଇ, ଓ ଭଉଣୀମାନଙ୍କୁ ଛାଡ଼ି ସେ ଯେତେବେଳେ...
ପ୍ରାଥମିକ ସ୍କୁଲରେ ପ୍ରବେଶ କରେ ସେଠାକାର ପରିବେ...
ତାକୁ ଜମାରୁ ଭଲ ଲାଗେ ନାହିଁ । କାରଣ ସେ ଅନୁଷ୍ଠା...
ମାନଙ୍କରେ ପାଠପଢ଼ା ବ୍ୟତୀତ ପିଲାକୁ ଆନନ୍ଦ ଦେଲା...
କୌଣସି ସହାୟକ ପୀଠ ଭଳି ସେଠାରେ ନଥା...
ଘର ଓ ସ୍କୁଲ ମଧ୍ୟରେ ସେ ବହୁତ ପାର୍ଥକ୍ୟ ଦେଖେ...
ଓ ନିଜକୁ ନିଃସହାୟ ମନେକରେ । ଯଦି ପ୍ରାଥମି...
ସ୍କୁଲମାନଙ୍କରେ ଘରର ଆନନ୍ଦଦାୟକ ପରିବେ...
ଥାଆନ୍ତା, ତେବେ ସେ କଅଣ ସ୍କୁଲକୁ ଭଲ ପାଆ...
ନାହିଁ ? ଏ ଆନନ୍ଦଦାୟକ ପରିବେଶ କେବ...
ପ୍ରାଇମେରୀ ସ୍କୁଲ ଲାଇବ୍ରେରୀ ଜରିଆରେ ସମ୍ଭବ...
ପ୍ରଥମ ଅବସ୍ଥାରେ ପିଲାମାନଙ୍କୁ ଯେପରି ଶିକ୍ଷା ଦି...
ଯାଇଥାଏ ତାହା ତାହାର ଭବିଷ୍ୟତ ଜୀବନ ଉପ...
ପ୍ରଭାବ ପକାଏ । ତେଣୁ ପ୍ରତ୍ୟେକ ପ୍ରାଇମେ...
ସ୍କୁଲରେ ଲାଇବ୍ରେରୀମାନ ପ୍ରତିଷ୍ଠା ...
ଯଦି ପିଲାକୁ ଆକୃଷ୍ଟ କଲାଭଳି ଚିତ୍ର, ପୁସ୍ତକ, ...
ସରଞ୍ଜାମ ଓ ପରିବେଶ ସୃଷ୍ଟି କରାଯାଆନ୍ତା ତେବେ ...
କଣ ସ୍କୁଲ ପ୍ରତି ଆକୃଷ୍ଟ ହୁଅନ୍ତା ନାହିଁ ? ଘରକୁ ଛାଡ଼ି...
ପରେ ସ୍କୁଲ ହେଉଛି ପିଲାର ଦ୍ୱିତୀୟ ବାସସ୍ଥଳୀ ...
ଭବିଷ୍ୟତ ଜୀବନରେ ଏହି ଅନୁଷ୍ଠାନର ଭୂମିକା ...
ଉପରେ ଏପରି ପ୍ରଭାବ ପକାଇ ଥାଏ ଯାହାକି ...
ଜୀବନ ଗଠନର ମାନ ବଢ଼ାଇବାରେ ସହାୟକ ହୁଏ...
ସେହିପରି ଆମର ନିମ୍ନ ମାଧ୍ୟମିକ ଓ ଉଚ୍ଚମାଧ୍ୟମି...
ସ୍କୁଲମାନଙ୍କରେ ଲାଇବ୍ରେରୀମାନ ପ୍ରତିଷ୍ଠା କରି ...
ପୁସ୍ତକ ଓ ଏହାର ଆନୁଷଙ୍ଗିକ ଉପାଦାନମାନ ...

ଛାତ୍ରଙ୍କୁ ସୁବିଧା ଦେବା ଉଚିତ । ତାହାହେଲେ ଛାତ୍ରର ମାନଦଣ୍ଡ ଖୁବ୍ ଉର୍ଦ୍ଧ୍ୱଗାମୀ ହେବ । ଏହାଛଡ଼ା କଲେଜ ଓ ୟୁନିଭରସିଟିମାନଙ୍କରେ ଯେଉଁ ଲାଇବ୍ରେରୀ-ମାନ ଅଛି ତାହା ସେତେ ଉନ୍ନତ ନୁହେଁ । ଆମ ଦେଶର ଉନ୍ନତି ଯେ ଏହି ଅନୁଷ୍ଠାନମାନଙ୍କର ଗବେଷଣା ଉପରେ ନିର୍ଭର କରେ, ତାହା ବେଶ୍ ଅନୁମେୟ । ତେଣୁ ଆମର କଲେଜ ଓ ୟୁନିଭରସିଟି ଲାଇବ୍ରେରୀମାନଙ୍କୁ ବେଶ୍ ଉନ୍ନତ କରିପାରିଲେ ଆମଦେଶ ଯେ ଖୁବ୍ ଉନ୍ନତ ରାଷ୍ଟ୍ରରେ ପରିଣତ ହୋଇପାରିବ ଏଥିରେ ସନ୍ଦେହ ନାହିଁ । ପ୍ରାଇମେରୀ, ସେକେଣ୍ଡାରୀ ସ୍କୁଲ, କଲେଜ, ୟୁନିଭରସିଟି ଏପରିକି ଗ୍ରାମ୍ୟ ପାଠାଗାରମାନଙ୍କର ଉନ୍ନତି ଯେ ଦେଶର ଉନ୍ନତିର ପରିଚାୟକ ତାହା ଆମର ସରକାର ଉପଲବ୍ଧିକରି ପ୍ରତ୍ୟେକ ଗ୍ରାମରେ ଓ ସହରରେ ଲାଇବ୍ରେରୀମାନ ପ୍ରତିଷ୍ଠା କରି ଲୋକମାନଙ୍କୁ ଏହାର ସଦୁପଯୋଗର ସୁବିଧା ଦେବା ଉଚିତ, ତାହାହେଲେ ଆମ ଦେଶରୁ ନିରକ୍ଷରତା ଅତିଶୀଘ୍ର ବିଲୋପ ହୋଇ-ପାରିବ ।

ଆମଦେଶରେ ଏତେବେଶୀ ନିରକ୍ଷରତା ତିଷ୍ଠି ରହିବାର ଦୁଇଟି ପ୍ରଧାନ କାରଣ ହେଉଛି, ପ୍ରଥମରେ ଜନ ସଂଖ୍ୟା ବୃଦ୍ଧି ଓ ଦ୍ୱିତୀୟରେ ପିତାମାତା-ମାନଙ୍କର ଅର୍ଥନୈତିକ ଅନଗ୍ରସରତା । ଯାହାଦ୍ୱାରା ବହୁ ପିଲା ପ୍ରାଇମେରୀ ସ୍କୁଲ ଶିକ୍ଷା ସମାପ୍ତି ପୂର୍ବରୁ ବିଦ୍ୟାଳୟରୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ଉଚ୍ଚ ପ୍ରାଇମେରୀ ସ୍କୁଲ ସ୍ତରରେ ପୁଅ ମାନଙ୍କ ପକ୍ଷରେ ଏ ପ୍ରକାର ସ୍କୁଲ ପ୍ରତ୍ୟାବର୍ତ୍ତନ ହେଉଛି ଶତକଡ଼ା ୫୬ ଭାଗ ଓ ଝିଅ-ମାନଙ୍କ ପକ୍ଷରେ ୩୪ ଭାଗ । ଲାଇବ୍ରେରୀ ବ୍ୟତୀତ କୌଣସି ଅନୁଷ୍ଠାନ ନାହିଁ ଯାହାକି ସେହି ଅର୍ଦ୍ଧସାକ୍ଷର ପିଲାମାନଙ୍କର ନୂତନ ବିକାଶକୁ ବଢ଼ାଇ ପାରିବ, ତେଣୁ ଲାଇବ୍ରେରୀର ଭୂମିକା ନିରକ୍ଷରତା ଦୂରୀକରଣରେ କେତେ ସହାୟକ ତାହା ସମସ୍ତେ ଉପଲବ୍ଧି କରିପାରିବେ । ପ୍ରଥମରେ ଏହି ଅନୁଷ୍ଠାନ କରିଆରେ ସ୍କୁଲ ଛାଡ଼ିଥିବା ପିଲାମାନେ ପୁସ୍ତକ ପାଇବା ସଙ୍ଗେ ସଙ୍ଗେ ପାଠ୍ୟକ୍ରମର ଆନୁସଙ୍ଗିକ ଉପକରଣମାନ ମଧ୍ୟ ପାଇପାରିବେ ଓ ଅନ୍ୟ ପକ୍ଷରେ ସେମାନେ କୈଶ୍ୟ ଓ ପ୍ରୌଢ଼ ଶିକ୍ଷାର ସଦୁପଯୋଗ କରିପାରିବେ । ତେଣୁ ଲାଇବ୍ରେରୀ ନୂଆ କରି ଶିକ୍ଷା ପାଇଥିବା ଲୋକମାନଙ୍କପାଇଁ ଯେ ଗୋଟିଏ ଧାରାବାହିକ ସ୍କୁଲ ତାହା ପ୍ରତ୍ୟେକ ଅନୁଭବ କରିବା ଉଚିତ । ତେଣୁ ସରକାର ବୈଧତା ଦୃଷ୍ଟିରୁ ଗ୍ରାମ୍ୟ ପାଠାଗାରମାନ ବହୁ ସଂଖ୍ୟାରେ ସ୍ଥାପନ କରି ଲୋକମାନଙ୍କୁ ନୂତନ ଦିଗଦର୍ଶନ ଦେଲେ ଆମର ନିରକ୍ଷରତାର ହାର ଯେ ବହୁତ କମିଯିବ ଏଥିରେ ସନ୍ଦେହ ନାହିଁ ।

ଲାଇବ୍ରେରୀ କରିଆରେ ଦେଶର ସମସ୍ତ ନାଗରିକମାନଙ୍କୁ ଉପଯୁକ୍ତ ନାଗରିକ ହେବାର ସୁବିଧା ଦେବା ଆମର ହେଉଛି ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଗୋଟିଏ ଶିଶୁକୁ ଆନନ୍ଦ ଦେବା, ଶିକ୍ଷା ପ୍ରତି ଆକୃଷ୍ଟ କରିବା ଓ ଚିର ବିନୋଦନର ସୁବିଧା ଦେବା, ଜଣେ ଛାତ୍ରକୁ ତାହାର ପାଠ୍ୟ ପୁସ୍ତକ ଯୋଗାଇ ଦେବା ସଂଗେ ସଂଗେ ତାହାର ବୌଦ୍ଧିକ ବିକାଶ ପାଇଁ ନୂତନ ଆନୁସଙ୍ଗିକ ଉପକରଣ ବ୍ୟବହାରର ସୁବିଧା ଦେବା, ନୂଆ କରି ସ୍କୁଲ ଓ କଲେଜ ଛାଡ଼ିଥିବା ଜଣେ ଛାତ୍ରକୁ ଘରୋଇ ଭାବରେ ପରୀକ୍ଷା ଦେବା ପାଇଁ ପୁସ୍ତକ ଯୋଗାଇଦେବା, ଗବେଷଣାରତ ଗବେଷକଙ୍କୁ ନୂତନ ତଥ୍ୟର ଦିଗଦର୍ଶନ ପାଇଁ ନୂତନ ତଥ୍ୟ ଯୋଗାଇବା ଜଣେ କାର୍ଯ୍ୟରତ କର୍ମଚାରୀଙ୍କୁ ଦିଗଦର୍ଶନ ଦେବା ଏବଂ ଜଣେ ପୌଢ଼ଙ୍କୁ ଚିର ବିନୋଦନ ଓ ଅଶିକ୍ଷାରୁ ବଞ୍ଚିତ କରିବା ପାଇଁ ସୁବିଧା ଦେବା ହେଉଛି ଲାଇବ୍ରେରୀର ଭୂମିକା । ଜଣେ ଅଶିକ୍ଷିତ ପ୍ରୌଢ଼, ଜଣେ ନିରକ୍ଷର ବ୍ୟକ୍ତି ଯାହାର ଶିକ୍ଷା ପ୍ରତି ବିତୃଷ୍ଣା ଆସିଥାଏ ସେ ଲାଇବ୍ରେରୀରେ ଆନନ୍ଦ ପାଏ, କାରଣ ସେ ତାର ଆଦରଣୀୟ ବସ୍ତୁ ସେଠାରେ ପାଇଥାଏ ଏବଂ ତାହାର ସାଥି ଓ ସାଙ୍ଗମାନଙ୍କୁ ମଧ୍ୟ ସେଠାରେ ଭେଟେ ତେଣୁ ଲାଇବ୍ରେରୀ ଛୋଟ ପିଲାଠାରୁ ଆରମ୍ଭ କରି ପକ୍ୱକେଶ ପୌଢ଼ ସମସ୍ତଙ୍କ ପାଇଁ ଆନନ୍ଦ–ଦାୟକ ଚିର ବିନୋଦନକାରୀ ଏକ ପିଠସ୍ଥଳୀ, ନିରକ୍ଷରତା ଦୂରୀକରଣର ଏକ ଅମୋଘ ଅସ୍ତ୍ର ଓ ଦେଶ ଗଠନର ଏକ ସୁପରିଚାୟକ ଅନୁଷ୍ଠାନ । ଏହା ବ୍ୟତିରେକେ ନିରକ୍ଷରତା ଦୂରୀକରଣ ଓ ଦେଶର ଉନ୍ନତି ଏକାନ୍ତ ଅସମ୍ଭବ ।

ଆମ ଦେଶରେ ନାନା ଜାତି, ବର୍ଣ୍ଣ, ଧର୍ମ, ଓ ଗୋଷ୍ଠୀର ଲୋକେ ବାସ କରନ୍ତି । ଏବଂ ଏହା ସାଙ୍ଗକୁ ହରିଜନ ଆଦିବାସୀ ଓ ସଂଖ୍ୟା ଲଘୁ ଅଧିବାସୀ ମାନଙ୍କର ଅନଗ୍ରସତା ଆମଦେଶର ଉନ୍ନତି ପଥରେ ବାଧା ସୃଷ୍ଟି କରୁଛି । ଯେ ପର୍ଯ୍ୟନ୍ତ ଆମ ଦେଶରେ ଏ ସମସ୍ତ ବିଷୟର ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ଆମ ଦେଶ ଉନ୍ନତି କରି ନ ପାରେ । ତେଣୁ ଆମେ ଦେଶ ଗଠନ ନିମିତ୍ତ ଆମର ଦୈନନ୍ଦିନ ଜୀବନର ମାନଦଣ୍ଡକୁ ପରିବର୍ତ୍ତିତ କରି ପାରିଲେ ଏହା ସମ୍ଭବ ହେବ ।

ଆମର ସରକାର ଯେ ପର୍ଯ୍ୟନ୍ତ ବିଧିବଦ୍ଧ ଭାବରେ ଆଇନ ପ୍ରଣୟନ କରି ପ୍ରତ୍ୟେକ ଗ୍ରାମ ଓ ସହରମାନଙ୍କରେ ଲାଇବ୍ରେରିମାନ ପ୍ରତିଷ୍ଠା ନ କରିଛନ୍ତି ସେ ପର୍ଯ୍ୟନ୍ତ ଏ ନିରକ୍ଷରତା ରୂପକ ମହାବ୍ୟାଧିକୁ ଆମେ ଦେଶରୁ ତଡ଼ିବାକୁ ସକ୍ଷମ ହୋଇ ପାରିବା ନାହିଁ । ତେଣୁ ସରକାର ପ୍ରାଦେଶିକ ସ୍ତରରେ ଏପରି କ୍ରମବର୍ଦ୍ଧିଷ୍ଣୁ ପଦକ୍ଷେପମାନ ନେବା ଉଚିତ, ଯାହାଦ୍ୱାରା ନିରକ୍ଷରତା ଦୂରୀକରଣ କାର୍ଯ୍ୟ-କ୍ରମକୁ ତ୍ୱରାନ୍ୱିତ କରିହେବ । ଏ ପରିପ୍ରେକ୍ଷୀରେ ମୁଁ ଗ୍ରାମ୍ୟ ଗ୍ରନ୍ଥାଳୟ ପ୍ରତିଷ୍ଠାର ପ୍ରକୃତ ରୂପ କିପରି ହେବା ଉଚିତ ତାହାର ଏକ ସମ୍ୟକ ରୂପାୟନ ଦେବି, ପ୍ରଥମେ ପ୍ରାଦେଶିକ ସ୍ତରରେ ଲାଇବ୍ରେରୀ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରି ରାଜ୍ୟ

ମୁଖ୍ୟ ଲାଇବ୍ରେରୀକୁ ବର୍ଦ୍ଧିତ କରିବା ସଂଗେ ସଂଗେ ପ୍ରତ୍ୟେକ ସବ୍‌ଡିଭିଜନ, ବ୍ଲକ, ପଞ୍ଚାୟତ ଓ ପ୍ରତ୍ୟେକ ଗ୍ରାମମାନଙ୍କରେ ଲାଇବ୍ରେରୀମାନ ପ୍ରତିଷ୍ଠା କରିବା, ପ୍ରତି ସହରମାନଙ୍କରେ ପ୍ରତି ୩,୦୦୦ ଲୋକ ସଂଖ୍ୟାରେ ଗୋଟିଏ ଲେଖାଁ ଲାଇବ୍ରେରୀ ଓ ଗ୍ରାମମାନଙ୍କରେ ଲୋକ ସଂଖ୍ୟା ନିର୍ବିଶେଷରେ ଗୋଟିଏ ଲେଖାଁ ଲାଇବ୍ରେରୀ ପ୍ରତିଷ୍ଠା କରିବା ବିଧେୟ । ଯେଉଁ ଗ୍ରାମରେ ଲୋକ ସଂଖ୍ୟା ୨,୦୦୦ରୁ ବେଶୀ ଓ ୫,୦୦୦ରୁ କମ୍ ସେଠାରେ ଲୋକମାନଙ୍କର ଯିବା ଆସିବାର ସୁବିଧାକୁ ବିଚାରକୁ ନେଇ ୨ଟି ଲାଇବ୍ରେରୀ ପ୍ରତିଷ୍ଠା କରିବା ଉଚିତ । ଜିଲ୍ଲା ସଦର ମହକୁମାରେ ଥିବା ଲାଇବ୍ରେରୀଗୁଡ଼ିକ ଜିଲ୍ଲାର ମୁଖ୍ୟ ଲାଇବ୍ରେରୀ ଅଧୀକାରୀଙ୍କ ତତ୍ତ୍ୱାବଧାନରେ, ସବ୍‌ଡିଭିଜନରେ, ଥିବା ଲାଇବ୍ରେରୀଗୁଡ଼ିକ ସବ୍‌ଡିଭିଜନର ମୁଖ୍ୟ ଲାଇବ୍ରେରୀଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ଲକ ଓ ପଞ୍ଚାୟତମାନଙ୍କରେ ଥିବା ଲାଇବ୍ରେରୀଗୁଡ଼ିକ ବ୍ଲକ ଓ ପଞ୍ଚାୟତ ଲାଇବ୍ରେରୀ ଅଧୀକାରୀଙ୍କ ଅଧୀନ… ରହିବା ଏକାନ୍ତ ଉଚିତ । ଏ ସମସ୍ତ ଲାଇବ୍ରେରୀଗୁଡ଼ିକ… ପ୍ରତିଷ୍ଠାକରି ଶିକ୍ଷିତ ଲାଇବ୍ରେରୀଆନମାନଙ୍କୁ ସେଠାରେ ନିଯୁକ୍ତ… ଦିଆ ହେବା ଏକାନ୍ତ ବାଂଛନୀୟ । ଯଦି ପ୍ରତି ସେରରୁ… ୪ ପଇସା ଲେଖାଁ ଲାଇବ୍ରେରୀ କର(Library Cess… ଆଦାୟ କରାଯାଏ ଏବଂ ଏହି ପରିମାଣରେ ୨ ଗୁଣ ଅ… ସରକାର ନିଜେ ବହନ କରନ୍ତି, ତେବେ ଆମେ ଏ ଦିଗରେ… ବହୁତ ଆଗେଇ ପାରିବା । ଯଦି ଆମର ଭାରତ ବର୍ଷର… ପ୍ରତି ପ୍ରଦେଶରେ ଲାଇବ୍ରେରୀ ଆଇନମାନ ପ୍ରଣୟନ… କରାଯାଇ ନିରକ୍ଷରତା ଦୂରୀକରଣ ନିମିତ୍ତ ସକ୍ରିୟ… କାର୍ଯ୍ୟ କରାଯାଏ, ତେବେ ଆମେ ଆମ ଦେଶରୁ ଅଳ୍ପ… ୧୦ ବର୍ଷ ଭିତରେ ନିରକ୍ଷରତା ଦୂରୀକରଣ କରାଇ… ସଂଗେ ସଂଗେ ଦେଶ ଗଠନରେ ସହାୟତା କ… ପାରିବା ।

## ଯୋଜନା କାର୍ଯ୍ୟକ୍ରମକୁ ଅଧିକ ଗ୍ରାମାଭିମୁଖୀ କରିବାକୁ ଉଦ୍ୟମ

ଓଡ଼ିଶା ସରକାର ଯୋଜନା କାର୍ଯ୍ୟକ୍ରମକୁ ଅଧିକ ଗ୍ରାମାଭିମୁଖୀ କରିବା ଉଦ୍ଦେଶ୍ୟରେ ୧୯୭୭-୭୮ ମସିହାର ବାର୍ଷିକ ଯୋଜନା ବ୍ୟୟ ଅଟକଳରେ କେତେକ ବିଭାଗର ବ୍ୟୟ ବରାଦ ଅଦଳ ବଦଳ କରିଛନ୍ତି । କର୍ମନିଯୁକ୍ତି କ୍ଷେତ୍ରର ସଂପ୍ରସାରଣ ପ୍ରତି ଦୃଷ୍ଟି ରଖି ଉପଯୁକ୍ତ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି ।

ରାଜ୍ୟର ଚଳିତ ବର୍ଷର ବାର୍ଷିକ ବ୍ୟୟ ଅଟକଳ ୧୫୦ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଛି । ଏହି ଅର୍ଥ ବରାଦ ଅପରିବର୍ତ୍ତିତ ରହିଥିଲେ ମଧ୍ୟ କ୍ଷୁଦ୍ରଜଳସେଚନ ଯୋଜନା, ଉଠାଜଳସେଚନ ଯୋଜନା, ଗ୍ରାମ୍ୟ ରାସ୍ତା, ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଓ କୁଟୀର ଶିଳ୍ପର ପ୍ରସାର ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ବ୍ୟୟ ଅଟକଳକୁ ବୃଦ୍ଧି କରାଯାଇଛି । ଉଦାହରଣ ସ୍ୱରୂପ କ୍ଷୁଦ୍ର ଜଳସେଚନ ପାଇଁ ପୂର୍ବରୁ ୪୫୦ ଲକ୍ଷ ଟଙ୍କା ବରାଦ ଥିବା ସ୍ଥଳେ ବର୍ତ୍ତମାନ ତାହା ୬୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପର ପ୍ରସାର ପାଇଁ ରହିଥିବା ବ୍ୟୟ ବରାଦ ୯୬ ଲକ୍ଷ ଟଙ୍କାରୁ ୧୨୬ ଲକ୍ଷ ଟଙ୍କାକୁ, ଭୂ-ସଂସ୍କାର ବ୍ୟୟ ବରାଦ ୨୧୧ ଲକ୍ଷ ଟଙ୍କାରୁ ୨୩୧ ଲକ୍ଷ ଟଙ୍କାକୁ, ଚକବନ୍ଦୀ ପାଇଁ ୩୫ ଲକ୍ଷ ଟଙ୍କାରୁ ୭୫ ଲକ୍ଷ ଟଙ୍କାକୁ, ପୂର୍ତ୍ତବିଭାଗ ରାସ୍ତା ପାଇଁ ୩୧୫ ଲକ୍ଷ ଟଙ୍କାରୁ ୩୬୫ ଲକ୍ଷ ଟଙ୍କାକୁ, ଗ୍ରାମ୍ୟ ଇଂଜିନିୟରିଙ୍ଗ ରାସ୍ତା ପାଇଁ ୧୦୦ ଲକ୍ଷ ଟଙ୍କାରୁ ୧୩୫ ଲକ୍ଷ ଟଙ୍କାକୁ, ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୧୫୦ ଲକ୍ଷ ଟଙ୍କାରୁ ୧୬୦ ଲକ୍ଷ ଟଙ୍କାକୁ, ନଳକୂପ ଖନନ ପାଇଁ ୧୦୩ ଲକ୍ଷ ଟଙ୍କାରୁ ୧୬୩ ଲକ୍ଷ ଟଙ୍କାକୁ ଓ ସ୍ୱାସ୍ଥ୍ୟ—ପରିମଳ ବ୍ୟବସ୍ଥା ପାଇଁ ବରାଦ ଥିବା ୨୩୨ ଲକ୍ଷ ଟଙ୍କାରୁ ୩୦୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

୧୫୦ କୋଟି ଟଙ୍କା ବିଶିଷ୍ଟ ୧୯୭୭-୭୮ ବାର୍ଷିକ ଯୋଜନା ପାଇଁ ପୁନଃନିର୍ଦ୍ଧାରିତ ବ୍ୟୟ ଅଟକଳ ନିମ୍ନରେ ପ୍ରଦତ୍ତ ହେଲା:—

| | | |
|---|---|---|
| ୧ । କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ | .. | ୨,୬୧୩ ଲକ୍ଷ ଟଙ୍କା |
| ୨ । ସମବାୟ | .. | ୪୭୪ ଲକ୍ଷ ଟଙ୍କା |
| ୩ । ଜଳ ଓ ବିଦ୍ୟୁତ୍ ବିକାଶ | .. | ୮,୧୦୭ ଲକ୍ଷ ଟଙ୍କା |
| ୪ । ପରିବହନ ଓ ଯୋଗାଯୋଗ | .. | ୯୦୫ ଲକ୍ଷ ଟଙ୍କା |
| ୫ । ଶିଳ୍ପ ଓ ଖଣି | .. | ୪୬୪ ଲକ୍ଷ ଟଙ୍କା |
| ୬ । ସମାଜ ସେବା କାର୍ଯ୍ୟକ୍ରମ | .. | ୨୩୪୫ ଲକ୍ଷ ଟଙ୍କା |
| ୭ । ଅର୍ଥନୀତି ସେବା | .. | ୧୩ ଲକ୍ଷ ଟଙ୍କା |
| ୮ । ବିବିଧ | .. | ୭୮.୬୦ ଲକ୍ଷ ଟଙ୍କା |

# ଶ୍ରଦ୍ଧାର ଶବ୍ଦଟେ ଲୋଡ଼ା

ଶ୍ରୀ ଶତ୍ରୁଘ୍ନ ପାଣ୍ଡବ

---

ମୋ ପୀରତି ଭାସିଯିବ ଡଙ୍ଗା ହୋଇ ଅନ୍ୟର ତୁଠକୁ—
ତୁଠ ଡେଇଁ, ବସ୍ତି ଡେଇଁ, ହୃଦୟ ବେଦୀରେ
ପ୍ରଜ୍ୱଳିତ ହେବ ଧୂପ—ପବନେ ପବନେ ସବୁରି ନିଃଶ୍ୱାସେ
ଗନ୍ଧ ତାର ଛୁଇଁଯିବ ଦୂର ଦିଗ୍‌ବଳୟ ।
ଥୁଣ୍ଟା ଗଛେ ସେମେଟା ଦେହରେ କେତେ ପତ୍ର କଅଁଳିବେ
ଶାଖା ପ୍ରଶାଖାରେ ଅଜସ୍ର ଫୁଟିବେ ଫୁଲ ।
ଡାଳେ ଡାଳେ ଭରି ହେବ ମହୁଫେଣା
ଗୁଞ୍ଜନ ମୁଖର—ଝରିବ କାକଳୀ ବିହୁ ପକ୍ଷୀଙ୍କ ଚଞ୍ଚୁରୁ ।
ଅଚିହ୍ନା ଫୁଲର କଢ଼ି ପାଖୁଡ଼ା ମେଲାଇ
ଖୋଲିଯିବେ ବାସ୍ନାୟିତ କରି ଏ ମେଦିନୀ ।
ଶ୍ରଦ୍ଧାର ଶବ୍ଦଟେ ଲୋଡ଼ା ।।

ଶବ୍ଦଶୂନ୍ୟ ହେଉ ବନ୍ଧୁ ! କୋଳାହଳ ମୁଖରିତ ଛାତିର ଷ୍ଟେସନ
ଅକାଳ ଦୁର୍ଭିକ୍ଷରେ ଶବ୍ଦର ଶିଶୁ ମୋ ଯାଉ ଭିକ୍ଷା ମାଗି
ବର୍ଷା ବିନା ମୋ ସଂସାର ଆଟୁ ପାଟୁ ହେଉ
ଜଳି ଯାଉ, ପୋଡ଼ି ଯାଉ, ନିସ୍ତେଜ ହେଉ
ରକ୍ତ ମାଂସ ସ୍ନାୟୁ—
ଖାଲି ଶ୍ରଦ୍ଧାର ଶବ୍ଦଟେ ଲୋଡ଼ା
ତାଆରି ପରଶେ ସୁସ୍ଥ ହୋଇ ଉଠିବ ମୋ ବିପନ୍ନବସୁଧ ।।

ଶ୍ରଦ୍ଧାର ଶବ୍ଦ ଉଚ୍ଚାରଣ କର
ଦେଖିବୁ କେମିତି, ଲିଭିବ ଅଲଗା ନିଆଁ ରକ୍ତର ସୁଅରେ
ଦେଖିବୁ କେମିତି, ନିଃଶ୍ୱାସ ପ୍ରଶ୍ୱାସ ସବୁ ଶୋଷି ନେବ
ଦୁଃଖଙ୍କର ଶୋଷ ।

ଦେଖିବୁକି ବିଶ୍ୱାସରେ ଘରି ମେଘ ବରଷିବେ ମୂଷଳ ଧାରାରେ
ମଲ୍ଲଡ଼ି ରାଜ୍ୟରେ—ଛାଇ ହୋଇ ପଡ଼ିଯିବ ସବୁଜ କ୍ଷେତରେ
ଶବ୍ଦର ଅନାଥ ଶିଶୁ ଏକତ୍ର ବୋଲିବେ ଚୌପଦୀ ମହ୍ଲାର
ପଥରର ଅଭ୍ୟନ୍ତରୁ ଫିଟିଯିବ ସଂଗୀତର ଝର—
ସୁବର୍ଣ୍ଣ ସକାଳେ ଦିଗନ୍ତରେ ପଢ଼ି ହେବ
ସୂର୍ଯ୍ୟ ଦୀପ୍ତ ସବୁଜ ଅକ୍ଷର ।
ଶ୍ରଦ୍ଧାର ଶବ୍ଦଟେ ଭାଇ ! ଥରେ ଦେଖି ଉଚ୍ଚାରଣ କର ।।

ପ୍ରଚୁର ଶ୍ରଦ୍ଧାର ଶବ୍ଦ ମହଜୁଦ୍ ଅଛି ପସରାରେ
ଛିଣ୍ଡା ପତ୍ର ଦେରେ ବାଟୋଇ ! ଫେରିଯିବେ ଗଛର ଗାଆଁକୁ
ଭଙ୍ଗା କାଚ ଦେରେ ବାଟୋଇ । ଦର୍ପଣଟେ ଦେବି—
କଢ଼ା ତୋର ପାପର ଅଙ୍ଗୁଳି । ଶୁଚିମନ୍ତ ହୋଇଯିବ ।
ହାଡ଼ର ଅମାରେ । ଶୁଦ୍ଧି ହୋଇଯିବ କେତେ ଶସ୍ୟ ରକ୍ତ ମାଂସ ।
ତା' ପରେ ତୁ, ନିଜେ ଭାଇ ପାଲଟିବୁ ଶ୍ରଦ୍ଧାର ଶବ୍ଦରେ ।
ପସରାରେ ପ୍ରଚୁର ଶ୍ରଦ୍ଧାର ଶବ୍ଦ ମହଜୁଦ୍ ଅଛି ।।

ଶ୍ରଦ୍ଧାର ଗୀତ ଶୁଣିଛ କି ? ଶୁଣ !
ଛାତିର କୂଳରେ ସରିବ ଲହଡ଼ିଗଣା ଦୁଃଖ ବିପତ୍ତିର
ଶ୍ରଦ୍ଧାର ବୋଇତ ନେଇ ବାହୁଡ଼ିବେ ବିଷର୍ଣ୍ଣ ସାଧବେ—
(ତଅପୋଇ ଖେଳୁଥିବ ସୁନା କୁଲେଇରେ !)
ନିଷ୍ପନ୍ଦନ ଜନର ଆତ୍ମାରେ ଉଠିବ ଅନନ୍ୟ ଜୁଆର ।
କିବା ଲୋଡ଼ା ଐଶ୍ୱର୍ଯ୍ୟରେ
ପରିପୂର୍ଣ୍ଣ କେଉଁ ଅନ୍ତଃପୁର ?
ଶ୍ରଦ୍ଧାର ଗୀତ ଶୁଣିଛକି ଶୁଣ ।।

ଶ୍ରଦ୍ଧାର ଶବ୍ଦରେ ଝୁଲେ କ୍ଷମାର ପ୍ରଦୀପ୍ତ ଖଡ୍‌ଗ
ଗୋଟିଏ ଚୋଟରେ ତୁଟେ ପୁରାତନ କ୍ଷତର ଯନ୍ତ୍ରଣା ।
ଶ୍ରଦ୍ଧାଇ ନିର୍ମାଣ କରେ ସ୍ନେହ ପ୍ରେମ କରୁଣାର
ନିଟିପର ଏକଇ ପ୍ରଗଣା ।।
ଉଦ୍ଧୃତ ଶୋଣିତ ଚକ୍ରେ ନୃତ୍ୟ କରେ ନିତ୍ୟ ମଧୁରତୁ ।
ଅମୃତର ପ୍ରଗାଢ଼ ଆହ୍ଲାଦେ—ମୃତ୍ୟୁ ସ୍ୱୟଂ ହୁଏ ପଥବଣା ।
ଆରେ ମୂର୍ଖ !
କିମ୍ବା ହେଉ ବଶୀଭୂତ ଅଶ୍ରୁ ଆଉ ରକ୍ତକ୍ଷରା
ଅନ୍ଧ ଦୁର୍ଭାଗ୍ୟର ?
କିଂପା ତୋର ଇଲକାରେ ଚିର କାଳ ଗ୍ରୀଷ୍ମର ପ୍ରକୋପ ?
ନିଦର ବିହନ ହୁଏ ନାହିଁ ଗଜା ତୋର ଆଖିର କ୍ଷେତରେ
ଶୁଖି ଯାଏ ସପନର ଭ୍ରୂଣ ! କାହିଁକି ସରେନାତୋର
ଅହୋରାତ୍ର ଏତେ ତାତି, ଏତେ ବା ଦହନ ?
ଶ୍ରଦ୍ଧାର ଶବ୍ଦଟେ ଲଗି ହାତର ବେଢ଼ାରେ
ତୁବିତ କୋଳେଇ ପାରୁ ସମସ୍ତ ପୃଥିବୀ ।।

ଶ୍ରଦ୍ଧାର ଶବ୍ଦରେ ଥାଏ କେଜାଣିବି ପ୍ରାର୍ଥିତ ଝଂକାର
ଥରି ଉଠେ ରତ୍ନ ସିଂହାସନ—ଅଧୀରହେ ପଶାଖେଳ
ବୈକୁଣ୍ଠୁ ଓହ୍ଲାଇ ଆସି ଭୂମିରେ ଲୋଟନ୍ତି
ଧୂଳି ଧୂସରିତ ତନୁ
କମନୀୟ ପ୍ରେମର ଈଶ୍ୱର ।

ଓଡ଼ିଆ ବିଭାଗ, ବାଣୀବିହାର
ଭୁବନେଶ୍ୱର—୪

# ବାଣୀଚିତ୍ର ତରଫରୁ ଶିଳ୍ପୀ ସମାରୋହ ଓ ନାଟକ ଉତ୍ସବ

ଶ୍ରୀମତୀ ରଶ୍ମି ସାମନ୍ତରାୟ

ସେଦିନ ଅଗଷ୍ଟ ୪ ତାରିଖ ସଂଧ୍ୟା—

ରାଜଧାନୀର ଆକାଶ ମେଘାଚ୍ଛନ୍ନ । ରବୀନ୍ଦ୍ର ମଣ୍ଡପ ଜନଗହଳିରେ ଫାଟି ପଡୁଥାଏ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ମାନ୍ୟଗଣ୍ୟ ଶିଳ୍ପୀ, କବି, ଲେଖକ, ସାମ୍ବାଦିକ, ସ୍ଥାନୀୟ ବହୁ ଉଚ୍ଚପଦସ୍ଥ ଅଫିସର ଓ ସାଧାରଣ ଦର୍ଶକଙ୍କର କି ଅସମ୍ଭବ ବ୍ୟଗ୍ରତା ! ରବୀନ୍ଦ୍ର ମଣ୍ଡପ ବାହାରେ ସୁସଜ୍ଜିତ ଆଲୋକମାଳା ଯେପରି ଏ ସମାବେଶକୁ ସ୍ୱାଗତ କରି ଆନନ୍ଦ ବିଭୋର ହୋଇ ପଡ଼ିଥାଏ ଆଷାଢ଼ର ସେଇ ବିନ୍ଦୁବିନ୍ଦୁ ବର୍ଷା ଭିତରେ ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସମବେତ ଏହି ଜନତା ମଧ୍ୟରେ ଆସି ପହଞ୍ଚନ୍ତି ରାଜ୍ୟ ଯୋଗାଣ ଓ ସାଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତି । 'ବାଣୀଚିତ୍ର' ଅନୁଷ୍ଠାନର କର୍ମକର୍ତ୍ତାମାନେ ଜନତାର ଏହି ପ୍ରତିନିଧିଙ୍କୁ ସସମ୍ମାନେ ପାଛୋଟି ନିଅନ୍ତି ହରରଙ୍ଗି ବିଜୁଳି ଆଲୋକରେ ସୁସଜ୍ଜିତ ରବୀନ୍ଦ୍ରମଣ୍ଡପର ସେଇ ମନୋହର ମଞ୍ଚ ଉପରକୁ ସଙ୍ଗୀତର ତାଳେ ତାଳେ ଜଗନ୍ନାଥ ଭଜନ ମଧୁ ଗୁଞ୍ଜରଣ ସୃଷ୍ଟିକରେ ଦର୍ଶକ ମହଲରେ ପବିତ୍ର ଶିହରଣ ଆଣି । ସମାହବ ଶ୍ରୀ ଗୁଣନିଧି ମହାନ୍ତିଙ୍କ ସଂକ୍ଷିପ୍ତ ସୂଚନା ପରେ, ଉପସ୍ଥିତ ଦର୍ଶକ, ଶିଳ୍ପୀ ଓ କଳାକାରମାନଙ୍କୁ ଉଦ୍‌ବୋଧନ ଦିଅନ୍ତି ନାଟକୋତ୍ସବର ଉଦ୍‌ଘାଟକ ସାଂସ୍କୃତିକ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ।


ପେଷାଦାରୀ ରଙ୍ଗମଞ୍ଚମାନେ କାଳର କରାଳ ଗତିରେ ନିଷ୍ପେଷିତ ହୋଇ, ଅଭାବ ଅନାଟନରେ ସଢ଼ିସଢ଼ି ପ୍ରାୟ ନିଶ୍ଚିହ୍ନ ହୋଇଯିବାର ଏହି ଅବସ୍ଥାରେ ସୌଖୀନ୍ କଳାକାର ସଂଘମାନେ ଯେ ସାମାଜିକ ଘାତ ପ୍ରତିଘାତକୁ ସାମନା କରି କୌଣସି ପ୍ରକାରେ ବଞ୍ଚି ରହିଛନ୍ତି—ଏକଥା ପ୍ରକାଶ କରି ଆଶାବାଦୀ ହୁଅନ୍ତି ମନ୍ତ୍ରୀ ମହୋଦୟ । କହି, କଳାକାରମାନଙ୍କ ଦୁଃସ୍ଥତା ଉପରେ ଗୁରୁତ୍ୱ ଆରୋପ କରି ସରକାରୀ ସଚେତନତା ଉପରେ ସେ ମନ୍ତବ୍ୟ ଦେବା ସଙ୍ଗେସଙ୍ଗେ ଖୁବ୍ ନମ୍ର ଓ ଦୁଃଖର ସହିତ ପ୍ରକାଶ କରନ୍ତି ଯେ "ଦୁଃସ୍ଥ କଳାକାରମାନେ ଆମ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି" । ବିଶେଷ କରି 'ବାଣୀଚିତ୍ର' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ସ୍ୱାଗତ କରାଇ ରାଜଧାନୀରେ ଏଭଳି ଏକ ମନୋଜ୍ଞ ସମାବେଶରେ ସେ ଅଭିଭୂତ ହୋଇ ପଡ଼ନ୍ତି ।

ପରେପରେ ମୁଖ୍ୟ ଅତିଥି ବାଚସ୍ପତି ମହୋଦୟ ମହାନ୍ ଓଡ଼ିଆ ସଂସ୍କୃତି ଉପରେ ମତ ଦେବାକୁଯାଇ ସ୍ମରଣ କରାଇ ଦିଅନ୍ତି ଆମର ପୂର୍ବ ଐତିହ୍ୟ । ରାଜଧାନୀର ଅନ୍ୟତମ ବିଶିଷ୍ଟ ଅନୁଷ୍ଠାନ 'ବାଣୀଚିତ୍ର' ଓ୍ବି ଏହାର କର୍ମକର୍ତ୍ତାମାନଙ୍କ ସହ ବିଗତ କିଛିକାଳ ଧରି ସେ କିପରି ଭାବେ ସଂପୃକ୍ତ ତା'ର ସଂକ୍ଷିପ୍ତ ସୂଚନା ଦେଇ ଓଡ଼ିଆ କଳା, ସାହିତ୍ୟ ଓ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଅନୁଷ୍ଠାନର ନିରବଚ୍ଛିନ୍ନ ଉଦ୍ୟମକୁ ସେ ପ୍ରଶଂସା କରନ୍ତି । କେବଳ ଅବସର ବିନୋଦନ ନୁହେଁ, ସଂସ୍କାର ଏହି ଅଳ୍ପ କେତେଜଣ ଯୁବକଙ୍କ ନିଷ୍ଠାପର ଉଦ୍ୟମରୁ ଭବିଷ୍ୟତରେ ଯେ ଆଉ କିଛି ଆଶା କରାଯାଇ ପାରେ—ମୁକ୍ତ କଣ୍ଠରେ ନିଜର ଭାବାବେଗକୁ ପ୍ରକାଶ କରନ୍ତି ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ସତ୍ୟପ୍ରିୟ ମହାନ୍ତି । ଓଡ଼ିଆ ନାଟ୍ୟ କଳାର ଗୁଣାତ୍ମକ ବିକାଶ ପାଇଁ ସେ ଗୁରୁତ୍ୱ ଆରୋପ କରନ୍ତି ।

ଓଡ଼ିଆ ସଂସ୍କୃତିର ପୂଜ୍ୟ ଦେବତା ଶ୍ରୀ ଜଗନ୍ନାଥ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଓ ବିଜୁଳି ପ୍ରଦୀ ଜଳାଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କର ସାଂସ୍କୃତିକ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ସମବେ ସଜ୍ଜନ ମଣ୍ଡଳୀଙ୍କୁ ଅନୁଷ୍ଠାନର ମୁଖ୍ୟ—ସଂପାଦକ ଶ୍ରୀ ପରୀକ୍ଷିତ ଜେନା କୃତଜ୍ଞତା ଜ୍ଞାପନ କରି ମହାନ ଓଡ଼ିଆ ସଂସ୍କୃତିର ଜୟଗାନ କରନ୍ତି ।

ଠିକ୍ ପରେପରେ ମଞ୍ଚସ୍ଥ ହୁଏ ତରୁଣ ନାଟ୍ୟକା ମନ୍ମଥ ଶତପଥୀଙ୍କ 'ବାଣୀଚିତ୍ର' ପ୍ରଯୋଜିତ "ସତ୍ୟମେ ଜୟତେ" :

ଜୀବନ ଯନ୍ତ୍ରଣାମୟ ଓ ଯନ୍ତ୍ରଣାହିଁ ଜୀବନ । ସ୍ୱ ସର୍ବସ୍ୱ ଦୁନିଆରୁ କେତେଜଣ ମୁକ୍ତି ପାଇଛନ୍ତି ? ସ୍ୱା ପାଇଁ ଅନ୍ଧହୋଇ ମଣିଷ ଅନ୍ୟକୁ ଭଲ ପାଏ—ସ୍ୱାର୍ଥ ପା ପ୍ରୀତି କରେ..........ସ୍ୱାର୍ଥ ପାଇଁ ମୈତ୍ରୀ ସ୍ଥାପ



ସ୍ୱାର୍ଥ ପାଇଁ ବିଶ୍ୱାସ ଘାତକତା କରି ସୁନାର ସଂସାରକୁ ଚୂନା ବି କରାଯାଇପାରେ । ଜୀବନର ଅନ୍ୟନାମ କ'ଣ ସ୍ୱାର୍ଥ ? ସବୁ ଗର୍ବ ଦିନେ ବି ଖର୍ବ ହୁଏ ।

ତା'ପରେ ଏମଣିଷ ଚାଲିଯାଏ ଅନ୍ୟଏକ ସୋପାନକୁ । ଆତ୍ମା ପରମାତ୍ମାରେ ଲୀନ ହୋଇଯାଏ । ଆତ୍ମା ସେଠି ଦେଖେ ଦୁନିଆଟା କେଡ଼େ ସ୍ୱାର୍ଥପର ! ସେ ଆଉ ମୁକ୍ତି ଚାହେଁନା—ଆତ୍ମା ଚିତ୍କାର କରେ ନିର୍ବାଣ ପାଇଁ ପୂର୍ଣ୍ଣତା ପାଇଁ......ସୃଷ୍ଟିର ସାର୍ଥକତା ପାଇଁ ଏବଂ ପୁନର୍ଜନ୍ମରେ ସତ୍ୟ, ଧର୍ମ ଓ ନ୍ୟାୟର ସଂଧାନ ପାଇଁ । କାହେ କାଳେ ସତ୍ୟହିଁ ଧର୍ମ ଓ ଧର୍ମ ହିଁ ସତ୍ୟ । ତା'ର ବିଲୟ ନାହିଁ । ଡ଼କ୍ଟର ସାଗର ଯଥା ସମ୍ଭବ ଚେଷ୍ଟାକରି ସ୍ୱାର୍ଥ ତ୍ୟାଗ କରିଛନ୍ତି ସମାଜର କଲ୍ୟାଣ ପାଇଁ । କିନ୍ତୁ ସେ କେତେଦୂର ସଫଳ ହେଲେ ? କେତେ ମାତ୍ରାରେ ସ୍ୱାର୍ଥର ବଳିଷ୍ଠ ହାତମୁଠାରୁ ନିଜକୁ ରକ୍ଷା କରି ପାରିଲେ ? ତୃଷ୍ଣାଦେବୀ ମା' ହେବାର ମଧୁସ୍ୱପ୍ନ ଦେଖିଦେଖି ଉତ୍‌ଫୁଲ୍ଲ ଯୌବନର ନିର୍ମମ ଯନ୍ତ୍ରଣାରେ ସୃଷ୍ଟିର ନିୟମ ନିକଟରେ ଶୋଚନୀୟ ଭାବେ ପରାଜୟ ସ୍ୱୀକାର କରିଛନ୍ତି ଅନେକଙ୍କୁ ଭୁଲ୍ ବୁଝିଛନ୍ତି ।ସାମାନ୍ୟ ଟିକିଏ ସ୍ୱାର୍ଥ ତ୍ୟାଗ ପାଳିତ ପୁତ୍ରକୁ ନିଜର କରିବାରେ ଆଗ୍ରହ ବି ଦେଖ ନାହାନ୍ତି ।

ଯେତେ ହେଲେ ବି ସେ ନାରୀ ! ମୃଗତୃଷ୍ଣା ପଛ ଧାଇଁଧାଇଁ ସେ ବିଫଳ ହେଲାପରେ ପରଜନ୍ମରେ କ'ଣ ପାଇଥିବେ—କିଏ କହିବ ?

ଆଃ ! ବିଚାରା ଡ଼କ୍ଟର ସାଗର—ଏବେ ଆଲୋକର ସନ୍ଧାନରେ ।

ସେ ସଂଧ୍ୟାକୁ ଅତିକ୍ରମ କରି ଟିପିଟିପି ବର୍ଷା ଝ ବଢ଼ି ଚାଲିଥାଏ । ମାତ୍ର ରବୀନ୍ଦ୍ର ମଣ୍ଡପରେ ଦର୍ଶକମାନ ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ସମୟର ହିସାବ ରଖି ଅବସର ବି ମିଳିନି । ଅଳ୍ପ କେତେଜଣ ତରୁଣ କାରଙ୍କ ଅଭିନୟ ସତରେ ରବୀନ୍ଦ୍ରମଣ୍ଡପର ପରିବେଶକୁ ଜୀବନ୍ତ କରି ଦେଇଥିଲା । ଶହଶହ

ସେପରି ନିରବ—ନିଷ୍ପନ୍ଦ । ନାଟକ ପ୍ରଦର୍ଶନରେ ସାଧାରଣ ତ୍ରୁଟିଟିଏ ଯେ ନଥିଲା ତା'ନୁହେଁ,କିନ୍ତୁ ହର୍ଜ ଟିଆଡ଼ି, 'ସୁରେନ୍ଦ୍ର ସାହୁ, କୁମୁଦ ରଥ, ବାଞ୍ଛା ପଟ୍ଟନାୟକ, ବିଧୁ ମହାପାତ୍ର, ନିଶାକର ମଲିଆ, ଉପେନ୍ଦ୍ର ଶତପଥୀ, ଶ୍ୟାମସୁନ୍ଦର ମିଶ୍ର,ଶରତ ରଥ ଓ ସର୍ବୋପରି ନାଟକଟିର ନାୟିକା ଭୂମିକାରେ କୁମାରୀ ଜ୍ୟୋତ୍ସ୍ନା ଦାସଙ୍କ ଅଭିନୟ ସେଦିନ ଅଭିଭୂତ କରି ଦେଇଥିଲା । ଭଞ୍ଜନଗର ନିକଟସ୍ଥ ସୁରେନ୍ଦ୍ର ସାହୁଙ୍କ କଣ୍ଠ ସଙ୍ଗୀତରେ କି ଲାଳିତ୍ୟ! ନାଟ୍ୟକାର ମନ୍ମଥ ଶତପଥୀ ଏହାକୁ ନିର୍ଦ୍ଦେଶନା ଦେବା ସଙ୍ଗେସଙ୍ଗେ ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଏହି ନାଟକ ଉତ୍ସବର ଉଦ୍‌ଘାଟକ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ମୁଖ୍ୟ ଅତିଥି ଶ୍ରୀ ସତ୍ୟପ୍ରିୟ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନାଟକଟିକୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ବେତାର କେନ୍ଦ୍ରର କେତେକ ଶିଳ୍ପୀ ଓ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ ।

କିନ୍ତୁ ପ୍ରଶ୍ନ ଉଠେ ଏମାନଙ୍କ ଭଳି କେତେଯେ ଅନାମଧେୟ କଳାକାର ଓଡ଼ିଶାର ଗଳିକନ୍ଦିରେ ବଣମଲ୍ଲୀ ପରି ଝଡ଼ି ପଡ଼ୁଛନ୍ତି—ତା'ର ହିସାବ କିଏ ରଖୁଛି ? ଏ ଜାତି—ଏ ସମାଜ ଯଦି ସାହିତ୍ୟିକ, କବି ଓ କଳାକାରମାନଙ୍କୁ ଚିହ୍ନିବ........ସମ୍ମାନ ଦେଇ ନଶିଖିବ ତେବେ ଆମର ପୂର୍ବ ଐତିହ୍ୟ ଓ ସଂସ୍କୃତି ବଞ୍ଚିବ କିପରି ? ଆମ ସଂସ୍କୃତିର ଗୁଣାତ୍ମକ ବିକାଶ ଓ ପ୍ରସାର ପାଇଁ ଚାରିଆଡ଼େ ଧ୍ୱନି.........ମାତ୍ର ବାସ୍ତବ କ୍ଷେତ୍ରରେ ଆମେ କ'ଣ କରି ପାରିଛୁ ବା' କରିବାକୁ ଯାଉଛୁ ତା'ର ସମୀକ୍ଷା ହେବା ଆବଶ୍ୟକ ମନେହୁଏ । ଏ ବସ୍ତୁକେନ୍ଦ୍ରିକ (Materialistic) ସଭ୍ୟତାରେ ଆମେ ଯଦି କଳା, ସାହିତ୍ୟ ଓ ସଂସ୍କୃତିକୁ ବେଖାତିର୍ କରୁ—ଆଜି ନହେଲେ ବି ଆମ ଉତ୍ତର ପୁରୁଷମାନଙ୍କୁ ଦିନେ ଏହାର ମୂଲ୍ୟ ଦେବାକୁ ପଡ଼ିବ । ଏକଥା ଇତିହାସ ପ୍ରମାଣ କରିଛି । କବି କଳାକାର ମାନଙ୍କୁ ସାଧାରଣ ସୁବିଧା ସୁଯୋଗ ତ' ଯୋଗାଇଦେବା ,ଦୂରର କଥା, ସେମାନଙ୍କ କୃତିକୁ ଏ ସମାଜ ହେୟଜ୍ଞାନ କରୁଥିବା ମନେହୁଏ । ସେଥିପାଇଁ ଆମ କବି କଳାକାର-ମାନଙ୍କ ଏ ଦୁରବସ୍ଥା । ଏହି ଦୃଷ୍ଟିରୁ ଆମ ସଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ନାଟକୋତ୍ସବ ଉଦ୍‌ଘାଟନ କରି ଦୁଃସ୍ଥ କଳାକାରମାନଙ୍କ ନିଃସହାୟ ଅବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଫଳତଃ ସଂପୃକ୍ତ ଶାସନ କର୍ତ୍ତୃପକ୍ଷଙ୍କଠାରୁ ଏ ସଂପର୍କରେ କିଛି ନୂଆ ପଦକ୍ଷେପ ଆଶା କରିବା ମଧ୍ୟ ଅସ୍ୱାଭାବିକ ନୁହେଁ ।

'ବାଣୀଚିତ୍ର' ଅନୁଷ୍ଠାନରେ ମୁଖ୍ୟ ସଂପାଦକ ଓ ଆବାହକଙ୍କ ବ୍ୟତୀତ ଯେଉଁ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏହି ଉତ୍ସବର ସାଫଲ୍ୟ ପାଇଁ ବ୍ୟାପକ ସଂଯୋଜନା କରିଥିଲେ ସେମାନଙ୍କ ମଧ୍ୟରେ ଭାସ୍କର ଚନ୍ଦ୍ର ଜେନା, ନେତ୍ରାନନ୍ଦ ସାମନ୍ତରାୟ, ସୁଧୀର ପଟ୍ଟନାୟକ, ମିଟୁ ବଡ଼ଜେନା ଓ ଗିରିଶଚନ୍ଦ୍ର ନାୟକ ପ୍ରମୁଖ ତରୁଣ ସାହିତ୍ୟିକ ଓ କଳାକାର ବୃନ୍ଦ ଅନ୍ତର୍ଭୁକ୍ତ । ଏମାନଙ୍କ ଭଳି ଆମ ରାଜ୍ୟର ଅଗଣିତ ଯୁବଗୋଷ୍ଠୀ କି ନୂତନ ଆଲୋକର ସନ୍ଧାନ ଦେବେ—ସଜେନ ପରିଚିୟତେ ।

ଜୟ ଜଗନ୍ନାଥ
ଜୟ ଓଡ଼ିଆ ସଂସ୍କୃତି

କ୍ୱାଟର ନଂ—୩୮/୪, ଟାଇପ—ଇ
ୟୁନିଟ୍—୯, (ପ୍ଲାଂଟ)
ଭୁବନେଶ୍ୱର—୭



WITH COMPLIMENTS FROM

# TANWANI RICE MILL

RICE MILL OWNERS & GENERAL MERCHANTS

*AGENT*

STATE GOVERNMENT OF ORISSA

*HEAD OFFICE*

Power House Road, Raipur (M. P.), Balangir (Orissa)

# THE BISRA STONE LIME COMPANY LIMITED

If you are in the Market for :

(*a*) Flux grade Foundry grade Limestone

(*b*) Limestone for Lime manufacture, Chemical & Industrial use

(*c*) Limestone powder for Agricultural use

(*d*) Limestone Chips as concrete aggregate

(*e*) Flux, refractory or Chemical grade Dolomite

THE BISRASTONE LIME COMPANY LIMITED
Chartered Bank Buildings, Calcutta-700001

The Largest Producer of Limestone and Dolomite in India

WILL BE AT YOUR SERVICE


# ଚିତ୍ରେ ସମ୍ବାଦ



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ଅଭିବାଦନ ଗ୍ରହଣ କରୁଛନ୍ତି ।




ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ଉପଲକ୍ଷେ ଢେଙ୍କାନାଳଠାରେ ଅଭିବାଦନ ଗ୍ରହଣ କରୁଛନ୍ତି ।



ଗତ ଅଗଷ୍ଟ ପନ୍ଦର ତାରିଖରେ ଭୁବନେଶ୍ୱର ପରେଡ ପଡ଼ିଆରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ସନ୍ତକ ଉପହାର ଗ୍ରହଣ କରୁଛନ୍ତି ।




ଶିଳ୍ପ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ୧୯୭୭ ଅଗଷ୍ଟ ୧୯ ତାରିଖ ଦିନ ସଚିବାଳୟଠାରେ ଶିଳ୍ପ ଯୋଗାଯୋଗ ବୋର୍ଡ଼ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି । ଏହି ବୈଠକରେ ଅତିରିକ୍ତ ଉନ୍ନୟନ କମିଶନର, ଶିଳ୍ପ ଶାସନ ସଚିବ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।




ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ସ୍ୱାଧୀନତା ଦିବସ ପ୍ୟାରେଡ୍ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ



ଉତ୍ତରାଞ୍ଚଳ ରେଭିନ୍ୟୁ ଡିଭିଜନାଲ କମିଶନର ଶ୍ରୀ କେ. ଏସ୍. ଶ୍ରୀନିବାସନ୍ ୧୯୭୭ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ଝାରସୁଗୁଡ଼ାଠାରେ ଭୂମିହୀନ ଲୋକଙ୍କୁ ଜମିପଟ୍ଟା ଦେଉଛନ୍ତି ।



୧୯୭୭ ଅଗଷ୍ଟ ୫ ତାରିଖ ଦିନ କଟକ ହିନ୍ଦ ସିନେମାରେ ଭକ୍ତିମୂଳକ ଓଡ଼ିଆ କଥାଚିତ୍ର "ବନ୍ଧୁ ମହାନ୍ତି" ଉଦ୍‌ଘାଟନ ଉତ୍ସବରେ ଶିକ୍ଷାମନ୍ତ୍ରୀ ଶ୍ରୀ ହରିହର ବହିନିପତି ଓ ସାଂସ୍କୃତିକ ବିଭାଗମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ।




୧୯୭୭ ଅଗଷ୍ଟ ୮ ତାରିଖ ଦିନ ଭୁବନେଶ୍ୱରସ୍ଥ ରାଜ୍ୟ ସୂଚନା ଭବନରେ ଓଡ଼ିଶା ଫାଇନାନସ ସର୍ଭିସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ଅର୍ଥମନ୍ତ୍ରୀ ଡକ୍ଟର ରାମ ପ୍ରସାଦ ମିଶ୍ର ଅଭିଭାଷଣ ଦେଉଛନ୍ତି ।



୧୯୭୨ ସ୍ୱାଧୀନତା ଦିବସରେ ପୁରୀ ସିଂହଦ୍ୱାର ନିକଟସ୍ଥ [illegible] ମୂର୍ତ୍ତି ନିକଟରେ ଏକ ସାଧାରଣ ସଭାରେ ଖାଦ୍ୟ, ଯୋଗାଣ ଓ ସାଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଭାଷଣ ଦେଉଛନ୍ତି । ତାଙ୍କ ପାଖରେ ଜିଲ୍ଲାପାଳ ଶ୍ରୀଯୁକ୍ତ ରଥ ଓ ବିଧାନ ସଭା ସଦସ୍ୟ ଶ୍ରୀଯୁକ୍ତ ତ୍ରିପାଠୀ ।



ରାଷ୍ଟ୍ରପତି ଶ୍ରୀ ଏନ୍‌. ସଞ୍ଜୀବରେଡ୍ଡି ୧୯୭୭ ଅଗଷ୍ଟ ୧୪ ତାରିଖ ଦିନ ନୂଆ ଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନଠାରେ ଖଣି ଓ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ରୂପେ ଶ୍ରୀ ବାରିଆ ମୁଣ୍ଡାଙ୍କୁ ଶପଥପାଠ କରାଉଛନ୍ତି ।



ମୟୂରଭଞ୍ଜରେ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ରାଜ୍ୟପାଳ ଶ୍ରୀ ହରିଚରଣ ସିଂହ ବ୍ରାର ବାରିପଦାଠାରେ ସରକାରୀ ଓ ବେସରକାରୀ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି ।

# ଚିତ୍ରେ ସମ୍ବାଦ



ପୌର ଉନ୍ନୟନ ଓ ଅବକାରୀ ମନ୍ତ୍ରୀ ଡକ୍ଟର ଝସକେତନ ସାହୁ ସମ୍ବଲପୁରଠାରେ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ସମ୍ବଲପୁର ଏକାଦଶ ଓ ଝାରସୁଗୁଡ଼ା ଓ. ଏମ୍. ପି. ବାଟାଲିଅନ୍ ଏକାଦଶ ଅଧିନାୟକ ଦ୍ୱୟଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।



ଗୃହମନ୍ତ୍ରୀ ଶ୍ରୀ ପବିତ୍ର ପ୍ରସାଦ ସିଂହ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ଅନୁଗୁଳ ବିଜ୍ଞାପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନଙ୍କୁ ପୌର ଉନ୍ନୟନ ରନିଂ ସିଲ୍ଡ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ




ରାଷ୍ଟ୍ରପତି ଶ୍ରୀ ଏନ୍. ସଞ୍ଜୀବରେଡ୍ଡି ୧୯୭୭ ଅଗଷ୍ଟ ୧୪ ତାରିଖ ଦିନ ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନଠାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀରୂପେ ଶ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କୁ ଶପଥ ପାଠ କରାଉଛନ୍ତି ।



ପୌର ଉନ୍ନୟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଡକ୍ଟର ଧ୍ୱଜକେତନ ସାହୁ ୧୯୭୭ ଅଗଷ୍ଟ ୧୫ ତାରିଖ ଦିନ ସମ୍ବଲପୁରଠାରେ ଭୂମିହୀନ ଲୋକଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ



କୃଷି ଓ ଜଳସେଚନ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ମଲ୍ଲିକ ୧୯୭୭ ଅଗଷ୍ଟ ୧୫ ତା
ଦିନ ବାଲେଶ୍ୱରଠାରେ ସ୍ୱାଧୀନତା ଦିବସ ପ୍ୟାରେଡରେ ଅଭିବା
ଗ୍ରହଣ କରୁଛନ୍ତି ।



ନିର୍ବାଚନ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ସଦର ବ୍ଲକର ସମବାୟ ସଂପ୍ରସାରଣ ଅଫିସର ଶ୍ରୀ ଦିବାକର
୧୯୭୭ ଜୁନ ୧୦ ତାରିଖ ଦିନ ଗୁରୁତର ଭବେ ଆହତ ହୋଇଥିଲେ । ତାଙ୍କର ଜୀବନ ରକ୍ଷା ପାଇଁ
ଶ୍ରୀମତୀ ସରିତା ଜୟନ୍ତ ଦାସ୍, ଆଇ. ଏ. ଏସ୍. ରକ୍ତ ଦାନ କରୁଛନ୍ତି ।

ଆଜିର ଓଡ଼ିଶା

# ସଫଳତା ଦିଗରେ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ୍

---

ସ୍ୱାଧୀନତାର ପ୍ରାଥମିକ ଅବସ୍ଥାରେ ସରକାରୀ [illegible]ଙ୍କ ଅଧୀନରେ ଶିଳ୍ପ ପ୍ରତିଷ୍ଠାନକୁ ବିଶେଷ ଗୁରୁତ୍ୱ ଦିଆଯାଉ ଥିଲ । ତାହାରି ଫଳ ସ୍ୱରୂପ ୧୯୬୨ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଦିନ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଜନ୍ମନିଏ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ । ୧୯୫୬ ମସିହା କଂପାନୀ ଆଇନ ଅନୁସାରେ ୫୦ କୋଟି ଟଙ୍କାର ଅଧିକୃତ ମୂଳଧନରେ ଗଠିତ ଉକ୍ତ କଂପାନୀର ଲକ୍ଷ୍ୟ ହେଲ, ସରକାରୀ, ବେସରକାରୀ, ଆଇନାନୁମୋଦିତ ବା ବ୍ୟକ୍ତିଗତ ଉଦ୍ୟୋଗରେ ଗଠିତ ଶିଳ୍ପ ସଂସ୍ଥାକୁ ସେଗୁଡ଼ିକର କାର୍ଯ୍ୟକାରୀତା ପାଇଁ ମୂଳଧନ ବା ଋଣ ଯୋଗାଇ ବା ଅନ୍ୟ ଆକାରରେ ସାହାଯ୍ୟ କରିବା ।

ସରକାର ଏଭଳି ଭାବରେ ଶିଳ୍ପ କ୍ଷେତ୍ରରେ ପ୍ରବେଶ କରିବାରୁ ସେ ସମୟରେ ଏକ ନୂତନ ଉଦ୍ୟମ ରୂପେ ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାର ପର୍ଯ୍ୟାଲୋଚନା କଲେ । ତତ୍‌ପୂର୍ବରୁ କେବଳ ଘରୋଇ ଉଦ୍ୟମରେ ଶିଳ୍ପ ପ୍ରତିଷ୍ଠା କରାଯାଉ ଥିଲ ଏବଂ ଓଡ଼ିଶାର ପ୍ରାକୃତିକ ସଂପଦକୁ ବିନିଯୋଗ କରିବା ମାତ୍ର ସେମାନଙ୍କର ଲକ୍ଷ୍ୟଥିଲ । ଓଡ଼ିଶାର ଉନ୍ନତି ସେମାନଙ୍କର ଲକ୍ଷ୍ୟ ନ ଥିଲ, ତେଣୁ ଘରୋଇ ଶିଳ୍ପଗୁଡ଼ିକ ପାଇଁ ଏହି ଉଦ୍ୟମ ଏକ ଉଦ୍‌ବେଗର ବିଷୟ ଥିଲ ।

ପ୍ରାଥମିକ ଅବସ୍ଥାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଆନୁଷଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା ନଥିଲ କିମ୍ବା ଏଥିପାଇଁ ଆବଶ୍ୟକ କାରିଗରୀ ଜ୍ଞାନ ବା ଅନୁଭୂତି ମଧ୍ୟ ନ ଥିଲ । ଏଭଳି ନାନା ଅସୁବିଧା ସତ୍ତ୍ୱେ ରାଜ୍ୟରେ ମିଳୁଥିବା ଯତ୍‌କିଞ୍ଚିତ୍ ସମ୍ବଳର ଉପଯୋଗ କରି ରାଜ୍ୟକୁ ଶିଳ୍ପ ସମୃଦ୍ଧ କରାଇବା ଦୃଷ୍ଟିରୁ ଉକ୍ତ କର୍ପୋରେସନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଛେଇ ହୋଇ ଶିଳ୍ପ କାରଖାନାମାନ ବସାଇବାକୁ ଯୋଜନା କଲେ ।

୧୯୭୬-୭୭ ମସୀହା ସୁଦ୍ଧା ଏହି କର୍ପୋରେସନର ଇକ୍ୱିଟି ସେୟାର କ୍ୟାପିଟାଲ ବାବଦକୁ ମୂଳଧନ ୨୧କୋଟି ୪୩ଲକ୍ଷ ଟଙ୍କା ଏବଂ ଋଣ ମୂଳଧନ ବାବଦକୁ ୧୧କୋଟି ୫୧ ଲକ୍ଷ ଟଙ୍କା, ଏଭଳି ମୋଟ ମୂଳଧନ ୩୨ କୋଟି ୯୪ ଲକ୍ଷ ଟଙ୍କାରୁ କିଞ୍ଚିତ ଅଧିକ । ଋଣ ମୂଳଧନ ପରିମାଣରୁ ସରକାରୀ ଋଣ ୭ କୋଟି ୮୭ ଲକ୍ଷ ଏବଂ ବିଭିନ୍ନ ବ୍ୟାଙ୍କରୁ ଅଣାଯାଇ ଥିବା ଋଣ ପରିମାଣ ୩ କୋଟି ୬୪ ଲକ୍ଷ ଟଙ୍କା ।

ଏହି ମୂଳଧନର ସଫଳ ବିନିଯୋଗ ପାଇଁ ଉକ୍ତ କର୍ପୋରେସନ ନିମ୍ନଲିଖିତ କେତୋଟି ଶିଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା ପ୍ରସ୍ତୁତ କଲେ । ହୀରାକୁଦ ଡ୍ୟାମ୍ ତିଆରି ସମୟରେ ଥିବା ଓ୍ୱାର୍କସପ୍‌ଟିକୁ ପ୍ରଥମେ ହାତକୁ ନେଇ କାମ ଆରମ୍ଭ କରାଗଲା । ଏହି ଓ୍ୱାର୍କସପ୍‌ରେ ବିଦେଶରୁ ଅଣାଯାଇଥିବା କେତେଗୁଡ଼ିଏ ଆଧୁନିକ ଯନ୍ତ୍ରପାତି ରହିଥିଲା । ତେଣୁ ଓ୍ୱାର୍କସପ୍‌ଟିକୁ ବଦଳାଇ ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ ନାମରେ ଏକ ଉତ୍ପାଦନକାରୀ ଶିଳ୍ପ ସଂସ୍ଥା ଭାବେ ପ୍ରତିଷ୍ଠା କରାଗଲା । ସେହିପରି ଗୋଟିଏ ଫର୍ଣେସ୍ ଯୁକ୍ତ ବାର୍ଷିକ ୩୦ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କଳିଙ୍ଗ ଆଇରନ୍ ଓ୍ୱାର୍କସକୁ କଳିଙ୍ଗ ଇଣ୍ଡଷ୍ଟ୍ରିଜ ଠାରୁ ନେଇ ସଂପ୍ରସାରଣ ଇତ୍ୟାଦି ଉନ୍ନତି କରାଯାଇ ବର୍ତ୍ତମାନ ଏହା ଏକ ବିଶିଷ୍ଟ ଶିଳ୍ପ ସଂସ୍ଥା ରୂପେ ଗଢ଼ିଉଠିଛି ।

| ହାତକୁ ନିଆଯାଇଥିବା ଶିଳ୍ପ ସଂସ୍ଥା | ନିର୍ମାଣ ଶେଷ ହେବା ତାରିଖ | ଶେଷ ତାରିଖ ପରିବର୍ତ୍ତନ | ପ୍ରକୃତ ନିର୍ମାଣ ଶେଷର ତାରିଖ |
|---|---|---|---|
| ୧ । କଳିଙ୍ଗ ଲୁହା କାରଖାନାର ସଂପ୍ରସାରଣ ବଢ଼ବିଲ୍ । | ୧୯୬୬ ପ୍ରଥମ କ୍ୱାଟର | ୧୯୬୭ ୩ୟ କ୍ୱାର୍ଟର ମାର୍ଚ୍ଚ ୧୯୬୮ | ଏପ୍ରିଲ ୧୯୬୯ (୨ୟ ଫର୍ଣ୍ଣେସ୍) |
| | | | ଫେବୃଆରୀ ୧୯[illegible] (୩ୟ ଫର୍ଣେସ୍) |
| | | ୧୯୬୯ ର ମଧ୍ୟଭାଗ | ମଇ ୧୯୬୮ ପାଉଅର ପ୍ଲାଣ୍ଟ । |
| ୨ । ହୀରା ସିମେଣ୍ଟ ଓ୍ୱାର୍କସ, ବରଗଡ଼ .. | ୧୯୬୬ (୩ୟ କ୍ୱାର୍ଟର) | ଅଗଷ୍ଟ ୧୯୬୭ | ଫେବୃଆରୀ ୧୯୬୮ |
| ୩ । ହୀରା କେବୁଲ ଓ୍ୱାର୍କସ, ହୀରାକୁଦ .. | ଡ଼ିସେମ୍ବର,୧୯୬୬ | ଅକ୍‌ଟୋବର,୧୯୬୭ | ନଭେମ୍ବର, ୧୯[illegible] ଆଲୁମିନିୟମ ପେନସ[illegible] |
| ୪ । ରି. ରୋଲିଂ ମିଲ, ହୀରାକୁଦ .. | ଡ଼ିସେମ୍ବର,୧୯୬୭ | ଜୁନ, ୧୯୬୮ | ଜୁନ, ୧୯୬୮ |
| ୫ । ଫେରୋକ୍ରୋମ ପ୍ଲାଣ୍ଟ ଯାଜପୁର ରୋଡ଼ .. | ଜୁନ୍, ୧୯୬୮ .. | ମାର୍ଚ୍ଚ,୧୯୬୯ | ନଭେମ୍ବର, ୧୯୬୯ ହାଇ କାର୍ବୋନ ଫେରୋକ୍ରୋ[illegible] |
| | | | ସେପ୍ଟେମ୍ବର, ୧୯୭୦ ସିଲିକୋ କ୍ରୋମ |
| | | | ଅକ୍‌ଟୋବର ୧୯[illegible] ଲୋ-କାର୍ବୋ[illegible] ଫେରୋକ୍ରୋମ । |
| ୬ । ଚୌଦ୍ୱାର ଟାଇଲ କାରଖାନା .. | ମାର୍ଚ୍ଚ, ୧୯୬୬ | ଜୁନ୍, ୧୯୬୬ | ଜୁନ୍, ୧୯୬୬ |
| ୭ । ଲୁଣ କାରଖାନା .. | ଜୁନ୍, ୧୯୬୬ | ଜୁନ୍,୧୯୬୭ | ଜୁନ, ୧୯୬୭ |

ଏଥିରୁ ଜଣାପଡ଼େ ଏହି କାରଖାନାଗୁଡ଼ିକ କେବଳ ସେଗୁଡ଼ିକର ଉତ୍ପାଦନ ସାମଗ୍ରୀକୁ ନେଇ ମନୋନୀତ କରା ଯାଇନାହିଁ । ସେଗୁଡ଼ିକର ସ୍ଥାନ ନିରୂପଣ ମଧ୍ୟ ବିଚାରକୁ ନିଆଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମ୍ବଲକୁ ନିଜର ଲୋକଙ୍କ ଦ୍ୱାରା ନିଜର ଲୋକଙ୍କ ପାଇଁ ବିନିଯୋଗ କରିବା । ଅବଶ୍ୟ ଶିଳ୍ପ ପ୍ରତିଷ୍ଠାର ଯୋଜନା କରିବାଠାରୁ ଉତ୍ପାଦନ ଆରମ୍ଭ ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ତିକ୍ତ ଅନୁଭୂତି ମଧ୍ୟ ଦେଇ ଗତି କରିବା

ପଡ଼ିଥିଲା । ଅର୍ଥାଭାବ ହେତୁ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇ ପ୍ରଗତି ମାନ୍ଦା ପଡ଼ି[illegible]ଥିଲା । ଏହି [illegible]ରେ କାରଖାନା ବସାଇବା କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସଂପୂର୍ଣ୍ଣ କରିବା ଦୃଷ୍ଟିରୁ ଏହି କର୍ପୋରେସନ ବିଭିନ୍ନ ଅର୍ଥ ଯୋଗାଣ କାରୀ ସଂସ୍ଥାକୁ ଅନୁରୋଧ କରିଥିଲା । ଏବଂ ଅବଶେଷରେ ରାଜ୍ୟ ସରକାର ସାହାଯ୍ୟ କରିବାକୁ ଆଗେଇ ଆସିଲେ । ପରବର୍ତ୍ତୀ ସମୟରେ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ, ଭାରତୀୟ ଶିଳ୍ପ ଅର୍ଥଯୋଗାଣ କର୍ପୋରେସନ ଭଳି କେନ୍ଦ୍ର ସରକାରଙ୍କ ଅର୍ଥ ଯୋଗାଣକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ଋଣ ଦେବା ଉଦ୍ଦେଶ୍ୟରେ ଏହି କର୍ପୋରେସନ ଅନୁରୋଧ କରାଯାଇଥିଲା । କିନ୍ତୁ ନୀତି ଦୃଷ୍ଟିରୁ ସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ଋଣ ଦେବାକୁ ଉକ୍ତ ସଂସ୍ଥାଗୁଡ଼ିକ ମନା କରିଦେଲେ । ଫଳରେ ଉକ୍ତ କର୍ପୋରେସନ ବିଭିନ୍ନ ଧରଣର ବ୍ୟାଙ୍କ ଋଣମାନ ନେଇ ଅର୍ଥ ସଂଗ୍ରହ କଲେ । ବିଦେଶରୁ ଯନ୍ତ୍ରପାତି ଖରିଦ କରିବା ଦୃଷ୍ଟିରୁ ବହୁ ଅଧିକ ପରିମାଣ ଅର୍ଥଦେବାକୁ ପଡୁଥିଲା । ତେଣୁ ପରେ ଦେୟ ପରିଶୋଧ କରିବାର ବ୍ୟବସ୍ଥା ରଖି ଯନ୍ତ୍ରପାତି ଖରିଦର ଆୟୋଜନ କରିବାରୁ ପ୍ରାଥମିକ ଅବସ୍ଥାର ଅର୍ଥ ସଙ୍କଟକୁ ଏହା କିୟତ୍ ପରିମାଣରେ ଲାଘବ କରିଥିଲା । ମୋଟାମୋଟି ସଂପୂର୍ଣ୍ଣ ଗତିପଥଟି ସହଜ ଓ ସରଳ ନ ଥିଲା, କର୍ତ୍ତୃତ୍ୱ ବହିର୍ଭୂତ କେତେକ ଅସୁବିଧା ହେତୁ ନିର୍ମାଣ କାଳର ପ୍ରଗତି ଅତି ମନ୍ଥର ଥିଲା ଫଳରେ ବିଳମ୍ବ ଘଟୁଥିଲା । ଏହି ସମୟରେ ବିଦେଶରୁ ହୀରାକୁଦ କାରଖାନା ଏବଂ କଳିଙ୍ଗ ଲୁହା କାରଖାନାର ଯନ୍ତ୍ରପାତି ନେଇ ଆସୁଥିବା ଏକ ଜାହାଜକୁ ଭାରତ-ପାକିସ୍ଥାନ ସଂଘର୍ଷ କାଳରେ ଅଟକାଇ ରଖାଯିବାରୁ ଏହି କର୍ପୋରେସନ କେବଳ ଗୁରୁତର କ୍ଷତିର ସମ୍ମୁଖୀନ ହୋଇନାହିଁ । କାରଖାନାର ଉତ୍ପାଦନ କାର୍ଯ୍ୟକ୍ରମ ମଧ୍ୟ ଅତିମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା ।

ଏହି କର୍ପୋରେସନ ହାତକୁ ନେଇଥିବା କାରଖାନାଗୁଡ଼ିକ ମଧ୍ୟରୁ ଅଧିକାଂଶ ୧୯୬୯ ମସିହା ସୁଦ୍ଧା ଉତ୍ପାଦନ ଆରମ୍ଭ କରିଥିଲେ । ତା ପରେ ଏକ ନୂଆ ସମସ୍ୟା ଦେଖା ଦେଲା । ପ୍ରଥମତଃ ସ୍ଥାନୀୟ ପରିସ୍ଥିତି ସହିତ ମେସିନ୍‌ଗୁଡ଼ିକ ଖାପ ଖୁଆଇବାକୁ ପଡ଼ିଲା, ଦ୍ୱିତୀୟତଃ କୃଷିକ୍ଷେତ୍ରରୁ ଯାଇ ସେଠି ଶ୍ରମିକମାନେ କଳ କାରଖାନା ଗୁଡ଼ିକରେ ଯୋଗ [illegible]ଦେଲେ ସେମାନଙ୍କୁ ମେସିନ ସହିତ ତାଳ ଦେଇ କାମ କରିବାକୁ ହେଲା । ଏହି ପରିବର୍ତ୍ତନ କାଳରେ ଏକ ସମୟରେ ବଜାରର ମାନ୍ଦା ଅବସ୍ଥା ହେତୁ ଗୁରୁତର ପରିସ୍ଥିତିର ସମ୍ମୁଖୀନ ହେବା[illegible] ପଡ଼ିଥିଲା । ଅବସ୍ଥା[illegible] କେତେକ ଦାମ[illegible] ଧାରଣା ହେତୁ ଏହି ସମସ୍ୟାର ଜଟିଳତା ଆହୁରି ବୃଦ୍ଧି ପାଇଲା । ଏହି ସଙ୍ଗେ ସଙ୍ଗେ କଞ୍ଚାମାଲ, ଜାଳେଣୀ, କୋକ୍, ପ୍ରଭୃତର ଅଭା[illegible] ଓ୍ୱାଗନ୍ ଅଭାବ ହେତୁ ପରିବହନ କ୍ଷେତ୍ରରେ ସଙ୍କଟ ଏବଂ ସର୍ବୋପରି ବିଦ୍ୟୁତ୍ କଟକଣା ପ୍ରାଥମିକ ସମୟର ଦୈନନ୍ଦିନ କାର୍ଯ୍ୟକାରିତାରେ ନାନା ବାଧା ବିଘ୍ନ ସୃଷ୍ଟି କରିଥିଲା । ଏହି ଅବସ୍ଥା ୧୯୭୩-୭୪ ମସିହା ପର୍ଯ୍ୟନ୍ତ ଲାଗି ରହିଲା । ଏହି କାରଣରୁ ସିମେଣ୍ଟ, ଫେରୋକ୍ରୋମ ଏବଂ କଞ୍ଚାଲୁହା ଉତ୍ପାଦନ ବସ୍ତୁତଃ ବାଧାପ୍ରାପ୍ତ ହୋଇଥିଲା, ଫଳରେ ଉତ୍ପାଦନ ହ୍ରାସ ପାଇ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଲା ଓ ତଦନୁସାରେ ବିକ୍ରୟ କ୍ଷେତ୍ରରେ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଲା ।

ସେ ସମୟରେ କର୍ପୋରେସନ ଅନ୍ତର୍ଗତ ଶିଳ୍ପ ସଂସ୍ଥାଗୁଡ଼ିକର ମୂଳଧନ ସଂଗ୍ରହ କରିବା ଏକ ମୁଖ୍ୟ ସମସ୍ୟାରୂପେ ଦେଖା ଦେଲା । ପ୍ରଥମେ ପ୍ରଥମେ କର୍ମଚାରୀମାନେ ମଧ୍ୟ ଉତ୍ପାଦନ ପ୍ରଣାଳୀ ସହିତ ପରିଚିତ ନ ଥିଲେ କିନ୍ତୁ କ୍ରମେ ଅନୁଭୂତିରୁ ସେମାନେ ଏ ଦିଗରେ କୌଶଳ ଓ ବୈଷୟିକ ଜ୍ଞାନ ପ୍ରାପ୍ତ ହେଲେ । ଅର୍ଥାତ୍ ପ୍ରଥମେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ କର୍ପୋରେସନ ନାନା ଉପାୟ ଉଦ୍ଭାବନ କରି ସେ ଆହ୍ୱାନଗୁଡ଼ିକର ମୁକାବିଲା କରିଥିଲା ।

ତାପରେ ୧୯୭୪-୭୫ ମସିହାରୁ ସ୍ଥିରତାର ସମୟ ଆସିଲା । ଏହି ସଂଘର୍ଷରେ ପ୍ରାଥମିକ ଅବସ୍ଥାର ଜଟିଳ ସମସ୍ୟାଗୁଡ଼ିକୁ ଅତିକ୍ରମ କରି ଉକ୍ତ କର୍ପୋରେସନ ପ୍ରଶଂସନୀୟ ଉନ୍ନତି କଲା । ଉଲ୍ଲିଖିତ ବର୍ଷ ଉକ୍ତ କର୍ପୋରେସନର ଶିଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟ ସଂପର୍କରେ ତଳ[illegible]ଖିତ ଫଳକରୁ ଜଣା ପଡ଼ିବ ।

| ଶିଳ୍ପ ସଂସ୍ଥା | | ଉତ୍ପାଦନ | କ୍ଷମତାର ଉପଯୋଗିତା | ଲାଭ (ଲକ୍ଷ ଟଙ୍କାରେ) |
|---|---|---|---|---|
| ୧. ହୀରା ସିମେଣ୍ଟ କାରଖାନା | .. | ୩,୨୯,୨୫୦ ଟନ | ୮୨% | ୫୫·୬୯ |
| ୨. ଫେରୋକ୍ରୋମ କାରଖାନା | .. | ୫,୧୩୮ ଟନ | ୫୧% | ୨୪·୪୧ |
| ୩. ଟାଇଲ ଫ୍ୟାକ୍ଟରୀ | .. | ୨୨,୪୩,୬୦୬ ଖଣ୍ଡ | ୫୧% | (−)୦·୬୯ |
| ୪. ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ | .. | ଟ ୭୦·୪୯ ଲକ୍ଷ | — | ୯·୧୧ |
| ୫. କଳିଙ୍ଗ ଆଇରନ୍ ଓ୍ୱାର୍କସ୍ | .. | ୮୫,୪୩୨ ଟନ | ୮୫% | ୨୪·୬୯ |
| ୬. ରି-ରୋଲିଙ୍ଗ ମିଲ୍ | .. | ୬,୮୨୮ ଟନ | ୪୬% | (−)୬·୩୮ |
| ୭. ହୀରା କେବଲ ଓ୍ୱାର୍କସ୍ | .. | ୧,୪୮୦ ଟନ | ୪୩% | ୫·୧୫ |

୧୯୭୪-୭୫ ମସୀହାରେ ପୂର୍ବବର୍ଷ ତୁଳନାରେ ଉତ୍ପାଦନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି । ଏ ବର୍ଷ ଲାଭ ମଧ୍ୟ ସର୍ବୋଚ୍ଚ ପରିମାଣ ହୋଇ ପାରିଛି । ଶିଳ୍ପ କାରଖାନାଗୁଡ଼ିକ ସ୍ଥିରତା ଲାଭ କରୁଥିଲେ ଏବଂ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଉଲ୍ଲିଖିତ ବର୍ଷ ଉକ୍ତ କର୍ପୋରେସନର କାର୍ଯ୍ୟ ଉଲ୍ଲେଖଯୋଗ୍ୟ ହୋଇପାରିଛି । ଏହି ବର୍ଷ ଉକ୍ତ କର୍ପୋରେସନ ୮୦ ଲକ୍ଷ ଟଙ୍କାର ଡେପ୍ରିସିଏସନ ବାଦ ଏକ କୋଟି ୨୦ ଲକ୍ଷ ଟଙ୍କା ଲାଭ କରିଛି ।

ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର କାର୍ଯ୍ୟକୁ ପ୍ରଶଂସା କରି ଗତ ମାର୍ଚ୍ଚ ୧୯୭୭ରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ହରଚରଣ ସିଂହ ବ୍ରାର ରାଜ୍ୟ ବିଧାନସଭାରେ କହିଛନ୍ତି—

"ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ ୧୯୭୬ ମସିହାରେ ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ପ୍ରଶଂସନୀୟ ରେକର୍ଡ ସୃଷ୍ଟି କରିଛି । ଏହି ବର୍ଷ ଏପ୍ରିଲମାସରୁ ଡ଼ିସେମ୍ବର ମାସ ମଧ୍ୟରେ ଉକ୍ତ କର୍ପୋରେସନ ମୋଟ୍ ୨୭ କୋଟି ୬୯ ଲକ୍ଷ ଟଙ୍କାର ଉତ୍ପାଦନ ଏବଂ ୨୫ କୋଟି ୩୦ ଲକ୍ଷ ଟଙ୍କାର ବିକ୍ରୟ କରିପାରିଛି । ତତ୍ ପୂର୍ବବର୍ଷ ସେହି ସମୟରେ ଉକ୍ତ ପରିମାଣ ଯଥାକ୍ରମେ ୧୯ କୋଟି ୪୫ ଲକ୍ଷ ଏବଂ ୧୩ କୋଟି ୮୮ ଲକ୍ଷ ଥିଲା । ବିଶ୍ୱ ବଜାରରେ ମାନ୍ଦା ଅବସ୍ଥା ବଜାୟ ରହିଥିଲେ ମଧ୍ୟ ଉକ୍ତ କର୍ପୋରେସନ ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଛି । ୧୯୭୬ ମସୀହାରେ ଉକ୍ତ କର୍ପୋରେସନ ରୁମାନିଆ, ନେଦରଲାଣ୍ଡ ଏବଂ ଫିଲିପାଇନ୍ସକୁ ଏକ କୋଟି ୧୭ ଲକ୍ଷ ଟଙ୍କା ମୂଲ୍ୟର ଫେରୋକ୍ରୋମ ଏବଂ ସେହିବର୍ଷ ଜାନୁଆରୀ ମାସରେ ଉତ୍ତରକୋରିଆକୁ ୬୦ ଲକ୍ଷ ଟଙ୍କାର ହାଇ-କାର୍ବୋନ ଫେରୋକ୍ରୋମ ରପ୍ତାନି କରିଛି ।"

ସେହିପରି ୧୯୭୬ ମସିହା ଫେବୃଆରୀ ମାସରେ ରାଜ୍ୟ ଶିଳ୍ପ ବିଭାଗର କାର୍ଯ୍ୟକାରିତା ସଂପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ସେଥିରେ ଉଲ୍ଲେଖ ଅଛି—

"ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ ଚଳିତ ବର୍ଷ ସବୁଦିଗରେ ଉନ୍ନତି କରିଛି । ୧୯୭୫-୭୬ ମସିହା ଡ଼ିସେମ୍ବର ମାସ ସୁଦ୍ଧା ଏହି କର୍ପୋରେସନ ୧୯ କୋଟି ଟଙ୍କା ମୂଲ୍ୟର ଉତ୍ପାଦନ ଏବଂ ୧୪ କୋଟି ଟଙ୍କା ମୂଲ୍ୟର ବିକ୍ରୟ କରିପାରିଛି । ବରଗଡ଼ ହୀରା ସିମେଣ୍ଟ କାରଖାନା ୩୮,୪୦୦ ଟନ୍ ସିମେଣ୍ଟ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି ଓ କେନ୍ଦ୍ର ଶିଳ୍ପ ଉନ୍ନୟନ ମନ୍ତ୍ରଣାଳୟ ଏହି କାରଖାନାର ଉଚ୍ଚ ପ୍ରଶଂସା କରି ଏହାକୁ ସାରା ଦେଶ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ସର୍ବୋତ୍‌କୃଷ୍ଟ ବୋଲି ଅଭିହିତ କରିଛନ୍ତି । ଯାଜପୁର ରୋଡ଼ ଫେରୋକ୍ରୋମ କାରଖାନା ୧୯୭୫ ମସିହା ଡ଼ିସେମ୍ବର ମାସରେ ସିଲିକୋକ୍ରୋମ ଏବଂ ଲୋ-କାର୍ବୋନ ଫେରୋକ୍ରୋମ ଉତ୍ପାଦନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛି । ବଡ଼ବିଲ କଳିଙ୍ଗ ଲୁହା କାରଖାନା ଉଲ୍ଲିଖିତ ବର୍ଷ ୮୧,୨୪୦ ଟନ କଞ୍ଚାଲୁହା ଉତ୍ପାଦନ କରିଛି । ... କର୍ପୋରେସନ ପାରାଦ୍ୱୀପ ବନ୍ଦର ଦେଇ ଯୁଗୋସ୍ଲୋଭିଆ ... ଦୁଇକୋଟି ୬୫ ଲକ୍ଷ ଟଙ୍କା ମୂଲ୍ୟର ୨୫ ହଜାର ଟନ ... ଲୁହା ରପ୍ତାନୀ କରିଛି । ଫେରୋକ୍ରୋମ କାରଖାନା ... ଏହିବର୍ଷ ଏକ କୋଟି ୫୦ ଲକ୍ଷ ଟଙ୍କା ମୂଲ୍ୟର ... ୧,୭୬୦ ଟନ ଫେରୋକ୍ରୋମ ରପ୍ତାନି କରି ଇଞ୍ଜିନିୟ... ଏକ୍ସପୋର୍ଟ ପ୍ରମୋସନ କାଉନ୍‌ସିଲଠାରୁ ଏକ ଯୋଗ୍ୟ... ପ୍ରମାଣ ପତ୍ର ପାଇଛି । ଏହାଛଡ଼ା ଏହି କର୍ପୋରେ... ହଲାଣ୍ଡକୁ ୫୫ ଲକ୍ଷ ଟଙ୍କାର ୯ଶହ ଟନ ଲୋ-କାର୍... ଫେରୋକ୍ରୋମ ରପ୍ତାନି କରିଛି । ଉତ୍ତର କୋରି... ମଧ୍ୟ ଏକ ହଜାର ଟନ ଲୋ-କାର୍ବୋନ ଫେରୋକ୍... ରପ୍ତାନି କରିବାକୁ ରାଜିନାମା ସଂପାଦନ କରିଛି । ... ମାଲ ଖୁବ୍ ଶୀଘ୍ର ପଠାଯିବ । ଏହି କର୍ପୋରେସନର ... ସଂସ୍ଥା ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ୍ ବିଶ୍ୱବ୍... ପ୍ରତିଯୋଗିତାରେ ଦୁଇକୋଟି ଟଙ୍କା ମୂଲ୍ୟର ଏକ ... ଅର୍ଡର ପାଇଛି । ଏହାଛଡ଼ା, ଉକ୍ତ ଶିଳ୍ପ ସଂସ୍ଥା ପଶ୍ଚିମ... ପଞ୍ଜାବ, ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ୍ ବୋର୍ଡ ... ମଧ୍ୟ ୧୧୬ ଲକ୍ଷ ଟଙ୍କା ମୂଲ୍ୟର ଅର୍ଡର ପାଇଛି ।

ଉତ୍ତର କୋରିଆକୁ ଲୋ-କାର୍ବୋନ ଫେରୋକ୍... ରପ୍ତାନି ସଂପର୍କରେ ଉକ୍ତ ରିପୋର୍ଟରେ ଯାହା ପ୍ର... ପାଇଛି ଇତି ମଧ୍ୟରେ ତାହା ପଠାଯାଇ ସାରିଲାଣି ...

ଏହାଛଡ଼ା ଫିଲିପାଇନ୍ସ, ଉତ୍ତର କୋରିଆ ଏବଂ ନେ... ଲ୍ୟାଣ୍ଡକୁ ଏକ କୋଟି ୬୯ ଲକ୍ଷ ଟଙ୍କାର ଆଉ ୩,୬୫୦ ... ହାଇ-କାର୍ବୋନ ଫେରୋକ୍ରୋମ ୧୯୭୬-୭୭ ମସିହ... ରପ୍ତାନି କରାଯାଇ ସାରିଛି । ଏହି ବର୍ଷ ମୋଟ ୨... ୭୩ଲକ୍ଷ ଟଙ୍କା ମୂଲ୍ୟର ଫେରୋକ୍ରୋମ ରପ୍ତାନି ... ଉକ୍ତ କର୍ପୋରେସନ ରେକର୍ଡ ସୃଷ୍ଟି କରିଛି ।

୧୯୭୪-୭୫ ମସିହାଠାରୁ ଉକ୍ତ କର୍ପୋରେସନ ... ଲାଭ କରି ଆସୁଥିଲେ ମଧ୍ୟ ୧୯୭୬-୭୭ ମସିହା ... ବର୍ଷରେ ପ୍ରଥମ ଥର ପାଇଁ ଏହା ବିଗତ ସମସ୍ତ ଟ୍ରେଡ଼ିଂ... ମଜୁରା କରି ନିଟ୍ ଟ୍ରେଡ଼ିଂ ଲାଭ କରିଛି ।

ଉକ୍ତ କର୍ପୋରେସନ ଆଉ କେତୋଟି କା... ମଧ୍ୟ ହାତକୁ ନେବାକୁ ବିଚାର କରୁଛନ୍ତି । ଏଗୁ... ସମ୍ଭାବନା ଅନୁଧ୍ୟାନ କରାଯାଉଛି । ଏଗୁଡ଼ିକ ହେ... (୧) ରାଉରକେଲାଠାରେ ଗୋଟିଏ ସ୍ପଞ୍ଜ ... କାରଖାନା (୨) ଯାଜପୁର ରୋଡଠାରେ ... ଫେରୋ ସିଲିକନ୍ କାରଖାନା (୩) ... ଟେକ୍‌ସ୍‌ଟାଇଲ ଶିଳ୍ପ ଇତ୍ୟାଦି ।

ରାଞ୍ଚିର ମେକନ୍ ପ୍ରାଇଭେଟ୍ ଲିମିଟେଡ୍ ... କେତୋଟି ଶିଳ୍ପର ମଧ୍ୟ ସମ୍ଭାବନା ଅନୁଧ୍ୟାନ କ... ସେମାନେ ଏ ସଂପର୍କରେ ସେମାନଙ୍କର ... ଉପସ୍ଥାପିତ କରିବେ ।

ଏହାର ବିଭିନ୍ନ ଶିଳ୍ପ ସଂସ୍ଥାଗୁଡ଼ିକର ନିଯୁକ୍ତି ସମୟରେ କର୍ପୋରେସନକୁ କେତେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ଚିହ୍ନିତ ରୀତିରେ ସେମାନେ ପ୍ରଥମେ ଅନୁଭୂତିସଂପନ୍ନ ବୈଷୟିକ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଲେ ଓ ପରବର୍ତ୍ତୀ କାଳରେ ସ୍ଥାନୀୟ ଉପଯୁକ୍ତ ଲୋକଙ୍କୁ ନେଇ ଉକ୍ତ ସ୍ଥାନ ପୂରଣ କରାଗଲା । ପ୍ରଥମେ ଶିଳ୍ପ କାରଖାନାରେ ଅନୁଭୂତି ନ ଥିବା କୃଷି କ୍ଷେତ୍ରର ଶ୍ରମିକ-ମାନଙ୍କୁ ବହୁ ପରିମାଣରେ ଗ୍ରହଣ କରାଗଲା କିନ୍ତୁ ଅନୁଭୂତି ଜନ୍ମରୁ ସେମାନେ କାମକାର୍ଯ୍ୟ କରି ନିଜ କାରଖାନାରେ କୁଶଳୀ ଶ୍ରମିକ ରୂପେ ପରିଗଣିତ ହେଲେ ଓ କାରଖାନା ପରିଚାଳନା କ୍ଷେତ୍ରରେ ସେମାନେ ଅପରିହାର୍ଯ୍ୟ ହୋଇ ପଡ଼ିଲେ । ବର୍ତ୍ତମାନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଉକ୍ତ କର୍ପୋରେସନ ପ୍ରାୟ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେଇଛି । ପ୍ରତ୍ୟେକ ଶିଳ୍ପ ସଂସ୍ଥାରେ ଶିଳ୍ପ ସଂପର୍କ ଅଶାନ୍ତ ଓ ଶାନ୍ତ ପରିସ୍ଥିତି ଦେଇ ଅତିବାହିତ ହୋଇଛି । କୌଣସି ପ୍ରକାର ଶିଳ୍ପ ବିବାଦ ଉପୁଜିଲେ ତାହା ସଦିଚ୍ଛା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆପୋଷ ବୁଝାମଣାରେ ମୀମାଂସିତ ହୋଇଥାଏ ଓ ତ୍ରିପକ୍ଷୀୟ ରାଜିନାମା ଆକାରରେ ତାହା କାର୍ଯ୍ୟକାରୀ କରାଯାଏ । ମଝିରେ ମଝିରେ ବେତନ ହାରରେ ପରିବର୍ତ୍ତନ କରାଯାଇଛି ଏବଂ ଶ୍ରମିକମାନଙ୍କର ସୁବିଧା ସୁଯୋଗ ମଧ୍ୟ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ନେଇ ବୃଦ୍ଧି କରାଯାଇଛି । ବିଭିନ୍ନ ପ୍ରକାରର ଶ୍ରମିକ ମଙ୍ଗଳ ପଦକ୍ଷେପ ମାନ ମଧ୍ୟ ନିଆଯାଇଛି । ବର୍ତ୍ତମାନ ଉକ୍ତ କର୍ପୋରେସନର ସମସ୍ତ ଶିଳ୍ପ ସଂସ୍ଥାରେ ପ୍ରୋଭିଡେଣ୍ଟ ଫଣ୍ଡ, ଇ. ଏସ୍. ଆଇ., ଗ୍ରାଚ୍ୟୁଟି ପ୍ରଭୃତି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି ।

ଶ୍ରମିକମାନେ କିଭଳି ପରିଚାଳନାରେ ଅଂଶଗ୍ରହଣ କରିବେ ତାକୁ ଦୃଷ୍ଟିରେ ରଖି ଶ୍ରମିକ ଶିକ୍ଷା କାର୍ଯ୍ୟକ୍ରମମାନ ପ୍ରତ୍ୟେକ କାରଖାନାରେ ଚାଲିଛି । ଶ୍ରମିକମାନଙ୍କ ମଧ୍ୟସ୍ଥ ଟ୍ରେଡ୍ ୟୁନିଅନ୍ ନେତାମାନଙ୍କୁ ତାଲିମ୍ ପାଇଁ ରାଉରକେଲା ଓ୍ୱାର୍କରସ୍ ଏଡୁକେସନ୍ ସେଣ୍ଟରକୁ ତଥା ଟ୍ରେଡ୍ ୟୁନିଅନ୍ ନେତୃତ୍ୱର ତାଲିମ ଏବଂ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବାକୁ ନୂଆଦିଲ୍ଲୀସ୍ଥ ଜାତୀୟ ଶ୍ରମସଂସ୍ଥାକୁ ପଠାଯାଉଛି । ଉକ୍ତ କର୍ପୋରେସନ ଅନ୍ତର୍ଗତ ପ୍ରତ୍ୟେକ ଶିଳ୍ପ ସଂସ୍ଥାରେ ପରିଚାଳନା କ୍ଷେତ୍ରରେ ଶ୍ରମିକମାନଙ୍କୁ ଅଂଶଗ୍ରହଣ କରାଇବା ଯୋଜନା କାର୍ଯ୍ୟକାରୀ କରାଯାଇ ସପ୍‌କାଉନସିଲ ଏବଂ ଜଏଣ୍ଟ କାଉନ୍‌ସିଲମାନ ଗଠନ କରାଯାଉଛି ।

ଗତ ଦୁଇବର୍ଷ ମଧ୍ୟରେ ଉକ୍ତ କର୍ପୋରେସନ ଅନ୍ତର୍ଗତ ଶିଳ୍ପ ସଂସ୍ଥାଗୁଡ଼ିକ କିପରି ଅଗ୍ରଗତି କରିଛନ୍ତି ନିମ୍ନଲିଖିତ ପରିସଂଖ୍ୟାନରୁ ଜଣା ପଡ଼ିବ । ହୀରା ସିମେଣ୍ଟ କାରଖାନା ଏବଂ ଫେରୋକ୍ରୋମ ପ୍ଲାଣ୍ଟ ପ୍ରତ୍ୟେକେ ଡିପ୍ରିସିଏସନ୍ ଏବଂ ସୁଧ ବାଦ ୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥାତ୍ ସର୍ବୋଚ୍ଚ ଲାଭ କରିଛନ୍ତି । ଏହାଛଡ଼ା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ସେମାନଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ହୀରା କେବୁଲ କାରଖାନା ଉତ୍ପାଦନ କ୍ଷମତାର ଶତକଡ଼ା ୮୦ ଭାଗ ଉତ୍ପାଦନ କରି ରେକର୍ଡ ସୃଷ୍ଟିକରିଛନ୍ତି ।

୧୯୭୫-୭୬

| ଶିଳ୍ପ ସଂସ୍ଥା | | ଉତ୍ପାଦନ ଟନ ହାରରେ | ଉତ୍ପାଦନ କ୍ଷମତାର ଶତକଡ଼ା ହାର | ଲାଭ (ଲକ୍ଷ ଟଙ୍କାରେ) |
|---|---|---|---|---|
| ୧. ହୀରା ସିମେଣ୍ଟ କାରଖାନା | .. | ୩,୯୫,୩୫୦ | ୧୦୦ | ୬୮·୪୦ |
| ୨. କଳିଙ୍ଗ ଆଇରନ୍ ଓ୍ୱାର୍କସ୍ | .. | ୬୧,୦୭୨ | ୬୧ | (–) ୪·୫୨ |
| ୩. ହୀରା କେବୁଲ ଓ୍ୱାର୍କସ୍ | .. | ୧,୯୫୯ | ୬୦ | ୨୪·୭୭ |
| ୪. ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ୍ | .. | ଟ ୧୪୪·୧୨ ଲକ୍ଷ | .. | ୩୦·୩୭ |
| ୫. ରି-ରୋଲିଂ ମିଲ୍ | .. | ୬୩୦୧ | ୪୩ | (–) ୧୬·୪୧ |
| ୬. ଫେରୋକ୍ରୋମ ପ୍ଲାଣ୍ଟ | .. | ୪୬୨୩ | ୪୯ | ୨୧·୯୧ |
| ୭. ଟାଇଲ ଫ୍ୟାକ୍ଟରୀ | .. | ୨୧,୧୪,୫୩୩ ଖଣ୍ଡ | ୪୮ | (–) ୦·୪୩ |
| ୧୯୭୬-୭୭ :– | | | | |
| ୧. ହୀରା ସିମେଣ୍ଟ ଓ୍ୱାର୍କସ | .. | ୩,୮୪,୫୦୦ | ୯୭ | ୮୩·୬୦ |
| ୨. କଳିଙ୍ଗ ଆଇରନ୍ ଓ୍ୱାର୍କସ୍ | .. | ୪୬,୬୧୪ | ୪୭ | (–) ୯୫·୫୬ |
| ୩ ହୀରା କେବୁଲ ଓ୍ୱାର୍କସ୍ | .. | ୨୫୩୭ | ୮୦ | ୩୨·୪୮ |
| ୪ ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ଓ୍ୱାର୍କସ୍ | .. | ଟ ୨୩୫·୫୯ ଲକ୍ଷ | .. | ୫୯·୩୦ |
| ୫ ରି-ରୋଲିଂ ମିଲ୍ | .. | ୪୬୭୨ | ୩୦ | (–) ୧୬·୧୨ |
| ୬. ଫେରୋକ୍ରୋମ ପ୍ଲାଣ୍ଟ | .. | ୮୨୧୫ | ୮୩ | ୮୧·୪୯ |
| ୭. ଟାଇଲ ଫ୍ୟାକ୍ଟରୀ | .. | ୨୧,୪୦,୮୬୧ ଖଣ୍ଡ | ୪୯ | (–) ୦·୧୨ |

ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର ଆରମ୍ଭଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଫଳତା ସଂକ୍ଷିପ୍ତରେ ଉଲ୍ଲେଖ କରାଗଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, କର୍ପୋରେସନର ଆଜି ସୁଦ୍ଧା କାର୍ଯ୍ୟ ଦକ୍ଷ ଏବଂ ଅବିରତ ରହି ଆସିଛି । ଅନ୍ୟ ରାଜ୍ୟ ଯଥା ମହାରାଷ୍ଟ୍ର, ବିହାର ଇତ୍ୟାଦି ରାଜ୍ୟରେ ଶିଳ୍ପ ଉନ୍ନୟନ କର୍ପୋରେସନଗୁଡ଼ିକ କେବଳ ଶିଳ୍ପ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା ଏବଂ ପ୍ରତିଷ୍ଠା ତଥା ଉନ୍ନୟନ କାର୍ଯ୍ୟମାନ କରିଥାନ୍ତି । ଉକ୍ତ ଶିଳ୍ପଗୁଡ଼ିକର ପରିଚାଳନାରେ ଅଂଶ ଗ୍ରହଣ କର... ନାହିଁ । ଓଡ଼ିଶାର ଶିଳ୍ପ ଉନ୍ନୟନ କର୍ପୋରେସ... କେବଳ ପଶ୍ଚିମବଙ୍ଗ ଶିଳ୍ପ ଉନ୍ନୟନ କର୍ପୋରେ... ଏଭଳି ପରିଚାଳନାରେ ଅଂଶ ଗ୍ରହଣ କରିଥାନ୍ତି ।

---

## ଜାଣନ୍ତି କି ?

### ନୂତନ ଡାକଘର ଖୋଲିବା ନିମନ୍ତେ ନିୟମାବଳୀ

- **ସହରାଞ୍ଚଳ:**—ପ୍ରସ୍ତାବିତ ଡ଼ାକଘର ଆତ୍ମନିର୍ଭରଶୀଳ କିମ୍ବା ପାରିଶ୍ରମିକ ମଜୁଥିବା ଉଚି ହେବା ଆବଶ୍ୟକ ।

- **ଗ୍ରାମାଞ୍ଚଳରେ** ପୂର୍ବରୁ ଥିବା ଡ଼ାକଘରଠାରୁ ପ୍ରସ୍ତାବିତ ଡ଼ାକଘରର ଦୂରତା ସ୍ଥଳ ବିଶେଷରେ ୨ କିମ୍ବା ୩ ମାଇଲରୁ ଅଧିକ ହୋଇନଥିବା ଆବଶ୍ୟକ ।

- ଦୁଇହଜାର ଲୋକ ଉପକୃତ ହେଲେ ଉକ୍ତି ୨ ମାଇଲ ବ୍ୟବଧାନରେ ରହିଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୫୦୦ ଟଙ୍କାରୁ ଅଧିକ ହେଉନଥିବା ଆବଶ୍ୟକ ।

- ଦୁଇହଜାରରୁ ଅଧିକ ଲୋକ ଉପକୃତ ହେଲେଉକ୍ତି ୨ ମାଇଲ ବ୍ୟବଧାନରେ ରହିଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ଟ୭୫୦ ରୁ ଅଧିକ ହେଉ ନ ଥିବା ଆବଶ୍ୟକ ।

- ପୂର୍ବରୁ କାର୍ଯ୍ୟକରୁଥିବା ଡ଼ାକଘର ଭଳି ପ୍ରସ୍ତାବିତ ଡ଼ାକଘର କ୍ଷତିର ପରିମାଣ ଅନୁମୋଦିତ ଟ୫୦୦ଠାରୁ ଅଧିକ ନହେବା ଆବଶ୍ୟକ ।

- ପ୍ରସ୍ତାବିତ ଡ଼ାକଘରର ସର୍ବନିମ୍ନ ନିର୍ଦ୍ଧାରିତ ଆୟ ମୂଳଧନର ୨୫ ଭାଗରୁ କମ୍ ହେଉ ନଥିବା ଆବଶ୍ୟକ ।

- **ଅତ୍ୟନ୍ତ ଅନୁନ୍ନତ ଅଞ୍ଚଳରେ** ଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୧୦୦୦ ଟଙ୍କା ଏବଂ ସ୍ଥଳ ବିଶେଷରେ ଏପରିକି ୨,୫୦୦ ଟଙ୍କାକୁ କୋହଳ କରିଦିଆଯାଇ ପାରିବ ।

- ପ୍ରସ୍ତାବିତ ଡ଼ାକଘରର ଆୟ ଆନୁମାନିକ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ୧୫ ଭାଗରୁ କମ୍ ହେଉନଥିବ ।

- ବାର୍ଷିକ ୨,୫୦୦ ଟଙ୍କା ଅନୁମୋଦିତ ସୀମିତ କ୍ଷତି ଅନୁଯାୟୀ ନୂତନ କରି ଖୋଲିବା ନିମନ୍ତେ ପ୍ରସ୍ତାବିତ ଡାକଘର ଏବଂ ପୂର୍ବରୁ କାର୍ଯ୍ୟ କରୁଥିବା ଡ଼ାକଘରର ଅନୁମାନିକ କ୍ଷତି ବାର୍ଷିକ ୫୦୦ଟଙ୍କା ସମେତ ଉଭୟ ଡ଼ାକଘରର କ୍ଷତିର ପରିମାଣ ବାର୍ଷିକ ୩ ହଜାର ଟଙ୍କାରୁ ଅଧିକ ନହେବା ଆବଶ୍ୟକ ।

- **ପାହାଡ଼ିଆ ଅଞ୍ଚଳରେ** ଥିବା ଡ଼ାକଘରର ଆୟ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ଆନୁମାନିକ ଦଶଭାଗରୁ କମ୍ ହେବନାହିଁ ।

# ଶିକ୍ଷାର ବିକାଶ ଦିଗରେ ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର

୧୯୭୪ ଫେବ୍ରୁୟାରୀ ୨୮ରେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାରେ ପ୍ରଥମଥର ପାଇଁ ଶିକ୍ଷା ନିର୍ଦ୍ଦେଶାଳୟରେ ଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ସ୍ଥାପିତ ହେଲା । ଏହା ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱରେ ରହିଥିଲେହେଁ ଏହାର ଯୁହାୟ ବ୍ୟୟଭାର ବହନର ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ । ଏହି ଅନୁଷ୍ଠାନ ସ୍ଥାପନାର ମୂଳ ଲକ୍ଷ୍ୟ ଅଛି—ଶିକ୍ଷାର ଗୁଣାତ୍ମକ ବିକାଶ ତଥା ପ୍ରାକ୍ ପ୍ରାଥମିକଠାରୁ ଆରମ୍ଭ କରି ମୁକ୍ତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତ୍ୟେକ ସ୍ତରରେ ଗଣ ମାଧ୍ୟମ ଏବଂ ଆଧୁନିକ ଶିକ୍ଷା ଉପକରଣ ସହାୟତାରେ ଶିକ୍ଷାର ବ୍ୟାପକ ପ୍ରସାର ସଫଳ ପ୍ରୟୋଗ ।

(୧) ସାଇଟ୍ କାର୍ଯ୍ୟକ୍ରମ—ଅନୁଷ୍ଠାନର ଶୈଶବାବସ୍ଥାରେ ଏହା "ଉପଗ୍ରହ ମାଧ୍ୟମରେ ଟେଲିଭିଜନ ଶିକ୍ଷାଦାନ" ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିଲା । ଏହି କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଅନ୍ୟାନ୍ୟ ର୍ଯ୍ୟ ଯଥା :—କଷ୍ଟୋଡ଼ିଆନ୍ ଓ ଅତିରିକ୍ତ କଷ୍ଟୋଡ଼ିଆନ୍ ନିଯୁକ୍ତି, ବିଦ୍ୟାଳୟ ଗୃହରେ ବିଦ୍ୟୁତ୍ ସଂଯୋଜନା, ଷ୍ଟୋଡ଼ିଆନ୍‌ମାନଙ୍କୁ ପାରିଶ୍ରମିକ ପ୍ରଦାନ, ବ୍ୟବହୃତ ବିଦ୍ୟୁତ୍ ଶକ୍ତି ନିମନ୍ତେ ଅର୍ଥ ପ୍ରଦାନ, ଟେଲିଭିଜନ୍ ବ୍ୟବହାରୀ ଶିକ୍ଷକ ତଥା ପ୍ରାଥମିକ ଏବଂ ମାଇନର ବିଦ୍ୟାଳୟରେ ଥିବା ବିଜ୍ଞାନ ଶିକ୍ଷକମାନଙ୍କ ନିମନ୍ତେ ମ ପାଠ୍ୟକ୍ରମର ବ୍ୟବସ୍ଥା ଓ ଏଥି ନିମିତ୍ତ ଆନୁଷଙ୍ଗିକ ଲେଖା ପ୍ରକାଶନ ଏବଂ ବିତରଣ ଇତ୍ୟାଦି ସୁସ୍ଥୁରୂପେ ସଂପାଦିତ ହୋଇଥିଲା ।

ଶିକ୍ଷା ସଚିବ ସଭାପତି ରହି ଏବଂ ଶିକ୍ଷା ନିର୍ଦ୍ଦେଶକ, ଯୁଗ୍ମ ଶିକ୍ଷା ନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶକ, ସରକାରୀ କର୍ମଚାରୀ ଏବଂ ପ୍ରବୀଣ ଶିକ୍ଷାବିତ୍‌ମାନେ ସଭ୍ୟ ଭାବରେ ଥାଇ ଏଡୁକେଶନାଲ୍ ଟେକ୍‌ନୋଲୋଜି " ନାମରେ ଏକ କମିଟି ଗଠିତ ହୋଇଥିଲା । ଇତି ମଧ୍ୟରେ ଉପରୋକ୍ତ କମିଟିର ବୈଠକ ବିଭିନ୍ନ ରେ ବସି ଟେଲିଭିଜନ୍ ଶିକ୍ଷା ସଂପର୍କରେ ବିଷୟ ବସ୍ତୁ ନିର୍ବାଚନ, ପ୍ରସ୍ତୁତି ତଥା ମାନ ନିର୍ଦ୍ଧାରଣ ଭିନ୍ନ ବିଭାଗ ଉପରେ ଗଠନମୂଳକ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ପ୍ରାଥମିକ ଶିକ୍ଷକମାନଙ୍କର ବିଜ୍ଞାନ ଶିକ୍ଷାଦାନରେ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ୧୯୭୫ ଓ ୧୯୭୬ରେ କାଳୀନ ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ଦ୍ୱାରା ପରିଚାଳିତ କେନ୍ଦ୍ର ଶିକ୍ଷା ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ବହୁମୁଖୀ ମାଧ୍ୟମ ତଥା ୩୫୦ ଶିକ୍ଷକ ଙ୍କ ସାହାଯ୍ୟରେ ସମ୍ବଲପୁର, ଢେଙ୍କାନାଳ ଓ ଫୁଲବାଣୀ ଜିଲ୍ଲାର ପ୍ରାୟ ୮୦୦୦ ପ୍ରାଥମିକ ଶିକ୍ଷକମାନଙ୍କୁ ଦିଆଯାଇଥିଲା ।

(୨) ମୂଲ୍ୟାୟନ :—ରେଡ଼ିଓ ଏବଂ ଟେଲିଭିଜନ୍ ଶିକ୍ଷା ମାନର ଅଭିବୃଦ୍ଧି ନିମନ୍ତେ ମୂଲ୍ୟାୟନ ଏକାନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ଗବେଷଣା ଚଳାଇ ଏକ ରିପୋର୍ଟ ପ୍ରକାଶ କରିଛି ।

ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର, ଭୁବନେଶ୍ୱର ଏବଂ ଟେଲିଭିଜନ୍ କେନ୍ଦ୍ର, କଟକଙ୍କ ସହାୟତାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଟେଲିଭିଜନ୍ ଶିକ୍ଷା ସଂପର୍କରେ ଏକ ବ୍ୟାପକ ତଥା ସାରଗର୍ଭକ ଗବେଷଣା କରିଥିଲେ । ଏତତ୍ ସଂପର୍କରେ ବିଭିନ୍ନ ସ୍ଥାନକୁ ଯାଇ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରି ୧୩୪୯ ଛାତ୍ର ଛାତ୍ରୀ ଏବଂ ୨୩୮ ଶିକ୍ଷକ ତଥା କ୍ଷେତ୍ର ଅଫିସରଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ସେହି ସମସ୍ତ ତଥ୍ୟର ସଂଯୋଜନା ଏବଂ ସଂକଳନ ପରେ ବର୍ତ୍ତମାନ ରିପୋର୍ଟ ଲେଖା କାର୍ଯ୍ୟ ସରିଛି । ଉତ୍ତମ ଟେଲିଭିଜନ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତି କରିବାରେ ଏହି ରିପୋର୍ଟ ଏକ ବିଶେଷ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ ।

(୩) ପ୍ରକାଶନ :—ଟେଲିଭିଜନ୍ ଶିକ୍ଷା କାର୍ଯ୍ୟକ୍ରମ ସଂପର୍କୀୟ ଦିନପଞ୍ଜି ଏବଂ ଶିକ୍ଷକ ସାହାଯ୍ୟକାରୀ ନୋଟ୍ ଇତ୍ୟାଦି ପ୍ରସ୍ତୁତ ହୋଇ ଶିକ୍ଷକମାନଙ୍କର ପାଠ ଦାନର ସୁବିଧା ନିମନ୍ତେ ପୂର୍ବରୁ ବଣ୍ଟନ କରାଯାଇଥିଲା । ବିଜ୍ଞାନ କାର୍ଯ୍ୟକ୍ରମ, ଶିକ୍ଷକ ସହାୟକ ପୁସ୍ତକ, ସମ୍ବନ୍ଧ ସାମଗ୍ରୀ ପୁସ୍ତିକା ଏବଂ ଆକାଶବାଣୀ କାର୍ଯ୍ୟକ୍ରମ ପୁସ୍ତିକା ମୁଦ୍ରିତ ହୋଇ ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦାନକାରୀ ଶିକ୍ଷକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଓଡ଼ିଶାରେ ଉପଗ୍ରହ ଦୂରଦର୍ଶନ ଶିକ୍ଷା କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମଧ୍ୟ ଦୁଇଟି ପୁସ୍ତିକା ପ୍ରକାଶିତ ହୋଇ ବଣ୍ଟନ କରାଯାଇଥିଲା ।

ଏତଦ୍ ବ୍ୟତୀତ ଉପଗ୍ରହ ଦୂରଦର୍ଶନ ଶିକ୍ଷା କାର୍ଯ୍ୟ... ଟେଲିଭିଜନ୍ ସେଟ୍‌ର ଉପଯୁକ୍ତ ବ୍ୟବହାର, ... କେଶନାଲ୍ ଟେକ୍‌ନୋଲୋଜିର କାର୍ଯ୍ୟକ୍ରମ ସଂପର୍କ... ଗୁରୋଟି ପୁସ୍ତିକା ପ୍ରକାଶିତ ହୋଇ ବଣ୍ଟାଯା... ଜନସାଧାରଣଙ୍କ ଅବଗତି ନିମନ୍ତେ ଏ ଯାବତ ... ପୁସ୍ତିକା ପ୍ରକାଶିତ ହେଲଣି ।

(୪) ରେଡ଼ିଓରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ... ରେଡ଼ିଓ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷା କାର୍ଯ୍... ଉନ୍ନତି ଓ ଉପଯୋଗର ବ୍ୟାପକ ସୁବିଧା ... ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ଏହି କାର୍ଯ୍... ଯୋଜନା ସଂଗଠନ ଏବଂ ମୂଲ୍ୟାୟନ ସହିତ ... ଢ଼ହୋଇଛି ଏବଂ ଏଥିପାଇଁ ବହୁମୁଖୀ ପଦକ୍ଷେପ ... କରାଯାଇଛି । ଏଥି ମଧ୍ୟରେ ରେଡ଼ିଓରେ ଶିକ୍ଷା ... କ୍ରମକୁ ଭିତ୍ତିକରି ଏକ ମୂଲ୍ୟାୟନ, ଶିକ୍ଷା ଉ... କେନ୍ଦ୍ର ରିପୋର୍ଟ ଆକାରରେ ପ୍ରକାଶ କ... ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକଙ୍କ ଅନୁରୋଧ ... ଅନ୍ୟାନ୍ୟ ପାଠ ଦାନ ଉପରେ ଗବେଷଣା ... ମୂଲ୍ୟାୟନ କରାଯାଉଅଛି ।

(୫) ଶିକ୍ଷା ସଂପର୍କୀୟ ଚଳଚ୍ଚିତ୍ର ଏବଂ ଅ... ଶ୍ରାବ୍ୟ ଓ ଦୃଶ୍ୟ ଉପକରଣ :—ପାଠ୍ୟକ୍ରମ ... ସଂପର୍କ ଥିବା ଶିକ୍ଷା ସଂପର୍କୀୟ ଚଳଚ୍ଚିତ୍ର ଏବଂ ଅ... ଶ୍ରାବ୍ୟ ଓ ଦୃଶ୍ୟ ଉପକରଣ ଧାରାବାହିକ ... ପ୍ରଦର୍ଶନ କରି ଶିକ୍ଷାର ପ୍ରସାର ଓ ମାନ ବୃଦ୍ଧି ... ନିମନ୍ତେ ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ... ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ପ୍ରୋ... ଭଳି କେତେକ ଯନ୍ତ୍ରପାତି ନିକଟରେ କ୍ରୟ କ... ଏହି ଆଧୁନିକ ଯନ୍ତ୍ରପାତିର ସାହାଯ୍ୟରେ ଛା... ଶିକ୍ଷକମାନଙ୍କର ପାଠର ମାନ ବୃଦ୍ଧି କରିବା ... ଏହା କେତେକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲି...



# ଆତ୍ମନିଯୁକ୍ତି ପାଇଁ ବ୍ୟାଙ୍କ ଋଣ ମାଧ୍ୟମରେ ପଶୁପାଳନ

ଡାକ୍ତର ଯୋଗୀନ୍ଦ୍ର ନାଥ ପଣ୍ଡା


---

ରାଜ୍ୟରେ ଦେଖାଦେଇଥିବା ବେକାର ସମସ୍ୟା ଓ ବଳକା ଜନଶକ୍ତିର ଉପଯୁକ୍ତ ବିନିଯୋଗର ଆଶୁ ସମାଧାନ ପାଇଁ ପଶୁପାଳନ କରିବା ଉପରେ ଅଧିକ ପ୍ରାଧାନ୍ୟ ଆରୋପ କରାଯାଉଅଛି । ଏହାଦ୍ୱାରା କେବଳ ବେକାର ସମସ୍ୟା ଯେ ଦୂର ହୋଇପାରିବ ତାହା ନୁହେଁ, ଅପର ପକ୍ଷରେ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଦ୍ରୁତ ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ଦେଶରେ ପ୍ରାଣୀଜ ପୁଷ୍ଟିସାର ଖାଦ୍ୟ ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ । ଯଦି କୌଣସି ବେକାର ବ୍ୟକ୍ତି ଆଂଶିକ ବା ପୂର୍ଣ୍ଣ ସମୟ ବିନିଯୋଗ କରି ବୈଜ୍ଞାନିକ ପନ୍ଥାରେ ପଶୁପାଳନ କରନ୍ତି, ତେବେ ବେକାରୀ ଦୂର ହେବା ସଙ୍ଗେ ସଙ୍ଗେ ସେ ଆର୍ଥିକ ସ୍ୱଚ୍ଛଳତା ଲାଭ କରିପାରିବେ ।

ଏଥିପାଇଁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କଦ୍ୱାରା ଶିକ୍ଷିତ ବେକାରମାନଙ୍କୁ ଓ ଉତ୍ସାହୀ ଚାଷୀମାନଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ପଶୁପାଳନ ପାଇଁ ବିଭିନ୍ନ ଛୋଟ ବଡ଼ ଯୋଜନାର ନମୁନା ଋଣ ମାଧ୍ୟମରେ ଜନସାଧାରଣଙ୍କ ସୁବିଧା ପାଇଁ ପଶୁପାଳନ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଛି । ପଶୁପାଳନ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି, ନିଜର ଚାହିଦା ମୁତାବକ ନମୁନା ଯୋଜନାକୁ ପରିବର୍ତ୍ତନ କରି ପଶୁଚିକିତ୍ସକଙ୍କ ଜରିଆରେ ସମ୍ଭାବ୍ୟ ବିବରଣୀ ସହ ନିଜ ଅଞ୍ଚଳରେ ଥିବା ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଦରଖାସ୍ତ କରିବେ । ଋଣ ମଞ୍ଜୁର ପାଇଁ ବ୍ୟାଙ୍କ ତରଫରୁ ଗୋଟିଏ ନିର୍ଦ୍ଦିଷ୍ଟ ଫର୍ମ ମିଳିଥାଏ । ଦରଖାସ୍ତକାରୀଙ୍କୁ ସେହି ଫର୍ମଟିକୁ ପୂରଣ କରି ବ୍ୟାଙ୍କରେ ଦାଖଲ କରିବାକୁ ପଡ଼ିଥାଏ । ଏହାପରେ ଏଥିପାଇଁ ଉଦ୍ଦିଷ୍ଟ ବ୍ୟାଙ୍କରୁ ଅବା ବ୍ୟାଙ୍କର ପଶୁପାଳନ ସ୍ୱତ୍ୱାଧିକାରୀ ସରଜମିନ୍ ତଦନ୍ତ କରି ତାଙ୍କର ମତାମତ ଦେବା ପରେ ସାଧାରଣତଃ ଋଣ ମଞ୍ଜୁର ହୋଇଥାଏ । ଏହି ଋଣ ସାଧାରଣତଃ ଟଙ୍କା ଆକାରରେ ଚାଷୀଙ୍କୁ ଯୋଗାଇ ଦିଆ ନଯାଇ ପଶୁପାଳନ ସକାଶେ ଆବଶ୍ୟକ ହେଉଥିବା ଉପକରଣ ଆକାରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ ।

ଏଭଳି ଋଣ ପାଇଁ ଆଗ୍ରହୀ ଥିବା ବ୍ୟକ୍ତିମାନଙ୍କୁ ଋଣର ଆନୁପାତିକ ଭୂ-ସଂପତ୍ତି ବଂଧକ ଦେବାକୁ ପଡ଼େ । ମାତ୍ର ଛୋଟ ପରିକଳ୍ପନା ଯଥା—୨ ଗୋଟି ଦୁଧିଆଳୀ ଗାଈ, ୫୦ଟି କୁକୁଡ଼ା ବା ୩୦ଟି ମେଷ ପାଇଁ ଟ୨,୦୦୦ ପର୍ଯ୍ୟନ୍ତ ଋଣ ଉପରେ ଭୂ-ବଂଧକର ଆବଶ୍ୟକତା ନାହିଁ । କେବଳ ଋଣ ଗ୍ରହୀତାଙ୍କର ଲିଖିତ ପ୍ରତିଶ୍ରୁତି ସହ ଅନ୍ୟ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଜମାନବନ୍ଦି ଉପରେ ଏହା ଦିଆଯାଇଥାଏ ।


ଯେ କୌଣସି ଗୋଟିଏ ପଶୁପାଳନ ପାଇଁ ଅର୍ଥାତ୍ ଗୋପାଳନ, କୁକୁଡ଼ା ପାଳନ, ଛେଳି ପାଳନ, ମେଣ୍ଢା ଓ ଘୁଷୁରି ପାଳନ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ସ୍ଥାୟୀ ଖର୍ଚ୍ଚର ଅତି ବେଶୀରେ ଶତକଡ଼ା ୯୦ ଭାଗ ପର୍ଯ୍ୟନ୍ତ ଏବଂ ଅସ୍ଥାୟୀ ଖର୍ଚ୍ଚର ଶତକଡ଼ା ୭୫ ଭାଗ ପର୍ଯ୍ୟନ୍ତ ଋଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରୁ ଓ କିଛି ସମବାୟ ବ୍ୟାଙ୍କମାନଙ୍କରୁ ମିଳିଥାଏ । ଏହି ଋଣ ସାଧାରଣତଃ ମଧ୍ୟବର୍ତ୍ତୀକାଳୀନ ଋଣ ଆକାରରେ ଗ୍ରାହକମାନଙ୍କୁ ଦିଆଯାଇଥାଏ । ତେଣୁ ୩ ବର୍ଷରୁ ୫ ବର୍ଷ ମଧ୍ୟରେ ପରିଶୋଧ କରିବାକୁ ପଡ଼ିଥାଏ । ଏଥିପାଇଁ ସାଧାରଣତଃ ୧୪ ଟଙ୍କା ହାରରେ ସୁଧ ଦେବାକୁ ପଡ଼େ । କିନ୍ତୁ ଗରିବ ଚାଷୀଙ୍କ କ୍ଷେତ୍ରରେ ଶତକଡ଼ା ଟ୪ ହାର ସୁଧର ମଧ୍ୟ ବ୍ୟବସ୍ଥା ରହିଛି ।



ଅଧିକ ଦୁଗ୍ଧ ଦେଉଥିବା ହଲଷ୍ଟିନ୍ ଜାତୀୟ ଗାଈ

କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଓ ସେହି ଶ୍ରେଣୀୟ ଆଦିବାସୀ ଚାଷୀମାନଙ୍କର ପଶୁପାଳନ ମାଧ୍ୟମରେ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ ହେଉଛି । ସେହି ଯୋଜନା ମାଧ୍ୟମରେ କ୍ଷୁଦ୍ରଚାଷୀଙ୍କ ପାଇଁ ମୋଟ ଖର୍ଚ୍ଚର ୪ ଭାଗରୁ ୧ ଭାଗ, ନାମମାତ୍ର ଚାଷୀ ଓ ଭୂମିହୀନ ଶ୍ରମିକଙ୍କ ପାଇଁ ୩ ଭାଗରୁ ୧ ଭାଗ ଏବଂ ସେହି ଶ୍ରେଣୀୟ ଆଦିବାସୀମାନଙ୍କ ପାଇଁ ୨ ଭାଗରୁ ୧ ଭାଗ ସରକାରଙ୍କ ତରଫରୁ ସାହାଯ୍ୟ ଦିଆଯାଉଛି । ଫଳରେ ତାଙ୍କର ଋଣ ଭାର ତଦନୁପାତରେ କମି ଯାଉଛି । ଏଥିପାଇଁ ପଶୁ ଚିକିତ୍ସକ ବା ଅତିରିକ୍ତ ପଶୁଚିକିତ୍ସକ ଆଗ୍ରହୀ ଚାଷୀଙ୍କଠାରୁ ଦରଖାସ୍ତ ସଂଗ୍ରହ କରି ବି. ଡି. ଓ. ବା ତହସିଲଦାରଙ୍କ ଜରିଆରେ ଶ୍ରେଣୀ ଚିହ୍ନଟ କରାଇ ଆଞ୍ଚଳିକ ବ୍ୟାଙ୍କକୁ ଦରଖାସ୍ତମାନ ଋଣ ମଞ୍ଜୁରୀ ପାଇଁ ପଠାଇ ଦିଅନ୍ତି । ଏହାପରେ ବ୍ୟାଙ୍କରେ ପ୍ରତ୍ୟେକ ଚାଷୀର ଋଣ ପାଇବାର ଉପଯୋଗିତା ଯାଂଚ କରାଯାଇ ଋଣ ମଞ୍ଜୁର କରାଯାଇଥାଏ । ଏହି ଋଣ କେବଳ ନିର୍ଦ୍ଦିଷ୍ଟ ଯୋଜନାଭୁକ୍ତ ଖର୍ଚ୍ଚ ଉପରେ ଆଧାରିତ । ଏହି ଯୋଜନାମାନ ହେଉଛି, ସାଧାରଣତଃ ୨ଟି ସଂକର ଜାତୀୟ ଗାଈ ବା ମଇଁଷି, ୪ଟିରୁ ୬ଟି ଛେଳି ବା ମେଣ୍ଢା, ୨ଟି ବା ୩ ଗୋଟି ଘୁଷୁରି, ୨୫ଟିରୁ ୫୦ ଟି ପର୍ଯ୍ୟନ୍ତ କୁକୁଡ଼ା । ଛେଳି ବା ଗାଈ ରଖିବା ପାଇଁ ଟ୫,୦୦୦ ପର୍ଯ୍ୟନ୍ତ,

ମେଣ୍ଢା ରଖିବା ସକାଶେ ଟ୫୦୦ ପର୍ଯ୍ୟନ୍ତ, ଘୁଷୁରି ପାଳନ ପାଇଁ ଟ୧,୦୦୦ ପର୍ଯ୍ୟନ୍ତ ଓ କୁକୁଡ଼ା ରଖିବା ସକାଶେ ଟ୨,୭୦୦ ପର୍ଯ୍ୟନ୍ତ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ । କୁକୁଡ଼ା ବା ଘୁଷୁରି ରଖିବାକୁ ଇଚ୍ଛୁକ ଥିବା ଚାଷୀମାନଙ୍କୁ ଘର ତିଆରି କରିବା ପାଇଁ ଏବଂ ଉପକରଣ କିଣିବା ପାଇଁ ଆଗତୁରା ଟଙ୍କା ଦିଆଯାଇଥାଏ । ଏହି ଯୋଜନାଗୁଡ଼ିକ ମଧ୍ୟରୁ କ୍ଷୁଦ୍ରଚାଷୀ ଉନ୍ନୟନ ଯୋଜନା ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ପରୀ ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଓ କୃଷି ଶ୍ରମିକ ଉନ୍ନୟନ ଯୋଜନା କେନ୍ଦୁଝର ଓ କଟକ ଜିଲ୍ଲା ଦ୍ୱୟରେ କାର୍ଯ୍ୟକାରୀ ହେଉଅଛି । ଆଦିବାସୀ ଉନ୍ନୟନ ଯୋଜନା ପାରଳାଖେମୁଣ୍ଡି, ଗୁଣୁପୁର, କେନ୍ଦୁଝର ଓ ବାଲିଗୁଡ଼ା ସବ୍‌ଡିଭିଜନର ୨୦ଟି ବ୍ଲକରେ କାର୍ଯ୍ୟକାରୀ ହେଉଅଛି । ସେହିପରି ସଘନ ଆଦିବାସୀ ଉନ୍ନୟନ ଯୋଜନା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁର, କୋରାପୁଟ, ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାମାନଙ୍କର ୯୮ଟି ବ୍ଲକରେ କାର୍ଯ୍ୟକାରୀ ହେଉଅଛି । ଏଗୁଡ଼ିକ ଛଡ଼ା ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲା ଦ୍ୱୟର ୨୬ଟି ବ୍ଲକରେ ମରୁଡ଼ି ପ୍ରପୀଡ଼ିତ ଆଂଚଳିକ ଯୋଜନା କାର୍ଯ୍ୟ କରୁଛି ।




ଦେଶୀଗାଈରୁ କୃତ୍ରିମ ପ୍ରଜନନ ଦ୍ୱାରା ହଲଷ୍ଟିନ୍ ବାଛୁରୀଜନ୍ମ

ଉଲ୍ଲିଖିତ ଯୋଜନାଗୁଡ଼ିକ ଛଡ଼ା ଭାରତ ସରକାରଙ୍କ ତରଫରୁ ଆମ ରାଜ୍ୟରେ ଗତ ବର୍ଷ ଠାରୁ ସଂକର ମାଈ ବାଛୁରୀ ପାଳନ, କୁକୁଡ଼ା ଓ ଘୁଷୁରି ପାଳନ ପ୍ରଭୃତି କେତେକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇଆସୁଛି । ଏହାଦ୍ୱାରା ମଧ୍ୟ ଅନେକ ଚାଷୀ ନିଜର ଗୁଜୁରାଣ ମେଣ୍ଟାଇବାପାଇଁ ସମର୍ଥ ହୋଇ ପାରୁଛନ୍ତି । ଏହି ଯୋଜନା ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ସଂକର ମାଈ ବାଛୁରୀ ପାଳନ ଯୋଜନା କଟକ, ପୁରୀ ଓ ଢେଙ୍କାନାଳ ଜିଲ୍ଲାମାନଙ୍କରେ, କୁକୁଡ଼ା ପାଳନ ଯୋଜନା କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲା-ଗୁଡ଼ିକରେ ଏବଂ ଘୁଷୁରି ପାଳନ ଯୋଜନା କେନ୍ଦୁଝର ଓ କୋରାପୁଟ ଜିଲ୍ଲା ଦ୍ୱୟରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ।

ସଙ୍କର ମାଈ ବାଛୁରୀ ପାଳନ ଯୋଜନା ଦ୍ୱାରା କଟକ ଓ ପୁରୀ ଜିଲ୍ଲାର ୫,୦୦୦ ଲେଖାଏଁ ଏବଂ ଢେଙ୍କାନାଳ ଜିଲ୍ଲାର ୨,୫୦୦ ଜଣ ଚାଷୀ ପଞ୍ଚମ ପଞ୍ଚ-ବାର୍ଷିକ ଯୋଜନା ଶେଷ ସୁଦ୍ଧା ଉପକୃତ ହେବେ । ଗୋଟିଏ ସଙ୍କର ମାଈ ବାଛୁରୀକୁ ଚାରିମାସରୁ ୨୮ ମାସ ବୟସ ପର୍ଯ୍ୟନ୍ତ ଆଂଶିକ ଆକାରରେ ଦାନା ସାହାଯ୍ୟ ଦିଆଯିବ । ଏହି ସମୟ ମଧ୍ୟରେ ୧,୬୮୦ ଟଙ୍କା ଦାନା ବାବଦରେ ଖର୍ଚ୍ଚ ହେବାର ଅଟକଳ କରାଯାଇଛି । ଏଥିରୁ ସୁଦ୍ର-

ଚାଷୀମାନଙ୍କୁ ଟ୮୦୦( ଏବଂ ନାମମାତ୍ର ଚାଷୀ ଓ ଦିନ ମଜୁରିଆମାନଙ୍କୁ ଟ୧,୦୬୬(ରେ ଦାନ ସାହାଯ୍ୟ ଆକାରରେ ଦିଆଯିବ ଓ ଅବଶିଷ୍ଟ ଖାଦ୍ୟ ପାଇଁ ଆବଶ୍ୟକ ହେଉଥିବା ଟଙ୍କା ଜାତୀୟକରଣ ବ୍ୟାଙ୍କମାନଙ୍କରୁ ଋଣ ଆକାରରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରଥମ କିସ୍ତି ଋଣ ବାଛୁରୀର ୧୬ ୧/୨ ମାସ ବୟସ ସମୟରେ ଟ୪୧୦( ଓ ଦ୍ୱିତୀୟ କିସ୍ତି ଋଣ ବାଛୁରୀର ୨୨ମାସ ବୟସ ସମୟରେ ଟ୪୭୦( ମିଳିବ । କିନ୍ତୁ କୃଷିଭିତ୍ତିକ ଶ୍ରମିକମାନଙ୍କୁ ବାଛୁରୀର ସେହି ବୟସରେ ପ୍ରଥମ କିସ୍ତି ଋଣ ଟ୨୯୯( ଏବଂ ଦ୍ୱିତୀୟ କିସ୍ତି ଋଣ ଟ୩୧୫( ମିଳିବ ।

କୁକୁଡ଼ା ପାଳନ ଯୋଜନା ଅନୁସାରେ କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲାମାନଙ୍କରୁ ୩,୦୦୦ ଲେଖାଏଁ ଚାଷୀଙ୍କୁ ଏହି ସୁବିଧା ଦିଆଯିବ । ପ୍ରତ୍ୟେକ ଚାଷୀ ୫୦ଟି ଲେଖାଏଁ ଅଣ୍ଡା ଦିଆ କୁକୁଡ଼ା ପାଳନ ସୁବିଧା ପାଇ ପାରିବେ । ଗୋଟିଏ କୁକୁଡ଼ା ଫାର୍ମ ବସାଇବା କରିବା ପାଇଁ ଟ୩,୦୩୮( ଖର୍ଚ୍ଚ ହେବ ବୋଲି ଅଟକଳ




ଗ୍ରାମାଞ୍ଚଳରେ ଉନ୍ନତ ଧରଣର ଛାଗ ପାଳନ

କରାଯାଇଛି । ଏଥିରୁ ପ୍ରତ୍ୟେକ କ୍ଷୁଦ୍ରଚାଷୀଙ୍କୁ ଟ୬୬୬( ରିହାତି ଆକାରରେ ଓ ନାମମାତ୍ର ଚାଷୀ ଓ ଦିନ ମଜୁରିଆ-ମାନଙ୍କୁ ଟ୮୮୮( ରିହାତି ଆକାରରେ ଦିଆଯିବ । ବାକୀ ଆବଶ୍ୟକ ହେଉଥିବା ଅର୍ଥ ସେମାନଙ୍କୁ ଜାତୀୟ-କରଣ ବ୍ୟାଙ୍କମାନଙ୍କରୁ ଋଣ ଆକାରରେ ଯୋଗାଇ ଦିଆଯିବ ।

ସେହିପରି କେନ୍ଦୁଝର ଓ କୋରାପୁଟ ଜିଲ୍ଲାଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଘୁଷୁରି ପାଳନ ଯୋଜନାନୁସାରେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଲେଖାଏଁ ଦୁର୍ବଳ ଶ୍ରେଣୀର ଲୋକ ଏହି ସୁବିଧା ପାଇବେ । ପ୍ରତ୍ୟେକ ଚାଷୀଙ୍କୁ ୩ ଗୋଟି ସଂକର ମାଈ ଘୁଷୁରି ଏବଂ ଏହିପରି ୫ ଗୋଟି ଚାଷୀଙ୍କ ପାଇଁ ଗୋଟିଏ ଅଣ୍ଡିରା ବିଦେଶୀ ଘୁଷୁରି ଯୋଗାଇ ଦିଆଯିବ । ପ୍ରତ୍ୟେକ ୟୁନିଟ୍ ପାଇଁ ଟ୧,୨୦୦( ଖର୍ଚ୍ଚର ଅଟକଳ କରାଯାଇଛି । ଏଥିରୁ କ୍ଷୁଦ୍ରଚାଷୀମାନଙ୍କୁ ଟ୩୦୦( ରିହାତି ଆକାରରେ ଏବଂ ନାମମାତ୍ର ଚାଷୀ ଓ କୃଷି ଶ୍ରମିକମାନଙ୍କୁ ଟ୪୦୦( ରିହାତି ଆକାରରେ ଦିଆଯିବ ଓ ଅବଶିଷ୍ଟ ଆବଶ୍ୟକ ହେଉଥିବା

ଙ୍କୀ ସେମାନେ ଋଣ ଆକାରରେ ଜାତୀୟକରଣ ସଂପ୍ରଦାୟର ଋଷୀମାନଙ୍କ ପାଇଁ ଏହି ରିଥାତିର ପରିମାଣ
ଙ୍କମାନଙ୍କଠୁ ପାଇପାରିବେ । ଆଦିବାସୀ ୮୬୦୦୮ ରଖାଯାଉଛି । ଏହିସବୁ ଯୋଜନାର



ଡ଼ିପ୍‌ଲିଟର ପ୍ରଣାଳୀରେ ଉନ୍ନତ ଧରଣର କୁକୁଡ଼ା ପାଳନ


ଶ୍ରେଷ୍ଠତ୍ୱ ଏହି ଯେ ଏଥିରେ ଋଷୀ ଆବଶ୍ୟକ କରୁଥିବା ଚିକିତ୍ସା, କ୍ରୟ ବିକ୍ରୟର ସୁବିଧା ସ୍ୱଷୀ ନିଜ ଘରେ ଥାଇ
ସବୁ ପ୍ରକାର ସୁବିଧା ଯଥା—ପଶୁ ଯୋଗାଣ, ଦାନା, ପାଇପାରୁଛି ।

ନିର୍ଦ୍ଦେଶକ, ପଶୁପାଳନ ଓ ପଶୁଚିକିତ୍ସା ବିଭାଗ, ଓଡ଼ିଶା, କଟକ

(ଆକାଶବାଣୀ ସୌଜନ୍ୟରୁ)

# ଉଚ୍ଚକୋଟୀର ସେବାକାର୍ଯ୍ୟପାଇଁ ପୁଲିସ୍ ପଦକ ପ୍ରଦାନ

ଭାରତର ରାଷ୍ଟ୍ରପତି ୧୯୭୭ ମସିହା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶା ପୁଲିସ ବିଭାଗର ଛଅଜଣ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବାକାର୍ଯ୍ୟପାଇଁ ପୁଲିସ ପଦକ ପ୍ରଦାନ କରିବା ଲାଗି ଘୋଷଣା କରିଥିଲେ । ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ଭୁବନେଶ୍ୱର ପ୍ୟାରେଡ୍ ପଡ଼ିଆରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ଛଅଜଣ କୃତୀ ପୁଲିସ କର୍ମଚାରୀଙ୍କୁ ପଦକ ପିନ୍ଧାଇଥିଲେ । ଯେଉଁ କର୍ମଚାରୀଙ୍କୁ ପଦକ ଦିଆଯାଇଛି, ସେମାନେ ହେଲେ—



**ଶ୍ରୀ ଏନ୍. ଆର. ପଟ୍ଟନାୟକ, ଆଇ. ପି. ଏସ.**

ଶ୍ରୀ ଏନ୍. ଆର. ପଟ୍ଟନାୟକ, ଆଇ. ପି. ଏସ୍. ୧୯୬୦ ମଇ ପହିଲାରେ ଡେପୁଟି ପୁଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ସିଧାସଳଖ ନିଯୁକ୍ତି ପାଇଥିଲେ । ସେ ୧୯୭୦ ଫେବୃଆରୀ ୧୨ ତାରିଖ ଦିନ ଭାରତୀୟ ପୁଲିସ ସେବା ସଂସ୍ଥାରେ ଯୋଗଦାନକରିଥିଲେ ।

ତାଙ୍କର ୧୬ବର୍ଷ ଚାକିରିକାଳ ମଧ୍ୟରେ ସେ ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ପୁଲିସ ଓ ଭିଜିଲାନ୍‌ସ ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ପଦବୀରେ କାର୍ଯ୍ୟ କରି ଆସିଛନ୍ତି । ଏହି ସମୟ ମଧ୍ୟରେ ଶ୍ରୀ ପଟ୍ଟନାୟକ ଜଣେ ଦକ୍ଷ, ଉତ୍ସାହୀ, କଠିନ ପରିଶ୍ରମୀ, ଉଚ୍ଚକୋଟୀର ସଂହତି ସଂପନ୍ନ ଓ କର୍ତ୍ତବ୍ୟନିଷ୍ଠ ଅଫିସର ରୂପେ ନିଜକୁ ପ୍ରତିଷ୍ଠିତ କରିପା

**ଶ୍ରୀ ଗୁରୁପ୍ରସନ୍ନ ମିଶ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ**

ଶ୍ରୀ ଗୁରୁପ୍ରସନ୍ନ ମିଶ୍ର ୧୯୫୮ ମସିହାରେ ଜଣେ ସର୍ଜେଣ୍ଟ ରୂପେ ଓଡ଼ିଶା ପୋଲିସ ଚାକିରିରେ ଯୋଗଦେଇ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଯୋଗୁଁ ସେ ୧୯୬୮ ମସିହାରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଦବୀକୁ ଉନ୍ନୀତ ହୋଇ ୧୯୭୨ ଅଗଷ୍ଟ ୨୦ ତାରିଖଠାରୁ ୧୯୭୭ ମଇ ୧୧ ତାରିଖ ପର୍ଯ୍ୟନ୍ତ ଶ୍ରୀ ମିଶ୍ରଙ୍କୁ ମୁଖ୍ୟ ଡ୍ରିଲ ଇନ୍‌ସଟ୍ରକ୍ଟର ରୂପେ ଜାତୀୟ ଏକାଡ଼େମୀକୁ ପଠାଯାଇଥିଲା ।

**ଶ୍ରୀ ହରମୋହନ ସ୍ୱାଇଁ, ପୁଲିସ ଇନ୍‌ସପେକ୍ଟର**

ଶ୍ରୀ ହରମୋହନ ସ୍ୱାଇଁ ୧୯୫୩ ନଭେମ୍ବର ମାସ ୧ତାରିଖ ଦିନ ପୁଲିସ ବିଭାଗରେ ଜଣେ କିରାଣୀ ଭାବେ ଯୋଗ ଦେଇଥିଲେ । ସେ ୧୯୫୭ ମସିହାରେ ଷ୍ଟେନୋ ସବ୍-ଇନ୍‌ସପେକ୍ଟର ରୂପେ ନିଯୁକ୍ତ ହୋଇଥିଲେ । ଜଣେ ସବ୍-ଇନ୍‌ସପେକ୍ଟର ରୂପେ ଦକ୍ଷତାର ସହିତ କର୍ତ୍ତବ୍ୟ ସଂପାଦାନ କରି ଶ୍ରୀ ସ୍ୱାଇଁ ୧୯୬୯ ମସିହାରେ ଇନ୍‌ସପେକ୍ଟର ପାହ୍ୟାକୁ ଉନ୍ନୀତ ହୋଇଥିଲେ ।

ଜଣେ ପୁଲିସ ଅଫିସରଭାବେ ଶ୍ରୀ ସ୍ୱାଇଁ ପ୍ରଗାଢ଼ କର୍ତ୍ତବ୍ୟାନୁରକ୍ତି ଓ ଦକ୍ଷତାର ପରିଚୟ ଦେଇଛନ୍ତି । ସେ ସର୍ବଦା ଉତ୍କୃଷ୍ଟ ସଂହତି ଓ ସାଧୁତା ରକ୍ଷାକରି ଆସିଛନ୍ତି । ଦୀର୍ଘ ୧୯ ବର୍ଷର ଚାକିରିକାଳ ମଧ୍ୟରେ ଶ୍ରୀ ସ୍ୱାଇଁ ତାଙ୍କର କୃତିତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ପାଇଁ ୨୮ଟି ଉତ୍ତମ ସେବା ସନ୍ତକ ସହ ୪୬ଟି ପ୍ରଶଂସାପତ୍ର ଓ ୭ଥର ଆର୍ଥିକ ପୁରସ୍କାର ଲାଭ କରିଛନ୍ତି ।

**ଶ୍ରୀ ନରହରି ମଙ୍ଗରାଜ, ଅଫିସିଏଟିଙ୍ଗ୍ ପୁଲିସ୍ ସବ୍-ଇନ୍‌ସପେକ୍ଟର**

ଶ୍ରୀ ନରହରି ମଙ୍ଗରାଜ ୧୯୫୬ ମସିହାରେ ରାଇଟର କନଷ୍ଟେବଳ ରୂପେ ଓଡ଼ିଶା ପୁଲିସ ବିଭାଗରେ ଯୋଗ ଦେଇଥିଲେ । ନିଜର କାର୍ଯ୍ୟ ଦକ୍ଷତା ଯୋଗୁଁ ସେ ୧୯୭୬ ମସିହାରେ ସବ୍-ଇନସପେକ୍ଟର ପଦବୀକୁ ଉନ୍ନୀତ ହୋଇ ସେହି ପଦବୀରେ ବର୍ତ୍ତମାନ କାର୍ଯ୍ୟସଂପାଦନ କରୁଛନ୍ତି ।

୧୦ବର୍ଷ ଚାକିରିକାଳ ମଧ୍ୟରେ ଶ୍ରୀ ମଙ୍ଗରାଜ ନିଷ୍ଠା ଓ ଦକ୍ଷତା ସହକାରେ ନିଜର କର୍ତ୍ତବ୍ୟ ସଂପାଦନ କରିଛନ୍ତି । ତାଙ୍କର କୃତିତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ପାଇଁ ସେ ୧୧୮ ଥର ପୁରସ୍କାର ପାଇଛନ୍ତି ।

**ଶ୍ରୀ ଅନନ୍ତ ଚରଣ ସାମନ୍ତରାୟ, ଏ. ଏସ୍. ଆଇ.**

୧୯୭୬ ସେପ୍‌ଟେମ୍ବର ୨୩ ତାରିଖ ଦିନ ହତ୍ୟା ଓ ଡ଼କାୟତି ସମେତ ଅନ୍ୟାନ୍ୟ ବହୁ ମାମଲାରେ ସଂଶ୍ଳିଷ୍ଟ ଜଣେ କୁଖ୍ୟାତ ଡକାୟତ ଅନ୍ୟ ଜଣେ ଡ଼କାୟତ ସହ ପୋଲ ଉପରେ ଯାଉଥିବାର ଖବର ପାଇ ଥାନା ଅଫିସରଙ୍କ ନେତୃତ୍ୱରେ ଦଳେ ପୁଲିସ୍ ସେମାନଙ୍କୁ ଧରିବା ଲାଗି ଘଟଣା ସ୍ଥଳକୁ ଯାଇଥିଲେ । ସେମାନେ ଡ଼କାୟତଦ୍ୱୟଙ୍କୁ ଘେରିଯାଇଥିଲେ ଓ ଉଭୟଙ୍କ ମଧ୍ୟରୁ ଜଣକୁ କରାୟତ କରିଥିଲେ । ମାତ୍ର ମୁଖ୍ୟ ଡ଼କାୟତ ଜଣକ ପୁଲିସ କବଳରୁ ଖସିଯାଇ ଅନ୍ଧକାର ମଧ୍ୟରେ କାଠଯୋଡ଼ି ନଦୀର ଜଳ ଭଉଁରୀ ମଧ୍ୟକୁ ଡେ଼ଇଁ ପଡ଼ିଥିଲା । ଶ୍ରୀ ଅନନ୍ତ ଚରଣ ସାମନ୍ତରାୟ ନିଜ ଜୀବନକୁ ସଙ୍କଟାପନ୍ନ କରି ତତ୍‌କ୍ଷଣାତ୍ ନଦୀଗର୍ଭକୁ ଡେ଼ଇଁପଡ଼ି ଡ଼କାୟତ ପଛରେ ପହଁରିବାକୁ ଲାଗିଲେ । ସ୍ରୋତ-ସଙ୍କୁଳ ନଦୀ ଜଳରେ ଉଭୟଙ୍କ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଥିଲା ଏବଂ କ୍ରମେ ଅନ୍ଧକାର ମଧ୍ୟରେ ସେମାନେ ଜଳ ସ୍ରୋତରେ ଅଦୃଶ୍ୟ ହୋଇଯାଇଥିଲେ । ଡ଼କାୟତର ପ୍ରବଳ ମୁଷ୍ଟି ପ୍ରହାର ସତ୍ତ୍ୱେ ଶ୍ରୀ ସାମନ୍ତରାୟ ତାକୁ ଆୟତ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଏଭଳି ସଂଘର୍ଷ ମଧ୍ୟରେ ସେମାନେ ଜଳସ୍ରୋତରେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଭାସିଯାଇଥିଲେ । ଅଧଘଣ୍ଟାଏକାଳ ଏଭଳି ସଂଘର୍ଷ ଲାଗିରହିଲା ପରେ ଏ. ଏସ୍. ଆଇ ଶ୍ରୀ ସାମନ୍ତରାୟ ଡ଼କାୟତକୁ ନଦୀକୂଳ ଆଡ଼କୁ ଆଣିବାକୁ ଚେଷ୍ଟା କରିଥିଲେ । ଏପରେ ଜଣେ ଧୀବର ଏ. ଏସ୍. ଆଇଙ୍କୁ ସାହାଯ୍ୟ କରିଥିଲେ ଓ ଏକ ମୋଟର ଟ୍ୟୁବ ଦ୍ୱାରା ସେ ଦୁହେଁ ଡ଼କାୟତକୁ କୂଳକୁ ଟାଣିଟାଣି ଆଣିଥିଲେ । କିନ୍ତୁ ଡ଼କାୟତ ସଂପୂର୍ଣ୍ଣ ଆୟତ୍ତାଧୀନ ହେବା ପୂର୍ବରୁ ଶ୍ରୀ ସାମନ୍ତରାୟଙ୍କର ଗଳା ଚିପି ଶ୍ୱାସରୁଦ୍ଧ କରିବା ପାଇଁ ଉଦ୍ୟମ କରିଥିଲା ଓ ବାରମ୍ବାର ମୁଷ୍ଟି ପ୍ରହାର କରିଥିଲା । ଏହା ଫଳରେ କୂଳରେ ପହଞ୍ଚିବା କ୍ଷଣି ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଡ଼କାୟତକୁ ଗିରଫ କରାଯାଇଥିଲା ।

ଏହିଭଳି ଶ୍ରୀ ଅନନ୍ତଚରଣ ସାମନ୍ତରାୟ ଅପୂର୍ବ ସାହାସ ଓ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସଂପାଦନ କରିଥିଲେ ।

ତାଙ୍କର ଏତାଦୃଶ ସାହାସିକତା ପାଇଁ ରାଷ୍ଟ୍ରପତି ତାଙ୍କୁ ପୋଲିସ ମେଡ଼ାଲ୍ ପ୍ରଦାନ କରିଛନ୍ତି ଏବଂ ୧୯୭୬ ସେପ୍‌ଟେମ୍ବର ୨୩ ତାରିଖଠାରୁ ତାଙ୍କୁ ସ୍ୱତନ୍ତ୍ର ଭତ୍ତା ମଞ୍ଜୁର କରାଯାଇଛି ।

**ଶ୍ରୀ ଧନ କୁମାର କୁଜୁର, ହାବିଲଦାର**

ଶ୍ରୀ ଧନକୁମାର କୁଜୁର ୧୯୫୩ ମସିହାରେ ଜଣେ ସିପାହୀ ହିସାବରେ ଓଡ଼ିଶା ପୁଲିସ ଚାକିରିରେ ଯୋଗଦେଇଥିଲେ ଏବଂ ୧୯୬୫ ମସିହାରେ ହାବିଲଦାର ପାହ୍ୟାକୁ ଉନ୍ନୀତ ହୋଇଥିଲେ ।

ପୁଲିସ ବିଭାଗରେ ଦୀର୍ଘ ୨୩ବର୍ଷ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ କୁଜୁର ତାଙ୍କର ଉତ୍ତମ କାର୍ଯ୍ୟଯୋଗୁଁ ୫୯ଥର ପୁରସ୍କାର ପାଇଛନ୍ତି । ଚାକିରିକାଳ ମଧ୍ୟରେ ସେ ନିଜର ସାଧୁତା ଏବଂ ଚରିତ୍ରବତ୍ତାର ପରିଚୟ ଦେଇଛନ୍ତି ।

# ଜାତିର ସେବାରେ ଭାରତ
# ଇଲେକ୍‌ଟ୍ରୋନିକ୍‌ସ ଲିମିଟେଡ଼


୧୯୫୪ ମସିହାରେ ବାଙ୍ଗାଲୋରଠାରେ ଭାରତ ଇଲେକଟ୍ରୋନିକ୍‌ସ୍ ଲିମିଟେଡ଼ ପ୍ରତିଷ୍ଠିତ ହେବା ପରେ ଆଣବିକ ଯୁଗରେ ପଦାର୍ପଣ କରିବାପାଇଁ ସକ୍ଷମ ହୋଇଥିଲା । ୧୯୫୬ ମସିହାରେ ବାଙ୍ଗାଲୋରଠାରେ ଦ୍ରବ୍ୟ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେତେବେଳେ ଏହି କଂପାନୀରେ ଏକ ଶହସ୍ର ଲୋକ କାର୍ଯ୍ୟ କରୁଥି ବର୍ତ୍ତମାନର କାର୍ଯ୍ୟକାରୀ ପଦ୍ଧତି ତା' ପରଠାରୁ ଅଧିକ ଆକର୍ଷଣୀୟ ହୋଇପାରିଛି ଏବଂ କଂପାନୀର କାର୍ଯ୍ୟ ପରିସ ପାଇଛି । ବାଙ୍ଗାଲୋର ଏବଂ ଘାଜିଆବାଦଠାରେ ଥିବା କଂପାନୀର ଦୁଇଟିଯାକ ଇଉନିଟ୍‌ରେ ବର୍ତ୍ତମାନ ଷୋଳ ଅଧିକଲୋକଙ୍କୁ ନିଯୁକ୍ତି ଦିଆଯାଇ ପାରିଛି । ସାଧାରଣ ମନୁଷ୍ୟର ନିତ୍ୟ ବ୍ୟବହାରଯୋଗ୍ୟ ବିଭିନ୍ନ କିସମର ଇଲେକଟ୍ରୋ ଉପକରଣ ଏଠାରେ ଉତ୍ପାଦିତ ହେଉଛି ।

ଦେଶର ପ୍ରଗତି ପାଇଁ ଜାତୀୟ ସ୍ତରରେ ଯେଉଁ ଉଦ୍ୟମ ଚାଲିଛି, ତହିଁରେ ଯୋଗାଯୋଗ, ଆମୋଦପ୍ର ଅନୁସନ୍ଧାନ, ଗଣନାକୌଶଳ ଏବଂ ଯନ୍ତ୍ରପାତି ନିର୍ମାଣ କ୍ଷେତ୍ରରେ ଭାରତ ଇଲେକଟ୍ରୋନିକ୍‌ସ୍ ଲିମିଟେଡ୍ ମୁଖ୍ୟ ଭୂମିକା କରିଛି । ପ୍ରତିରକ୍ଷା, ପୁଲିସ୍, ଡାକ ଓ ତାର ବ୍ୟବସ୍ଥା, ବେତାର ଏବଂ ଟି. ଭି., ବେସାମରିକ ବିମାନ ଚଳାଚଳ, ବିଜ୍ଞାନ, ଶିଳ୍ପ ତଥା ଔଷଧ ଆଦି ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାରକାରୀମାନଙ୍କର ସଂଖ୍ୟା ବହୁଳଭାବରେ ବୃଦ୍ଧି ଇଲେକଟ୍ରୋନିକ୍‌ସର ପ୍ରାୟ ଅଧିକାଂଶ ଯନ୍ତ୍ରପାତି ନିର୍ମାଣ କରୁଥିବା ଭାରତୀୟ ଇଲେକଟ୍ରୋନିକ୍‌ସ୍ ଲିମିଟେଡ଼ ଉପରେ ବ୍ୟବହାରକାରୀମାନେ ଅଧିକରୁ ଅଧିକ ନିର୍ଭର କରୁଛନ୍ତି । ଏହି କଂପାନୀ ର୍‍ୟାଡର, ବେତାର ଓ ଟି. ଭି. ଟ୍ରାନସ୍ମିଟ ଷ୍ଟୁଡିଓ ଉପକରଣ, ଏଚ. ଏଫ. ଭି. ଏଚ୍. ଏଫ, ଏବଂ ଇଉ. ଏନ୍. ଏଫ. ପାଇଁ ଯୋଗାଯୋଗ ସ୍ଥଳ ଭାଗରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ, ଭୂପୃଷ୍ଠରୁ ବାୟୁମଣ୍ଡଳକୁ, ଜାହାଜରୁ ଜାହାଜ ତଥା ଜାହାଜରୁ ଉପକୂଳ କମ ବେଶି ବିଭିନ୍ନ ଦୂରତ୍ୱକୁ ଯିବାପାଇଁ ତରଙ୍ଗାଣୁ ଚଳମାନ ନିମନ୍ତେ ଉପକରଣାଦି ଉତ୍ପାଦନ କରିଥାଏ ।

ଭାରତରେ ଇଲେକଟ୍ରୋନିକ୍‌ସ୍ ଶିଳ୍ପ ପ୍ରତିଷ୍ଠା ସକାଶେ ଆନୁସଙ୍ଗିକ ଯନ୍ତ୍ରପାତି ମୁଖ୍ୟତଃ ଭାରତୀୟ ଇଲେକଟ୍ରୋ ଲିମିଟେଡ୍ ପ୍ରସ୍ତୁତ କରିଥାଆନ୍ତି । ଏହି ସଂସ୍ଥା ରିସିଭିଙ୍ଗ୍ ଭଲବ୍‌ସ୍ ଟ୍ରାନସମିଟିଙ୍ଗ ଟ୍ୟୁବ୍‌ସ୍, କ୍ୟାଥୋଡ୍‌ରେ, ମାଇକ୍ରୋ ଏକ୍‌ସ୍-ରେ, ଓ ଟି. ଭି. ପିକ୍‌ଚର ଟ୍ୟୁବସ୍, ଜର୍ମାନିୟମ ଓ ସିଲିକନ୍ ସେମିକଣ୍ଡକ୍‌ଟର ଉପକରଣ, ଇଣ୍ଟିଗ୍ରେଟେଡ ସ ପିଜୋ-ଇଲେକଟ୍ରିକ କ୍ରିଷ୍ଟାଲସ ଓ କ୍ରିଷ୍ଟାଲ ଫିଲଟରସ୍, ମାଇକା, ସେରାମିକ୍ କାପାସିଟରସ୍, ସପଟମରସ୍, ଇତ୍ୟାଦି ଉତ୍ପାଦନ କରି ବ୍ୟବହାରପାଇଁ ଯୋଗାଇ ଥାଆନ୍ତି ।

ବାଙ୍ଗାଲୋରଠାରେ ଅବସ୍ଥିତ ଏହି କଂପାନୀ ୨୯୨ ହେକ୍ଟର ପରିମିତ ଜମି ଉପରେ ପରିବ୍ୟାପ୍ତ ଏବଂ ଏଠାରେ ୧୪୦୦୦ କର୍ମଚାରୀ କାର୍ଯ୍ୟ କରନ୍ତି । ବିଭିନ୍ନ ଆନୁସଙ୍ଗିକ ଯନ୍ତ୍ରପାତି ଉତ୍ପାଦନ କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକରୁଥିବା ଏହି କୁଶଳୀ ବ୍ୟକ୍ତିମାନେ ଉଚ୍ଚମାନ ରକ୍ଷାକରିବା ଦିଗରେ ସମର୍ଥ ହୋଇପାରିଛନ୍ତି । ଛଅଗୋଟି ଉତ୍ପାଦନ କେନ୍ଦ୍ରରେ ଏ ସମସ୍ତ ଯନ୍ତ୍ରପାତି ଉତ୍ପାଦିତ ହେଉଛି ଏବଂ ପ୍ରତ୍ୟେକ ଉତ୍ପାଦନ କେନ୍ଦ୍ରକୁ ଗୋଟିଏ ଲେଖାଏଁ କାରଖାନା କହିଲେ ଅତ୍ୟୁକ୍ତି ହେବନାହିଁ ।

ଡେଭଲପମେଣ୍ଟ ଆଣ୍ଡ ଇଞ୍ଜିନିୟରିଂ ଡିଭିଜନରେ ଏକାକୀ ୮୦୦ ଲୋକ କାର୍ଯ୍ୟ କରନ୍ତି, ଏମାନଙ୍କ ମଧ୍ୟରେ ପ୍ରାୟ ୩୦୦ ଜଣ ଉଚ୍ଚ ଯୋଗ୍ୟତାସଂପନ୍ନ ତାଲିମପ୍ରାପ୍ତ ଇଞ୍ଜିନିୟର ଅଛନ୍ତି । ପାଣିପାଗ ବିଭାଗରେ ବ୍ୟବହୃତ ରାଡ଼ାର, ଡିଜିଟାଲ୍ ଡିଜେସୋଲଭରସ୍, ଟି. ଭି. ଉପକରଣ, ବ୍ୟବସାୟିକ ଟେପ ରେକର୍ଡର ଏବଂ ଆକାଶବାଣୀ ଷ୍ଟୁଡିଓ ଉପକରଣ, ପ୍ରତିରକ୍ଷା ଟ୍ରାନ୍ସରିସିଭର, ପୁଲିସ ବିଭାଗ ପାଇଁ ବେତାର ଉପକରଣ ଇତ୍ୟାଦି ନାନା ପ୍ରକାରର ଯନ୍ତ୍ରପାତି ଏଠାରେ ତିଆରି ହୋଇ ଦେଶର ଚାହିଦା ମେଣ୍ଟାଇବା ଦିଗରେ ଉକ୍ତ ଅନୁଷ୍ଠାନ ସମର୍ଥ ହୋଇପାରିଛି । ବିଜୟାନ୍ତ ଟ୍ୟାଙ୍କ ପାଇଁ ସଲିଡ୍ ଷ୍ଟେଟ୍ ବନ୍ଧୁକ ଗୁଳି ନିୟନ୍ତ୍ରଣ ଯନ୍ତ୍ରପାତି ପ୍ରସ୍ତୁତ କରିବା ଉକ୍ତ କଂପାନୀର ଏକ ଉଲ୍ଲେଖଯୋଗ୍ୟ ସଫଳତା ।



୧୯୭୪ ମସିହା ଜାନୁଆରୀ ମାସରେ ଘାଜିଆବାଦଠାରେ କଂପାନୀର ଦ୍ୱିତୀୟ ୟୁନିଟର ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାରଖାନା ୮୪ ହେକ୍ଟର ପରିମିତ ଜମି ଉପରେ ଅବସ୍ଥାପିତ ଏବଂ ବର୍ତ୍ତମାନ ଏଠାରେ ୨୦୦୦ ଲୋକ କାର୍ଯ୍ୟ କରୁଛନ୍ତି । ପୁଲିସ ତଥା ଅନ୍ୟାନ୍ୟ ବ୍ୟବହାରକାରୀଙ୍କ ପାଇଁ ରାଡ଼ାର, ଟ୍ରୋପୋସ୍କାଟର ଓ ମାଇକ୍ରୋୱେଭ ଯୋଗାଯୋଗ ଯନ୍ତ୍ରପାତି ପ୍ରଭୃତି ଏହି ୟୁନିଟ୍ ପ୍ରସ୍ତୁତ କରୁଛନ୍ତି । ୧୯୭୬ ମସିହାରେ ଏହି କାରଖାନା ୨ ଜି. ଏଚ. ଜେଡ ମାଇକ୍ରୋୱେଭ ଟ୍ରୋପୋସ୍କାଟର ଯନ୍ତ୍ରପାତିର ସଫଳ ଉତ୍ପାଦନ କରି ଅଭୂତପୂର୍ବ ସଫଳତା ହାସଲ କରିପାରିଛି । ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ଇଞ୍ଜିନିୟରମାନଙ୍କ ଦ୍ୱାରା ଏହି ଯନ୍ତ୍ରପାତି ଗୁଡ଼ିକ ପରିକଳ୍ପିତ ତଥା ନିର୍ମିତ ହୋଇଥିଲା ।

ଗ୍ରାହକମାନଙ୍କର ହୃଦ୍‌ବୋଧ ହେଲାଭଳି ସବୁ ପ୍ରକାରର ପରୀକ୍ଷା ନିରୀକ୍ଷା କରାଯାଇ ପ୍ରଥମ ଟର୍ମିନାଲ୍ ଗ୍ରହଣ କରାଯାଇଥିଲା ।

୧୯୭୫-୭୬ ମସିହାରେ କଂପାନୀର ୬୨୩ ନିୟୁତ ଟଙ୍କା ମୂଲ୍ୟର ଯନ୍ତ୍ରପାତି ଉତ୍ପାଦନ ହୋଇଥିଲା ଏବଂ ୭.୫ ନିୟୁତ ଟଙ୍କା ମୂଲ୍ୟର ଯନ୍ତ୍ରପାତି ବିଦେଶକୁ ରପ୍ତାନୀ କରାଯାଇଥିଲା । ୧୯୭୬-୭୭ ମସିହାରେ କଂପାନୀର ରପ୍ତାନୀ ପରିମାଣ ୧୦୦ ନିୟୁତ ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଏ ।

୧୯୭୬ ଜୁଲାଇ ୨୭ ତାରିଖ ଦିନ ଭାରତର ଇଲେକ୍‌ଟ୍ରୋନିକ୍‌ସ ଇତିହାସରେ ଏକ ସ୍ମରଣୀୟ ଦିବସ । ଏହି ଭାରତ ଇଲେକ୍‌ଟ୍ରୋନିକ୍‌ସ କଂପାନୀ ପକ୍ଷରୁ ପ୍ରଥମଥର ପାଇଁ ୩୪୦ ନିୟୁତ ଟଙ୍କା ମୂଲ୍ୟର ଆଧୁନିକ ଇଲେକ୍‌ଟ୍ରୋନିକ୍‌ସ ଯନ୍ତ୍ରପାତି ସ୍ୱିଜରଲଣ୍ଡକୁ ରପ୍ତାନୀ କରାଯାଇଥିଲା । ଏ ସଂକ୍ରାନ୍ତରେ ଦୁଇଟି ଉଲ୍ଲେଖନୀୟ ରହିଛି । ପ୍ରଥମତଃ, କେବଳ ଇଲେକ୍‌ଟ୍ରୋନିକ୍‌ସ ଯନ୍ତ୍ରପାତି ରପ୍ତାନୀ କ୍ଷେତ୍ରରେ ଏ ପ୍ରକାର ସଫଳତା ଆମ ଦେଶ ସର୍ବପ୍ରଥମ । ଅନ୍ୟଟି ହେଉଛି, ଏକ ଉନ୍ନତ ପାଶ୍ଚାତ୍ୟ ଇଉରୋପୀୟ ରାଷ୍ଟ୍ରକୁ ଆମ ଦେଶରୁ ଏହା ରପ୍ତାନୀ କରିବା ବିଶେଷ ଉଲ୍ଲେଖଯୋଗ୍ୟ । ପ୍ରତିଷ୍ଠିତ ବଡ଼ ବଡ଼ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଉକ୍ତ ଯନ୍ତ୍ରପାତିଗୁଡ଼ିକର ଗୁଣାତ୍ମକ ଭୂୟସୀ ପ୍ରଶଂସା କରିଛନ୍ତି ।

ଏଠାରେ ଏହା ଉଲ୍ଲେଖ କରାଯାଇ ପାରେ ଯେ, ଇଲେକ୍‌ଟ୍ରୋନିକ୍‌ସ ଯନ୍ତ୍ରପାତି ନିର୍ମାଣ କରିବା କ୍ଷେତ୍ରରେ ଅନ୍ୟାନ୍ୟ ମାନଙ୍କ ତୁଳନାରେ ଭାରତ ସଂପୂର୍ଣ୍ଣ ନୂତନ । ପ୍ରାରମ୍ଭିକ ଅବସ୍ଥାରେ ଭାରତ ଇଲେକ୍‌ଟ୍ରୋନିକ୍‌ସ ଲିମିଟେଡ଼ର କାର୍ଯ୍ୟ କେବଳ ବିଦେଶରୁ ଆମଦାନୀ କରାଯାଉଥିବା ଯନ୍ତ୍ରପାତିଗୁଡ଼ିକର କୌଶଳ ଜାଣିବା ଉପରେହିଁ ସୀମାବଦ୍ଧ ବିଗତ ଦୁଇଦଶନ୍ଧି ମଧ୍ୟରେ ଉକ୍ତ କଂପାନୀ ଇଲେକ୍‌ଟ୍ରୋନିକ୍‌ସ ଯନ୍ତ୍ରପାତି ନିର୍ମାଣ କରିବା କ୍ଷେତ୍ରରେ ବୈଷୟିକ ଆତ୍ମନିର୍ଭର ଶୀଳତା ହାସଲ କରିପାରିଛି । ଏ ସଂକ୍ରାନ୍ତୀୟ ଗବେଷଣା ତଥା ଉଚ୍ଚ ମାନ ସୃଷ୍ଟି କରିବା ଦିଗରେ ଉଦ୍ୟମ ହେବା ଦେଶୀ ଯନ୍ତ୍ରପାତି ଉତ୍ପାଦନ କରିବା କ୍ଷେତ୍ରରେ ବିଶେଷ ଅଗ୍ରଗତି ସାଧିତ ହୋଇପାରିଛି । ବ୍ୟବହାରିକ ଇଲେକ୍‌ ଟ୍ରୋନିକ୍‌ସ ଯନ୍ତ୍ରପାତି ଉତ୍ପାଦନ କରିବା କ୍ଷେତ୍ରରେ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ କାରଖାନାର ୪୦୦ରୁ ଅଧିକ ଇଂଜିନିୟର ଅକ୍ଳାନ୍ତ ଉଦ୍ୟମ ଚଳାଇଛନ୍ତି । ସେମାନେ ଏ ଦିଗରେ ସଫଳତା ହାସଲ ବୋଲି ଆଶା କରାଯାଏ ।

* *



ଗତବର୍ଷ ଏତେବେଳକୁ ଭୂଇଁ ଫାଟିଥିଲା ଖରାରେ—ଏ ବର୍ଷ କିନ୍ତୁ ଆଶାତୀତ
ଠାରୁ ବର୍ଷାର ବିରାମ ନାହିଁ—
ଧାନ ବୁଣିହେଉନାହିଁ—କାଦୁଆ ବିଲରେ ଧାନ ଗେଞ୍ଜୁଛନ୍ତି ସେମାନେ



OG^r—MP-II [ Home (P.R.) ] 37—15,000—27-9-1977

Vol. XXXIV No. 2 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment


# ସତେ! ଏକ ଇସ୍ପାତ କାରଖାନାରୁ! ସୋନା ସାର



ଦେଶର ସର୍ବାଧିକ ଲୋକପ୍ରିୟ ସାର

ଅତ୍ୟାଧୁନିକ ଚେପ୍ଟା ଓ ଗୋଲକାର ଇସ୍ପାତଜାତ ସାମଗ୍ରୀ ପ୍ରସ୍ତୁତ କରିବାରେ ଅଗ୍ରଗଣ୍ୟ ରାଉରକେଲା ଇସ୍ପାତ କାରଖାନା ଏହାର ସଂଲଗ୍ନ ସାର କାରଖାନାରୁ ଉତ୍ପାଦନ କରିଥାଏ ସୋନା କ୍ୟାଲସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (୨୫% ନାଇଟ୍ରୋଜେନ୍) ସାର ।

ଧାନ ଅଞ୍ଚଳରେ ମିଳୁଥିବା ଏଠି, ସୋନା ସାର ପ୍ରୟୋଗ ନିମନ୍ତେ ସୁବିଧାଜନକ ଓ ଅଧିକ ଉତ୍ପାଦନ ତଥା ଉତ୍ତମ ଫସଲ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବା ଉଦ୍ଭିଦ ମୃତ୍ତିକା ପାଇଁ ଶ୍ରେଷ୍ଠ କ୍ୟାଲସିୟମ୍ ଓ ନାଇଟ୍ରୋଜେନ୍ ଯୋଗାଇ ଦିଏ ।

ଯେଉଁ ସବୁ ଫସଲ ନିମନ୍ତେ ସୋନା ସାର ବିଶେଷ ଉପଯୋଗୀ ସେଗୁଡ଼ିକ ହେଲା :

ଆଖୁ • ଧାନ • ଝୋଟ • ଗହମ • ଚିନାବାଦାମ • ମକା • ଜଡ଼ି • ଲଙ୍କାମରିଚ • ଚା • ତୁଳା ।

ଏହା ବ୍ୟତୀତ, ରାଉରକେଲା ଆମୋନିୟମ୍ ସଲଫେଟ୍ ଗୁଣ୍ଡ ସାର (୨୦.୬% ନାଇଟ୍ରୋଜେନ୍) ଉତ୍ପାଦନ କରିଥାଏ । ଏହାର କୋକ୍-ଓଭେନ୍ କାରଖାନାରେ ଅନେକଗୁଡ଼ିଏ ଏବଂ ବହୁ ପ୍ରକାର ରାସାୟନିକ ପଦାର୍ଥ ପ୍ରସ୍ତୁତ କରାଯାଏ ।

ଦେଶ ସବୁଜ ବିପ୍ଳବରେ ଅବଦାନ ଦେବା ଦିଗରେ ରାଉରକେଲାର କାର୍ଯ୍ୟ ମହତ୍ତ୍ୱ ଅବଦାନ ନିମନ୍ତେ ଗର୍ବିତ ।

SONA
ସୋନା
ଆଦର୍ଶ କୃଷକର ସାଥୀ

HINDUSTAN STEEL LIMITED
ରାଉରକେଲା ଇସ୍ପାତ କାରଖାନା
ସବୁଜ ବିପ୍ଳବକୁ ଅଧିକ ସବୁଜ କରିବା ନିମନ୍ତେ ଉତ୍ସର୍ଗୀକୃତ ଦଳ


Printed at Orissa Govt. Press, Cuttack-10